# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୦/୨୦୨୩ (୧୮ ପୃଷ୍ଠା) | Bhubaneswar, Thursday, August 10/2023 | Page 18 | ₹ 7.00

୪୯ଶ ଭାଗ ୨୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 256 | ମୂଲ୍ୟ ₹୭/-




**ପୃଥ୍ୱୀଙ୍କ ଦ୍ୱିଶତକ**

ଭାରତୀୟ କ୍ରିକେଟର ପୃଥ୍ୱୀ ଶ' କାଉଣ୍ଟି କ୍ରିକେଟରେ ନର୍ଥ ହାମ୍ପଟନଶାୟର ପକ୍ଷରୁ ୨୪୪ ରନ୍ ସ୍କୋର କରି ଲିଷ୍ଟ-ଏରେ ସର୍ବାଧିକ ସ୍କୋର ରେକର୍ଡ କରିଛନ୍ତି।

୧୪

୧୩

**ଫିଲ୍ମ ଶୁଟିଂ ବେଳେ ଗର୍ଭବତୀ ଥିଲେ ଆଲିଆ**

ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ହଲିଉଡ୍ ଡେବ୍ୟୁ ଫିଲ୍ମ 'ହାର୍ଟ ଅଫ୍ ଷ୍ଟୋନ' ଶୁଟିଂ ସମୟରେ ସେ ଗର୍ଭବତୀ ଥିବା ନିକଟରେ ଏକ ସାକ୍ଷାତ୍କାରରେ କହିଛନ୍ତି।






## ଚନ୍ଦ୍ରୟାନ-୩ ଚନ୍ଦ୍ରପୃଷ୍ଠ ନିକଟତର

**ବେଙ୍ଗାଲୁରୁ,୯।୮**

ଭାରତର ତୃତୀୟ ଚନ୍ଦ୍ର ଅଭିଯାନ ଭାବେ ଅଭିହିତ 'ଚନ୍ଦ୍ରୟାନ-୩' ଚନ୍ଦ୍ରକକ୍ଷର ଆଉ ଗୋଟିଏ ସ୍ତର ପାର କରି ବର୍ତ୍ତମାନ ଚନ୍ଦ୍ରପୃଷ୍ଠ ନିକଟତର ହୋଇଛି ବୋଲି ଇସ୍ରୋ କହିଛି। ଏହା ଭୂପୃଷ୍ଠରୁ ଜୁଲାଇ ୧୪ରେ ଚନ୍ଦ୍ର ଅଭିମୁଖେ ବାହାରିଥିଲା ଏବଂ ଚନ୍ଦ୍ର କକ୍ଷପଥରେ ଅଗଷ୍ଟ ୫ରେ ପହଞ୍ଚିଥିଲା। ବୁଧବାର ଏହା ଚନ୍ଦ୍ରପୃଷ୍ଠର ୧୦୦ କିମି ଅତିକ୍ରମ କରିଛି ବୋଲି ଇସ୍ରୋ କହିଛି। ସେହିପରି ଆଗାମୀ ଅଭିଯାନ ଚଳିତ ମାସ ୧୪ ତାରିଖ ସକାଳ ୧୧.୩୦ରୁ ୧୨.୩୦ ମଧ୍ୟରେ ହେବ ବୋଲି କୁହାଯାଇଛି। ☞ପୃଷ୍ଠା-୨

# ମଣିପୁରରେ ଭାରତମାତାଙ୍କୁ ହତ୍ୟା କରିଛି ଭାଜପା

## ସଦସ୍ୟତା ଫେରିପାଇବା ପରେ ଲୋକ ସଭାରେ ରାହୁଲଙ୍କ ବକ୍ତବ୍ୟ

**ନୂଆଦିଲ୍ଲୀ,୯।୮ (ପି.ଟି.)**

ଭାଜପାର ରାଜନୀତି ମଣିପୁରରେ ଭାରତ ମାତାଙ୍କୁ ହତ୍ୟା କରିଛି ବୋଲି ବୁଧବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ ଆଣିଛନ୍ତି। ଏଥିସହ ଶାସକ ଦଳର ସଦସ୍ୟମାନଙ୍କୁ ସେ ବିଶ୍ୱାସଘାତକ ଭାବେ ଅଭିହିତ କରି ଏହି ଉତ୍ତର-ପୂର୍ବ ରାଜ୍ୟରେ ହିଂସା ରୋକିବାରେ ବିଫଳ ହୋଇଥିବା ମୋଦି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

୨୬ ବିରୋଧୀ ଦଳକୁ ନେଇ ଗଠିତ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ପକ୍ଷରୁ ଲୋକ ସଭାରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ବିତର୍କର ଦ୍ୱିତୀୟ ଦିନ ରାହୁଲ ନିଜ ବକ୍ତବ୍ୟ ରଖିଛନ୍ତି। ସଦସ୍ୟତା ଫେରିପାଇବା ପରେ ରାହୁଲ ପ୍ରଥମ ଥର ପାଇଁ ଗୃହରେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଣିପୁର ଯାଉନାହାନ୍ତି। କାରଣ ସେ ଏହି ରାଜ୍ୟକୁ ଭାରତଠାରୁ ଭିନ୍ନ ଏକ ଅଂଶ ବୋଲି ବିବେଚନା କରୁଛନ୍ତି। ରାବଣ ଯେମିତି କେବଳ ମେଘନାଦ



ଲୋକ ସଭାରେ ଉଦ୍‌ବୋଧନ ଦେଉଛନ୍ତି କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ।

ଓ କୁମ୍ଭକର୍ଣ୍ଣଙ୍କ କଥା ଶୁଣୁଥିଲେ, ଠିକ୍ ସେହିପରି ପ୍ରଧାନମନ୍ତ୍ରୀ କେବଳ ଦୁଇଜଣଙ୍କ କଥା ଶୁଣନ୍ତି। ସେମାନେ ହେଲେ ଅମିତ୍ ଶାହା ଓ ଗୌତମ ଆଦାନୀ। ଏହି ଅବସରରେ ରାହୁଲ ମୋଦି ଓ ଆଦାନୀ ଏକ ବିମାନରେ ଏକାଠି ବସିଥିବାର ଫଟୋ ଥିବା ପୋଷ୍ଟର ଦେଖାଇ କହିଥିଲେ, ପ୍ରଧାନମନ୍ତ୍ରୀ ଭାରତର ସ୍ୱରକୁ ଶୁଣନ୍ତି ନାହିଁ। ଆଦାନୀ ଗ୍ରୁପ୍ ଯାହା କହିଥାଏ ତାହା ଶୁଣିଥାନ୍ତି। ରାହୁଲ ଏହି ପୋଷ୍ଟର ଦେଖାଇବାବେଳେ ଶାସକ ଦଳର ସଦସ୍ୟମାନେ ଆପତ୍ତି ଉଠାଇଥିଲେ। ବାଚସ୍ପତି ଓମ୍ ବିର୍ଲା ମଧ୍ୟ ରାହୁଲଙ୍କୁ ସଂଯମ ହେବାକୁ ପରାମର୍ଶ ଦେଇଥିଲେ।

ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ଆହୁରି କହିଥିଲେ, ଲଙ୍କାକୁ ହନୁମାନ ଧ୍ୱଂସ କରି ନ ଥିଲେ, ବରଂ ରାବଣର ଅହଂକାର ସବୁକିଛି ଛାରଖାର କରିଦେଇଥିଲା। କିଛିଦିନ ତଳେ ମୁଁ ମଣିପୁର ଯାଇଥିଲି। ଆମ ପ୍ରଧାନମନ୍ତ୍ରୀ ଏଯାଏ ସେଠାକୁ ଯାଇନାହାନ୍ତି। ସେ ମଣିପୁରକୁ ଭାରତର ଅଂଶ ବୋଲି ବିବେଚନା କରନ୍ତି ନହିଁ। ମୁଁ ମଣିପୁର ଶବ୍ଦ ବ୍ୟବହାର କରିଛି, କିନ୍ତୁ ବାସ୍ତବତା ହେଉଛି ସେଠାରେ ଆଉ କୌଣସି ମଣିପୁର ନାହିଁ। ମୋଦି ମଣିପୁରକୁ ଦୁଇଭାଗରେ ବିଭାଜିତ କରିଦେଇଛନ୍ତି। ମଣିପୁରରେ ଭାଜପା ହିନ୍ଦୁସ୍ତାନକୁ ହତ୍ୟା କରିଛି। ସେମାନଙ୍କ ରାଜନୀତି ମଣିପୁରକୁ ହତ୍ୟା କରିନାହିଁ, ମଣିପୁରରେ ହିନ୍ଦୁସ୍ତାନକୁ ହତ୍ୟା କରିଛି। ଭାରତ ହେଉଛି ଲୋକଙ୍କ ସ୍ୱର। ମଣିପୁରକୁ ହତ୍ୟା କରିବାର ତାତ୍ପର୍ଯ୍ୟ ହେଉଛି ମଣିପୁରରେ ☞ପୃଷ୍ଠା-୨

## ସଂସଦରେ ଫ୍ଲାଇଂ କିସ୍ ବିବାଦ

### ରାହୁଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକଲେ ଭାଜପାର ୨୦ ମହିଳା ଏମ୍‌ପି

**ନୂଆଦିଲ୍ଲୀ,୯।୮ (ପି.ଟି.)**

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଲୋକ ସଭା ସଦସ୍ୟତା ଫେରିପାଇବା ପରେ ବୁଧବାର ପ୍ରଥମ ଥର ପାଇଁ ଗୃହରେ ବକ୍ତବ୍ୟ ରଖିଥିଲେ। ମୋଦି ସରକାରଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ଭାଷଣ ଦେଇସାରିବା ପରେ ସେ ଫ୍ଲାଇଂ କିସ୍ ଦେଇଥିବା କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଅଭିଯୋଗ ଆଣିଛନ୍ତି। ଇରାନୀ କହିଛନ୍ତି, କେବଳ ଜଣେ ମହିଳା ବିରୋଧୀ ପୁରୁଷ ହିଁ ପାର୍ଲାମେଣ୍ଟକୁ ଫ୍ଲାଇଂ କିସ୍ କରିପାରିବ, ଯେଉଁଠି ମହିଳା ସଦସ୍ୟମାନେ ନିଜ ଆସନରେ ବସିଥିବେ। ରାହୁଲଙ୍କ ଏଭଳି କାର୍ଯ୍ୟ ଅତ୍ୟନ୍ତ ଅସମ୍ମାନଜନକ। ଭାଜପାର ମହିଳା ଏମ୍‌ପିମାନେ ଲୋକ ସଭା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ପ୍ରକୃତି ସଂରକ୍ଷଣର ନୂଆ ରଣନୀତି


DSPL-181

5 | ଓଡ଼ିଶା ସରକାର | ମୋ ସରକାର ☎ 14545

## ଜମିଜମା ରେକର୍ଡ କମ୍ପ୍ୟୁଟରୀକରଣ କ୍ଷେତ୍ରରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟ

ଦେଶର ୬୮ଟି ପୁରସ୍କୃତ ଜିଲ୍ଲା ମଧ୍ୟରୁ ଓଡ଼ିଶାର ୧୯ଟି ଜିଲ୍ଲା।

"ଜାତୀୟ ଭୂମି ସମ୍ମାନ-୨୦୨୩"
ବିଜେତା ଜିଲ୍ଲା ମାନଙ୍କ ନିମନ୍ତେ ସମ୍ବର୍ଦ୍ଧନା ଉତ୍ସବ

**ପୁରସ୍କୃତ ୧୯ଟି ଜିଲ୍ଲା**

ଅନୁଗୋଳ, ବୌଦ୍ଧ, ବରଗଡ଼, ଭଦ୍ରକ, ଦେବଗଡ଼, ଢେଙ୍କାନାଳ, ଗଜପତି, ଗଂଜାମ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ନବରଙ୍ଗପୁର, ନୟାଗଡ଼, ନୂଆପଡା, ରାୟଗଡ଼ ଏବଂ ସମ୍ବଲପୁର



୧୦ ଅଗଷ୍ଟ ୨୦୨୩ ॥ ଅପରାହ୍ନ ୫ ଟା ୩୦
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

OIPPR-24001/13/0048/2324

## ସଂକ୍ଷେପରେ

### ରିସର୍ଚ୍ଚ ଫାଉଣ୍ଡେଶନ ବିଲ୍‌କୁ ସଂସଦର ମଞ୍ଜୁରୀ

**ନୂଆଦିଲ୍ଲୀ,୯।୮(ପି.ଟି.):** ଦେଶର ସମସ୍ତ ବିଶ୍ୱବିଦ୍ୟାଳୟରେ ଗବେଷଣା ପାଇଁ ପାଣ୍ଠି ଯୋଗାଣ ନିମନ୍ତେ ଉଦ୍ଦିଷ୍ଟ ଅନୁସନ୍ଧାନ ନ୍ୟାଶନାଲ ରିସର୍ଚ୍ଚ ଫାଉଣ୍ଡେଶନ୍ ବିଲ୍, ୨୦୨୩ ବୁଧବାର ରାଜ୍ୟ ସଭାରେ ପାରିତ ହୋଇଛି। ଲୋକ ସଭାରେ ଏହି ବିଧେୟକ ସୋମବାର ଗୃହୀତ ହୋଇଥିଲା। ଉଚ୍ଚ ସଦନରେ ଏହି ବିଲ୍ ଆଗତ କରାଯିବାର ମାତ୍ର ୪୦ ମିନିଟ୍ ମଧ୍ୟରେ ଧ୍ୱନିମତରେ ଏହାକୁ ଗୃହୀତ ରାଯାଇଛି। ବିତର୍କରେ ମାତ୍ର ୬ ସଦସ୍ୟ ଭାଗନେଇଥିଲେ। ଏହା ପୂର୍ବରୁ ବିରୋଧୀ ଦଳଗୁଡ଼ିକ କକ୍ଷତ୍ୟାଗ କରିଥିଲେ। ଏହି ବିଲ୍ ପାରିତ ହେବା ଏକ ଐତିହାସିକ ଘଟଣା ଏବଂ ଆଗାମୀ ଦିନରେ ଏହାର ଦୀର୍ଘମିଆଦୀ ପ୍ରଭାବ ରହିବ ବୋଲି ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଜିତେନ୍ଦ୍ର ସିଂ କହିଥିଲେ।

### ରାହୁଲଙ୍କୁ ସଂସଦ ଟିଭିର ଅଣଦେଖା: କଂଗ୍ରେସ

**ନୂଆଦିଲ୍ଲୀ,୯।୮(ପି.ଟି.):** କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅନାସ୍ଥା ପ୍ରସ୍ତାବ ଉପରେ କହୁଥିବାବେଳେ ସଂସଦ ଟିଭି ତାଙ୍କ ଭାଷଣର ୪୦%ରୁ କମ୍ ପ୍ରସାରଣ କରିଥିବା ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ଅଣାଯାଇଛି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ରାହୁଲ ଲୋକ ସଭାରେ ୩୭ ମିନିଟ କହିଥିଲେ। କିନ୍ତୁ ସଂସଦ ଟିଭିରେ ଏଥିରୁ ମାତ୍ର ୧୪ ମିନିଟ୍ ୩୭ ସେକେଣ୍ଡ ଦେଖାଯାଇଛି।

### ହୁରିଆତ୍, ପାକିସ୍ତାନ ସହ ଆଲୋଚନା ହେବ ନାହିଁ: ଶାହା

**ନୂଆଦିଲ୍ଲୀ,୯।୮(ପି.ଟି.):** ପାକିସ୍ତାନ ଓ ବିଚ୍ଛିନ୍ନତାବାଦୀ ସଙ୍ଗଠନ ହୁରିଆତ୍ କନ୍‌ଫରେନ୍ସ ସହ ଭାରତର କୌଣସି ପ୍ରକାର ଆଲୋଚନା ହେବ ନାହିଁ। ତେବେ କଶ୍ମୀର ଉପତ୍ୟକାର ଯୁବପିଢ଼ି ସହ ଆଲୋଚନା ହେବ ବୋଲି ବୁଧବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସ୍ପଷ୍ଟ କରିଛନ୍ତି। ଲୋକ ସଭାରେ ଅନାସ୍ଥା ପ୍ରସ୍ତାବ ଉପରେ ବିତର୍କ ବେଳେ ଶାହା କହିଥିଲେ, ଅନୁଚ୍ଛେଦ ୩୭୦ ହେଉଛି ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଭୁଲ୍ ନୀତିର ଫଳ। କିନ୍ତୁ ୩୭୦ ଉଚ୍ଛେଦ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଐତିହାସିକ ନିଷ୍ପତ୍ତି ଫଳରେ ଜମ୍ମୁ ଓ କଶ୍ମୀରର ସମ୍ପୂର୍ଣ୍ଣ ମିଶ୍ରଣ ହୋଇଛି।

### ଇମ୍ରାନ୍ ସରକାର ମିତ୍ରରାଷ୍ଟ୍ର ସହ ସମ୍ପର୍କ ଖରାପ କରିଛନ୍ତି: ଶେହବାଜ

**ଇସ୍‌ଲାମାବାଦ,୯।୮:** ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ କହିଛନ୍ତି, ତାଙ୍କ ସରକାର ୧୬ ମାସର ଶାସନକାଳ ମଧ୍ୟରେ ପୂର୍ବ ସରକାରଙ୍କ ଦ୍ୱାରା କରାଯାଇଥିବା ଭୁଲ୍ ଲାଗି ଅଧିକ ଅସୁବିଧାର ସମ୍ମୁଖୀନ ହୋଇଛି। ସେହିପରି ଇମ୍ରାନ୍ ସରକାର ପାକିସ୍ତାନର ମିତ୍ର ରାଷ୍ଟ୍ରମାନଙ୍କ ସହ ସମ୍ପର୍କକୁ ଅଧିକ ଖରାପ କରିଛନ୍ତି। ୧୩ଟି ଦଳର ସମର୍ଥନକୁ ନେଇ ଗଠିତ ଏହି ସରକାର ଗତ ୧୬ ମାସ ମଧ୍ୟରେ ଅର୍ଥନୀତି, ବୈଦେଶିକନୀତି ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହୋଇ ଆସିଛି। ୩୮ ବର୍ଷର ରାଜନୈତିକ ଜୀବନରେ ଏଭଳି ସ୍ଥିତି କେବେ ଦେଖି ନ ଥିଲି। ଏହି ୧୬ ମାସ ମଧ୍ୟରେ ଦେଶରେ ଖାଦ୍ୟ ସଙ୍କଟ ଠାରୁ ଆରମ୍ଭ କରି ତେଲ ସଙ୍କଟ ଏବଂ ଅନ୍ୟାନ୍ୟ ସଙ୍କଟ ଦେଖାଦେଇଥିଲା। ହେଲେ ସରକାର ଦୃଢ଼ତାର ସହ ସେସବୁର ମୁକାବିଲା କରିଥିଲା ବୋଲି ସରିଫ ତାଙ୍କ ବିଦାୟୀ ଭାଷଣରେ କହିଛନ୍ତି।



ଶନିବାର ଅନ୍ତର୍ଜାତୀୟ ଆଦିବାସୀ ଦିବସରେ ପଶ୍ଚିମବଙ୍ଗର ନଦିଆ ଜିଲାରେ ଆଦିବାସୀମାନେ ସାଂସ୍କୃତିକ ନୃତ୍ୟ ପରିବେଷଣ କରୁଛନ୍ତି।

# ମୃତ୍ୟୁ ପରେ ବି ଚିକିତ୍ସା ଜାରି

## ଆୟୁଷ୍ମାନ ଭାରତର ମୁଖା ଖୋଲିଦେଲେ ସିଏଜି

ନୂଆଦିଲ୍ଲୀ,୯।୮

ଦେଶର ଅଭାବୀ ଲୋକଙ୍କ ଚିକିତ୍ସା ପାଇଁ କେନ୍ଦ୍ର ସରକାର ଆରମ୍ଭ କରିଥିବା ଆୟୁଷ୍ମାନ ଭାରତ ଯୋଜନାରେ ବଡ଼ ଧରଣର ଅନିୟମିତତା ହୋଇଥିବା ସାମ୍ନାକୁ ଆସିଛି। 'ମୃତ' ଦର୍ଶାଯାଇଥିବା ରୋଗୀଙ୍କ ଚିକିତ୍ସା ଜାରି ରଖିବା ଏବଂ ଗୋଟିଏ ମୋବାଇଲ ନମ୍ବରରେ ଅନେକ ଲକ୍ଷ ହିତାଧିକାରୀଙ୍କ ନାମ ପଞ୍ଜୀକରଣ କରାଯିବା ଭଳି ଦୁର୍ନୀତି ଉପରୁ ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି) ପରଦା ହଟାଇଛନ୍ତି।

ଆୟୁଷ୍ମାନ ଭାରତ ଯୋଜନାକୁ ନେଇ ସିଏଜି ଚାଞ୍ଚଲ୍ୟକର ପ୍ରଘଟ କରିଛନ୍ତି। ପାର୍ଲାମେଣ୍ଟରେ ମଙ୍ଗଳବାର ଉପସ୍ଥାପିତ ସିଏଜି ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ପୂର୍ବରୁ ମୃତ ଦର୍ଶାଯାଇଥିବା ଅନେକ ରୋଗୀଙ୍କୁ ଏହି ଯୋଜନାରେ ଚିକିତ୍ସା କରାଯାଇଛି। ଏଭଳି ଅନିୟମିତତାର ସର୍ବାଧିକ ମାମଲା ଛତିଶଗଡ଼, ହରିୟାଣା,





### ଗୋଟିଏ ମୋବାଇଲରେ ୧୦ ଲକ୍ଷ ଜଣଙ୍କ ପଞ୍ଜୀକରଣ

ଝାଡ଼ଖଣ୍ଡ, କେରଳ ଓ ମଧ୍ୟପ୍ରଦେଶରେ ଦେଖିବାକୁ ମିଳିଛି। ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ ୮୮,୭୬୦ ରୋଗୀ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଦେଇଥିଲେ। କିନ୍ତୁ ୨,୧୪,୯୨୩ ଜଣଙ୍କୁ ଅର୍ଥ ପ୍ରଦାନ କରାଯାଇଥିଲା ବୋଲି ମୃତ୍ୟୁହାର ମାମଲାର ତଥ୍ୟ ବିଶ୍ଳେଷଣରୁ ଜଣାପଡ଼ିଛି। ଅଡିଟ୍‌ରୁ ଆହୁରି ଜଣାପଡ଼ିଛି ଯେ, ୩,୪୪୬ ରୋଗୀଙ୍କ ପାଇଁ ୬.୯୭ କୋଟି ଟଙ୍କା ହସ୍ପିଟାଲଗୁଡ଼ିକୁ ପ୍ରଦାନ କରାଯାଇଛି। ଜଣେ ରୋଗୀ ଏକକାଳୀନ ଅନେକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏପରି ଜାଲ୍ ଆଡ୍‌ମିଶନ ରୋକିବା ପାଇଁ କୌଣସି ପ୍ରକାର ବ୍ୟବସ୍ଥା କରାଯାଇ ନାହିଁ। ୨୦୧୮ ସେପ୍ଟେମ୍ବରରୁ ୨୦୨୧ ମାର୍ଚ୍ଚ ମଧ୍ୟରେ ସିଏଜି ଏହି ଯାଞ୍ଚ କରିଥିଲେ।

### ଏବି-ପିଏମ୍‌ଜେଏୱାଇ କ'ଣ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବି-ପିଏମ୍‌ଜେଏୱାଇ) ହେଉଛି ଭାରତ ସରକାରଙ୍କ ଏକ ସ୍କିମ୍, ଯାହାର ଶୁଭାରମ୍ଭ ୨୦୧୮ ଏପ୍ରିଲ ୧ରେ କରାଯାଇଥିଲା। ଏହି ଯୋଜନା ଅଧୀନରେ ଆର୍ଥିକ ଭାବେ ଦୁର୍ବଳ ନାଗରିକମାନେ ହସ୍ପିଟାଲକୁ ଯାଇ ମାଗଣାରେ ଚିକିତ୍ସିତ ହୋଇଥାନ୍ତି। ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କାର ଚିକିତ୍ସା ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିଥାନ୍ତି। ୨୦୨୩ ଅଗଷ୍ଟ ୧ ସୁଦ୍ଧା ଏହି ଯୋଜନାରେ ୨୪.୩୩ କୋଟି କାର୍ଡ ପ୍ରସ୍ତୁତ କରାଯାଇଥିବା ବିଷୟ ରାଜ୍ୟ ସଭାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଏସ୍.ପି. ବଘେଲ ସୂଚନା ଦେଇଛନ୍ତି।

ଆୟୁଷ୍ମାନ ଭାରତ ଯୋଜନାରେ ଏଭଳି ଅନିୟମିତତା ହେଉଥିବା ବିଷୟ ୨୦୨୦ ଜୁଲାଇରେ ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏ) ସ୍ୱୀକାର କରିଥିଲେ। ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ଦାୟିତ୍ୱରେ ଥିବା ଏନ୍‌ଏଚ୍‌ଏ ପକ୍ଷରୁ ସିଏଜିଙ୍କୁ କୁହାଯାଇଥିଲା, ବିଭିନ୍ନ ଅପରେଶନାଲ କାରଣରୁ ଜଣେ ପରେ ଜଣେ ରୋଗୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସିଏଜି ଏହାକୁ ଗ୍ରହଣ ନ କରି ଜାତୀୟ ଓ ରାଜ୍ୟ କର୍ତ୍ତୃପକ୍ଷମାନେ ସବୁ ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ ସୁନିଶ୍ଚିତ କରିବା ଉଚିତ। ଆଇଟି ସିଷ୍ଟମ୍ (ଟିଏମ୍‌ଏସ୍) ସମାନ ସମୟରେ କୌଣସି ରୋଗୀଙ୍କୁ ଏକାଧିକ ହସ୍ପିଟାଲରେ ଭର୍ତ୍ତି କରିବାକୁ ବାରଣ କରି ନ ଥିଲା।

### କେରଳ କେରଳମ୍ ହେବ



ଥିରୁଭାନନ୍ତପୁରମ୍, ୯।୮

କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ବୁଧବାର ରାଜ୍ୟ ବିଧାନସଭାରେ ରାଜ୍ୟର ନାମ ପରିବର୍ତ୍ତନ ନେଇ ଏକ ପ୍ରସ୍ତାବ ଆଗତ କରିଛନ୍ତି। ଏଥିରେ କେରଳର ନୂଆ ନାଁ କେରଳମ୍ ହେବ ବୋଲି କୁହାଯାଇଛି। ଏଥିସହ ରାଜ୍ୟର ଏହି ପ୍ରସ୍ତାବ ଉପରେ କେନ୍ଦ୍ର ସରକାର ତୁରନ୍ତ ବିଚାର କରିବାକୁ ଦାବି କରାଯାଇଛି। ଭାରତ ସମ୍ବିଧାନର ଧାରା ୩ ଅନୁସାରେ ଏହା କରିବାକୁ କୁହାଯାଇଛି। ସମ୍ବିଧାନର ଏହି ଧାରାରେ ନୂଆ ରାଜ୍ୟ ଗଠନ ଏବଂ ରାଜ୍ୟର ନାମ ପରିବର୍ତ୍ତନ ବିଷୟରେ ଉଲ୍ଲେଖ କରାଯାଇଛି। ଏହି ପ୍ରସ୍ତାବ ଆଗତ କରିବା ସହ ମୁଖ୍ୟମନ୍ତ୍ରୀ ବିଜୟନ କହିଛନ୍ତି, ମାଲୟାଲମ ଭାଷାରେ ଆମ ରାଜ୍ୟର ନାଁ କେରଳମ୍ ବୋଲି କୁହାଯାଇଛି। ଏହି ରାଜ୍ୟ ଭାଷା ଆଧାରରେ ନଭେମ୍ବର ୧,୧୯୫୬ରେ ଗଠିତ ହୋଇଥିଲା। ମାଲୟାଲମ ଭାଷାଭାଷୀ ଲୋକଙ୍କୁ ଏକାଠି କରିବାକୁ ଯାଇ କେରଳ ରାଜ୍ୟ ଗଠିତ ହୋଇଥିଲା। ଏହା ସ୍ୱାଧୀନତା ଆନ୍ଦୋଳନ ସମୟରୁ ଚାଲି ଆସିଥିଲା।

## ଏଏସ୍‌ଆଇ ସର୍ଭେକୁ ନେଇ ଗଣମାଧ୍ୟମ ଉପରେ କଟକଣା ଲଗାଯାଉ

ବାରାଣସୀ, ୯।୮

ଜ୍ଞାନବାପି ମସ୍‌ଜିଦକୁ ନେଇ ବିବାଦ ଅଧିକ ଜଟିଳ ହେବାରେ ଲାଗିଛି। ପ୍ରତ୍ନତତ୍ତ୍ୱ ବିଭାଗ ଗତ ୬ ଦିନ ହେଲା ଏହାର ଉପରେ ସର୍ଭେ ଜାରି ରଖିଛି। ପ୍ରତିଦିନ ଗଣମାଧ୍ୟମରେ ଏହି ସମ୍ପର୍କିତ ଖବର ପ୍ରସାରଣ ହୋଇ ଆସୁଛି। ଏହାକୁ ଅଧିକ ଜଟିଳ କରୁଛି ବୋଲି ମସ୍‌ଜିଦ ପରିଚାଳନା କମିଟି ଅଭିଯୋଗ କରିଛି। ତେଣୁ ଏହି ସର୍ଭେ ସମ୍ପର୍କିତ ଖବର ପ୍ରସାରଣକୁ ନେଇ ଗଣମାଧ୍ୟମ ଉପରେ ପ୍ରତିବନ୍ଧକ ଲଗାଯାଉ ବୋଲି ପରିଚାଳନା କମିଟି କୋର୍ଟରେ ଆବେଦନ କରିଛି।

ସୂଚନାଯୋଗ୍ୟ,୧୯ଶହ ଖ୍ରୀଷ୍ଟାବ୍ଦରେ ଏହି ମସ୍‌ଜିଦ ନିର୍ମାଣ କରାଯାଇଥିବା କୁହାଯାଇଥିବାବେଳେ ପୂର୍ବରୁ ଏଠାରେ ଏକ ହିନ୍ଦୁ ମନ୍ଦିର ଥିଲା ବୋଲି କିଛି ହିନ୍ଦୁ

### ଜ୍ଞାନବାପି ମସ୍‌ଜିଦ ପରିଚାଳନା କମିଟିର ଆବେଦନ



ସଂଗଠନ ଦାବି କରିଥିଲେ। ଏହାକୁ ନେଇ ବିବାଦ ଦେଖାଦେଇଥିଲା। ତେଣୁ ଗତମାସରେ ସୁପ୍ରିମକୋର୍ଟ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍‌ଆଇ)କୁ ବୈଜ୍ଞାନିକ ପ୍ରଣାଳୀରେ ସର୍ଭେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ଆଦେଶ ଆଧାରରେ ଚଳିତ ମାସ ୪ ତାରିଖରୁ ପ୍ରତ୍ନତତ୍ତ୍ୱ ବିଭାଗ ସର୍ଭେ ଆରମ୍ଭ କରିଥିଲା। ଅଞ୍ଜୁମନ ଇଣ୍ଟେଜାମିଆ ମସ୍‌ଜିଦ କମିଟିର ଯୁଗ୍ମ ସମ୍ପାଦକ ସୟିଦ ମହମ୍ମଦ ୟାସିନ କହିଛନ୍ତି, କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତ୍ନତତ୍ତ୍ୱ ବିଭାଗ ବର୍ତ୍ତମାନ ଜ୍ଞାନବାପି ମସ୍‌ଜିଦ ପରିସରରେ ସର୍ଭେ କରୁଛି। ଏନେଇ ଏଏସ୍‌ଆଇ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ମନ୍ତବ୍ୟ ଦିଆଯାଇନାହିଁ। କିନ୍ତୁ ବିଭିନ୍ନ ଗଣମାଧ୍ୟମରେ ଏ ସମ୍ପର୍କିତ ଖବର ବାରମ୍ବାର ପ୍ରସାରିତ ହୋଇଆସୁଛି। ଏହା ଲୋକଙ୍କ ମନରେ ଭ୍ରାନ୍ତ ଧାରଣା ସୃଷ୍ଟି କରୁଛି। ତେଣୁ ଏ ସମ୍ପର୍କିତ ଖବର ପ୍ରସାରଣ ଉପରେ ପ୍ରତିବନ୍ଧକ ଲଗାଇବାକୁ ଆମେ ସ୍ଥାନୀୟ କୋର୍ଟରେ ଆବେଦନ କରିଛୁ।



ସେଲ୍‌ଏକ୍ସ ପକ୍ଷରୁ ଲାବ୍‌ରେ ପ୍ରସ୍ତୁତ ମାଂସକୁ ସାଂଘାଇସ୍ଥିତ କମ୍ପାନୀର ଏକ ଫାସିଲିଟିରେ ଜଣେ ମହିଳା ଖାଉଛନ୍ତି।

## ସଂସଦରେ ଡେଟା ସୁରକ୍ଷା ବିଲ୍ ଗୃହୀତ

ନୂଆଦିଲ୍ଲୀ,୯।୮

ଲୋକ ସଭାରେ ସୋମବାର ଗୃହୀତ ହୋଇଥିବା ଡେଟା ପ୍ରୋଟେକ୍ସନ ବିଲ୍, ୨୦୨୩ ବୁଧବାର ରାଜ୍ୟ ସଭାରେ ପାରିତ ହୋଇଛି। ରାଷ୍ଟ୍ରପତିଙ୍କ ମୋହର ବାଜିବା ପରେ ଏହା ଆଇନରେ ପରିଣତ ହେବ। ସୁପ୍ରିମକୋର୍ଟ ପ୍ରିଭେସି ଅଧିକାରକୁ ମୌଳିକ ଅଧିକାର ବୋଲି ସ୍ପଷ୍ଟ କରିବାର ୬ ବର୍ଷ ପରେ କେନ୍ଦ୍ର ସରକାର ଆଣିଥିବା ଉକ୍ତ ବିଲ୍‌ରେ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମଗୁଡ଼ିକରେ ବ୍ୟକ୍ତିମାନଙ୍କ ଡେଟାର ଦୁରୁପଯୋଗ ରୋକିବା ପାଇଁ ବ୍ୟବସ୍ଥା କରାଯାଇଛି। ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରସ୍ତାବ କହିଛନ୍ତି, ଏହି ବିଲ୍ ଡିଜିଟାଲ ସର୍ଭିସ ବ୍ୟବହାର କରୁଥିବା ଲୋକଙ୍କୁ ନୂଆ ଅଧିକାର ପ୍ରଦାନ କରିଛି। ନାଗରିକଙ୍କ ଡେଟା ସଂଗ୍ରହ



ଓ ପ୍ରକ୍ରିୟାକରଣ କରୁଥିବା ଘରୋଇ ତଥା ସରକାରୀ ସଂସ୍ଥାଗୁଡ଼ିକୁ ଏଥିରେ ଉତ୍ତରଦାୟୀ କରାଯାଇଛି। ଭାରତୀୟ ନାଗରିକମାନଙ୍କ ପ୍ରିଭେସିକୁ ଏହି ବିଲ୍ ସୁରକ୍ଷା ପ୍ରଦାନ କରିବ। ଏହାକୁ ଉଲ୍ଲଂଘନ କଲେ ସମ୍ପୃକ୍ତ ବ୍ୟକ୍ତି ବା ସଂସ୍ଥାକୁ ୨୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। ମଣିପୁର ପ୍ରସଙ୍ଗରେ ଗୃହରେ ହଟ୍ଟଗୋଳ ଚାଲିଥିବାବେଳେ ବିରୋଧୀ ଦଳଗୁଡ଼ିକ କକ୍ଷତ୍ୟାଗ କରିଥିଲେ। ତେବେ ଧ୍ୱନିମତରେ ଏହା ଗୃହୀତ ହୋଇଥିଲା।

## ୭୮% ଗ୍ରାମାଞ୍ଚଳ ଭାରତୀୟ ଚାହାନ୍ତି 'ଝିଅ ଗ୍ରାଜୁଏଟ ହେଉ'

ନୂଆଦିଲ୍ଲୀ,୯।୮

ଭାରତର ଗ୍ରାମାଞ୍ଚଳରେ ରହୁଥିବା ୭୮ ପ୍ରତିଶତ ଅଭିଭାବକ ଚାହାନ୍ତି ଯେ, ସେମାନଙ୍କ ଝିଅ ଅତିକମରେ ସ୍ନାତକ ପର୍ଯ୍ୟନ୍ତ ପଢ଼ୁ। ଏହା ଏକ ସର୍ଭେରୁ ଜଣାପଡ଼ିଛି। ୨୦ଟି ରାଜ୍ୟର ୬୨୨୯ ଗ୍ରାମୀଣ ପରିବାରକୁ ନେଇ ଏହି ସର୍ଭେ କରାଯାଇଥିଲା। ଏହାର ରିପୋର୍ଟକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ସନ୍ଧ୍ୟାରେ ପ୍ରକାଶ କରିଛନ୍ତି। ଲିଙ୍ଗଗତ ବ୍ୟବଧାନ କଥା ଯଦି କୁହାଯିବ, ତେବେ ଗ୍ରାମାଞ୍ଚଳ ଅଭିଭାବକ ମାନେ ସେମାନଙ୍କ ପୁଅ ଓ ଝିଅକୁ ଟେକ୍ନିକାଲ ଡିଗ୍ରୀ, ସ୍ନାତକ, ସ୍ନାତକୋତ୍ତର ଭଳି ସମାନ ଶିକ୍ଷା ଦେବା ପାଇଁ ଚାହାନ୍ତି। ୮୨ ପ୍ରତିଶତ ପୁଅ ଏବଂ ୭୮ ପ୍ରତିଶତ ଝିଅଙ୍କ ଅଭିଭାବକ





ସେମାନଙ୍କ ପିଲାଙ୍କୁ ସ୍ନାତକ ତଥା ତା' ଠାରୁ ଅଧିକ ପଢ଼ାଇବା ପାଇଁ ଚାହାଁନ୍ତି। ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ଆଧାରରେ କରାଯାଇଥିବା ଏହି ସର୍ଭେରେ ଜଣାପଡିଛି ଯେ, ଛାତ୍ରୀ ତୁଳନାରେ ଅଧିକ ସଂଖ୍ୟକ ଛାତ୍ର ପ୍ରାଥମିକ ସ୍ତରରୁ ହିଁ ପାଠପଢ଼ା ଛାଡିଥାନ୍ତି। ଯଦି ଛାତ୍ରୀଙ୍କ କଥା କୁହାଯିବ ତେବେ ୩୫ ପ୍ରତିଶତ ଛାତ୍ରୀ ଏହି ସ୍ତରରୁ ପାଠପଢ଼ା ଛାଡିଥାନ୍ତି। ସେହିପରି ୬୫ ପ୍ରତିଶତ ଝିଅ ଏବଂ ୭୫ ପ୍ରତିଶତ ପୁଅ ପ୍ରାଥମିକ ଶିକ୍ଷା ପରେ ପାଠପଢ଼ା ଛାଡ଼ିଥାନ୍ତି। ନିଜ ଗାଁ ଅଞ୍ଚଳରେ ଉଚ୍ଚ ଶିକ୍ଷା ଲାଭ ପାଇଁ କୌଣସି ଶିକ୍ଷାନୁଷ୍ଠାନ ନଥିବା ଏହାର ଏକ ପ୍ରମୁଖ କାରଣ ବୋଲି ଜଣାପଡିଛି। ଡେଭଲପମେଣ୍ଟ ଇଣ୍ଟେଲିଜେନ୍ସ ୟୁନିଟ୍(ଡିଆଇୟୁ), ଟ୍ରାନ୍ସଫର୍ମ ରୁରାଲ ଇଣ୍ଡିଆ ଫାଉଣ୍ଡେଶନ(ଟିଆରଆଇଏଫ) ଏବଂ ସମ୍ବୋଧିତ ସଂସ୍ଥା ଦ୍ୱାରା ଗ୍ରାମାଞ୍ଚଳର ୬ରୁ ୧୬ ବର୍ଷ ଶିଶୁଙ୍କ ଶିକ୍ଷା ଆଧାରରେ ଏହି ସର୍ଭେ କରାଯାଇଥିଲା। ସର୍ଭେରୁ ଜଣାଯାଇଛି, ୬୫ ପ୍ରତିଶତ ପିଲା ସେମାନଙ୍କ ଅଧ୍ୟୟନବେଳେ ମା'ଙ୍କ ତତ୍ତ୍ୱାବଧାନରେ ରହିଥିବାବେଳେ ୪୯ ପ୍ରତିଶତ ଶିଶୁ ବାପାଙ୍କ ତତ୍ତ୍ୱାବଧାନରେ ରହିଥାନ୍ତି। ଅଧିକାଂଶ ଅଭିଭାବକ ସେମାନଙ୍କ ପିଲାଙ୍କୁ ନିଜେ ଘରେ ପାଠ ପଢ଼ାଇବା ସହ ସେମାନଙ୍କ ଅଧ୍ୟୟନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ଅପରପକ୍ଷେ ୩୮ ପ୍ରତିଶତ ଅଭିଭାବକ ସେମାନଙ୍କ ପିଲାଙ୍କ ଉନ୍ନତ ଶିକ୍ଷା ଲାଗି ଘରୋଇ ଟ୍ୟୁସନ ଉପରେ ନିର୍ଭର କରିଥାନ୍ତି। ଗ୍ରାମାଞ୍ଚଳରେ ଏକଥା ମଧ୍ୟ ଦେଖାଯାଇଥାଏ ଯେ, ପିଲାଙ୍କ ବାପାମା' ବ୍ୟତୀତ ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ ପାଠପଢ଼ାରେ ସହାୟକ ହୋଇଥାନ୍ତି। ୨୫.୬ ପ୍ରତିଶତ ଶିଶୁଙ୍କୁ ସେମାନଙ୍କ ପରିବାର ବୟସ୍କ ବ୍ୟକ୍ତି ପାଠ ପଢ଼ାଉଥିବାବେଳେ ୩.୮ ପ୍ରତିଶତ ପିଲା ଅଙ୍ଗନୱାଡି ଏବଂ ୭.୬ ପ୍ରତିଶତ ପିଲା ଘରୋଇ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ପଢ଼ିଥାନ୍ତି। ଆଜିକାଲି ପିଲାମାନେ ପାଠପଢ଼ା ଅପେକ୍ଷା ସ୍ମାର୍ଟଫୋନରେ କେତେ ସମୟ ବିନିଯୋଗ କରିଥାନ୍ତି ସେନେଇ ମଧ୍ୟ ଏହି ସର୍ଭେରେ ଦର୍ଶାଯାଇଛି। ଦୈନିକ ୭୩ ପ୍ରତିଶତ ଶିଶୁ ଦୁଇ ଘଣ୍ଟାରୁ କମ ସମୟ ସ୍ମାର୍ଟଫୋନ ଦେଖୁଥିବାବେଳେ ଅଧିକ ବୟସର ପିଲା ଅଧିକ ସମୟ ସ୍ମାର୍ଟଫୋନ ଦେଖିବାରେ ବିତାଇଥାନ୍ତି ବୋଲି ଜଣାପଡିଛି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୦/୨୦୨୩ | Bhubaneswar, Thursday, August 10/2023 | ପୃଷ୍ଠା-୧




ଅନ୍ତର୍ଜାତୀୟ ଦେଶଜ ଅଧିବାସୀ ଦିବସ ଅବସରରେ ବିଜେଡି ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ଆଦିବାସୀ ନୃତ୍ୟ । (ଫଟୋ-ବିକାଶ ନାୟକ)

# ବାପାଙ୍କୁ ଫାଶୀ, ପୁଅଙ୍କୁ ଆଜୀବନ

## ଲପଡ଼ା ଟ୍ରିପଲ୍ ମର୍ଡର ଘଟଣାରେ ଦଣ୍ଡାଦେଶ

ସମ୍ବଲପୁର/କୁଚିଣ୍ଡା,୯।୮ (ଶୁଭାଶିଷ ପାଢ଼ୀ/ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ମହୁଲପାଲି ଥାନା ଲପଡ଼ା ଟ୍ରିପଲ ମର୍ଡର ଘଟଣାର ରାୟ ବୁଧବାର ପ୍ରକାଶ ପାଇଛି। କୁଚିଣ୍ଡା ଅତିରିକ୍ତ ଜିଲାଜଜ୍ ରାଜ କିଶୋର ଲେଙ୍କା ରାୟ ଶୁଣାଇ ଅଭିଯୁକ୍ତ ବାପା ଓ ପୁଅଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ବାପା ନବୀନ ଦେହୁରିଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇ ଫାଶୀଦଣ୍ଡ (ମୃତ୍ୟୁଦଣ୍ଡ) ସହ ୧ଲକ୍ଷ ଜରିମାନା ଏବଂ ତାଙ୍କୁ ସହଯୋଗ କରିଥିବା ପୁଅ ହେମାନନ୍ଦ ଦେହୁରିଙ୍କୁ ଆଜୀବନ କାରାଦଣ୍ଡ ସହ ୧ ଲକ୍ଷ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ୩୪ମାସ ପରେ ରାୟ ପ୍ରକାଶ ପାଇଛି। ତତ୍କାଳୀନ ଏସ୍‌ପି ଡ. ବିଶାଳ କନୱର ସିଂ ଏହି ମାମଲାକୁ ରେଡ୍‌ଫ୍ଲାଗ ଭାବେ ଘୋଷଣା କରିଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ଓକିଲ ରଞ୍ଜନ କୁମାର ଶର୍ମା ଓ ମୃତକ ପରିବାର ପକ୍ଷରୁ ସରକାରୀ ଓକିଲ ରବୀନ୍ଦ୍ର ନାଏକ ମାମଲା ପରିଚାଳନା କରୁଥିଲେ। ପୋଲିସ ସଂଗ୍ରହ କରିଥିବା ସମସ୍ତ ପ୍ରମାଣ ଓ ୨୦ଜଣ ସାକ୍ଷୀଙ୍କ ବୟାନ ଅଭିଯୁକ୍ତଙ୍କ ବିପକ୍ଷରେ ରହିଥିଲା।

ମାମଲାର ବିବରଣୀକୁ ପ୍ରକାଶ ଯେ, ପ୍ରାୟ ୧୦ବର୍ଷ ଆଗରୁ ଜରାବଗା ପଞ୍ଚାୟତ ଲପଡା ଗ୍ରାମର ଅଭିଯୁକ୍ତ ନବୀନ ଓ ପଡୋଶୀ ପୀରବତୀ ବେହେରା (୫୫)ଙ୍କ ପରିବାର ମଧ୍ୟରେ ଜମିବାଡିକୁ ନେଇ ବିବାଦ ଲାଗିରହିଥିଲା। ପୀରବତୀ ଏକୁଟିଆ ରହୁଥିବାରୁ ତାଙ୍କ ସହିତ ଝିଅ ସାବିତ୍ରୀ (୩୦) ଓ ଜ୍ୱାଇଁ ଗିରିଧାରୀ ସାହୁ (୩୮) ରହୁଥିଲେ। କଳେବଳେ ଜମି ହାତେଇବା ପାଇଁ ନବୀନ ଓ ତାଙ୍କ ପୁଅ ହେମାନନ୍ଦ ଯୋଜନା କରିଥିଲେ। ଜମି ବିବାଦ କୋର୍ଟରେ ମଧ୍ୟ ବିଚାରାଧୀନ ରହିଥିଲା। ଏଭଳି ସମୟରେ ନବୀନ ଓ ହେମାନନ୍ଦ ପୀରବତୀଙ୍କ ପରିବାରକୁ ରାସ୍ତାରୁ ହଟାଇଦେବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଯୋଜନା ଅନୁଯାୟୀ ୨୦୨୦ ଅକ୍ଟୋବର ୨୧ ତାରିଖ ଅପରାହ୍ନରେ ଗିରିଧାରୀ ବିଲରେ ଚାଷ କରୁଥିବା ବେଳେ ନବୀନ ହଠାତ୍ ପହଞ୍ଚି ତାଙ୍କୁ ଟାଙ୍ଗିଆରେ ବାରମ୍ବାର ଚୋଟ ମାରିଥିଲେ। ଅତ୍ୟଧିକ ରକ୍ତସ୍ରାବ ହୋଇ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାର କିଛି ସମୟ ପରେ ପୀରବତୀ ଓ ଝିଅ ସାବିତ୍ରୀ ଗାଁ ନଳକୂପରୁ ପାଣି ନେଇଯାଉଥିବା ବେଳେ ନବୀନ ପ୍ରଥମେ ପୀରବତୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ମା'କୁ ବଞ୍ଚାଇବାକୁ ଯାଇ ସାବିତ୍ରୀ ମଧ୍ୟ ହତ୍ୟାର ଶିକାର ହୋଇଥିଲେ। ଏଥିରେ ନବୀନଙ୍କୁ ପୁଅ ହେମାନନ୍ଦ ସହଯୋଗ କରିଥିଲେ। ଘଟଣା ନେଇ ପୀରବତୀଙ୍କ ଅନ୍ୟଜଣେ ଝିଅ ପ୍ରତ୍ୟକ୍ଷଦର୍ଶୀ ମାଣିକ ପୃଷ୍ଟେଠଙ୍କ ଅଭିଯୋଗ ଆଧାରରେ ☞ପୃଷ୍ଠା-୨

# ମନଇଚ୍ଛା ସମ୍ପତ୍ତି ବିକିପାରିବେ ନାହିଁ ସମବାୟ ସମିତି

ଭୁବନେଶ୍ୱର,୯।୮ (ଅନିଲ ଦାସ)

ସମବାୟ ସମିତିଗୁଡ଼ିକ ପୂର୍ବଭଳି ମନଇଚ୍ଛା ନିଜର ସ୍ଥାବର ସମ୍ପତ୍ତିକୁ ବିକ୍ରି କରିପାରିବେ ନାହିଁ କିମ୍ବା କାହାରିକୁ ଦେଇପାରିବେ ନାହିଁ। ରାଜ୍ୟ ସରକାର ଏହା ଉପରେ କଟକଣା ଲଗାଇବା ସହିତ ସମବାୟ ବିଭାଗ ପକ୍ଷରୁ ଏନେଇ ନିର୍ଦ୍ଦେଶନାମା ଜାରି ହୋଇଛି।

ଆଇନ ୧୯୬୨ ଅନୁଯାୟୀ ପଞ୍ଜୀକୃତ ହୋଇଥିବା ସମିତିଗୁଡ଼ିକ ସମ୍ପତ୍ତି ଅଧିଗ୍ରହଣ ଏବଂ ଏହାକୁ ବିକ୍ରି କରିବାର କ୍ଷମତା ରଖିଛନ୍ତି। ଓଡ଼ିଶା ସମବାୟ ସମିତି ଆଇନ ୧୯୬୫ର ଧାରା ୧୨-କ ଅନୁଯାୟୀ ଉଭୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ବିକ୍ରି କରିବାର କ୍ଷମତା ପ୍ରଦାନ କରାଯାଇଥିଲା। ଏଥିରେ ଥିବା ବ୍ୟବସ୍ଥା ଅନୁଯାୟୀ ସମିତିର ସଦସ୍ୟ, ଜମାକାରୀ, ଋଣଗ୍ରହୀତା ଏବଂ ଏହାର କର୍ମଚାରୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ପରିଚାଳନା ପରିଷଦରେ ପାରିତ ସଙ୍କଳ୍ପ ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକୁ ବିକ୍ରି କିମ୍ବା ଲିଜ୍ ଦିଆଯାଇପାରିବ। କିନ୍ତୁ କେତେକ ସମବାୟ ସମିତିର ପରିଚାଳନା ମଣ୍ଡଳୀ ସମିତି ସ୍ୱାର୍ଥକୁ ଅଣଦେଖା କରି ବେଆଇନ ଭାବେ ସମିତିର ସମ୍ପତ୍ତିକୁ ମନଇଚ୍ଛା ବିକ୍ରି ଓ ଲିଜ୍ ଦେବାରେ ଲାଗିଛନ୍ତି। ଏଭଳି କାର୍ଯ୍ୟ ଉପରେ ସମବାୟ ବିଭାଗ ଏବେ ଅଙ୍କୁଶ ଲଗାଇଛି। ☞ପୃଷ୍ଠା-୨

# ଦୋଷ ଅସ୍ୱୀକାର କଲେ ଗୋପାଳ

## ନବ ଦାସ ହତ୍ୟା ଘଟଣା

ସମ୍ବଲପୁର,୯।୮ (ଶୁଭାଶିଷ ପାଢ଼ୀ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ହତ୍ୟା ଘଟଣାରେ ଅଭିଯୁକ୍ତ ଗୋପାଳ ଦାସଙ୍କୁ ବୁଧବାର କଡାସୁରକ୍ଷା ବଳୟ ମଧ୍ୟରେ ଝାରସୁଗୁଡ଼ା ଅତିରିକ୍ତ ଜିଲା ଜଜ୍‌କୋର୍ଟରେ ହାଜର କରାଯାଇଥିଲା। ଅତିରିକ୍ତ ଜିଲାଜଜ୍‌ଙ୍କ ଶୁଣାଣି ସମୟରେ ଗୋପାଳ ଦୋଷ ସ୍ୱୀକାର କରି ନ ଥିଲେ। ଏହାସହ ମାମଲା ପରିଚାଳନା ପାଇଁ ସେ ନିଜେ ଓକିଲ ଦେବାକୁ ଅନୁରୋଧ କରିଥିଲେ। ସରକାରୀ ଓକିଲ ଥିବା ସତ୍ତ୍ୱେ ଦୁଇଜଣ ଓକିଲ ପି.କେ. ସ୍ୱାଇଁ ଓ ମହେଶ ଜେନା ବ୍ରହ୍ମପୁରରୁ ଆସିଛନ୍ତି। ଅନ୍ୟପଟେ ଗୋପାଳଙ୍କ ସରକାରୀ ଓକିଲ ନରେଶ ନାଏକ ଗୋପାଳ ଦୋଷୀ ନୁହନ୍ତି, ମାମଲା ଡିସ୍‌ଚାର୍ଜ କରିବାକୁ ☞ପୃଷ୍ଠା-୨

# ଏଏସ୍‌ଓ ଚୟନ ପ୍ରକ୍ରିୟାରେ ହାଇକୋର୍ଟଙ୍କ ରୋକ

କଟକ,୯।୮ (କାର୍ତ୍ତିକ ସାହୁ)

ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ପଦବୀର ଚୟନ ପ୍ରକ୍ରିୟା ଆଗାମୀ ୬ ସପ୍ତାହ ମଧ୍ୟରେ ଶେଷ କରିବାକୁ ଜଣକିଆ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ଉପରେ ରୋକ ଲାଗିଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ବୁଧବାର ମାମଲାର ଶୁଣାଣି କରି ସ୍ଥଗିତାଦେଶ ଜାରି କରିଛନ୍ତି। ଆସନ୍ତା ସେପ୍ଟେମ୍ବର ୨୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)କୁ ପୂର୍ବ ପ୍ରକାଶିତ ମେଧା ତାଲିକା ରଦ୍ଦ କରି ନୂଆ ମେଧା ତାଲିକା ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ପୁନର୍ବିଚାର ନିମନ୍ତେ କେତେଜଣ ପରୀକ୍ଷାର୍ଥୀ ଡିଭିଜନ ବେଞ୍ଚରେ ଆବେଦନ କରିଛନ୍ତି। ଡିଭିଜନ ବେଞ୍ଚ ଏହାକୁ ଗ୍ରହଣ କରି ପ୍ରାଥମିକ ପର୍ଯ୍ୟାୟରେ ସ୍ଥଗିତାଦେଶ ଜାରି କରିଛନ୍ତି।

ସୂଚନା ଅନୁସାରେ, ୨୦୨୨ ଅଗଷ୍ଟ ୨୭ରେ ୭୯୬ଟି ଏଏସ୍‌ଓ ପଦବୀ ଲାଗି ଓପିଏସ୍‌ସି ପକ୍ଷରୁ ଲିଖିତ ପରୀକ୍ଷା କରାଯାଇଥିଲା। ମୋଟ ୧ ଲକ୍ଷ ୪୮ ହଜାର ୮୮୮ ଜଣ ଆବେଦନକାରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ଭିତରୁ ୧୧୦୪ ଜଣ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ନେଇ ୨୦୨୨ ନଭେମ୍ବର ୭ରେ ଓପିଏସ୍‌ସି ବିଜ୍ଞପ୍ତି ପ୍ରକାଶ କରିଥିଲା। ଏହି ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀଙ୍କୁ ସାର୍ଟିଫିକେଟ୍ ଯାଞ୍ଚ ଓ କମ୍ପ୍ୟୁଟର (ପ୍ରାକ୍ଟିକାଲ) ସ୍କିଲ୍ ଟେଷ୍ଟ ପାଇଁ ଡକାଯାଇଥିଲା। ☞ପୃଷ୍ଠା-୨

# ଗାଡ଼ି ଧକ୍କାରେ କଲରାପତରିଆ ବାଘର ମୃତ୍ୟୁ



ଭଞ୍ଜନଗର,୯।୮ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ନିକଟସ୍ଥ ଜାତୀୟ ରାଜପଥରେ ମଙ୍ଗଳବାର ରାତି ପ୍ରାୟ ୧ଟା ବେଳେ ଏକ ଗାଡ଼ି ଧକ୍କାରେ ଗୋଟିଏ ମାଇ କଲରାପତରିଆ ବାଘର ମୃତ୍ୟୁ ହୋଇଛି। ବାଘଟିର ବୟସ ପ୍ରାୟ ୨ବର୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ବୁଧବାର ଅପରାହ୍ନ ସାଢ଼େ ୪ଟାରେ ବାଘଟିକୁ ବ୍ୟବଚ୍ଛେଦ କରାଯାଇ ଲିଭର, ଫୁସ୍‌ଫୁସ୍, ହୃତ୍‌ପିଣ୍ଡ, ଯକୃତ ଆଦି ଅଧିକ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଛି। ସ୍ଥାନୀୟ ଲାଲସିଂ ନର୍ସରି ପରିସରରେ ସନ୍ଧ୍ୟାରେ ବାଘଟିକୁ ପୋଡ଼ି ଦିଆଯାଇଛି। ପ୍ରକାଶ ଯେ, ସୋମବାର ରାତି ପ୍ରାୟ ୧ଟା ସମୟରେ ଗୋଟିଏ କଲରାପତରିଆ ☞ପୃଷ୍ଠା-୨

# ଅକ୍ଟୋବର ୧୪ରେ ଭାରତ-ପାକିସ୍ତାନ

## ଆଇସିସି ଦିନିକିଆ ବିଶ୍ୱକପ୍‌ର ୯ ମ୍ୟାଚ ପୁନଃ ନିର୍ଦ୍ଧାରିତ

ନୂଆଦିଲ୍ଲୀ, ୯।୮ (ପି.ଟି.)

ଚଳିତ ବର୍ଷ ଅକ୍ଟୋବର-ନଭେମ୍ବରରେ ହେବାକୁଥିବା ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ୯ଟି ମ୍ୟାଚ ପୁନଃ ନିର୍ଦ୍ଧାରିତ ହୋଇଛି। ତଦନୁସାରେ ପୂର୍ବ ଘୋଷିତ କାର୍ଯ୍ୟସୂଚୀର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଅକ୍ଟୋବର ୧୪ରେ ଭାରତ-ପାକିସ୍ତାନ ମ୍ୟାଚ ଅହମଦାବାଦରେ ଅନୁଷ୍ଠିତ ହେବ। ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ପକ୍ଷରୁ ବୁଧବାର ଏହା ସ୍ପଷ୍ଟ କରାଯାଇଛି। ପାକିସ୍ତାନ ଓ ଇଂଲଣ୍ଡର ୩ଟି ଲେଖାଏ ମ୍ୟାଚ ପୁନଃନିର୍ଦ୍ଧାରିତ (ତାରିଖ କିମ୍ବା ସମୟ) ହୋଇଛି। ଭାରତର ୨ଟି ଗେମ୍ କାର୍ଯ୍ୟସୂଚୀ ପରିବର୍ତ୍ତନ ହୋଇଛି। ଭାରତର ☞ପୃଷ୍ଠା-୨


## Government of Odisha
### Higher Education Department

**Revised Timeline for B.Ed., B.H.Ed., M.Ed. e-Admission for the Academic year 2023-24**

**No.N-54:** The revised timeline for e-admission into B.Ed., B.H.Ed., M.Ed courses for the Academic year 2023-24 under 'Student Academic Management System (SAMS)' is given below. Any change in the timeline will be published on the website https://te.samsodisha.gov.in/.

| Sl# | Activities | Timeline |
|---|---|---|
| 1 | Publication of Provisional Allotment of Seats (for Second Round Selection) | 10.08.2023 (Thursday) (02.00 PM) |
| 2 | Reporting of applicant at allotted institutions for taking admission (for Second Round Selection) | 11.08.2023 (Friday) to 14.08.2023 (Monday) (Except Sunday) |
| 3 | Updation of Slide-Up online by the students taken admission in Second Round of Selection | 11.08.2023 (Friday) to 15.08.2023 (Tuesday) |
| 4 | Data updation of admitted students in the e-space (for Second Round Admission) by the respective Institutions | 11.08.2023 (Friday) to 14.08.2023 (Monday) (Except Sunday) |
| 5 | Publication of Provisional Allotment of Seats (For Third Round Selection) | 20.08.2023 (Sunday) (02.00 PM) |
| 6 | Reporting of the applicant at allotted institutions for taking admission (for Third Round Selection) | 21. 08. 2023 (Monday) to 23.08.2023 (Wednesday) |
| 7 | Updation of Slide-Up Option online by the students taken admission in Third Round of Selection | 21.08.2023 (Monday) to 24.08.2023(Thursday) |
| 8 | Data updation of admitted students in the e-space (for Third Round of Selection) by the respective Institutions | 21.08.2023 (Monday) to 23.08.2023 (Wednesday) |
| 9 | Publication of Provisional Allotment of Seats (for Fourth Round Selection) | 29.08.2023 (Tuesday) (02.00 PM) |
| 10 | Reporting of applicant at allotted institutions for taking admission (for Fourth Round Selection) | 31.08.2023 (Thursday) to 02.09.2023 (Saturday) |
| 11 | Data updation of admitted students in the e-space (for Fourth Round of Selection) by the respective institutions. | 31.08.2023 (Thursday) to 02.09.2023 (Saturday) |
| 12 | Commencement of 1st year classes (For Freshly Admitted Students) | 16.08.2023 (Wednesday) |

**Important Notice**

- 4th Round of Selection will be treated as the last round of selection process for Phase-I admission. No Slide-up option will be provided in the last (4th) round of selection.

Sd./- Joint Secretary to Govt.
PTC Section

OIPR-11001/11/0018/2324


# ଡିଗ୍ରୀ କଲେଜ ଭିତ୍ତିଭୂମିର ମୂଲ୍ୟାୟନ ହେବ

ଭୁବନେଶ୍ୱର, ୯।୮ (ଅସମାପିକା ସାହୁ)

ରାଜ୍ୟରେ ଥିବା ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଏବଂ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ଉପଲବ୍ଧ ଭିତ୍ତିଭୂମିର ମୂଲ୍ୟାୟନ କରାଯିବ। ଶିକ୍ଷାର ଗୁଣାତ୍ମକ ମାନ ଏବଂ କ୍ୟାମ୍ପସରେ ସୁବିଧା ବଜାୟ ରଖିବା ତଥା ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ଶିକ୍ଷାନୁଷ୍ଠାନରେ ଉପଲବ୍ଧ ଥିବା ଭିତ୍ତିଭୂମି, ଆବଶ୍ୟକ ଉନ୍ନତୀକରଣ, ସମ୍ଭାବ୍ୟ ଆହ୍ୱାନ ଏବଂ ସୁଯୋଗ ସମ୍ପର୍କରେ ଜାଣିବା ଏହି ମୂଲ୍ୟାୟନର ଉଦ୍ଦେଶ୍ୟ। ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ**

ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମହାନ୍। ତାଙ୍କୁ ନିଯୁକ୍ତି ଉପରେ ପ୍ରଶ୍ନ କଲେ ସେ ବେକାରି ହାର କମିଥିବା ଦର୍ଶାଇଥାନ୍ତି।
**-ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ମୁଖ୍ୟ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋର ସୁନ୍ଦର, ବର ସୁନ୍ଦର,**
**ବାଦ୍ୟକୁ ସୁନ୍ଦର ମହୁରୀ;**
**ଦୂର ଦେଶକୁ ପର୍ବତ ସୁନ୍ଦର,**
**ସର୍ବ ସୁନ୍ଦର କଉଡ଼ି।**

ମନଚୋର ଆଖିକୁ ସୁନ୍ଦର ଲାଗିଥାଏ। ନିଜ ବର ନିଜକୁ ସୁନ୍ଦର ଦିଶିଥାଏ। ବାଦ୍ୟ ସହ ମହୁରୀ ବେଶ ସୁନ୍ଦର ମାନିଥାଏ। ପାହାଡ଼ ପର୍ବତ ଦୂରରୁ ଭଲ ଜଣାପଡ଼ିଥାଏ। ସେହିପରି ଅର୍ଥ ସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସର୍ବୋପରି ସୁନ୍ଦର ଓ ଶ୍ରେଷ୍ଠ ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚତୁରେଇ !**
**ବିରି ଦେଉଥାଏ ବତୁରେଇ;**
**ଏଣେ ତେଣେ ଚାହିଁ ଗୋଟିଏ ଗୋଟିଏ**
**ଟୋକି ଦଉଥାଏ ସୁତୁରେଇ।**

ସିଆଣିଆ ବ୍ୟକ୍ତିଙ୍କ ଚତୁରାମିକୁ କେହି ସହଜରେ ବୁଝି ବା ଧରି ପାରି ନ ଥାନ୍ତି। ଦୃଷ୍ଟି ଆଢୁଆଳରେ ରହି ଏପରି କୌଶଳରେ ନିଜ ଉଦ୍ଦେଶ୍ୟ ପୂରଣ କରାଇନିଅନ୍ତି, ଯେ ତା'ଟେର୍ କେହି ବି ପାଇ ପାରି ନ ଥାନ୍ତି। ଅନ୍ୟର ଆଢୁଆଳରେ ଗୋଟି ଗୋଟି କରି ଲୁଟି ନେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ






ଆମେରିକାର ରାଷ୍ଟ୍ରଦୂତ ଇରିକ୍ ଗରସେଟି ବୁଧବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ନୂଆଦିଲ୍ଲୀ ସ୍ଥିତ ବାସଭବନରେ ଭେଟିଛନ୍ତି। ଏହି ଅବସରରେ ସେ ଶିକ୍ଷା, ନବସୃଜନ, ଗବେଷଣା ସମେତ ଆମେରିକା ଓ ଭାରତ ମଧ୍ୟରେ ଦକ୍ଷତା ସହଯୋଗକୁ ସୁଦୃଢ଼ କରିବା ଉପରେ ଆଲୋଚନା କରିଛନ୍ତି। ଧର୍ମେନ୍ଦ୍ର ଏହି ଅବସରରେ ଆମେରିକା ରାଷ୍ଟ୍ରଦୂତଙ୍କୁ ଓଡ଼ିଶାର ପାରମ୍ପରିକ ପଟ୍ଟଚିତ୍ର ପ୍ରଦାନ କରିଛନ୍ତି।

# ବଦଳିବ ପ୍ରାଥମିକ ଶ୍ରେଣୀ ଗୃହ ପରିବେଶ

- ଦରିରେ ବସିବେ, ରଙ୍ଗିନ ଡେସ୍କରେ ଲେଖିବେ ଛାତ୍ରୀଛାତ୍ର
- ପ୍ରଥମ ପର୍ଯ୍ୟାୟରେ ୬ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ସାମିଲ

ଭୁବନେଶ୍ୱର, ୯।୮ (ଅସମାପିକା ସାହୁ)

ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ ଗୃହର ରୂପ ବଦଳିବ। ଛାତ୍ରୀଛାତ୍ରଙ୍କ କୋମଳ ମନରେ ଶିକ୍ଷା ପ୍ରତି ଆଗ୍ରହ, କୌତୂହଳ, ଉତ୍ସାହ ଆଣିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏହି ବ୍ୟବସ୍ଥା କରିଛି। ପ୍ରଥମ ପର୍ଯ୍ୟାୟରେ ୧୬ଟି ଜିଲାର ୬ହଜାରରୁ ଊର୍ଦ୍ଧ୍ୱ ପ୍ରାଥମିକ ସ୍କୁଲର ପରିବେଶ ବଦଳିବ। ଶ୍ରେଣୀଗୃହ ପରିବେଶକୁ ଆକର୍ଷଣୀୟ କରିବା ଉଦ୍ଦେଶ୍ୟରେ ମୌଳିକ ଭିତ୍ତିଭୂମିର ରକ୍ଷଣାବେକ୍ଷଣ ଓ ମରାମତି ସୁବିଧା ଯୋଗାଇଦେବାକୁ ବିଭାଗ ଆବଶ୍ୟକ ପାଣ୍ଠି ଯୋଗାଇ ଦେଇଛି। ପ୍ରଥମରୁ ତୃତୀୟ ଶ୍ରେଣୀର ପିଲାମାନେ ପଢ଼ିବା, ଲେଖିବା, ଆବଶ୍ୟକ ଶିକ୍ଷଣ ଦକ୍ଷତା ହାସଲ କରିବା ଲକ୍ଷ୍ୟରେ ଶ୍ରେଣୀଗୃହ ପରିବେଶକୁ ଅନୁକୂଳ କରିବାର ପଦକ୍ଷେପ ନିଆଯାଉଛି। ଶ୍ରେଣୀଗୃହକୁ ଶିଶୁ ସୁଲଭ, ଆକର୍ଷଣୀୟ, ଆନନ୍ଦମୟ କରିବା ପାଇଁ ବିଭିନ୍ନ କାନ୍ଥଚିତ୍ର, ବିଭିନ୍ନ ଆକୃତିର ଡେସ୍କ, ଆଲମାରୀ, ଗ୍ରୀନ୍ ବୋର୍ଡ, ପ୍ରଦର୍ଶନ ବୋର୍ଡ, ଶୈକ୍ଷିକ ଉପକରଣ ଝୁଲାଇବା ପାଇଁ ହୁକ୍, ବସିବା ପାଇଁ ଦରି, ଶ୍ରେଣୀଗୃହ ମରାମତି, ବିଦ୍ୟୁତୀକରଣ ଓ ଆଲୋକୀକରଣ, ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନର ବ୍ୟବସ୍ଥା ଆଦି କରାଯିବ। ଏହା ପ୍ରାଥମିକ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ବିକାଶରେ ଅତ୍ୟନ୍ତ ସହାୟକ ହୋଇପାରିବ। ଶିକ୍ଷାର ମୂଳଦୁଆ ହେଉଛି ପ୍ରାଥମିକ ଶିକ୍ଷା। ଏହି ମୂଳଦୁଆ ଉପରେ ଭବିଷ୍ୟତର ଉଚ୍ଚଶିକ୍ଷା ଗଢ଼ି ଉଠିଥାଏ। ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ କାର୍ଯ୍ୟକ୍ରମ ପ୍ରଚଳନର ଉଦ୍ଦେଶ୍ୟ ହେଉଛି ଏହି ମୂଳଦୁଆକୁ ମଜଭୁତ କରିବା। ପ୍ରତ୍ୟେକ ଛାତ୍ରୀଛାତ୍ର ଯେପରି ଭାଷା ଓ ଗାଣିତିକ ଜ୍ଞାନରେ ପାରଦର୍ଶୀ ହୋଇପାରିବେ ସେଥିପ୍ରତି ଲକ୍ଷ୍ୟ ସ୍ଥିର ହୋଇଛି। ଲକ୍ଷ୍ୟ ହାସଲ ପାଇଁ ସ୍ୱତନ୍ତ୍ର ଢାଞ୍ଚାରେ ପାଠ୍ୟକ୍ରମ ପ୍ରସ୍ତୁତି, ଚିତ୍ତାକର୍ଷକ ଶିକ୍ଷଣ ସାମଗ୍ରୀ (ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ), ଶିକ୍ଷକ ଦକ୍ଷତା ବିକାଶ, ମୂଲ୍ୟାଙ୍କନ ଶୈଳୀ ଇତ୍ୟାଦି ପର୍ଯ୍ୟାୟକ୍ରମେ ବିକାଶ କରାଯାଇଛି। ଛାତ୍ରୀଛାତ୍ର ଅନୁକୂଳ ଶ୍ରେଣୀଗୃହ ନିର୍ମାଣ ପୂର୍ବରୁ ପାଇଲଟ୍ ପ୍ରକଳ୍ପ ଭାବେ ରାଜଭବନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଗ୍ରହଣ କରାଯାଇଥିଲା। ଏହି ପ୍ରାଥମିକ ବିଦ୍ୟାଳୟରେ ବିକଶିତ ହୋଇଥିବା ଶ୍ରେଣୀଗୃହକୁ ସମସ୍ତ ବୈଷୟିକ ଶିକ୍ଷକ ଓ ବରିଷ୍ଠ ଶିକ୍ଷକ ପରିଦର୍ଶନ କରି ତାଲିମ ନେଇଛନ୍ତି। ଏହି ବିଦ୍ୟାଳୟରେ ସମସ୍ତ ସୁବିଧା ସୁଯୋଗ କରିବା ପରେ ଛାତ୍ରୀଛାତ୍ରଙ୍କ ଭିତରେ ଆକାଂକ୍ଷିତ ଶୈକ୍ଷିକ ବିକାଶ ହେଉଥିବା ଲକ୍ଷ୍ୟ କରାଯାଇଛି। ପରେ ସମାନ ଢାଞ୍ଚାରେ ଶ୍ରେଣୀଗୃହ ପ୍ରସ୍ତୁତି କରିବା ପାଇଁ ପଦକ୍ଷେପ ନିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

## ମଣିପୁରରେ ଭାରତ...

ଭାରତ ମାତାକୁ ହତ୍ୟା କରିବା। ମଣିପୁରବାସୀଙ୍କୁ ହତ୍ୟା କରି ଭାଜପା ଦେଶଭକ୍ତ ପାଲଟିନାହିଁ, ବରଂ ଦେଶଦ୍ରୋହୀ ସାଜିଛି ବୋଲି ରାହୁଲ ସମାଲୋଚନା କରିଛନ୍ତି। ଏହାର ଜବାବରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ମୋଦି ସରକାରଙ୍କ ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇଥିବାରୁ ମଣିପୁରରେ ସରକାରଙ୍କ ସଫଳତା ଉପରେ ଫୋକସ୍ କରିବାକୁ ପଡ଼ିବ। ଲୋକଙ୍କୁ ବିଭ୍ରାନ୍ତ କରିବା ପାଇଁ ଏହି ପ୍ରସ୍ତାବ ଆଗତ କରାଯାଇଛି। ୩୦ ବର୍ଷ ଧରି ଦେଶ ବଂଶବାଦ ରାଜନୀତି, ଦୁର୍ନୀତି ଓ ଜାତିବାଦର ଯନ୍ତ୍ରଣାରେ ଜର୍ଜରିତ ଥିବାବେଳେ ପ୍ରଧାନମନ୍ତ୍ରୀ ମୋଦି ଏହାକୁ ଶେଷ କରି ଦେଶକୁ ପ୍ରଦର୍ଶନର ରାଜନୀତି ପାଇଁ ବାଟ ଦେଖାଇଛନ୍ତି।

## ସଂସଦରେ ଫ୍ଲାଇଂ ...

ବାଚସ୍ପତି ଓମ୍ ବିର୍ଲାଙ୍କୁ ଭେଟି ଏନେଇ ରାହୁଲଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ରାହୁଲଙ୍କ ଅଙ୍ଗଭଙ୍ଗୀ ସେମାନଙ୍କୁ ଅପମାନିତ କରିଥିବାରୁ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ୨୦ ମହିଳା ଏମ୍‌ପିଙ୍କ ସ୍ୱାକ୍ଷର ସମ୍ବଳିତ ପତ୍ରରେ ଦାବି କରାଯାଇଛି। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଇରାନୀ ଖବରଦାତାମାନଙ୍କୁ ସମ୍ବୋଧିତ କରି କହିଛନ୍ତି, ପାର୍ଲାମେଣ୍ଟରେ ଜଣେ ପୁରୁଷଙ୍କ ଏପରି ମହିଳା ବିରୋଧୀ ବ୍ୟବହାର କେବେ ଦେଖିବାକୁ ମିଳି ନ ଥିଲା। ଯେଉଁଠି ମହିଳାଙ୍କ ସମ୍ମାନର ସୁରକ୍ଷା ପାଇଁ ଆଇନ ପ୍ରଣୟନ କରାଯାଏ, ସେଠାରେ ଏକ ଅଧିବେଶନ ବେଳେ ମହିଳାଙ୍କୁ ଅପମାନିତ କରାଯାଉଛି। ସେହିପରି ଭାଜପା ଏମ୍‌ପି ପୁନମ୍ ମହାଜନ କହିଥିଲେ, ରାହୁଲ ଗାନ୍ଧୀଙ୍କୁ ଭୁଲ୍ ଢଙ୍ଗରେ ଲାଳନପାଳନ କରାଯାଇଥିବା ତାଙ୍କ ଫ୍ଲାଇଂ କିସ୍‌ରୁ ସ୍ପଷ୍ଟ ହେଉଛି। ତାଙ୍କ ଭାବଭଙ୍ଗୀ ଅତ୍ୟନ୍ତ ଲଜ୍ଜାଜନକ ଥିଲା। ଜଣେ ଏମ୍‌ପି କିଭଳି ଭାଷା ବ୍ୟବହାର କରିବେ, ତାହା ସେ ଜାଣିବା ଉଚିତ ବୋଲି ପୁନମ କହିଥିଲେ। ତେବେ ରାହୁଲଙ୍କ ଏହି ଫ୍ଲାଇଂ କିସ୍ କୌଣସି ନିର୍ଦ୍ଦିଷ୍ଟ ସଦସ୍ୟଙ୍କ ପାଇଁ ଉଦ୍ଦିଷ୍ଟ ନ ଥିଲା ବୋଲି କଂଗ୍ରେସ କହିଛି। ଲୋକ ସଭାରେ କଂଗ୍ରେସ ହୁଇପ୍ ମନିକମ୍ ଟାଗୋର କହିଛନ୍ତି, ରାହୁଲ ମହିଳାମାନଙ୍କୁ ସମ୍ମାନ କରନ୍ତି। କିନ୍ତୁ ଇରାନୀ ରାହୁଲ-ଫୋବିଆରେ ଆକ୍ରାନ୍ତ। ସେ ଏଥିରୁ ମୁକ୍ତ ହେବା ଉଚିତ।

## ଚନ୍ଦ୍ରୟାନ-୩ ଚନ୍ଦ୍ରପୃଷ୍ଠ ...

ଇସ୍ରୋ କ୍ରମାଗତ ଭାବେ ଏହାର ଗତିବିଧି ଉପରେ ନଜର ରଖି ଆସିଛି। ଧୀରେ ଧୀରେ ଏହା ଚନ୍ଦ୍ରପୃଷ୍ଠ ନିକଟତର ହେବାରେ ଲାଗିଛି। ଇସ୍ରୋ ମୁଖ୍ୟ ଏସ୍. ସୋମନାଥ କହଛନ୍ତି, ଚନ୍ଦ୍ରୟାନ-୩ କଠିନ ସ୍ଥିତି ଦେଇ ଗତି କରୁଛି। କିନ୍ତୁ ଫଳାଫଳ ବର୍ତ୍ତମାନ ସୁଦ୍ଧା ଉତ୍ସାହଜନକ ରହିଛି। ସେ କହିଛନ୍ତି ଚନ୍ଦ୍ରୟାନ-୨ର ଅନୁଭୂତି ଆମକୁ ବହୁତ କିଛି ଶିଖାଇଛି। ଯାହା ଚନ୍ଦ୍ରୟାନ-୩ରେ ଅଧିକ ସୁଦୃଢ଼ କରିବାରେ ସହାୟକ ହୋଇଛି। ବର୍ତ୍ତମାନ ସୁଦ୍ଧା ଏହା ଠିକ ମାର୍ଗରେ ଯାଉଛି। ପୃଷ୍ଠଭାଗରେ ଏହା ଅବତରଣ କରିବା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଚଳିତଥର ଏହାକୁ ଅଧିକ ବିକଶିତ କରାଯିବା ସହ ଭଲ ଫଳାଫଳ ଯେପରି ଦେବ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି।

## ଗାଡ଼ି ଧକ୍କାରେ କଲରାପତରିଆ...

ବାଘ ଭଞ୍ଜନଗର ସହରଠାରୁ ପ୍ରାୟ ୧୦ କିମି ଦୂର ଭଞ୍ଜନଗର-ଫୁଲବାଣୀ ଜାତୀୟ ରାଜପଥର ବୁଢୁଲି ପାଇପ୍ ଫ୍ୟାକ୍ଟ୍ରି ନିକଟରେ ରାସ୍ତା ପାର ହେଉଥିଲା । ଏହି ସମୟରେ କୌଣସି ଗାଡ଼ି ବାଘକୁ ଧକ୍କା ଦେଇ ଚାଲିଯାଇଥିଲା। ବାଘଟି ରାଜପଥ ଉପରେ ପଡ଼ି ଗର୍ଜନ କରିବା ସହ ଛଟପଟ ହେଉଥିଲା । ଉକ୍ତ ରାସ୍ତାରେ ଯାଉଥିବା ଲୋକେ ଦେଖି ଡିଏଫଓ ସୁଦର୍ଶନ ବେହେରାଙ୍କୁ ଖବର ଦେଇଥିଲେ। ଏହାପରେ ଡିଏଫଓ ବେହେରା, ମୁଜାଗଡ଼ ରେଞ୍ଜର ବିଦ୍ୟାଧର ସାହୁ, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା, ବନପାଳ ବଂଶୀଧର ବିଷୋୟୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆହତ ବାଘକୁ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ପ୍ରାଣୀ ଚିକିତ୍ସାଳକୁ ଆଣିଥିଲେ। ବାଘର ଚିକିତ୍ସା ଚାଲିଥିବା ବେଳେ ରାତି ପ୍ରାୟ ସାଢ଼େ ୩ଟାରେ ବାଘଟିର ମୃତ୍ୟୁ ହୋଇଥିଲା। ବୁଧବାର ଅପରାହ୍ନରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଭଞ୍ଜନଗର ତହସିଲଦାର ଅଚ୍ୟୁତାନନ୍ଦ ଜାନି, ବ୍ରହ୍ମପୁର ଡିଏଫଓ ଆର.ଆର.ପଟ୍ଟନାୟକ, ଡିଏଫଓ ସୁଦର୍ଶନ ବେହେରା, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ, ଏସିଏଫ୍ ବିକ୍ରମ ଦେବ ପଟ୍ଟନାୟକ, ପ୍ରଭାକର ନାୟକ, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଳପାଣି ଶତପଥୀ, ଅନୁପମ ବାନାର୍ଜି ପ୍ରମୁଖଙ୍କ ଉପସ୍ଥିତିରେ ବାଘର ବ୍ୟବଚ୍ଛେଦ କରାଯାଇଥିଲା । ଭଞ୍ଜନଗର ପ୍ରାଣୀ ଚିକିତ୍ସାଧିକାରୀ ଡା. ନିଶିକାନ୍ତ ବଳ, ତାରସିଂ ଭିଏଏସ୍ ଡା.ବିଜୟିନୀ ପଣ୍ଡା, ବେଲଗୁଣ୍ଠା ଭିଏଏସ୍ ଡା. ରାକେଶ ପତି ପ୍ରମୁଖ ବାଘଟିର ବ୍ୟବଚ୍ଛେଦ କରିଥିଲେ ।

## ବାପାଙ୍କୁ ଫାଶୀ, ପୁଅଙ୍କୁ ...

ଥାନାରେ ୧୭୫/୨୦ ନମ୍ବରରେ ମାମଲା ରୁଜୁ ହୋଇଥିଲା। ଖବର ପାଇ କୁଚିଣ୍ଡା ତତ୍‌କାଳୀନ ଏସ୍‌ଡିପିଓ ରାଜ କିଶୋର ମିଶ୍ର ଓ ମହୁଲପାଲି ଆଇଆଇସି ଜ୍ୟୋତ୍ସ୍ନାରାଣୀ ବେହେରା ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ବାପାପୁଅଙ୍କୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ମାରଣାସ୍ତ୍ର ଜବତ କରିଥିଲେ। ଫୋରେନସିକ୍ ଟିମ୍ ମଧ୍ୟ ପହଞ୍ଚି ତଦନ୍ତ କରିଥିଲା। ତତ୍‌କାଳୀନ ଏସ୍‌ପି ସିଂ ଘଟଣାସ୍ଥଳ ପରିଦର୍ଶନ କରି ଅପରାଧର ଗମ୍ଭୀରତାକୁ ଦେଖି ରେଡ୍‌ଫ୍ଲାଗ ବର୍ଗରେ ତାଲିକାଭୁକ୍ତ କରିଥିଲେ। ସୂଚନାଯୋଗ୍ୟ, କୁଚିଣ୍ଡା ଅତିରିକ୍ତ ଜିଲା ଜଜ୍ କୋର୍ଟରେ ଏହା ତୃତୀୟ ଫାଶୀ ଦଣ୍ଡାଦେଶ। ଗୋବିନ୍ଦପୁର ଥାନା ମିଟୁପଡାରେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ କୁଚିଣ୍ଡା କୋର୍ଟରେ ୨୦୦୯ ମସିହାରେ ଫାଶୀ ଦଣ୍ଡାଦେଶ ହୋଇଥିଲା । ତତ୍‌କାଳୀନ ଅତିରିକ୍ତ ଜିଲାଜଜ୍ ସରୋଜ ପତି ମାମଲାର ଶୁଣାଣି କରି ଅଭିଯୁକ୍ତ ଅର୍ଜୁନ ତେଲିଙ୍କୁ ଫାଶୀଦଣ୍ଡ ଶୁଣାଇଥିଲେ। ପରବର୍ତ୍ତୀ ସମୟରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି। ସେହିପରି ଜମନକିରା ଥାନା ଅଞ୍ଚଳରେ ନାବାଳିକା ହତ୍ୟା ମାମଲାରେ ୨୦୧୦ ମସିହାରେ ତତ୍‌କାଳୀନ ଅତିରିକ୍ତ ଜିଲାଜଜ୍ ସରୋଜ ପତି ରାୟ ଶୁଣାଇ ଅଭିଯୁକ୍ତ ଶ୍ରୀ ହେମ୍ବ୍ରମଙ୍କୁ ଫାଶୀଦଣ୍ଡ ଦେଇଥିଲେ। ଏ ସମ୍ପର୍କରେ ସରକାରୀ ଓକିଲ ରବୀନ୍ଦ୍ର ନାଏକ କହିଛନ୍ତି, ଅଭିଯୁକ୍ତ ପ୍ରଥମେ ବିଲରେ ଗିରିଧାରୀ ଏବଂ ପରେ ପୀରବତୀ ଓ ସାବିତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ସାବିତ୍ରୀଙ୍କ ପୁଅ ସଚିନ ଓ ଝିଅ ଇପ୍‌ସିତାଙ୍କ ଆଖି ଆଗରେ ହତ୍ୟାକାଣ୍ଡ ଘଟିଥିଲା। ଘଟଣାରେ ସାବିତ୍ରୀଙ୍କ ଭଉଣୀ ଓ ଝିଅପୁଅ ସାକ୍ଷୀ ରହିଥିବା ବେଳେ ଗିରିଧାରୀଙ୍କୁ ହତ୍ୟା ବେଳେ ଗ୍ରାମର ଜଣେ ଚାଷୀ ସାକ୍ଷୀ ରହିଥିଲେ। ବ୍ୟବଚ୍ଛେଦ ରିପୋର୍ଟ, ସାଇଣ୍ଟିଫିକ ରିପୋର୍ଟ ଓ ପ୍ରମାଣ ଅଭିଯୁକ୍ତଙ୍କୁ ଦଣ୍ଡ ଦେବା ପାଇଁ ଯଥେଷ୍ଟ ହୋଇଥିଲା।

## ଦୋଷ ଅସ୍ୱୀକାର ...

କୋର୍ଟରେ ଆବେଦନ କରିଥିଲେ। ଏହାର ଶୁଣାଣି ଅଗଷ୍ଟ ୨୧ରେ ହେବ। ଆଇନଜୀବୀ ସ୍ୱାଇଁ କହିଛନ୍ତି, ଅଭିଯୁକ୍ତ ଗୋପାଳଙ୍କ ଉପରେ ଯାହା ଚାର୍ଜଫ୍ରେମ କରାଯାଇଛି ତାହା ହଟାଇବାକୁ ଅନୁରୋଧ କରାଯାଇଛି। ପରବର୍ତ୍ତି ସମୟରେ ହାଇକୋର୍ଟ ଓ ସୁପ୍ରିମକୋର୍ଟ ଯାଇ ଡିସ୍‌ଚାର୍ଜ ଆବେଦନ କରାଯିବ। ସରକାରୀ ଓକିଲ ନାଏକ କହିଛନ୍ତି, ଗୋପଳ ମାନସିକ ରୋଗୀ ହୋଇଥିବାରୁ ପୂର୍ବରୁ ଔଷଧ ଖାଉଥିଲେ। ଏବେ ମଧ୍ୟ ସେ ଜେଲ ଭିତରେ ଔଷଧ ଖାଉଛନ୍ତି ବୋଲି କହିଥିଲେ। ପୂର୍ବରୁ ଗୋପାଳ ଜୁଲାଇ ୧୩ରେ ଜେଏମ୍‌ଏଫ୍‌ସି କୋର୍ଟ ଓ ଜୁଲାଇ ୨୭ରେ ଅତିରିକ୍ତ ଜିଲାଜଜ୍ କୋର୍ଟରେ ହାଜର ହୋଇଥିଲେ। ସୂଚନାଯୋଗ୍ୟ, ଜାନୁୟାରୀ ୨୯ରେ ପୂର୍ବତନ ମନ୍ତ୍ରୀ ନବ ଦାସ ଝାରସୁଗୁଡା ଜିଲା ବ୍ରାଜରାଜନଗର ଗସ୍ତରେ ଯାଇଥିବା ବେଳେ ଗାନ୍ଧୀ ଛକରେ ତତ୍କାଳୀନ ପୋଲିସ ଏଏସ୍‌ଆଇ ଗୋପାଳ ଦାସ ନିଜ ସର୍ଭିସ ବନ୍ଧୁକରୁ ଗୁଳି କରି ହତ୍ୟା କରିଥିଲେ। ଏହାପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ରାଜ୍ୟ ସରକାର ଏହାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦେଇଥିଲ। ହତ୍ୟାକାଣ୍ଡର ୧୧୮ଦିନ ପରେ କ୍ରାଇମବ୍ରାଞ୍ଚ ୫୩୪ ପୃଷ୍ଠାର ଚାର୍ଜଶିଟ ଦାଖଲ କରିଛି। ଏଥିରେ ୮୯ ଜଣଙ୍କ ସାକ୍ଷ ଓ ଜେରା କରଯାଇଥିବା ରିପୋର୍ଟ ରହିଥିଲା। ବ୍ୟକ୍ତିଗତ ଆକ୍ରୋଶ ରଖି ନବଙ୍କୁ ଗୋପାଳ ହତ୍ୟା କରିଥିବା ମଧ ଚାର୍ଜଶିଟରେ ଉଲ୍ଲେଖ ରହିଥିଲା। ଘଟଣାକୁ ଦୀର୍ଘଦିନ ବିତିଯାଇଥିଲେ ମଧ କ୍ରାଇମବ୍ରାଞ୍ଚ ହତ୍ୟାର ରହସ୍ୟ ଉନ୍ମୋଚନ କରିପାରି ନାହିଁ।

## ଏଏସ୍‌ଓ ଚୟନ ପ୍ରକ୍ରିୟାରେ ...

ଆରମ୍ଭରୁ ବିବାଦରେ ରହିଥିବା ଏଏସ୍‌ଓ ପରୀକ୍ଷାକୁ ନେଇ କେତେଜଣ ପ୍ରାର୍ଥୀ ଧାରଣା ଦେଇଥିଲେ। ଏନେଇ ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ପୂର୍ବ ମେଧା ତାଲିକା ଖାରଜ କରି ନୂତନ ମେଧା ତାଲିକା ପ୍ରସ୍ତୁତ କରିବାକୁ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପୁଣି କେତେଜଣ ପରୀକ୍ଷାର୍ଥୀ ଏକ ରିଟ୍ ପିଟିଶନ୍ ଦାଖଲ କରି ଦର୍ଶାଇଥିଲେ, ଏଏସ୍‌ଓ ପରୀକ୍ଷା ଅନିୟମିତତା ଯୋଗୁ ଆମେ ପ୍ରଭାବିତ ହୋଇଛୁ। ହାଇକୋର୍ଟ ଉକ୍ତ ମାମଲାରେ ଆମ୍ଭମାନଙ୍କ ଆବେଦନର ଶୁଣାଣି ନ କରି ରାୟ ପ୍ରକାଶ କରିଥିବାରୁ ଆମକୁ ଏହି ମାମଲାରେ ପକ୍ଷଭୁକ୍ତ ହେବା ପାଇଁ ଅନୁମତି ଦିଆଯାଉ ବୋଲି ପ୍ରାର୍ଥନା କରିଥିଲେ। ଦୁଇଟିଯାକ ମାମଲାକୁ ଏକତ୍ର ଶୁଣାଣି ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଗତ ଜୁଲାଇ ୩୧ ତାରିଖରେ ହାଇକୋର୍ଟରେ ଉଭୟ ରିଟ୍ ପିଟିଶନ୍ ଓ ରିଭ୍ୟୁ ପିଟିଶନ୍‌ର ଏକତ୍ର ଶୁଣାଣି କରାଯାଇଥିଲା। ହାଇକୋର୍ଟ ପୂର୍ବ ନିର୍ଦ୍ଦେଶକୁ କାଏମ ରଖିବା ସହ ଦୁଇଟିଯାକ ପିଟିଶନ୍‌କୁ ଖାରଜ କରିଦେଇଥିଲେ। ଏଏସ୍‌ଓ ନିଯୁକ୍ତି ନିମନ୍ତେ ଅନୁଷ୍ଠିତ ପରୀକ୍ଷାଫଳ ପ୍ରକାଶରେ ଅନିୟମିତତା ହୋଇଥିବା ମାମଲାର ଶୁଣାଣି ଗତ ମେ' ୧୯ ତାରିଖରେ ହୋଇଥିଲା। ସେହି ଶୁଣାଣିରେ ହାଇକୋର୍ଟ ଏଏସ୍‌ଓ ନିଯୁକ୍ତି ନେଇ ଓପିଏସ୍‌ସି ଦ୍ୱାରା ପ୍ରକାଶିତ ମେଧା ତାଲିକାକୁ ଖାରଜ କରିଥିଲେ। ଏଥିସହ ଆଗାମୀ ୨ ମାସ ମଧ୍ୟରେ ସାନି ମେଧା ତାଲିକା ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଓପିଏସ୍‌ସି ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ନ କରିବାରୁ କେତେଜଣ ପରୀକ୍ଷାର୍ଥୀ ଓପିଏସ୍‌ସି ବିରୋଧରେ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ।

## ଅକ୍ଟୋବର ୧୪ରେ...

ନେଦରଲାଣ୍ଡ ବିପକ୍ଷ ମ୍ୟାଚ ମଧ୍ୟ ପୁନଃନିର୍ଦ୍ଧାରିତ ହୋଇଛି। ଏହା ପ୍ରକୃତରେ ନଭେମ୍ବର ୧୧ରେ ହେବାର ଥିଲା, ମାତ୍ର ବର୍ତ୍ତମାନ ଏହା ୧୨ତାରିଖରେ ବେଙ୍ଗାଲୁରୁରେ ହେବ ବୋଲି ଧାର୍ଯ୍ୟ କରାଯାଇଛି। ପ୍ରକାଶଯୋଗ୍ୟ, ଭାରତ-ପାକିସ୍ତାନ ମ୍ୟାଚ ଅକ୍ଟୋବର ୧୫ରେ ହେବ ବୋଲି ପୂର୍ବରୁ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଏହି ଦିନ ହିନ୍ଦୁ ପର୍ବ ନବରାତ୍ରିର ପ୍ରଥମ ଦିବସ ହୋଇଥିବାରୁ ସିକ୍ୟୁରିଟି ଏଜେନ୍ସିଗୁଡ଼ିକ ପର୍ଯ୍ୟାପ୍ତ ନିରାପତ୍ତା ଯୋଗାଇ ଦେବାକୁ ଅସମର୍ଥ ପ୍ରକାଶ କରିଥିଲେ। ଫଳରେ ମ୍ୟାଚ ଗୋଟିଏ ଦିନ ଆଗୁଆ କରିବା ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଏହାକୁ ଆଇସିସି ଗ୍ରହଣ କରିଛି। ଫଳସ୍ୱରୂପ ଅକ୍ଟୋବର ୧୪ରେ ନୂଆଦିଲ୍ଲୀରେ ହେବାକୁଥିବା ଇଂଲଣ୍ଡ-ଆଫଗାନିସ୍ତାନ ମ୍ୟାଚ ୨୪ ଘଣ୍ଟା ପରେ ଅର୍ଥାତ୍ ଅକ୍ଟୋବର ୧୫ରେ ଅନୁଷ୍ଠିତ ହେବ। ଭାରତ ବିପକ୍ଷ ମ୍ୟାଚ ପୂର୍ବରୁ ପାକିସ୍ତାନ ଅଧିକ ସମୟ ଆବଶ୍ୟକ କରୁଥିବାରୁ ଏହାର ଶ୍ରୀଲଙ୍କା ବିପକ୍ଷ ମ୍ୟାଚକୁ ମଧ୍ୟ ପୁନଃନିର୍ଦ୍ଧାରିତ କରାଯାଇଛି। ଅର୍ଥାତ୍ ଅକ୍ଟୋବର ୧୧ରେ ହାଇଦ୍ରାବାଦରେ ହେବାକୁଥିବା ଏହି ମ୍ୟାଚ ଅକ୍ଟୋବର ୧୦ରେ ହେବ। ସେହିଦିନ ଇଂଲଣ୍ଡ-ବାଂଲାଦେଶ ମ୍ୟାଚ ଧର୍ମଶାଳାରେ ଦିବାରାତ୍ର ହେବାକୁଥିଲା। ମାତ୍ର ଏହାକୁ ଏବେ ଦିବା ବିଶିଷ୍ଟ କରାଯାଇଛି ଅର୍ଥାତ୍ ଏହା ପୂର୍ବାହ୍ନ ୧୦ଟା ୩୦ରେ ଆରମ୍ଭ ହେବ। ସେହିପରି ଅନ୍ୟତମ ହାଇ ପ୍ରୋଫାଇଲ ଇଂଲଣ୍ଡ-ପାକିସ୍ତାନ ମ୍ୟାଚ ନଭେମ୍ବର ୧୨ ତାରିଖ ପରିବର୍ତ୍ତେ ୧୧ ତାରିଖରେ ଖେଳାଯିବ। ହିନ୍ଦୁଙ୍କର ଅନ୍ୟତମ ବଡ଼ ପର୍ବ କାଳୀପୂଜା ନଭେମ୍ବର ୧୨ରେ ପଡୁଛି। ବେଙ୍ଗଲରେ ଏହାକୁ ଧୂମ୍‌ଧାମରେ ପାଳନ କରାଯାଇଥାଏ। ତେଣୁ ନିରାପତ୍ତା ଦୃଷ୍ଟିରୁ କୋଲକାତା ପୋଲିସ ମ୍ୟାଚ ତାରିଖ ପରିବର୍ତ୍ତନ କରିବାକୁ ଅନୁରୋଧ କରିଥିଲା। ନ୍ୟୁଜିଲାଣ୍ଡ-ବାଂଲାଦେଶ ମ୍ୟାଚ ଅକ୍ଟୋବର ୧୪ରେ ଚେନ୍ନାଇରେ ଦିବା ବିଶିଷ୍ଟ ହେବ ବୋଲି ସ୍ଥିର ହୋଇଥିଲା। ଏବେ ତାକୁ ୧୩ ତାରିଖକୁ ଧାର୍ଯ୍ୟ କରାଯାଇଛି ଏବଂ ଏହା ଦିବାରାତ୍ର ବିଶିଷ୍ଟ ହେବ। ପୂର୍ବ କାର୍ଯ୍ୟସୂଚୀ ତୁଳନାରେ ଅଷ୍ଟ୍ରେଲିଆ ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଅକ୍ଟୋବର ୧୨ରେ ଲକ୍ଷ୍ନୌରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ପରିବର୍ତ୍ତିତ ମ୍ୟାଚଗୁଡ଼ିକର ଭେନ୍ୟୁ କିନ୍ତୁ ଅପରିବର୍ତ୍ତିତ ରହିଛି। ପ୍ରକାଶଯୋଗ୍ୟ, ଭାରତ ଆସି ଦିନିକିଆ ବିଶ୍ୱକପ୍ ଖେଳିବା ପାଇଁ ପାକିସ୍ତାନ କ୍ରିକେଟ ଦଳକୁ ଏହାର ସରକାରଙ୍କ ପକ୍ଷରୁ ଅନୁମତି ମିଳିସାରିଛି।

### ଟିକେଟ ବିକ୍ରି

ଚଳିତ ମାସ ୨୫ ତାରିଖରୁ ଟିକେଟ ବିକ୍ରି ଆରମ୍ଭ ହେବ। ଭାରତ ସମ୍ପୃକ୍ତଥିବା ମ୍ୟାଚଗୁଡ଼ିକ ପାଇଁ କିନ୍ତୁ ଅଗଷ୍ଟ ୩୦ରୁ ଟିକେଟ ଉପଲବ୍ଧ ହେବ। ସେମିଫାଇନାଲ ଓ ଫାଇନାଲ ପାଇଁ ଟିକେଟ ସେପ୍ଟେମ୍ବର ୧୫ରେ ବିକ୍ରି ହେବ।

## ମନଇଚ୍ଛା ସମ୍ପତ୍ତି ବିକିପାରିବେ...

ସମବାୟ ଆଇନର ଥିବା ଧାରା ୧୨୩-(କ )କୁ ପ୍ରୟୋଗ କରି ସମବାୟ ସମିତିଗୁଡ଼ିକ ଆଉ ପୂର୍ବଭଳି ମନଇଚ୍ଛା ସମିତିର ସ୍ଥାବର ସମ୍ପତ୍ତି ବିକ୍ରି କିମ୍ବା ଲିଜ୍‌ରେ ଦେଇପାରିବେ ନାହିଁ। ଏହା ପୂର୍ବରୁ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଏକ କମିଟିଠାରୁ ଅନୁମତି ନେବାକୁ ପଡ଼ିବ। କମିଟି ନିର୍ଦ୍ଦେଶନାମା ଜାରି କରିବା ପରେ ସମିତି ସମ୍ପୃକ୍ତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍‌ରେ ଦେଇପାରିବେ। ତେବେ ଯେଉଁ ସମବାୟ ସମିତିଗୁଡ଼ିକ ନିଜ ଅର୍ଥରେ ସର୍ବସାଧାରଣ ନିଲାମ ଜରିଆରେ ସମ୍ପତ୍ତି ଅଧିଗ୍ରହଣ କରିଥିବେ ଏବଂ ସେଥିରେ ସରକାରଙ୍କ କୌଣସି ଅଂଶଧନ ନ ଥିବ କିମ୍ବା ସେମାନେ ସରକାରଙ୍କଠାରୁ କୌଣସି ପ୍ରକାର ସହାୟତା ଗ୍ରହଣ କରୁ ନ ଥିବେ ସେହିସବୁ ସମିତି ପାଇଁ ଏହି ନୂଆ କଟକଣା ଲାଗୁ ହେବନାହିଁ। ସମବାୟ ବିଭାଗ ପକ୍ଷରୁ ଜାରି ହୋଇଥିବା ଏହି ନୂତନ ଆଇନଗତ କଟକଣା ଫଳରେ ଅନେକ ସମବାୟ ସମିତିର ସମ୍ପତ୍ତିବାଡ଼ି ବିକ୍ରିରୁ ରକ୍ଷା ପାଇଯିବ ବୋଲି ମତପ୍ରକାଶ ପାଇଛି।

## ଡିଗ୍ରୀ କଲେଜ ଭିତ୍ତିଭୂମିର ...

ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ପାଇଁ ସାମଗ୍ରିକ ଶିକ୍ଷଣ ସୁବିଧା ଓ କ୍ୟାମ୍ପସଗୁଡ଼ିକରେ ଶୈକ୍ଷିକ ପରିବେଶ ବୃଦ୍ଧି ପାଇଁ ଯୋଜନା ପ୍ରସ୍ତୁତ ହୋଇପାରିବ। ଏହାକୁ ଦୃଷ୍ଟିରେ ରଖି ଶିକ୍ଷାନୁଷ୍ଠାନର ଗଭର୍ଣ୍ଣିଂ ବଡି ବା ପରିଚାଳନା କମିଟି ସହିତ ଅଧ୍ୟକ୍ଷମାନେ କଲେଜରେ ଉପଲବ୍ଧ ଥିବା ଭିତ୍ତିଭୂମିର ମୂଲ୍ୟାୟନ କରିବେ। ଏଥିସହ କିଛି ମୌଳିକ ଆବଶ୍ୟକତା ଥିଲେ ଗୁଗଲ୍ ସିଟ୍ ଫର୍ମାଟ୍‌ରେ ତାହା ଜଣାଇବେ। ଆସନ୍ତା ୧୪ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ସୂଚନା ଗୁଗଲ୍ ସିଟ୍‌ରେ ଦାଖଲ କରିବାକୁ ବୁଧବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଡିଗ୍ରୀ କଲେଜ ଏବଂ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପ୍ରତ୍ୟେକ କ୍ଷେତ୍ରରେ କିଛି ସମସ୍ୟା ଅବଶ୍ୟ ଲାଗି ରହିବ, କିନ୍ତୁ କିଛି ଅସୁବିଧା ହେବନାହିଁ। ଅଫିସରେ କୌଣସି ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଙ୍କଟ ଥିଲେ ମଧ୍ୟ ନୂତନ ଯୋଜନା ଆରମ୍ଭ କରିବା ସକାଶେ ମନ ବଳାଇବେ। ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ବୃଷ** ଆଜି ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ବାଧ ହେବେ। ସାମାଜିକ ସ୍ତରରେ ସମ୍ମାନ ପାଇବେ କିନ୍ତୁ ଅନ୍ୟମାନେ ପରୋକ୍ଷରେ ବିରୁଦ୍ଧାଚରଣ କରିପାରନ୍ତି। ବୁଦ୍ଧି ବଳ ପ୍ରୟୋଗ କରି କର୍ମକ୍ଷେତ୍ରରେ ଶୃଙ୍ଖଳା ରକ୍ଷା କରିବେ। କଳା, ସାହିତ୍ୟରେ ଉନ୍ନତି କରିବେ ଓ ପ୍ରଶଂସିତ ମଧ୍ୟ ହେବେ।

**ମିଥୁନ** ଆଦୌ ଭଲ ସମ୍ପର୍କ ନ ଥିବା କୌଣସି ବ୍ୟକ୍ତି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି। ସମସ୍ୟା ଆସିଲେ ମଧ୍ୟ ପୂର୍ବ ଯୋଜନା ଅନୁଯାୟୀ କର୍ମ କରିବାରେ ସମର୍ଥ ହେବେ ଓ କାମ ମଧ୍ୟ ଅଟକିବ ନାହିଁ। ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି, ଯାହା କି କଳହର କାରଣ ହୋଇପାରେ। ପୁରାତନ ରୋଗର ପୀଡ଼ା ସାମୟିକ ମନକୁ ବିଷାଦିତ କରିବ।

**କର୍କଟ** ଆଜି ଯାହା କରନ୍ତୁ ନା କାହିଁକି, ସବୁ କାମ ସହଜ ଓ ସୁବିଧାରେ ସମ୍ପନ୍ନ କରିବେ। ବ୍ୟବସାୟରେ ଲାଭବାନ ହେବେ, ମାତ୍ର ଆଶାନୁରୂପ ନ ହୋଇପାରେ। କର୍ମାରମ୍ଭ ପ୍ରୀତିପ୍ରଦ ହେବ, ମାତ୍ର ଏଥିପାଇଁ ବହୁତ ଶ୍ରମ ଓ ସମୟ ବିନିଯୋଗ କରିବାକୁ ପଡ଼ିବ। ସାମାଜିକ ସ୍ତରରେ ଗଠନ ମୂଳକ ପ୍ରେରଣା ଦେଇ ବନ୍ଧୁମାନଙ୍କ ମଧ୍ୟରେ ପ୍ରଶଂସିତ ହେବେ।

**ସିଂହ** ଗତକାଲିଠାରୁ ଆପଣ ଯାହା ପାଇବାକୁ ଇଚ୍ଛା କରୁଛନ୍ତି ତାହା ନିଶ୍ଚିତ ମିଳିବ। ଆଜି ଇଚ୍ଛା ନ ଥାଇ ମଧ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପ୍ରଶାସନିକ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା** ବିଳମ୍ବିତ ସମୟରେ କାମ ସମ୍ପନ୍ନ ହେବାରୁ ମନରେ ସରସତା ରହିବ ନାହିଁ। ବିଳାସ ଉପକରଣ କିଣିବା ସକାଶେ ଘରୁ ବରାଦ ପାଇ ପାରନ୍ତି। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇଲେ କାରଣ ନ ଥାଇ ଅନ୍ୟମାନେ ଆପଣଙ୍କୁ ଦୋଷ ଦେଇପାରନ୍ତି। ପ୍ରିୟ ବନ୍ଧୁଟି ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ମଧ ପାଖ ମାଡ଼ିବ ନାହିଁ।

**ତୁଳା** କର୍ମକ୍ଷେତ୍ରରେ ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବ। ଅଭିଳାଷ ପୂରଣ ଦିଗରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ମନ ଭଲ ନ ଥିଲେ ମଧ ଖର୍ଚ୍ଚାନ୍ତ ହୋଇ କାମକୁ ବଢ଼ାଇ ନେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।

**ବିଛା** ବନ୍ଧୁମାନଙ୍କ ସହ ଆଜିର ସକାଳୁଆ ଯାତ୍ରା ମନକୁ ଆହ୍ଲାଦିତ କରିବ। କର୍ମକ୍ଷେତ୍ରରେ ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜି ଯାଇପାରେ। ସାମାଜିକ ସ୍ତରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। କଳା, ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ଭଲ ବ୍ୟବହାର ପ୍ରଦର୍ଶନ କରି ସମସ୍ତଙ୍କର ପ୍ରିୟପାତ୍ର ହେବେ। ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ବନ୍ଧୁଙ୍କ ଜରିଆରେ ବକେୟା ଆଦାୟରେ ସକ୍ଷମ ହେବେ, କିନ୍ତୁ ଏଥିପାଇଁ ଟଣା ଓଟରା ଲାଗିବ। ବାରମ୍ବାର ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ।

**ମକର** ଆଜି ସକାଳୁ ସକାଳୁ କୌଣସି ବନ୍ଧୁ କିମ୍ବା ହିତୈଷୀଙ୍କ ଦର୍ଶନ ପାଇଁ ମନ ଛଟପଟ ହୋଇପାରେ। ସାମାନ୍ୟ ଅଣ୍ଡାଜନିତ କାରଣରୁ ଦେହଟା ଭଲ ଲାଗିବ ନାହିଁ। ଭଲ କଥା କହିଲେ ମଧ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। କେତେକ କ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ** ନିଜର ଅସହାୟତାକୁ ଚିନ୍ତାକରି କେତେକ କ୍ଷେତ୍ରରେ ନିଜକୁ ନ୍ୟୂନ ମନେକରିପାରନ୍ତି। ଶତଭିଷା ନକ୍ଷତ୍ର ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ଅସଂଗତି ଲକ୍ଷ୍ୟକଲେ ମଧ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

**ମୀନ** ହଠାତ୍ ଉପରିସ୍ଥଙ୍କ ଚାପରେ ବାହାରକୁ ଯିବାକୁ ପଡ଼ିପାରେ। ପାରିବାରିକ ସମସ୍ୟା ବିଷୟରେ ଗୁଡ଼ାଏ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ଅସୁବିଧା ନ ହେଲେ ମଧ୍ୟ କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିବ।

ଆଜି ଶ୍ରାବଣ (ମଳ) କୃଷ୍ଣପକ୍ଷ ଦଶମୀ ଗୁରୁବାର, ଅଗଷ୍ଟ ୧୦ ତାରିଖ। ରାଶି ନକ୍ଷତ୍ର-ରୋହିଣୀ/ବୃଷ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୨୮ମି. ଗତେ ଘ.୦୭.୧୧ମି. ମଧ୍ୟେ, ଘ.୧୦.୩୫ମି. ଗତେ ଘ.୦୧.୦୮ମି. ମଧ୍ୟେ ଶୁଦ୍ଧଶୁଭ ବେଳା। ଦିବା, ଘ.୦୧.୨୭ମି. ଗତେ ଘ.୦୩.୦୩ମି. ମଧ୍ୟେ ରାହୁକାଳ।

# ଅକ୍ଟୋବରରୁ ଅନ୍‌ଲାଇନ ପେନ୍‌ସନ ଆବେଦନ ବାଧ୍ୟତାମୂଳକ

## ବଜେଟ ଅନୁମୋଦିତ ଅର୍ଥରୁ ଅଧିକ ଖର୍ଚ୍ଚ କରିଥିବା ଅଧିକାରୀଙ୍କୁ ପ୍ରଧାନ ମହାଲେଖାକାରଙ୍କ ତାଗିଦ୍

ଭୁବନେଶ୍ୱର,୯।୮(ଅନିଲ ଦାସ)

ଆସନ୍ତା ଅକ୍ଟୋବର ପହିଲାରୁ ପେନ୍‌ସନ ଓ ଭବିଷ୍ୟନିଧି ଆବେଦନ ଅନ୍‌ଲାଇନ ମାଧ୍ୟମରେ ବାଧ୍ୟତାମୂଳକ ହେବ। ଆବେଦନକାରୀମାନେ କେବଳ ଅନ୍‌ଲାଇନ ଜରିଆରେ ଆବେଦନ କରିବେ। ସ୍ଥାନୀୟ ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ଏକାଡେମୀଠାରେ ପ୍ରଧାନ ମହାଲେଖାକାର କାର୍ଯ୍ୟାଳୟ ଏବଂ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ମିଳିତ ଆନୁକୂଲ୍ୟରେ ପ୍ରଧାନ ମହାଲେଖାକାର ଓଡ଼ିଶା ସରକାରଙ୍କ ବିତ୍ତୀୟ ପରାମର୍ଶଦାତା ଓ ଅତିରିକ୍ତ ପରାମର୍ଶଦାତାମାନଙ୍କର ଉଦ୍‌ଯାପନୀ କର୍ମଶାଳାରେ ଯୋଗଦେଇ ଅର୍ଥ ବିଭାଗ ପ୍ରମୁଖ ସଚିବ ଏହା କହିଛନ୍ତି।

ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା କର୍ମଚାରୀମାନଙ୍କର ଇ- ସେବା ପୁସ୍ତିକା ପ୍ରସ୍ତୁତ କରିବାକୁ ବିଭିନ୍ନ ବିଭାଗର ପେନ୍‌ସନ ମଞ୍ଜୁର ଅଧିକାରୀଙ୍କୁ ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ

**ବିଲ୍‌ର ହିସାବ ତୁରନ୍ତ ପୈଠ କର**

ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ଅଡିଟରମାନେ ଏଣିକି କେବଳ ଅଡିଟ ସମ୍ବନ୍ଧୀୟ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଧାନ ମହାଲେଖାକାର ଅନନ୍ତ କିଶୋର ବେହେରାଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସମାରୋହରେ ପ୍ରଧାନ ମହାଲେଖାକାର(ଅଡିଟ) ରାଜକୁମାର ମୁଖ୍ୟ ଅତିଥି, ଅର୍ଥ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସୁରେଶ ଚନ୍ଦ୍ର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଉପମହାଲେଖାକାର ଶ୍ରୀରାଜ ଅଶୋକ ସ୍ୱାଗତ ଭାଷଣ ଦେବା ଅବସରରେ ରାଜ୍ୟ ସରକାରଙ୍କ ବିତ୍ତୀୟ ପରାମର୍ଶଦାତାମାନେ ସମ୍ମୁଖୀନ ହେଉଥିବା ବିତ୍ତୀୟ ସମସ୍ୟାର ସମାଧାନ ଉପରେ ଆଲୋକପାତ କରିଥିଲେ।

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ବଜେଟରେ ଅନୁମୋଦିତ ଅର୍ଥଠାରୁ ଅଧିକ ଖର୍ଚ୍ଚ କରିଥିବା ବିଲ୍ ସବୁର ହିସାବ ବହୁଦିନ ଧରି ଦେଉନାହାନ୍ତି। ସେମାନେ ତୁରନ୍ତ ଏହାକୁ ଏଜି କାର୍ଯ୍ୟାଳୟରେ ପୈଠ କରିବାକୁ ଅର୍ଥ ବିଭାଗ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟ ଅତିଥି ରାଜକୁମାର କହିଛନ୍ତି। ମହାଲେଖାକାର କାର୍ଯ୍ୟାଳୟକୁ ଆସୁଥିବା ପେନ୍‌ସନ ଓ ଭବିଷ୍ୟନିଧି ଆବେଦନ ଉପରେ ମାସେ ମଧ୍ୟରେ ତୁରନ୍ତ ଫଇସଲା କରାଯାଉଛି। କେତେକ ବିଭାଗର ଅଧିକାରୀ ବକେୟା ପରିଶୋଧ ପ୍ରମାଣପତ୍ର ଠିକ୍ ସମୟରେ ପ୍ରଦାନ କରୁ ନ ଥିବାରୁ ବହୁ ଆବେଦନକାରୀଙ୍କ ଗ୍ରାଚ୍ୟୁଇଟି ଅର୍ଥ ଠିକ୍ ସମୟରେ ପ୍ରଦାନ କରାଯାଇ ପାରୁନାହିଁ। ଏହା ଉପରେ ଦୃଷ୍ଟି ଦେବାକୁ ସେ ବିତ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ରାଜ୍ୟ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ନିର୍ଦ୍ଦେଶକ ଶ୍ରୀଧର୍ଥ ଦାସ, ରାଜ୍ୟ ଅର୍ଥ ବିଭାଗର ବଜେଟ ନିର୍ଦ୍ଦେଶକ ଏସ୍. ପି. ରଥ, ଯୁଗ୍ମ ଶାସନ ସଚିବ ନିହାର ରଞ୍ଜନ ପଣ୍ଡା, ବରିଷ୍ଠ ଲେଖା ଅଧିକାରୀ ପ୍ରବୀର କୁମାର ସାମଲ, ଚିତ୍ତରଞ୍ଜନ ପାତ୍ର, କୃଷ୍ଣ ଚନ୍ଦ୍ର ସାହୁ କର୍ମଶାଳାରେ ବଜେଟ, ଅନ୍‌ଲାଇନ ମାଧ୍ୟମରେ ଆକାଉଣ୍ଟସ, ବିଲ୍ ପ୍ରସ୍ତୁତି ଓ ଏଥିରେ ଉପୁଜିଥିବା ସମସ୍ୟାର ସମାଧାନ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିନରେ ଭବିଷ୍ୟନିଧି ଓ ପେନ୍‌ସନ ସମ୍ବନ୍ଧୀୟ ବିଷୟ ଉପରେ ବରିଷ୍ଠ ଲେଖା ଅଧିକାରୀ ସରୋଜ କୁମାର ବେହେରା, ନିରଞ୍ଜନ ସେନାପତି, ବୃନ୍ଦାବନ ବେହେରା, ସହକାରୀ ଲେଖା ଅଧିକାରୀ କୈଳାସ ଚନ୍ଦ୍ର ପଣ୍ଡା, ବିମାନ ରଞ୍ଜନ ପଣ୍ଡିତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସହକାରୀ ଲେଖା ଅଧିକାରୀ ଅଶୋକ କୁମାର ମିଶ୍ର ସଂଯୋଜନା କରିଥିଲେ। କର୍ମଶାଳାରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ୬୬ ଜଣ ବିତ୍ତୀୟ ପରାମର୍ଶଦାତା ଯୋଗ ଦେଇଥିଲେ।

# ବାର୍‌ରେ କାମ କରୁଥିଲେ ଶୁଭଲକ୍ଷ୍ମୀ

ଭୁବନେଶ୍ୱର,୯।୮(ସତ୍ୟଜିତ୍ ରାଉତ)

**ହୋଟେଲରୁ ମୃତଦେହ ମିଳିବା ଘଟଣା**

- ଆସିଲା ସିଡିଆର୍ ରିପୋର୍ଟ
- ଦୁଇଜଣଙ୍କୁ ପ୍ରେମ କରୁଥିଲେ ଶୁଭଲକ୍ଷ୍ମୀ
- ଅଙ୍କଲ୍‌ଙ୍କ ଭୂମିକାକୁ ନେଇ ଚର୍ଚ୍ଚା



ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡ଼ସ୍ଥିତ ଦୀପାଳି ହୋଟେଲ ଆଣ୍ଡ୍ ବାର୍‌ର ରୁମ୍‌ରୁ ଭଦ୍ରକର ଶୁଭଲକ୍ଷ୍ମୀ ସାହୁ (୧୮)ଙ୍କ ମୃତଦେହ ମିଳିବା ଘଟଣାକୁ ବୁଧବାର ୫ଦିନ ବିତିଥିବା ବେଳେ ଏହାକୁ ନେଇ ଚର୍ଚ୍ଚା ଲାଗିରହିଛି। ମୃତା ଶୁଭଲକ୍ଷ୍ମୀ ଆତ୍ମହତ୍ୟା କରିଥିବା ସ୍ପଷ୍ଟ ହୋଇଥିବା ବେଳେ ସେ ଏଭଳି ଚରମ ନିଷ୍ପତ୍ତି କାହିଁକି ନେଲେ ତାକୁ ନେଇ ରହସ୍ୟ ଉନ୍ମୋଚନ ହୋଇପାରିନାହିଁ। ଏ ସଂକ୍ରାନ୍ତରେ ବିଭିନ୍ନ ଦିଗକୁ ନେଇ ପ୍ରଶ୍ନ ଉଠୁଛି। ଏଭଳି ସ୍ଥିତିରେ ଶୁଭଲକ୍ଷ୍ମୀଙ୍କ ଜଣେ ଦୂର ସମ୍ପର୍କୀୟ ଅଙ୍କଲଙ୍କ ଭୂମିକାକୁ ନେଇ ଚର୍ଚ୍ଚା ହେଉଛି। ଶୁଭଲକ୍ଷ୍ମୀ ଏକ ବାର୍‌ରେ କାମ କରୁଥିଲେ ବୋଲି ସମ୍ପୃକ୍ତ ଅଙ୍କଲ କହିଛନ୍ତି।

ସମ୍ପୃକ୍ତ ଅଙ୍କଲ ଗଣମାଧ୍ୟମକୁ କହିଛନ୍ତି, ଶୁଭଲକ୍ଷ୍ମୀଙ୍କ ମା' ଓ ବାପାଙ୍କ କହିବା ପରେ ସେ ୨୦୨୧ରେ ଶୁଭଲକ୍ଷ୍ମୀଙ୍କୁ ଭୁବନେଶ୍ୱର ଆଣି ତାଙ୍କ ଘରେ ରଖି ପାଠ ପଢାଉଥିଲେ। କିଛିମାସ ପରେ ଶୁଭଲକ୍ଷ୍ମୀ ଜବ୍ (କାମ) କରିବାକୁ କହିଥିଲେ। ସେ ବାର୍‌ରେ କାମ କରୁଥିବାରୁ ତାଙ୍କୁ କିଛିଦିନ ସେଠାରେ ଜବ୍ କରାଇଥିଲେ। ପରେ ବୟସ କମ୍ ହୋଇଥିବାରୁ ଶୁଭଲକ୍ଷ୍ମୀ କାମ କରି ନ ଥିଲେ। ବର୍ଷେ ପରେ ସଞ୍ଜୟଙ୍କ ସହ ଶୁଭଲକ୍ଷ୍ମୀ ପ୍ରେମ ସମ୍ପର୍କରେ ଆସିଥିଲେ। ଏହାପରେ ଆଉ ଜଣେ ପୁଅଙ୍କୁ ମଧ୍ୟ ସେ ପ୍ରେମ କରିଥିଲେ। ଏହାକୁ ନେଇ ଝଗଡ଼ା ହେବା ପରେ ଶୁଭଲକ୍ଷ୍ମୀ ଯୁକ୍ତ୨ ପରୀକ୍ଷା ଦେଇ ନ ଥିଲେ। ଫଳରେ ଶୁଭଲକ୍ଷ୍ମୀଙ୍କୁ ୩ ମାସ ତଳେ ତାଙ୍କ ଗାଁକୁ ପଠାଇ ଦେଇଥିଲେ ବୋଲି ସେ କହିଛନ୍ତି। ସେହିଦିନଠୁ ଶୁଭଲକ୍ଷ୍ମୀଙ୍କ ସହ ତାଙ୍କର ଯୋଗାଯୋଗ ନ ଥିବା ସମ୍ପୃକ୍ତ ଅଙ୍କଲ କହିଛନ୍ତି। ଏପରିକି ବ୍ଲାକମେଲ୍ ଅଭିଯୋଗକୁ ଅଙ୍କଲ ଖଣ୍ଡନ କରିଛନ୍ତି।

ସେପଟେ ଶୁଭଲକ୍ଷ୍ମୀ ଅନ୍ୟ ବାର୍‌ରେ କାମ କରୁଥିଲେ ବୋଲି ମଧ୍ୟ କୁହାଯାଉଛି। ଅପରପକ୍ଷରେ ଶୁଭଲକ୍ଷ୍ମୀଙ୍କ ମୋବାଇଲ୍‌ର କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍) ପୋଲିସକୁ ମିଳିଛି। ଶୁଭଲକ୍ଷ୍ମୀ ମୃତ୍ୟୁ ପୂର୍ବରୁ କେଉଁମାନଙ୍କ ସହ କଥା ହୋଇଥିଲେ ସେନେଇ ପୋଲିସ ଜାଣିବାକୁ ପ୍ରୟାସ ଜାରି ରଖିଛି। ଏହି ରିପୋର୍ଟରୁ ଶୁଭଲକ୍ଷ୍ମୀ କାହିଁକି ଆତ୍ମହତ୍ୟା କଲେ ତାହା ଜଣାପଡ଼ିବ ବୋଲି ପୋଲିସ ଆଶା ରଖିଛି। ସୂଚନାଯୋଗ୍ୟ, ଶୁଭଲକ୍ଷ୍ମୀ ଶୁକ୍ରବାର ଭୋର୍ ୩ଟା ୨୦ରେ ଉକ୍ତ ହୋଟେଲକୁ ଆସି ଦ୍ୱିତୀୟ ମହଲାରେ ଥିବା ୨୦୫ ନମ୍ବର ରୁମ୍‌ରେ ରହିଥିଲେ। କିନ୍ତୁ ଶନିବାର ଉକ୍ତ ରୁମ୍‌ର କବାଟ ଭଙ୍ଗାଯିବା ପରେ ଶୁଭଲକ୍ଷ୍ମୀ ଓଢଣି ଦ୍ୱାରା ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ମିଳିଥିଲା ବୋଲି ପୋଲିସକୁ କୁହାଯାଇଥିଲା।

# ୪ ଛାତ୍ରୀଙ୍କୁ ପାଇଖାନାରେ ବନ୍ଦ କରି ସ୍କୁଲ ସଭାପତି ଗିରଫ

ବଲାଙ୍ଗୀର/କଣ୍ଟାବାଞ୍ଜି, ୯।୮
(ବୀରେନ୍ଦ୍ର କୁମାର ଝାଙ୍କର/ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଅଧୀନ ବୁରୋମାଲ ସରକାରୀ ଉନ୍ନୀତ ହାଇସ୍କୁଲ ପାଇଖାନା ଭିତରେ ଦଶମ ଶ୍ରେଣୀର ୪ ଛାତ୍ରୀଙ୍କୁ ମଙ୍ଗଳବାର ଅଧଘଣ୍ଟା କାଳ ବନ୍ଦ କରାଯାଇଥିଲା। ଏହି ଘଟଣାର ଅଭିଯୁକ୍ତ ହାଇସ୍କୁଲ ପରିଚାଳନା କମିଟି ସଭାପତି ଅଶୋକ ଓରଫ ସଦାନନ୍ଦ ବନ୍‌ଛୋର (୩୫)ଙ୍କୁ ପୋଲିସ ଗିରଫ କରିଛି। ବୁଧବାର ତାଙ୍କୁ ବଲାଙ୍ଗୀର ପୋକ୍‌ସୋ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।



ଗିରଫ ହାଇସ୍କୁଲ ପରିଚାଳନା କମିଟି ସଭାପତି ସଦାନନ୍ଦ ବନ୍‌ଛୋର।

୪ ଛାତ୍ରୀଙ୍କୁ ବନ୍‌ଛୋର ମଙ୍ଗଳବାର ବିନା କାରଣରେ ଗାଳିଗୁଲଜ କରିଥିଲେ। ପରେ ସେମାନଙ୍କୁ ସ୍କୁଲର ଏକ ପାଇଖାନାରେ ବନ୍ଦ କରି ବାହାର ପଟୁ କବାଟ ବନ୍ଦ କରିଦେଇଥିଲେ। ପ୍ରାୟ ଅଧଘଣ୍ଟା ପରେ ଛାତ୍ରୀମାନେ ପାଇଖାନାରୁ ମୁକୁଳିବା ପରେ ଘରକୁ ପଳାଇଥିଲେ। ସେମାନଙ୍କଠାରୁ ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏହା ପରେ ଛାତ୍ରୀମାନଙ୍କ ଅଭିଭାବକ କଣ୍ଟାବାଞ୍ଜି ଥାନାରେ ବନ୍‌ଛୋରଙ୍କ ଉନ୍ମତ୍ତ କାଣ୍ଡ ବିଷୟରେ ଲିଖିତ ଅଭିଯୋଗ କରିଥିଲେ। ପୀଡ଼ିତା ଛାତ୍ରୀଙ୍କୁ ସଭାପତି ବନ୍‌ଛୋର ହାତ ଧରି ଟଣାଓଟରା କରିବା ଅଭିଯୋଗ କରିଥିଲେ। ଏପରିକି ସେମାନେ ପାଇଖାନା ଭିତରେ ଭୟରେ ଚିତ୍କାର ଛାଡିବା ପରେ ପାଇଖାନା କବାଟ ଖୋଲାଯାଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକମାନେ ଶ୍ରେଣୀରେ ପାଠ ପଢ଼ାଉ ଥିବାରୁ ଘଟଣା ସମ୍ପର୍କରେ ଜାଣି ପାରି ନ ଥିବା କୁହାଯାଉଛି। ଅଭିଭାବକଙ୍କଠାରୁ ଅଭିଯୋଗ ପାଇବା ପରେ ପୋଲିସ ଅଧିକାରୀ ପୀଡିତା ୪ ଛାତ୍ରୀଙ୍କୁ ପଚରାଉଚରା କରି ସତ୍ୟାସତ୍ୟ ଯାଞ୍ଚ କରିଥିଲେ। ଏହାପରେ ପୋଲିସ ସ୍କୁଲ ସଭାପତି ବନ୍‌ଛୋରଙ୍କୁ ଘରୁ ଆଣି ଅଟକ ରଖିଥିଲେ। ପୋଲିସ ଆଇପିସି ଦଫା ୩୪୧, ୨୯୪, ୪୪୮, ୩୪୨, ୩୫୪ ଏବଂ ଆରଡବ୍ଲ୍ୟୁ ସେକ୍ସନ ୧୨ ପୋସ୍କୋ ଆକ୍ଟରେ ଏକ ମାମଲା (୨୨୩/୨୩) ରୁଜୁ କରିଥିବା କଣ୍ଟାବାଞ୍ଜି ଥାନା ଅଧିକାରୀ ରଶ୍ମିତା ବେହେରା କହିଛନ୍ତି। ଘଟଣା ସମ୍ପର୍କରେ ସ୍କୁଲ ପ୍ରଧାନଶିକ୍ଷକ ବିଭୁଦତ୍ତ ସାହୁଙ୍କୁ ପଚାରିବାରୁ ସେ ଛୁଟିରେ ଥିବା କହିଛନ୍ତି। ତେବେ ସେଦିନ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ଶିକ୍ଷକ ଜଣକ ଏଭଳି ଏକ ସମ୍ବେଦନଶୀଳ ଘଟଣା ସମ୍ପର୍କରେ କିଭଳି ଜାଣି ପାରିଲେ ନାହିଁ ବୋଲି ଚର୍ଚ୍ଚାର ବିଷୟ ହୋଇଛି।










"ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ନୈତିକ ବିକାଶର ପ୍ରେରଣା– ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। –ଶ୍ରୀଅରବିନ୍ଦ



# ପ୍ରକୃତି ସଂରକ୍ଷଣର ନୂଆ ରଣନୀତି





ସାଣ୍ଡ୍ରିନ୍ ଡିକ୍ସନ ଡିକ୍ଲେଭ
ସହ-ଅଧ୍ୟକ୍ଷ, ଦି କ୍ଲବ ଅଫ୍ ରୋମ

ସିମନ ଜାଡେକ
ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର, ନେଚର ଫାଇନାନ୍ସ

ଅତି ନିର୍ଦ୍ଦୟ ଓ ଅସହନୀୟ ଭାବେ ଉତ୍ତୋଳନ କରାଯାଉଥିବା ପ୍ରାକୃତିକ ସମ୍ପଦ ଉପରେ ବୈଶ୍ୱିକ ଅର୍ଥ ବ୍ୟବସ୍ଥା ନିର୍ଭରଶୀଳ। ତେବେ ପ୍ରକୃତି ଉପରେ ଆମର ସମ୍ପୂର୍ଣ୍ଣ ନିର୍ଭରଶୀଳତା ସତ୍ତ୍ୱେ ଏହାର ଅବଦାନ ସମ୍ପୂର୍ଣ୍ଣ ପରୋକ୍ଷ ଓ ଅଦୃଶ୍ୟ ହୋଇ ରହିଯାଉଛି। ଏଣୁ ଏକ ପ୍ରକୃତି-ସକାରାତ୍ମକ ଭବିଷ୍ୟତ ଗଠନ ପାଇଁ ନୀତିଯୁକ୍ତ ନୂତନ ପିଢ଼ି ଆବଶ୍ୟକ ଏବଂ ପରିସଂସ୍ଥା ସମ୍ପତ୍ତି ଏବଂ ସେବା ପାଇଁ ସୁପରିଚାଳିତ ବଜାର ଦରକାର। ପ୍ରକୃତି ଏବଂ ଜଳବାୟୁ ସ୍ଥିରତା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଏବଂ ସେମାନଙ୍କ ଭବିଷ୍ୟତ ପରସ୍ପର ସହ ଜଡ଼ିତ। ଏବେ ଅନିୟନ୍ତ୍ରିତ ବିଶ୍ୱ ତାପମାତ୍ରା ପୃଥିବୀର ପ୍ରାକୃତିକ ସମ୍ପଦକୁ ନଷ୍ଟ କରୁଥିବାବେଳେ ଗ୍ରୀନ୍ ହାଉସ୍-ଗ୍ୟାସ୍ (ଜିଏଚ୍‌ଜି)ବା ସବୁଜ ଗୃହ ବାଷ୍ପ ନିର୍ଗମନକୁ ସୀମିତ ରଖିବା ପାଇଁ ଜୈବ ବିବିଧତା ସଂରକ୍ଷଣ ଏବଂ ପୁନରୁଦ୍ଧାର ଏକାନ୍ତ ଆବଶ୍ୟକ। କିନ୍ତୁ ବୈଶ୍ୱିକ ଅର୍ଥ ବ୍ୟବସ୍ଥାରୁ କାର୍ବନକୁ ଅଲଗା କରିବା ପାଇଁ ନିଆଯାଉଥିବା ପଦକ୍ଷେପ ପରିସଂସ୍ଥାର ଅପବ୍ୟବହାରକୁ ରୋକିବା ଲାଗି ଯଥେଷ୍ଟ ନୁହେଁ। ଏଣୁ ଆଜିର ଜଳବାୟୁ ପ୍ଲେବୁକ୍ ବା ରଣନୀତିଭିତ୍ତିକ ପୁସ୍ତିକାରୁ ଶିକ୍ଷା ନେଇ ଲାଭ ଉଠାଯାଇପାରେ, କିନ୍ତୁ ତାହାକୁ ଏଡ଼ାଇଯିବାରେ କିଛି ହେବ ନାହିଁ।

ଜୈବ ବିବିଧତା ଅବକ୍ଷୟ ରୋକିବା ଏବଂ କମାଇବା ପାଇଁ ଏକ ନୂତନ ରଣନୀତି ଆବଶ୍ୟକ ଏବଂ ଏହାକୁ ଲେଖିବା ବା ଗଢ଼ିବାରେ ସାହାଯ୍ୟ କରିବା ପାଇଁ ମାର୍ଚ୍ଚ ୨୦୨୨ରେ ନେଚର ମାର୍କେଟ ବା ପ୍ରକୃତି ବଜାର ଉପରେ ଟାସ୍କଫୋର୍ସ ଗଠନ କରାଯାଇଥିଲା। ବ୍ରାଜିଲର ବେଲେମରେ ଆୟୋଜିତ ଆମାଜନ ରେନ୍ ଫରେଷ୍ଟ ମିଳିତ ମଞ୍ଚରେ ପ୍ରକୃତିର କ୍ଷତି ବଦଳରେ ତାହାର ସଂରକ୍ଷଣ କରିପାରୁଥିବା ନୂତନ ପିଢ଼ିର ଭଲ ବଜାର କିଭଳି ଗଠନ କରିହେବ ତା'ଉପରେ ଟାସ୍କଫୋର୍ସର ନିର୍ଯାସ ଏବଂ ସୁପାରିସଗୁଡ଼ିକ ପ୍ରକାଶ କରାଯିବ। ପ୍ରକୃତିର ଗୁରୁତ୍ୱ ରଖିବା ଦିଗରେ ଏହିପରି ଏକ ଟାସ୍କଫୋର୍ସର ଆବଶ୍ୟକତା ଏକ ଐତିହାସିକ ଆଭିମୁଖ୍ୟ ପ୍ରତିପାଦିତ କରେ। ଅଧିକ କିଛି ହାସଲ କରିବା ପାଇଁ ପ୍ରକୃତି ସମ୍ବନ୍ଧୀୟ ବିପଦକୁ ଠାବକରିବା ଏବଂ ପ୍ରକୃତି ସମ୍ବନ୍ଧୀୟ ତଥ୍ୟ ଓ ସୂଚନା ଲୋକମାନଙ୍କୁ ଜଣାଇବା ଦରକାର। ଏଥିପାଇଁ ବି ଆଗ୍ରହ ବଢୁଛି ଓ ଏହାକୁ ପୁନଃ ଉତ୍ପାଦକ କୃଷି ଅଧିକ ଆକର୍ଷିତ କରୁଛି। ଜେନେଟିକ ଉତ୍ସଗୁଡ଼ିକର ଲାଭ ବାଣ୍ଟିବା ଉପରେ ଜୋର୍‌ଦାର ବିତର୍କ ସୃଷ୍ଟିହେବା ସହ ଜୈବ ବିବିଧତା– କ୍ରେଡିଟ୍ ମାର୍କେଟ ବି ଗଠନ ହେବାକୁ ଲାଗିଲାଣି। ବଜାରଭିତ୍ତିକ ସମାଧାନର ସମର୍ଥକମାନେ ଦାବି କରନ୍ତି ଯେ, ଏହି ବିକାଶଗୁଡ଼ିକ ସହ ସବୁନୀତି ପ୍ରକୃତି ଉପଯୋଗୀ ବୈଶ୍ୱିକ ଅର୍ଥନୀତିର ପରିଣାମକୁ ସମର୍ଥନ କରିବାର ସଙ୍କେତ ଦେଇଛି। ସେମାନେ ଯୁକ୍ତି କରନ୍ତି ଯେ, ପ୍ରକୃତି ସମ୍ବନ୍ଧୀୟ ଆର୍ଥିକ ଉତ୍ପାଦ ଏବଂ ସେବା ତଥା ଜୈବ ବିବିଧତାର ପୁନଃ ସ୍ଥାପନରେ ନିବେଶକୁ ସୁବିଧା ଦେଇପାରୁଥିବା ବ୍ୟବସାୟ ଓ ସରକାରଗୁଡ଼ିକୁ ପ୍ରୋତ୍ସାହିତ କଲେ ପରିସଂସ୍ଥାର ସୁରକ୍ଷା ଓ ସଂରକ୍ଷଣ ହେବ। ତେବେ ଗ୍ଲୋବାଲ ୱାର୍ମିଂ ସହ ଅନ୍ୟସବୁ ପରିଣାମକୁ ହ୍ରାସ କରିବା ନୀତି ନିର୍ମାତା ଏବଂ କର୍ପୋରେଟ ନେତାମାନଙ୍କ ସମାନ ପ୍ରକାର ଦୃଷ୍ଟିକୋଣ ଉପରେ ନିର୍ଭରକରେ। ଦୁଇଟି କାରଣ ପାଇଁ ବଜାରଭିତ୍ତିକ ମଡେଲ ସକାଶେ ଜଳବାୟୁ ପରିବର୍ତ୍ତନ ବି ଅଧିକ ନିୟନ୍ତ୍ରଣ କରାଯାଇପାରିବ। ସେହି ଦୁଇଟି କାରଣ ହେଲା, ଜିଏଚ୍‌ଜି ନିର୍ଗମନ ସହଜରେ ମୂଲ୍ୟାୟନଯୋଗ୍ୟ ଓ ଯାଞ୍ଚଯୋଗ୍ୟ ହେବା ଏବଂ ସବୁଜ ପ୍ରଯୁକ୍ତିବିଦ୍ୟା ବିପୁଳ ପରିମାଣର ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା। ଅନ୍ୟପକ୍ଷରେ ପ୍ରାକୃତିକ ବିଶ୍ୱକୁ ଜିଏଚ୍‌ଜି ନିର୍ଗମନ ସହ ମୂଲ୍ୟାୟନ କରିବା କଷ୍ଟକର।



ଏହା ବ୍ୟତୀତ ଏକ ନିବେଶଯୋଗ୍ୟ ପ୍ରଯୁକ୍ତିଗତ ସ୍ଥିତି , ଯାହା ପ୍ରକୃତିକୁ ସୁରକ୍ଷା କରିବା ଲାଗି ପରୀକ୍ଷାଗାରରେ ମାଂସ ତିଆରି ଓ ଭର୍ଟିକାଲ ଫାର୍ମିଂ ଭଳି ଟେକ୍‌ନୋଲୋଜିକୁ ସୂଚିତ କରେ ତାହା ପ୍ରାକୃତିକ ପ୍ରକୃତି ସହ ସମାନ ହୋଇପାରିବନାହିଁ।

ପ୍ରକୃତି ସଂରକ୍ଷଣ କରିବାରେ ଆଦିବାସୀ ଓ ସ୍ଥାନୀୟ ସମୁଦାୟଙ୍କ ଭୂମିକାରେ ଥିବା ପ୍ରଭେଦ ଚିନ୍ତାର ବିଷୟ। ବିଶ୍ୱ ଜନସଂଖ୍ୟାର ମାତ୍ର ୫% ଥିବା ଆଦିବାସୀ ପୃଥିବୀର ୮୦% ଜୈବ ବିବିଧତାର ସୁରକ୍ଷା କରୁଛନ୍ତି। ଏପରିକି ମହତ୍ ଉଦ୍ଦେଶ୍ୟ ନିହିତ ବଜାର ଆଧାରିତ ନୀତି ଓ ସାଧନଗୁଡ଼ିକ ପ୍ରକୃତିର ସୁରକ୍ଷାରେ ଆଗୁଆ ଗୋଷ୍ଠୀଙ୍କୁ ଅଣଦେଖା ଏବଂ ସଂରକ୍ଷଣ ଦୂରଦୃଷ୍ଟିକୁ ନିଷ୍ପ୍ରଭ କରିପାରେ। ନିଶ୍ଚିତ କରିବାକୁ ପଡ଼ିବ ଯେ,ବଜାର ପ୍ରକ୍ରିୟା ପ୍ରକୃତିକୁ ସୁରକ୍ଷା କରିବା ଲାଗି ବ୍ୟବହାର କରାଯାଇପାରିବ। ଏହିସବୁ ଭିନ୍ନ ଧରଣର ଆହ୍ୱାନଗୁଡ଼ିକୁ ଦେଖିଲେ ଯଦି ସେମାନଙ୍କର ଶାସକୀୟ ସିଦ୍ଧାନ୍ତ ଓ ସଞ୍ଚାଳନ ପଦ୍ଧତିଗୁଡ଼ିକ ସମାନତା ଓ ନିରନ୍ତର ସମୃଦ୍ଧି ପାଇଁ ତିଆରି କରାଯାଇଥିବ ତେବେ ସେମାନେ ନିଶ୍ଚିତ ସଫଳ ହେବେ। ଟାସ୍କଫୋର୍ସ ୭ଟି ବ୍ୟବହାରିକ ସୁପାରିସ କରିଛି ଯାହା ବିଶ୍ୱ ଅର୍ଥନୀତିକୁ ଏକ ପ୍ରକୃତି-ସକାରାତ୍ମକ ପଥରେ ଚଲାଇପାରିବ। ସବୁଠୁ ବେଶି ଦରକାର ହେଉଛି ଅର୍ଥମନ୍ତ୍ରୀମାନେ ଏବଂ କେନ୍ଦ୍ରୀୟ ବ୍ୟାଙ୍କରମାନେ ଅର୍ଥନୈତିକ ଏବଂ ବିତ୍ତୀୟ ଆଇନ ସହ ଏକମତ ହେବା ଆବଶ୍ୟକ। ଏହାସହ ଜୈବ ବିବିଧତା ସଂରକ୍ଷଣ ଓ ପ୍ରକୃତିକୁ ସୁରକ୍ଷା କରିବାରେ ଥିବା ଆଗୁଆ ସମୁଦାୟଙ୍କୁ ସହଯୋଗ କରିବା ଲାଗି କାମ କରିବାକୁ ହେବ। ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗ ଚୁକ୍ତିନାମା, ଅନ୍ତର୍ଜାତୀୟ ସମନ୍ୱୟ ନୀତିକୁ ଜି୨୦ ମାଧ୍ୟମରେ ସଂଶୋଧନ କରାଯାଇଥିବାବେଳେ ଅନ୍ୟାନ୍ୟ ଅନ୍ତର୍ଜାତୀୟ ଭିତ୍ତିଭୂମି ସୁନିଶ୍ଚିତ କରେ ଯେ ସ୍ୱଳ୍ପ ଆୟକାରୀ ଦେଶଗୁଡ଼ିକ ପରିବର୍ତ୍ତନଭିତ୍ତିକ ଖର୍ଚ୍ଚର ଭାର ବହନ କରିବେ ନାହିଁ। ଏହାସହ କେନ୍ଦ୍ରୀୟ ବ୍ୟାଙ୍କ ଏବଂ ନିରୀକ୍ଷକମାନେ ମଧ୍ୟ ସୁନିଶ୍ଚିତ କରନ୍ତି ଯେ, ଆର୍ଥିକ ବଜାର ପ୍ରକୃତି ଏବଂ ଜଳବାୟୁ ପ୍ରତିଶ୍ରୁତିକୁ ସମର୍ଥନ କରିଛି। ଏଣୁ ବିଶ୍ୱର ଆର୍ଥିକ ପରିଚାଳନା କରୁଥିବା ବ୍ୟକ୍ତିମାନେ ଓ ବିତ୍ତୀୟ ସ୍ଥିରତାରେ ଥିବା ମଧ୍ୟବର୍ତ୍ତିକାଳୀନ ଲକ୍ଷ୍ୟଗୁଡ଼ିକୁ ସମାଧାନ କରିବାରେ ଅଧିକ ସକ୍ରିୟ ହେବା ଆବଶ୍ୟକ। ବିଶେଷକରି କୃଷିଜାତ ଉତ୍ପାଦର ମାର୍କେଟଗୁଡ଼ିକର ଜୈବ ବିବିଧତା,ଜଳବାୟୁ ଓ ସମାଜ ଉପରେ ଥିବା ଅତ୍ୟଧିକ ପ୍ରଭାବକୁ ବିଚାରକୁ ନେଇ ଏହାର ପୁନର୍ଗଠନ କରିବା ଆବଶ୍ୟକ । ଏଭଳି ଲକ୍ଷ୍ୟଭିତ୍ତିକ କାର୍ଯ୍ୟସବୁ ସ୍ୱଚ୍ଛତା ବୃଦ୍ଧି ପାଇଁ ପଦକ୍ଷେପଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ଉଚିତ । ଏହାସହ ସାମ୍ପ୍ରତିକ ପ୍ରକୃତିର ନିୟାମକରେ ଥିବା ଅସନ୍ତୋଷ ଦୂର କରାଯିବା ଦରକାର। ବେଆଇନ ଜଙ୍ଗଲ ନଷ୍ଟ , ଖଣି ଖନନ, ମତ୍ସ୍ୟଚାଷ ଏବଂ ବନ୍ୟଜନ୍ତୁ କାରବାର ଭଳି ପରିବେଶଗତ ଅପରାଧ ଉପରେ ଅଧିକ ଧ୍ୟାନଦେବା ଲାଗି ଆଣ୍ଟି ମନି ଲଣ୍ଡରିଂ ରୁଲ୍ସ ଦରକାର। ବିଶେଷକରି ଅତ୍ୟାବଶ୍ୟକ କୃଷିଜାତ ଉତ୍ପାଦନକାରୀଙ୍କ କ୍ଷେତ୍ରରେ ବୈଧ ନିବେଶ ଅଜାଣତରେ ଏହି ଅପରାଧଗୁଡ଼ିକୁ ବଢ଼ାଇପାରେ, ଯାହା ପ୍ରକୃତିକୁ ନଷ୍ଟକରିବା ସହ ହିଂସା ବୃଦ୍ଧି କରିବ।

ଜୈବ ବିବିଧତା କ୍ଷୟକୁ ଅଟକାଇବା ଏବଂ ତାହାକୁ ପୁଣି ଫେରାଇ ଆଣିବାର ଅନନ୍ୟ ଆହ୍ୱାନ ଏବଂ ସମୃଦ୍ଧ ପରିସଂସ୍ଥା ଉପରେ ମାନବଜାତିର ସମ୍ପୂର୍ଣ୍ଣ ନିର୍ଭରଶୀଳତାକୁ ଦୃଷ୍ଟିରେ ରଖି ପ୍ରକୃତିର ସଂରକ୍ଷଣ ପାଇଁ ଆମକୁ ଏକ ନୂତନ ଲିଖିତ ରଣନୀତି ଆବଶ୍ୟକ। ଏହା ବର୍ତ୍ତମାନର ଜଳବାୟୁ ରଣନୀତି ସମ୍ପର୍କରେ ଦର୍ଶାଇବା ସହ ଲକ୍ଷ୍ୟ ହାସଲ ପାଇଁ ଉପଯୁକ୍ତ ତଥା ଅଧିକ ମହତ୍ତ୍ୱାକାଂକ୍ଷୀ ପଦକ୍ଷେପ ସକାଶେ ପ୍ରେରିତ କରିପାରିବ। ମାନବ ଏବଂ ପୃଥିବୀ ପାଇଁ ସମାନ, ପ୍ରକୃତି-ସକାରାତ୍ମକ ପରିଣାମ ପ୍ରଦାନ କରିବାକୁ ପ୍ରକୃତି ବଜାରର ପରିକଳ୍ପନା କରିବାବେଳେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

## ବିଶ୍ୱ ସମସ୍ୟା



ଅଲେଖ ଚନ୍ଦ୍ର ସାମଲ

ବିଶ୍ୱ ସମସ୍ୟା ବର୍ତ୍ତମାନ ଅଦ୍ଭୁତ ଆକାର ଏବଂ ବିରାଟ ଅବସ୍ଥା ଧାରଣ କରୁଛି। ସେଗୁଡ଼ିକ ଆଉ ବ୍ୟକ୍ତିଗତ ଅଥବା ସ୍ଥାନୀୟ ନୁହେଁ। ସେ ସବୁ ବିଶ୍ୱଜନୀନ ଏବଂ ସମସ୍ତ ମାନବ ଜାତିକୁ ଆକ୍ରାନ୍ତ କରୁଛି। ଗୋଟିଏ ଦିଗରେ ବିଶ୍ୱ ସମୃଦ୍ଧି ସହିତ ବିଜ୍ଞାନ ଓ ଯାନ୍ତ୍ରିକତାର ଅଗ୍ରଗତି ଘଟୁଛି। ପ୍ଲାଷ୍ଟିକ, ଇଲେକ୍ଟ୍ରୋନିକ ଏବଂ କମ୍ପ୍ୟୁଟର ଯାନ୍ତ୍ରିକତା ମାଧ୍ୟମରେ ଏହି ଚମତ୍କାରିତା ଶୀର୍ଷରେ ଉପନୀତ ହୋଇଛି। ଅନ୍ୟ ଦିଗରେ ବାରମ୍ବାର ଘଟୁଥିବା ରାଜନୈତିକ ଓ ଅର୍ଥନୈତିକ ସଙ୍କଟ, ରାଷ୍ଟ୍ରୀୟ, ରାଜ୍ୟସ୍ତରୀୟ, ଧାର୍ମୀୟ, ଜାତିଗତ ଏବଂ ବର୍ଣ୍ଣ ବିଦ୍ୱେଷ, ସଂକୀର୍ଣ୍ଣ ବିଶ୍ୱସ୍ତତା ଏବଂ ଶିକ୍ଷାୟତନରେ ଅଶାନ୍ତିର ବିସ୍ଫୋରଣ ଦ୍ୱାରା ମାନବଜାତି ଉତ୍ପୀଡ଼ିତ। ଏସବୁ ସମଗ୍ର ବିଶ୍ୱରେ ଅଶାନ୍ତି ଏବଂ ଉଚ୍ଛୃଙ୍ଖଳତା ପରିବ୍ୟାପ୍ତ କରିଛି। ଏହା ଏକ ଭାରସାମ୍ୟହୀନ ଏବଂ ପରସ୍ପର ବିରୋଧୀ ଅବସ୍ଥା। ଏହାର ପ୍ରକୃତ କାରଣ କ'ଣ ? ଧର୍ମ ଏବଂ ନୈତିକତାପୁଷ୍ଟ କରିଥିବା ମଣିଷ ମନର ଭୟଙ୍କର ଅଧଃପତନରେ ଏହାର କାରଣ ନିହିତ ଅଛି କି?

ପୂର୍ବ ଅପେକ୍ଷା ମଣିଷ ଅଧିକ ଅନାଚାରୀ ହୋଇଛି। ପୂର୍ବ ଯୁଗମାନଙ୍କ ଅପେକ୍ଷା ନିଷ୍ଠୁର ଆଚରଣରେ ସେ ନିଜର ବୁଦ୍ଧି ଓ ଦକ୍ଷତା ଅଧିକ ପରିମାଣରେ ନିୟୋଗ କରୁଛି। ଅସଂଖ୍ୟ ଯୁଦ୍ଧ ହୋଇଛି । ତେବେ ଏହି ଭୟଙ୍କର ଖେଳ ଯେ ବନ୍ଦ ହେବ ଏଯାଏ କୌଣସି ସଙ୍କେତ ମିଳୁନାହିଁ। ଆସନ୍ନ ପରମାଣୁ ଯୁଦ୍ଧ ସମଗ୍ର ମାନବଜାତିକୁ ଧ୍ୱଂସ କରିବା ପାଇଁ ଭୟ ସଞ୍ଚାର କରୁଛି। ଏହା ସୁସ୍ପଷ୍ଟ ଯେ ମଣିଷ ମଧ୍ୟରେ ପଶୁର ପ୍ରାଧାନ୍ୟ ତଥାପି ରହିଛି। ଏହା ଅଦ୍ୟାବଧି ପରାଭୂତ ହୋଇନାହିଁ। ଯଦି ହୁଏ ତା'ହେଲେ ଆମେ ଶାନ୍ତି ଓ ଆନନ୍ଦ ଲାଭ କରିବା। ଆମର ରାଷ୍ଟ୍ର ଏବଂ ବିଶ୍ୱରେ ମଧ୍ୟ ଶାନ୍ତି ଓ ଆନନ୍ଦ ବିରାଜମାନ କରିବ। ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ। ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ। ପବିତ୍ରତା ଅଙ୍କୁରିତ ହେବା ଉଚିତ। ଏହି କ୍ଷେତ୍ରରେ କେବଳ ବ୍ରହ୍ମବିଦ୍ୟା ମାଧ୍ୟମରେ ସାର୍ଥକତା ଲାଭ ହୋଇପାରିବ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଆଜିର ମଣିଷ କେବଳ ସମ୍ପଦ ସଂଗ୍ରହ ଓ ସଞ୍ଚୟ ସମ୍ପର୍କରେ ଗଭୀର ଆସ୍ଥାବାନ। ସେ ତ୍ୟାଗ କରି ଜାଣେ ନାହିଁ। ସତ୍ୟ ଉପରେ ତା'ର ଆସ୍ଥା ନାହିଁ। ମଣିଷ ସବୁ ବିଷୟ ଜାଣିବା ପାଇଁ ଆଗ୍ରହୀ। ମାତ୍ର ସତ୍ୟ ଉପଲବ୍ଧି ପାଇଁ ତା'ର ଆଗ୍ରହ ନାହିଁ। ସେ ନିଜର ଆଶଙ୍କା ଓ ଅନ୍ଧବିଶ୍ୱାସଗୁଡ଼ିକର ସତ୍ୟତା ପ୍ରତିପାଦିତ କରିଥାଏ। ତେଣୁ ମଣିଷର ପ୍ରଥମ କର୍ତ୍ତବ୍ୟ ହେଉଛି ନିଜର ଦୁର୍ବଳତା ଓ ଅନ୍ୟର ଅନିଷ୍ଟ କରିବା ମନୋବୃତ୍ତିକୁ ପରିହାର କରିବା।

ମଣିଷକୁ ବିଶ୍ୱର ପ୍ରତ୍ୟେକ ପଦାର୍ଥର ମୂଲ୍ୟ ଏବଂ ଉପଯୋଗିତା ଅନୁସନ୍ଧାନ କରିବାକୁ ହେବ। ଦୃଷ୍ଟାନ୍ତ ସ୍ୱରୂପ, ଜନ୍ମ ପୂର୍ବରୁ ଶରୀର ନ ଥିଲା ଏବଂ ମୃତ୍ୟୁ ପରେ ମଧ୍ୟ ଏହା ଏଠାରେ ରହିବ ନାହିଁ। ଯେ କୌଣସି ପଦାର୍ଥ ହେଲେ ବି ବିଶ୍ୱ ବ୍ରହ୍ମାଣ୍ଡର କୌଣସି ବସ୍ତୁ ସମୟ ପ୍ରଭାବରୁ ମୁକ୍ତ ନୁହେଁ, ମୃତ୍ୟୁ ଏବଂ ଧ୍ୱଂସ ଦାଉରୁ ଏହା ରକ୍ଷା ପାଇପାରିବ ନାହିଁ। ବୃକ୍ଷ ଓ ଭୂମି, ସଦନ ଓ ଶରୀର, ସମ୍ରାଟ ଓ ସାମ୍ରାଜ୍ୟ ସମସ୍ତଙ୍କୁ ଏଇ ଶେଷ ପରିଣତି ଭୋଗ କରିବାକୁ ହେବ। ନିଜ ମଧ୍ୟରେ ଥିବା ଅମରତ୍ୱ ସମ୍ପର୍କରେ ସଚେତନ ହେବାର ଉପାୟକୁ ମଣିଷ ଉପେକ୍ଷା କରିଥାଏ। ନୈତିକ ସ୍ତର ସହିତ ସମ୍ପର୍କିତ ଜ୍ଞାନରେ ସେ ମୋହିତ ହୋଇଥାଏ। ଯେଉଁମାନେ ଏହି ସହଜ ଆକର୍ଷଣର ଶିକାର ହୁଅନ୍ତି ସେମାନେ ନନ୍ଦନ ବନ ପରିତ୍ୟାଗ କରି ବିଷାକ୍ତ ଉଦ୍ଭିଦଭରା ଜଙ୍ଗଲରେ ପ୍ରବେଶ କରନ୍ତି। ପ୍ରକୃତି ବା ଆତ୍ମାଠାରୁ ସେମାନେ ଦୂରେଇ ଯାଆନ୍ତି। ପ୍ରତିବିମ୍ବ ଅଥବା ଦୃଶ୍ୟ ଦ୍ୱାରା ସେମାନେ ବିମୋହିତ ହୁଅନ୍ତି। ଏପରି ମନୋବୃତ୍ତି ସେମାନଙ୍କୁ ସତ୍ୟ ସନ୍ଧାନ ବା ସତ୍ୟଜ୍ଞାନ କହି ଅଜ୍ଞ ରୂପେ ପରିଣତ କରେ।

ମଣିଷ ଜାଣିବା ଉଚିତ ଯେ ତ୍ରିଭୁବନ, ତ୍ରିକାଳ (ଅତୀତ, ବର୍ତ୍ତମାନ, ଭବିଷ୍ୟତ) ଏବଂ ଚେତନାର ଅବସ୍ଥାତ୍ରୟରୁ (ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତ) ବିଚ୍ୟୁତ ହେଲେ ନିଛକ ସୁଖ ମିଳିବ ନାହିଁ। ମଣିଷମାନଙ୍କ ମଧ୍ୟରୁ କେବଳ ମୂଢ଼ମାନେ ସାଂସାରିକ କର୍ମ ମାଧ୍ୟମରେ ସୀମିତ ଅସାର ସୁଖ ଲାଭ କରି ସଂତୃପ୍ତ ହେବା ପାଇଁ ଉଦ୍ୟମ କରନ୍ତି। ଜ୍ଞାନୀମାନେ କିନ୍ତୁ ଉତ୍ତମ ରୂପେ ବୁଝିଥାନ୍ତି। ଆକର୍ଷଣୀୟ ମିଠା ଅଙ୍ଗୁର ପେଣ୍ଡା ଏଡ଼ାଇ ଦେଲେ ଯେଉଁମାନେ କଣ୍ଟାଆଡ଼କୁ ଦୌଡ଼ନ୍ତି ସେମାନେ ଉଷ୍ଟ୍ର। ସେମାନଙ୍କୁ ଭିନ୍ନ ଶ୍ରେଣୀରେ ଅନ୍ତର୍ଭୁକ୍ତ କରିହେବନାହିଁ।

ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍)
ଜୟପୁର ଡିଭିଜନ
ମୋ: ୯୪୩୭୨୫୭୧୨୩

## ଏଇ ଭାରତରେ

୧୬ ବର୍ଷ ବୟସରେ ପ୍ରଥମେ ଗୋଟିଏ ଗୋଖର ସାପ ଉଦ୍ଧାର କରିଥିଲେ ଚେନ୍ନାଇର ବେଦପ୍ରିୟା ଗଣେଶନ । ସେବେଠାରୁ ସେ ଏହି କାର୍ଯ୍ୟରୁ ପଛଘୁଞ୍ଚା ଦେଇନାହାନ୍ତି, ବରଂ ୯ ବର୍ଷ ମଧ୍ୟରେ ୬୦୦୦ ସାପ ଉଦ୍ଧାର କରିସାରିଛନ୍ତି। ଏହାସହ ସେ ବନ୍ୟ ଜନ୍ତୁଙ୍କ ସଂରକ୍ଷଣ ପାଇଁ ମଧ୍ୟ ସଚେତନ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ପ୍ରଥମରୁ ସେ ବିନା ପ୍ରଶିକ୍ଷଣରେ ସାପ ଧରୁଥିଲେ ଓ ପରେ ତାମିଲନାଡୁ ବନ ବିଭାଗ ଦ୍ୱାରା ଆୟୋଜିତ କର୍ମଶାଳାରୁ ଏହାର କୌଶଳ ଶିକ୍ଷା କରିଥିଲେ। ବେଦପ୍ରିୟା କଲେଜରେ ପଢୁଥିବାବେଳେ ପ୍ରାଣୀ କଲ୍ୟାଣ ସଂଗଠନଗୁଡ଼ିକରେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରିବା ସମୟରେ ପ୍ରାଣୀମାନଙ୍କ ପ୍ରତି ଆକର୍ଷିତ ହୋଇଥିଲେ ଓ ସେମାନଙ୍କୁ ଉଦ୍ଧାର କରିବାକୁ ନିଷ୍ପତ୍ତି ନେଇଥିଲେ। କେବଳ ସାପ ନୁହେଁ, ବେଦପ୍ରିୟା ମାଙ୍କଡ଼, ବିଭିନ୍ନ ପକ୍ଷୀ ମଧ୍ୟ ଉଦ୍ଧାର କରୁଛନ୍ତି। ସେ ଏବେ ପଶ୍ଚିମଘାଟ ବନ୍ୟଜନ୍ତୁ ସଂରକ୍ଷଣ ଟ୍ରଷ୍ଟର ଚେନ୍ନାଇ ପାଇଁ ମୁଖ୍ୟ କୋଅର୍ଡିନେଟର ରହିଛନ୍ତି ଓ ତାହାପୁଣି ଅବୈତନିକ ଭାବେ ।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୧୦ ଅଗଷ୍ଟ ୧୯୯୮

- ଆନ୍ଧ୍ର-ଓଡ଼ିଶା ସୀମାନ୍ତବର୍ତ୍ତୀ ଘଞ୍ଚ ଜଙ୍ଗଲ ଭିତରେ ଘମାଘୋଟ ସଂଘର୍ଷ ଘଟି ୯ ନକ୍ସଲପନ୍ଥୀଙ୍କ ସମେତ ୧୨ ନିହତ।
- ସୋନେଗଡ଼ଠାରୁ ୧୦ କିଲୋମିଟର ଦୂରବର୍ତ୍ତୀ ଭିଗାନ ଗ୍ରାମ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ମାଡ଼ିଯିବା ଫଳରେ ୧୨ ଶ୍ରମିକଙ୍କ ମୃତ୍ୟୁ।
- କେନିଆର ନାଇରୋବି ଏବଂ ତାଞ୍ଜାନିଆର ଦାର-ଏସ୍-ସଲାମଠାରେ ଥିବା ଆମେରିକୀୟ ଦୂତାବାସରେ ବୋମା ବିସ୍ଫୋରଣ ଘଟି ମୃତ୍ୟୁସଂଖ୍ୟା ୨୦୦କୁ ବୃଦ୍ଧି।

# ମାଗଣା ଚାଉଳ ବିଚାର



ପ୍ରଦ୍ୟୋତ ମହାପାତ୍ର

୧୯୮୧ରେ ପ୍ରଥମେ ପ୍ରକାଶିତ ନିଜ ବହି 'ଦାରିଦ୍ର୍ୟ ଓ ଦୁର୍ଭିକ୍ଷ'ରେ ଅମର୍ତ୍ତ୍ୟ ସେନ ମୁଖବନ୍ଧରେ ସେକ୍ସପିୟରଙ୍କ ସହ ଏକମତ ହୋଇ କହିଛନ୍ତି , ଦେଖିପାରୁ ନ ଥିବା ମଣିଷ ମଧ୍ୟ ଏ ଦୁନିଆ କେମିତି ଚାଲିଛି ଜାଣିପାରୁଥାଏ। ମାତ୍ର ଅତୀତରେ ଅର୍ଥଶାସ୍ତ୍ରୀମାନେ ଏ ମତ ବିରୋଧରେ କହିଛନ୍ତି, ଦେଖିପାରୁ ନ ଥିବା ଜଣେ ଗଣିତଜ୍ଞ ଗଣିତ ଉପରେ ଗୋଟିଏ ଲମ୍ବାଚୌଡ଼ା ବକ୍ତୃତା ଦେଇପାରନ୍ତି। ମାତ୍ର ଯେତେବେଳେ ଗଣିତକୁ ପ୍ରୟୋଗ କରାଯାଏ ବାସ୍ତବ ଦୁନିଆ ଏତେ ପ୍ରକାର ଅସୁବିଧା ସୃଷ୍ଟିକରେ ଯେ, ତଥ୍ୟ ସଂଗ୍ରହ ବିନା କାମ ଆଗକୁ ଯାଏ ନାହିଁ। ୧୯୮୧ରେ ଅମର୍ତ୍ତ୍ୟ ସେନ ଯେଉଁ ପ୍ରସ୍ତାବ ଦେଇଥିଲେ ତାହା ଭାରତରେ କେବେଠୁ ଲାଗୁହେଲାଣି। ଜାତୀୟ ଖାଦ୍ୟ ନିରାପତ୍ତା ଆଇନ ବର୍ତ୍ତମାନ କେବଳ ରାଜସ୍ୱ ବ୍ୟୟ ନୁହେଁ, ଏହା ପଛରେ ଆଇନର ସମର୍ଥନ ରହିଛି।

ଆଗରୁ ଭାରତରେ ଶାଗଖିଆ ଓ ପେଯଖିଆ ଥିଲେ ଓ ଓଡ଼ିଆରେ କୁହାଯାଇଛି 'ଶାଗଖିଆକୁ ପେଯଖିଆ ସହିପାରେନା'। ଏହା ବ୍ୟତୀତ ଗୋଟିଏ ମଧ୍ୟବିତ୍ତ ଶ୍ରେଣୀ ଥିଲେ ଯେଉଁମାନେ ପେଟରୁ କାଟି ପିଲାଙ୍କୁ ମଣିଷ କରିବା ସହ ସାଇକେଲ, ରେଡିଓ ଓ ପରେ ଫ୍ରିଜ୍ କିମ୍ବା ସ୍କୁଟରଟିଏ କରିପାରୁଥିଲେ। ଭାରତର ତୃତୀୟ ଯୋଜନା ଦସ୍ତାବିଜରେ କୁହାଯାଇଛି ଗାଁରେ ବହୁ ସଂଖ୍ୟାରେ ସାଇକେଲ ପହଞ୍ଚିଲେ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିବ। ୧୯୯୨ ପର୍ଯ୍ୟନ୍ତ ମଧ୍ୟବିତ୍ତ, ପେଯଖିଆ ଓ ଶାଗଖିଆ ସମସ୍ତେ ପଡ଼ିକାର୍ଡ ମାଧ୍ୟମରେ ରିହାତିରେ ଗହମ, ଚିନି ଇତ୍ୟାଦି ପାଉଥିଲେ। ପରେ ଏ ଯୋଜନାରେ ପରିବର୍ତ୍ତନ ଆସିଲା ଓ ସ୍ୱଚ୍ଛଳବର୍ଗଙ୍କୁ ରିହାତିକୁ ବାଦ୍ ଦିଆଗଲା। ସେତେବେଳେ ଭୁବନେଶ୍ୱରର ଆଖପାଖ ଗାଁ ଲୋକଙ୍କ ପାଖରେ ଜମି ଥିଲେ ମଧ୍ୟ ସେମାନେ ଗରିବ ଥିଲେ। ମାତ୍ର ଗାଣିତିକ ଅର୍ଥଶାସ୍ତ୍ରୀ ଅଗଷ୍ଟିନ୍ କୁର୍ନୋ ମେଷପାଳକ ବିଷୟରେ ଯେଉଁ ଉଦାହରଣ ଦେଇଛନ୍ତି ତାହା ବର୍ତ୍ତମାନ ଏଠାରେ ପ୍ରଯୁଜ୍ୟ। ମେଷପାଳକର ବିରାଟ ପଡ଼ିଆଟିଏ ଅଛି, ମାତ୍ର ଭୂମି ଥାଇ ମଧ୍ୟ ସେ ଗରିବ, କାରଣ ଭୂମିର ବିକଳ୍ପ ବ୍ୟବହାର ନାହିଁ। ସେଇ ମେଷପାଳକ ବହୁ ସଂଖ୍ୟାରେ ଗୋମହିଷାଦି ରଖି ନିଜର ପ୍ରତିପତ୍ତି ବଢ଼ାଇପାରନ୍ତି ଓ ଚାକରବାକର ରଖିବା ସହ ନିଜ ସମ୍ପର୍କୀୟମାନଙ୍କୁ ସାହାଯ୍ୟ କରିପାରନ୍ତି। ମାତ୍ର କ୍ଷମତା ପାଇଲେ ମଧ୍ୟ ସେ ଧନୀ ନୁହନ୍ତି, କାରଣ ବର୍ତ୍ତମାନ ସୁଦ୍ଧା ତାଙ୍କ ଅଧୀନରେ ଥିବା ବିରାଟ ପଡ଼ିଆର କିଣାବିକା ପାଇଁ ବାଟ ଫିଟି ନାହିଁ । ଯେତେବେଳେ ସେ ରହୁଥିବା ସମାଜରେ ସମସ୍ତ ଦ୍ରବ୍ୟର କିଣାବିକା ପାଇଁ ବାଟ ଫିଟିଯିବ, ସେତେବେଳେ ପରିସ୍ଥିତି ବଦଳିଯିବ। ଭୁବନେଶ୍ୱର ଶହୀଦନଗର ହାଟରେ ପରିବା ବ୍ୟବସାୟ କରୁଥିବା ଜଣେ ବେପାରୀଙ୍କ ଭାଷାରେ ନଖରାଠାରୁ ଭିତରକୁ ଆଉ ୫/୭ କି.ମି. ଜାଗାରେ ଆଉ ହାତ ମାରି ହେଉ ନାହିଁ। ଜମିର କିଣାବିକା ବଢ଼ିଗଲାଣି। ବର୍ତ୍ତମାନ ସରକାର ମଧ୍ୟ ସରକାରୀ ଓ ବେସରକାରୀ ପ୍ରକଳ୍ପ ପାଇଁ ଭୂମି ଅଧିଗ୍ରହଣ କରୁଛନ୍ତି ଯାହା ବିକ୍ରେତାଙ୍କୁ ମାଲମାଲ କରିଦେଇ ତାଙ୍କ ଭାଗ୍ୟ ବଦଳାଇଦେବ। ଗାଣିତିକ ଅର୍ଥଶାସ୍ତ୍ରୀ କୁର୍ନୋଙ୍କର ଏ ବିଚାର ଆମ ସମାଜ ପାଇଁ କେତେଦୂର ପ୍ରଯୁଜ୍ୟ ? ଜମି ହସ୍ତାନ୍ତର ପ୍ରକ୍ରିୟା ଏତେ ସହଜ ନୁହେଁ ଏବଂ ଅନେକ ଜାଗାରେ ଜମି ମାଲିକମାନେ ଜମି ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି। ରକ୍ତାକ୍ତ ସଂଘର୍ଷ ପର୍ଯ୍ୟନ୍ତ କଥା ଯାଉଛି, ଯାହା ପଶ୍ଚିମବଙ୍ଗ ଓ ଓଡ଼ିଶାରେ ଘଟିଯାଇଛି। ଯଦି ଜମି ମାଲିକମାନେ ଜମି ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି, ତେବେ ବିକଳ୍ପ କ'ଣ ? ଜମି ବଦଳରେ ପୁଞ୍ଜିର ପରିମାଣ ବଢ଼ାଯାଇପାରିବ। ତା'ହେଲେ ପୁଞ୍ଜି କ'ଣ ? ଅର୍ଥଶାସ୍ତ୍ରୀ ବମ୍-ବର୍କଙ୍କ ମତରେ ପୁଞ୍ଜି ହେଲା ସେଇ ଦ୍ରବ୍ୟ ଯାହା ଅତୀତରେ ଉତ୍ପାଦିତ ହୋଇଥାଏ ଓ ସଙ୍ଗେ ସଙ୍ଗେ ଉପଭୋଗରେ ପରିଣତ ନ ହୋଇ ଅନ୍ୟ ଦ୍ରବ୍ୟ ଉତ୍ପାଦନରେ ସାହାଯ୍ୟ କରିଥାଏ। ତେଣୁ ଚାଉଳ ଓ ଜମି ପୁଞ୍ଜି ସଂଜ୍ଞାର ବାହାରେ। ମାତ୍ର ଏହିଠାରେ ବମ୍-ବର୍କ ରାଷ୍ଟ୍ରୀୟ ପୁଞ୍ଜି ଓ ବ୍ୟକ୍ତିଗତ ପୁଞ୍ଜି ମଧ୍ୟରେ ଫରକ କରିଛନ୍ତି। ଯେଉଁ ଦ୍ରବ୍ୟ ଅତୀତରେ ଉତ୍ପାଦିତ ହୋଇ ବର୍ତ୍ତମାନ ଉତ୍ପାଦନରେ ସାହାଯ୍ୟ କରୁଛି ତାହା ହିଁ ରାଷ୍ଟ୍ରୀୟ ପୁଞ୍ଜି। ମାତ୍ର ଅନେକ ଦ୍ରବ୍ୟ ଅଛି ଯାହା ବ୍ୟକ୍ତିକୁ ଉତ୍ପାଦନରେ ସାହାଯ୍ୟ କରିଥାଏ ଓ ଅନେକ ଦ୍ରବ୍ୟ ଅଛି ଯାହା ବ୍ୟକ୍ତି ଉପଭୋଗ କରିଥାଏ। ଉଭୟ ହେଲା ବ୍ୟକ୍ତିଗତ ପୁଞ୍ଜି। ଦୁର୍ଭିକ୍ଷ ସମୟରେ ଯଦି ମୋ ପାଖରେ ୫ ବସ୍ତା ଚାଉଳ ଅଛି, ତେବେ ତା'ଠାରୁ ବଡ଼ ପୁଞ୍ଜି କ'ଣ ? କାରଣ ଦୁର୍ଭିକ୍ଷ ସମୟରେ ବଳକା ଚାଉଳ ବଦଳରେ ଜଣେ ଅନ୍ୟ ଦ୍ରବ୍ୟ ସଂଗ୍ରହ କରିପାରିବ। ଭାରତୀୟ ଖାଦ୍ୟ ନିଗମ କେଉଁ ଚାଉଳ ଓ ଗହମ ସଂଗ୍ରହକରି ରଖୁଛି, ତାହା ରାଷ୍ଟ୍ରୀୟ ପୁଞ୍ଜି ନ ହେଲେ ମଧ୍ୟ ବ୍ୟକ୍ତି ପାଖରେ ଯେତେବେଳେ ଚାଉଳ ଓ ଗହମ ପହଞ୍ଚିଯାଉଛି, ତାହା ବ୍ୟକ୍ତିଗତ ପୁଞ୍ଜି ପାଲଟିଯାଉଛି। ମାନବୀୟ ପୁଞ୍ଜି ସମ୍ଭବ ହେବ ଯେତେବେଳେ ପ୍ରତ୍ୟେକ ଲୋକ ଖାଇବାକୁ ଯଥେଷ୍ଟ ପରିମାଣରେ ପାଇପାରିବେ।



ଏଇଠି ଆମକୁ କେତେକ ଧାରଣା ସ୍ପଷ୍ଟ ଭାବରେ ଚିନ୍ତା କରିବାକୁ ପଡ଼ିବ। ପ୍ରଥମ କଥା ହେଲା ଆମେ ଜାଣିଲେ ସମଷ୍ଟି ଅର୍ଥଶାସ୍ତ୍ରରେ ପୁଞ୍ଜିର ଅର୍ଥ ଯାହା ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ତାହା ସାମାନ୍ୟ ଅଲଗା। ବମ୍-ବର୍କ ପୁଞ୍ଜିର ଯେଉଁ ସଂଜ୍ଞା ଦେଇଛନ୍ତି (ଉତ୍ପାଦନରେ ଲାଗୁଥିବା ଉତ୍ପାଦିତ ଦ୍ରବ୍ୟ), ତାହା ସମଷ୍ଟି ଅର୍ଥଶାସ୍ତ୍ର ପାଇଁ ପ୍ରଯୁଜ୍ୟ। ତେଣୁ ସମଷ୍ଟି ଅର୍ଥଶାସ୍ତ୍ରରେ ଭୂମି ପୁଞ୍ଜି ନୁହେଁ, କାରଣ ଏହା ପ୍ରକୃତିର ଅବଦାନ ଓ ଅର୍ଥ ବ୍ୟବସ୍ଥା ପାଇଁ ଏହାର ପରିମାଣ ସ୍ଥିର। ସମଷ୍ଟି ଅର୍ଥରେ ଜମି ବିକାକିଣା ହେଲେ ବି ମୋଟ ଜମିର ପରିମାଣ ସମାନ ଥାଏ ଓ ଟଙ୍କା କେବଳ କ୍ରେତା ପକେଟରୁ ବିକ୍ରେତା ପକେଟକୁ ଯାଇଥାଏ। ମାତ୍ର ଜମିରେ କିଛି ଉନ୍ନତି ଆଣିଲେ ତାହା ପୁଞ୍ଜି ସଦୃଶ ହୋଇଥାଏ। ଏହା ଜମିର ମୂଲ୍ୟ ବଢ଼ାଇଦେଇଥାଏ। ତେଣୁ ଉଇଲିୟମ୍ ରୋଶର ଜମିରେ ହିଡ଼ ନିର୍ମାଣ, ଜଳ ନିଷ୍କାସନ, ଜଳସେଚନ ବ୍ୟବସ୍ଥା ଇତ୍ୟାଦିକୁ ପୁଞ୍ଜି ଗଠନ କହିଛନ୍ତି । ମାତ୍ର ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ସାଧାରଣ ଅବିକଶିତ ଜମି ବା ପଡ଼ିଆ ତା' ମାଲିକ ପାଇଁ ପୁଞ୍ଜି । କାରଣ ଏହା ଆୟର ଉତ୍ସ ହୋଇପାରେ। ପଡ଼ିଆକୁ ମୁଁ ଯଦି ବାହାଘର ବା ବ୍ରତଘର ପାଇଁ ଦେଲି ତାହା ଆୟ ଆଣିଥାଏ। ତେଣୁ ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ଘର ଆସବାବ, ଗାଈ ଇତ୍ୟାଦି ପୁଞ୍ଜି। ଯଦି ମଜୁରି ପୁଞ୍ଜି ହେଲା, ତେବେ ମଜୁରି ଆକାରରେ ମିଳିଥିବା ଧାନ ବା ଚାଉଳ ମଧ୍ୟ ପୁଞ୍ଜିର ହକ୍‌ଦାର।

ମୌଳିକ ଅର୍ଥଶାସ୍ତ୍ରରେ ଚାଉଳକୁ ସାଧାରଣତଃ ଏକ ଖାଉଟି ଦ୍ରବ୍ୟ କୁହାଯାଇଥାଏ। ମାତ୍ର ଆମେ ଦେଖିଲେଣି ପୁଞ୍ଜିର ସଂଜ୍ଞାକୁ ବ୍ୟାପକ କଲେ ଚାଉଳକୁ ଏକ ପୁଞ୍ଜି ହିସାବରେ ମଧ୍ୟ ନିଆଯାଇପାରିବ। ଅମର୍ତ୍ତ୍ୟ ସେନଙ୍କ ଗବେଷଣା ମନୁଷ୍ୟର ଅଭାବ ଉପରେ ଆଧାରିତ। ପଞ୍ଜାବରେ ଧାନଚାଷ ହେଉଛି ଓ ଓଡ଼ିଶାରେ ମଧ୍ୟ। ମାତ୍ର ପଞ୍ଜାବ ଚାଷୀର ଉତ୍ପାଦକତା ଅଧିକ ଏବଂ ଖର୍ଚ୍ଚ କମ୍। ତେଣୁ ଉଭୟ ପଞ୍ଜାବର ଚାଷୀ ଓ ଓଡ଼ିଶାର ଚାଷୀ ସମାନ ଦରରେ ଭାରତୀୟ ଖାଦ୍ୟ ନିଗମକୁ ଧାନ ବିକିଲେ। ପଞ୍ଜାବର ଚାଷୀ ଅଧିଶେଷ ବା ରେଣ୍ଟ ପାଉଛି ଯାହା ବିଷୟରେ ରିକାର୍ଡୋ କହିଥିଲେ। ତେଣୁ ଆଗରୁ ପବନ ପିଇ ବଞ୍ଚୁଥିବା ଲୋକ ଯଦି ମାଗଣାରେ ଚାଉଳ ପାଇଲେ ଭୁଲ୍ ରହିଲା କେଉଁଠି।

ବମିଖାଲ, ଭୁବନେଶ୍ୱର
ମୋ-୯୯୩୮୮୦୦୮୪୬

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | 5 | | 9 | | |
| | 8 | | 7 | | | 2 | | 3 |
| | | | | | | | 1 | 5 |
| | | | | | 7 | 3 | | |
| 6 | 7 | | 5 | | | | 4 | 1 |
| 5 | | 3 | | | | | | |
| | | 8 | | 7 | 2 | 5 | | |
| | | | | 1 | | | 3 | |
| | | 2 | | | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 9 | 1 | 7 | 5 | 8 | 2 | 6 |
| 8 | 6 | 7 | 2 | 3 | 9 | 1 | 5 | 4 |
| 1 | 2 | 5 | 8 | 4 | 6 | 3 | 7 | 9 |
| 9 | 5 | 2 | 6 | 1 | 3 | 4 | 8 | 7 |
| 6 | 7 | 4 | 9 | 8 | 2 | 5 | 1 | 3 |
| 3 | 8 | 1 | 7 | 5 | 4 | 9 | 6 | 2 |
| 7 | 4 | 8 | 3 | 6 | 1 | 2 | 9 | 5 |
| 2 | 1 | 3 | 5 | 9 | 7 | 6 | 4 | 8 |
| 5 | 9 | 6 | 4 | 2 | 8 | 7 | 3 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଶୋଷଣ

ମହାଶୟ,

ଓଡ଼ିଶାର ବିଦ୍ୟୁତ୍ ଉପଭୋକ୍ତାମାନେ ଅନ୍ୟ ପଡ଼ୋଶୀ ରାଜ୍ୟଗୁଡ଼ିକ ତୁଳନାରେ ବହୁ ମହଙ୍ଗା ବିଦ୍ୟୁତ୍ ଶୁଳ୍କ ପଇଠ କରି ଆସୁଛନ୍ତି। ନିକଟରେ ପ୍ରକାଶିତ କେନ୍ଦ୍ର ଶକ୍ତି ମନ୍ତ୍ରାଳୟ ଅଧୀନ ପାୱାର ଫାଇନାନ୍ସ କର୍ପୋରେଶନ (ପିଏଫସି) ୨୦୨୧-୨୨ ବର୍ଷ ରିପୋର୍ଟରୁ ଜଣାପଡିଛି ଅଧିକ ମୂଲ୍ୟ ଦେଇ ନିକୃଷ୍ଟ ଧରଣର ବିଦ୍ୟୁତ ସେବା ପାଉଛନ୍ତି ଓଡ଼ିଶାର ଉପଭୋକ୍ତାମାନେ । ଅର୍ଥାତ୍ ସୁଲଭ ମୂଲ୍ୟରେ ବିଦ୍ୟୁତ୍ ସେବା ପାଇବା ପାଇଁ ୧୯୯୫ରେ ଯେଉଁ ସଂସ୍କାର ଅଣାଯାଇଥିଲା ତାହା ପ୍ରକାରାନ୍ତରେ ଫେଲ୍ ମାରିଛି। ଅଧିକ ମୂଲ୍ୟ ଦେଇ ଓଡ଼ିଶାର ଉପଭୋକ୍ତାମାନେ ସର୍ବଦା କ୍ଷତିରେ ଚାଲୁଛନ୍ତି । ଉପଭୋକ୍ତାମାନଙ୍କୁ ସୁଲଭ ମୂଲ୍ୟରେ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇ ଦେବା ଅତ୍ୟନ୍ତ ଆବଶ୍ୟକ ।

–ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

### ଚିରନ୍ତନୀ

ତୁଳିକା ରଞ୍ଜିତ କରି ଧରିବାକୁ ବଢ଼ାଇଲେ କର
ମରୀଚିକା ସମ ସେ ଯେ କ୍ଷଣ ପରେ ହୁଅଇ ଅନ୍ତର
ଛନ୍ଦ ଆଶେ କଷ୍ଟକରି ବସିଲେ ସଜାଇ
ଆସି କ୍ଷଣେ ଯାଏ ସେ ଉଭାଇ।

(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଲୋକ ସଭାରେ ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟ ସମ୍ପର୍କରେ ବୁଧବାର କଂଗ୍ରେସ ଏମ୍‌ପି ଜୋଥିମଣି(ମଝି) ଗଣମାଧ୍ୟମକୁ ସମ୍ବୋଧିତ କରୁଛନ୍ତି।

# ବଂଶବାଦ ରାଜନୀତି ବିରୋଧରେ ଭାରତ ଛାଡ଼ ଆନ୍ଦୋଳନ ହେଉ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୯।୮ (ସୁନିତ୍ ମିଶ୍ର)

ଭାରତ ଛାଡ଼ ଆନ୍ଦୋଳନ ଡାକରାର ୮୧ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ଭିଡିଓ ବାର୍ତ୍ତା ଜରିଆରେ ଦେଶରେ ଭ୍ରଷ୍ଟାଚାର, ବଂଶବାଦ ଏବଂ ତୁଷ୍ଟୀକରଣ ମନୋବୃତ୍ତି ଆଧାରିତ ରାଜନୀତି ବିରୋଧରେ ଭାରତ ଛାଡ଼ ଆନ୍ଦୋଳନ କରିବା ପାଇଁ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି। ଗାଁ, ପଞ୍ଚାୟତ, ବ୍ଲକ, ଜିଲା, ରାଜ୍ୟ ଏବଂ ସର୍ବଭାରତୀୟ ସ୍ତରରେ ଏହି ଆନ୍ଦୋଳନକୁ ଜନ ଆନ୍ଦୋଳନର ରୂପ ଦେବା ପାଇଁ ନିବେଦନ କରିଛନ୍ତି। ଏହି ଭିଡିଓ ବାର୍ତ୍ତାରେ ଧର୍ମେନ୍ଦ୍ର କହିଛନ୍ତି, ଆଜି ହେଉଛି ଏକ ସ୍ମରଣୀୟ ଓ ପ୍ରେରଣାଦାୟୀ ଦିନ। ୧୯୪୨ ଅଗଷ୍ଟ ୯ରେ ଅହିଂସାର ପୂଜାରୀ ପୂଜ୍ୟ ବାପୁ ଇଂରେଜ ଶାସକଙ୍କ ବିରୋଧରେ 'ଭାରତ ଛାଡ଼' ଆନ୍ଦୋଳନ ଡାକରା ଦେଇଥିଲେ। ଗାନ୍ଧିଜୀଙ୍କ ଏହି ପ୍ରେରଣାଦାୟୀ ଡାକରା ବ୍ରିଟିଶ ସରକାରଙ୍କୁ ଭୟଭୀତ କରାଇ ଦେଇଥିଲା ଏବଂ ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ଏକ ନିର୍ଣ୍ଣାୟକ ମୋଡ଼ ଦେଇଥିଲା। ଓଡ଼ିଶାରେ ଗାନ୍ଧିଜୀଙ୍କ ଭାରତ ଛାଡ଼ ଆନ୍ଦୋଳନ ଡାକରାର ପ୍ରଭାବ ସାଧାରଣ ଲୋକଙ୍କ ମଧ୍ୟରେ ଏକ ନୂତନ ଉତ୍ସାହ ଆଣିଦେଇଥିଲା। ଏଥିରେ ଉଦ୍‌ବୁଦ୍ଧ ହୋଇ ସ୍ୱାଧୀନତା ସଂଗ୍ରାମୀ ହରେକୃଷ୍ଣ ମହତାବ, ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀଙ୍କ ସହ ଅନେକ ପ୍ରମୁଖ ନେତୃବୃନ୍ଦ ଏହି ଆନ୍ଦୋଳନରେ ଯୋଗଦେଇଥିଲେ। ଏଥିସହ ଗାନ୍ଧିଜୀଙ୍କ ଆହ୍ୱାନରେ ଅନୁପ୍ରାଣିତ ହୋଇ ଓଡ଼ିଶାର ବରପୁତ୍ର ପବିତ୍ରମୋହନ ପ୍ରଧାନ ୧୯୪୨ରେ ଜେଲରୁ ଖସି ଆସି ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦେଇ ନିଜର ଅନନ୍ୟ ସାହସର ପରିଚୟ ଦେଇଥିଲେ। କୋରାପୁଟର ଲକ୍ଷ୍ମଣ ନାଏକ ଫାଶୀଖୁଣ୍ଟରେ ପ୍ରାଣବଳି ଦେବା ଦେଶପ୍ରୀତିର ଚରମ ନିଦର୍ଶନ। ବରଗଡ଼ର ପାଣିମୋରା ଗାଁରୁ ୩୬ ଜଣ ଯୁବକ ଆନ୍ଦୋଳନରେ ଯୋଗଦେଇ କାରାବରଣ କରିବା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଏକ ଉଜ୍ଜ୍ୱଳ ଅଧ୍ୟାୟ। ଭଦ୍ରକର ଇରମଠାରେ ବ୍ରିଟିଶଙ୍କ ଗୁଳିମାଡ଼ରେ ୨୯ ଜଣ ସଂଗ୍ରାମୀ ଶହୀଦ ହେବା, ନବରଙ୍ଗପୁରର ପାପଡ଼ାହାଣ୍ଡିଠାରେ ୧୯ ଜଣ ଶହୀଦ ପ୍ରାଣବଳି ଦେବା ଇତ୍ୟାଦି ୧୯୪୨ର 'ଭାରତ ଛାଡ଼' ଆନ୍ଦୋଳନର ଅବିସ୍ମରଣୀୟ ଘଟଣା। ସେହି ସ୍ୱାଧୀନତା ସଂଗ୍ରାମୀ ତଥା ଶହୀଦମାନଙ୍କ ପ୍ରାଣବଳି ଦ୍ୱାରା ମିଳିଥିବା ସ୍ୱାଧୀନତା ଆମ ଭାରତବର୍ଷକୁ ଗରିମାମୟ କରିଛି। ତେଣୁ ଗାନ୍ଧିଜୀଙ୍କ ୧୯୪୨ର ଭାରତ ଛାଡ଼ ଆନ୍ଦୋଳନର ପ୍ରାସଙ୍ଗିକତା ଆଜି ଆହୁରି ବଢ଼ିଯାଇଛି। ଏବେ ଆମେ ସମସ୍ତେ ଏହି ଭ୍ରଷ୍ଟାଚାରୀ, ବଂଶବାଦୀ ଓ ତୁଷ୍ଟୀକରଣ ରାଜନୀତି ବିରୋଧରେ ଭାରତ ଛାଡ଼ ଆନ୍ଦୋଳନ କରିବା ଦରକାର। ଏହା ହିଁ ଆଜି ଦିନରେ ଗାନ୍ଧିଜୀ ଏବଂ ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଓ ଶହୀଦମାନଙ୍କ ପ୍ରତି ସର୍ବୋତ୍କୃଷ୍ଟ ଶ୍ରଦ୍ଧାଞ୍ଜଳି ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।



ଧର୍ମେନ୍ଦ୍ର ପ୍ରଧାନ

# ପ୍ରଧାନମନ୍ତ୍ରୀଙ୍କୁ ଅପେକ୍ଷା କରିଛୁ: ପ୍ରିୟଙ୍କା ଚତୁର୍ବେଦୀ

ନୂଆଦିଲ୍ଲୀ,୯।୮

ଶିବସେନା (ୟୁବିଟି) ଏମ୍‌ପି ପ୍ରିୟଙ୍କା ଚତୁର୍ବେଦୀ ମଣିପୁର ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ସରକାରକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ଯଦି ପ୍ରଧାନମନ୍ତ୍ରୀ ଏତେ ଆଶ୍ୱସ୍ତ ଅଛନ୍ତି ତେବେ ଆଲୋଚନାର ପ୍ରଥମ ଦିନରେ କାହିଁକି ନ ଥିଲେ? ମୂଲ୍ୟ ବୃଦ୍ଧି, ଦୁର୍ନୀତି ଏବଂ ମହିଳା ସୁରକ୍ଷା ସମ୍ବନ୍ଧରେ ସେମାନଙ୍କର କାର୍ଯ୍ୟ ଶୂନ୍ୟ ହୋଇଛି। ପ୍ରଧାନମନ୍ତ୍ରୀ ମୋଦି ମଣିପୁର ଉପରେ କ'ଣ କହୁଛନ୍ତି ତାହା ଜାଣିବା ପାଇଁ ଅପେକ୍ଷା କରିବୁ। ମୋଦି ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବକୁ ନେଇ ଲୋକସଭାରେ ହଟ୍ଟଗୋଳ ଦେଖାଦେଇଛି। ପ୍ରିୟଙ୍କା ଭାଜପା ଏମ୍‌ପି ନାରାୟଣ ରାଣେଙ୍କ ଏକ ଭିଡିଓ ଶେୟାର କରି ମୋଦି ସରକାର ଉପରେ ଆକ୍ରମଣ କରିଛନ୍ତି। ସେ କହିଥିଲେ, ଏହି ବ୍ୟକ୍ତି ଜଣେ ମନ୍ତ୍ରୀ। ଏହା ଦର୍ଶାଉଛି ଯେ ଏହି ସରକାରଙ୍କ ସ୍ତର କେତେ କମ ହୋଇପାରେ। ପାର୍ଲାମେଣ୍ଟରେ ନାରାୟଣ ରାଣେ ଅରବିନ୍ଦ ସାୱନ୍ତଙ୍କ ଏକ ପ୍ରଶ୍ନରେ ଜବାବ ଦେଇ କହିଛନ୍ତି, ଯଦି ଅରବିନ୍ଦ ସାୱନ୍ତ ଭାଜପା,ପ୍ରଧାନମନ୍ତ୍ରୀ ଏବଂ ଅମିତ ଶାହାଙ୍କ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି, ତେବେ ମୁଁ ତାଙ୍କୁ ତାଙ୍କ ଔକାତ ଦେଖାଇଦେବି।

# ୨୦୨୪ ପରେ ମୋଦି ସରକାର ନ ଥିବ: ଜେଡିୟୁ

**ପାଟନା,୯।୮:** ବିହାରରେ ମେଣ୍ଟ ସରକାରକୁ ଏକ ବର୍ଷ ପୂରଣ ହୋଇଛି। ଅଗଷ୍ଟ ୯,୨୦୨୨ରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆରଜେଡି, କଂଗ୍ରେସ ଏବଂ ବାମ ଦଳ ସହିତ ମିଶି ରାଜ୍ୟରେ ସରକାର ଗଢିଥିଲେ। ସରକାରର ଏକ ବର୍ଷ ପୂରଣ ହେବା ପରେ ଭାଜପା ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ବିରୋଧରେ ଅନେକ ଅଭିଯୋଗ ଆଣିଛି। ଏହି ଅଭିଯୋଗ ଉପରେ ଜେଡିୟୁ ନେତା ତଥା ମନ୍ତ୍ରୀ ଶ୍ରବଣ କୁମାର ବୁଧବାର କହିଛନ୍ତି, ୨୦୨୪ ପରେ ମୋଦି ସରକାର ନଥିବ। 'ଇଣ୍ଡିଆ' ପରିବାର ଘୃଣାକୁ ଶେଷ କରିବେ, ଭାଜପା ଦ୍ୱାରା ବୁଣାଯାଇଥିବା ଘୃଣାର ମଞ୍ଜି ନଷ୍ଟ ହୋଇଯିବ। ବିବାହରରେ ମେଣ୍ଟ ସରକାରଙ୍କ ଗୋଟିଏ ବର୍ଷ ପୂରଣ ହେବାପରେ ଭାଜପା ମୁଖ୍ୟମନ୍ତ୍ରୀଙ୍କୁ ଘେରିଛି। ରାଜ୍ୟରେ ସବୁ ସ୍ଥାନରେ ଦୁର୍ନୀତି ବ୍ୟାପିଛି। ବିହାରରେ ଜଙ୍ଗଲ ରାଜ ଦ୍ୱିତୀୟ ପ୍ରତିଷ୍ଠା କରାଯାଇଛି। ଏକଦା ଦୁର୍ନୀତିଗ୍ରସ୍ତଙ୍କୁ ଟାର୍ଗେଟ୍ କରୁଥିବା ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆଜି ସେମାନଙ୍କ ସହ ଅଛନ୍ତି ବୋଲି ଗୈରିକ ଦଳ ଅଭିଯୋଗ ଆଣିଛି।

# ଜନଜାତି ସମ୍ପ୍ରଦାୟ ପାଇଁ ଯୋଜନା କାଗଜପତ୍ରରେ ସୀମିତ: ଭାଜପା

**ଭୁବନେଶ୍ୱର, ୯।୮(ସୁନିତ୍ ମିଶ୍ର):** ରାଜ୍ୟର ସମୁଦାୟ ଜନସଂଖ୍ୟାରୁ ୨୩ ପ୍ରତିଶତ ହେଉଛନ୍ତି ଜନଜାତି ସମ୍ପ୍ରଦାୟର। ସେମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ବହୁ କଲ୍ୟାଣକାରୀ ଯୋଜନା ରହିଛି। କିନ୍ତୁ ଓଡ଼ିଶାରେ ସେହି ଯୋଜନା ସବୁ କେବଳ କାଗଜପତ୍ରରେ ଚାଲିଛି। ୨୦୦୮ରୁ ଜଙ୍ଗଲ ଜମି ଅଧିକାର ଆଇନ ଓଡ଼ିଶାରେ ଲାଗୁ ହେଲାଣି। କିନ୍ତୁ ୧୫ ବର୍ଷ ପରେ ମଧ୍ୟ ମାତ୍ର ସାଢ଼େ ୩ ଲକ୍ଷ ପରିବାରକୁ ଜଙ୍ଗଲ ଜମି ପଟ୍ଟା ମିଳିଛି ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ସରକାରଙ୍କ ଏହି ତଥ୍ୟ ଦର୍ଶାଉଛି, ଆହୁରି ଲକ୍ଷ ଲକ୍ଷ ପରିବାର ଏବେ ବି ଜଙ୍ଗଲ ଜମି ଅଧିକାରରୁ ବଞ୍ଚିତ ଅଛନ୍ତି। ମୁଖ୍ୟମନ୍ତ୍ରୀ ୨୦୧୨ରେ 'ଟ୍ରାଇବାଲ ଆଡଭାଇଜରି କାଉନସିଲ'ର ଏକ ବୈଠକରେ ଘୋଷଣା କରିଥିଲେ, ୨୦୧୬ ସୁଦ୍ଧା ଓଡ଼ିଶାର ସମସ୍ତ ଭୂମିହୀନ ଆଦିବାସୀଙ୍କୁ ସରକାର ଜମି ଅଧିକାର ପ୍ରଦାନ କରିବେ। ହେଲେ ସେ ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ଭାଜପା ବିଧାୟକ ତଥା ଦଳର ଜନଜାତି ମୋର୍ଚ୍ଚା ସଭାପତି ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନିତ୍ୟାନନ୍ଦ କହିଛନ୍ତି, ଆଜି ମଧ୍ୟ ଲକ୍ଷ ଲକ୍ଷ ଆଦିବାସୀ ପରିବାର ଭୂମିହୀନ ହୋଇ ରହିବା ସହ କାହିଁକି ଜମିପଟ୍ଟା ପାଇନାହାନ୍ତି। ଏହାର ଉତ୍ତର ରାଜ୍ୟ ସରକାର ଦିଅନ୍ତୁ। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରୁଥିବା 'ମୋ ଜଙ୍ଗଲ ଜମି ଯୋଜନା'ରେ କିଛି ନୂତନତ୍ୱ ନାହିଁ ବରଂ ଏହା ଆଦିବାସୀଙ୍କ ପ୍ରତି ବିଜେଡି ସରକାର ଦେଇଥିବା ପ୍ରତିଶ୍ରୁତିକୁ ପୂରଣ ନ କରିପାରିବାର ଏକ ପ୍ରମାଣପତ୍ର। ମାତ୍ର ୫୩ ଆଦିବାସୀ ଜଙ୍ଗଲୀ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ କରିବା ଦର୍ଶାଉଛି ଯେ, ସରକାର ଏହି ପ୍ରସଙ୍ଗରେ ବିଫଳ ହୋଇଛନ୍ତି। ରାଜ୍ୟରେ ଆହୁରି ୫୦୦ରୁ ଅଧିକ ଜଙ୍ଗଲ ଗ୍ରାମ ଅଛି ଯାହାକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ବାରମ୍ବାର ଦାବି ହେଉଛି। କିନ୍ତୁ ସରକାର ଏହି ଦାବି ପୂରଣ କରୁନାହାନ୍ତି। ସ୍ୱତନ୍ତ୍ର ବିକାଶ ପରିଷଦ(ଏସ୍‌ଡିସି) ନାଁରେ କେବଳ ବିଜେଡି ଲୋକଙ୍କୁ ଥଇଥାନ କରି ନିର୍ବାଚନ ପୂର୍ବ ବର୍ଷରେ ସରକାରୀ ଅର୍ଥକୁ ନିଜ ରାଜନୈତିକ କାର୍ଯ୍ୟରେ ଲଗାଇବାକୁ ଶାସକ ଦଳ ଏଭଳି ନାଟକ କରୁଛି ବୋଲି ନିତ୍ୟାନନ୍ଦ କହିଛନ୍ତି।

# କ୍ରାନ୍ତି ଦିବସ ପାଳିଲା କଂଗ୍ରେସ

**ଭୁବନେଶ୍ୱର, ୯।୮(ସୁନିତ୍ ମିଶ୍ର):** ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଭୁବନେଶ୍ୱର କଂଗ୍ରେସ ଭବନଠାରେ କ୍ରାନ୍ତି ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ବୁଧବାର ସକାଳେ ପିସିସି ସଭାପତି ଶରତ ପଟ୍ଟନାୟକ ଏବଂ ଦଳର ନେତୃବୃନ୍ଦ କଳ୍ପନା ଛକ ରାଜ୍ୟ ସଂଗ୍ରହାଳୟ ସମ୍ମୁଖ ସହିଦ୍ ସ୍ମୃତି ସ୍ତମ୍ଭରେ ମାଲ୍ୟାର୍ପଣ କରିଛନ୍ତି। ଏହାପରେ କଂଗ୍ରେସ ଭବନ କାର୍ଯ୍ୟାଳୟ ପରିସରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ଦଳର ନେତୃବୃନ୍ଦମାନେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ଏହି ସମସ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ରାମଚନ୍ଦ୍ର ଖୁଣ୍ଟିଆ, ପଞ୍ଚାନନ କାନୁନ୍‌ଗୋ, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, ଭୁଜବଳ ମାଝୀ, ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ଥିଲେ।

# 'ପଛୁଆ ବର୍ଗ ସର୍ଭେର ସ୍ଥିତି ଜଣାନ୍ତୁ ସରକାର'

**ଭୁବନେଶ୍ୱର, ୯।୮(ସୁନିତ୍ ମିଶ୍ର):** ବହୁ ପ୍ରଚାରିତ ପଛୁଆବର୍ଗ ସର୍ଭେ ମେ ୧ରୁ ଆରମ୍ଭ ହୋଇ ସେହି ମାସ ୨୭ ତାରିଖରେ ସରିବା ସହ ଏହା ଆଧାରରେ ଓବିସି ବର୍ଗଙ୍କୁ ସବୁ କ୍ଷେତ୍ରରେ ସଂରକ୍ଷଣର ସୁବିଧା ମିଳିବ ବୋଲି ରାଜ୍ୟ ସରକାର ଡିଣ୍ଡିମ ପିଟୁଥିଲେ। ମାତ୍ର ୩ ମାସ ପରେ ଉକ୍ତ ରିପୋର୍ଟର ସ୍ଥିତି ସମ୍ପର୍କରେ ରାଜ୍ୟବାସୀଙ୍କୁ ନ ଜଣାଇବା ପଛର କାରଣ ସମ୍ପର୍କରେ ଜାଣିବାକୁ ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର ରାଜ୍ୟ ଓବିସି କମିଶନ ଅଧ୍ୟକ୍ଷଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ସର୍ଭେ ରିପୋର୍ଟ ତୁରନ୍ତ ସାର୍ବଜନୀନ କରିବା ପାଇଁ ଓବିସି କମିଶନଙ୍କ ନିକଟରେ ଦାବି କରାଯାଇଛି। ସର୍ଭେ ବାହାନା ଦେଖାଇ ରାଜ୍ୟ ସରକାର ଚଳିତ ବର୍ଷ ଉଚ୍ଚଶିକ୍ଷା ପାଇଁ ନାମଲେଖାରେ ମଧ୍ୟ ସଂରକ୍ଷଣ ଦେଇନାହାନ୍ତି। ଚଳିତ ଶିକ୍ଷାବର୍ଷ ପାଇଁ ନାମଲେଖା ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ହେଲେ ରାଜ୍ୟ ସରକାର ଏ ସମ୍ପର୍କରେ କୌଣସି ପଦକ୍ଷେପ ନେବାର ନାଁ ଧରୁନାହାନ୍ତି। ସମଗ୍ର ଦେଶର ଓବିସି ଛାତ୍ରୀଛାତ୍ରମାନେ ୨୭ ପ୍ରତିଶତ ସଂରକ୍ଷଣ ସୁବିଧା ପାଉଥିବା ବେଳେ ଓଡ଼ିଶାର ପିଲାଏ କାହିଁକି ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେବେ ବୋଲି ସୁରଥ ପ୍ରଶ୍ନ କରିଛନ୍ତି।

**ରାଜ୍ୟ ଓବିସି କମିଶନ ଅଧ୍ୟକ୍ଷଙ୍କୁ ଦାବିପତ୍ର ଦେଲା ଭାଜପା**




CBC 09101/13/0013/2324

# 'ମିଶନ ଶକ୍ତିକୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉଛନ୍ତି'

**କଟକ,୯।୮(ସୁପ୍ରିୟା ପ୍ରିୟଦର୍ଶିନୀ)**


କଟକ ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ସମାବେଶରେ ଉପସ୍ଥିତ ମହିଳାମାନେ।


୫-ଟି ସଚିବ ଭି.କେ. ପାଣ୍ଡିଆନ ଉଦ୍‌ବୋଧନ ଦେଉଛନ୍ତି।

ନିଜର ଦକ୍ଷତା ଓ ଘରୋଇ କାରିଗରିକୁ ନେଇ ଏବେ ନୂଆ ସମ୍ଭାବନା ଦିଗରେ ଆଗେଇ ଚାଲିଛନ୍ତି କଟକର ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ମହିଳାମାନେ। ସେମାନେ ଏବେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ମୁହାଁ। ୨୧,୭୭୦ ଗ୍ରୁପ୍‌ର ମହିଳା ପ୍ରାୟ ୭୦୦ କୋଟିର ଋଣ ନେଇ ଏବେ ନୂଆ ମାଇଲ୍‌ଖୁଣ୍ଟ ସ୍ଥାପନ କରିଛନ୍ତି ବୋଲି ୫-ଟି ସଚିବ ଭି.କେ. ପାଣ୍ଡିଆନ କହିଛନ୍ତି।

କଟକ ବାଲିଯାତ୍ରା ଉପର ପଡ଼ିଆରେ ବୁଧବାର ବିଶାଳ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଣ୍ଡିଆନ୍ ଯୋଗଦେଇ ଏସ୍‌ଏଚ୍‌ଜି ମହିଳାମାନଙ୍କ ପାଇଁ ହୋଇଥିବା ଯୋଜନା ସମ୍ପର୍କରେ ବୁଝାଇଥିଲେ। ଏଥିସହ ସେ କହିଥିଲେ, ମା' ସଶକ୍ତ ହେଲେ ପରିବାର ସଶକ୍ତ ହେବ। ପରିବାର ସଶକ୍ତ ହେଲେ ଓଡ଼ିଶା ଆଗେଇବ। ଏହି ଉଦ୍ଦେଶ୍ୟ ନେଇ ମିଶନ୍ ଶକ୍ତିକୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉଛନ୍ତି। ଯାହାଫଳରେ ଗତ କିଛିବର୍ଷ ଭିତରେ ମିଶନ୍ ଶକ୍ତି କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ ବରଂ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି। ବର୍ତ୍ତମାନ ସମୟରେ ଏହି ଗ୍ରୁପ୍ ବେଶ ଆଗକୁ ଗତି କରିଛି। ଯେଉଁ ମହିଳା ଦିନେ ଘରେ ରହୁଥିଲେ ସେ ଆଜି ଦେଶ ଓ ଅନ୍ତର୍ଜାତୀୟ ସ୍ତରରେ ନିଜର ପରିଚୟ ସୃଷ୍ଟି କରୁଛନ୍ତି। ଏହାକୁ ନଜରରେ ରଖି ରାଜ୍ୟ ସରକାର ଆହୁରି ଅନେକ ସୁବିଧାସୁଯୋଗ ଏହି ମହିଳାମାନଙ୍କୁ ଯୋଗାଇ ଦେବେ। ଜିଲାରେ ମିଶନ୍ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରି ମା' ମାନଙ୍କୁ ଯୋଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ନିକଟରେ ଥିବା ବାରବାଟୀ ପ୍ୟାଲେସ୍‌କୁ ଯାଇ 'ମିଲେଟ୍ କାଫେ' ପରିଦର୍ଶନ କରିଥିଲେ। ସେଠାକାର ପରିବେଶକୁ ଦେଖି

**କଟକରେ ୫-ଟି ସଚିବଙ୍କ ଦ୍ୱିତୀୟ ଦିନ**

ସନ୍ତୋଷ ବ୍ୟକ୍ତ କରିବା ସହିତ ଏହାର ଆହୁରି ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର୍ ଭିନିଲ କିଷ୍ଟା, ଆର୍‌ଡିସି ସୁରେଶ ଦଳାଇ, ପୋଲିସ ଆଇଜି ଆଶିଷ ସିଂ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ପିନାକ ମିଶ୍ରଙ୍କ ସମେତ ଜିଲାର ସମସ୍ତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୩ ହଜାର ମିଶନ୍ ଶକ୍ତି ମହିଳା ଯୋଗଦେଇଥିଲେ।

# ୧୪ ନିଶା କାରବାର ମାମଲାରେ ୨୭ ଗିରଫ

**ଭୁବନେଶ୍ୱର,୯।୮(ସତ୍ୟଜିତ୍ ରାଉତ)**

**ହ୍ୱାଇଟ୍ ସ୍ୱାଇଡର ଅଭିଯାନ**

ରାଜଧାନୀରେ ନିଶାଦ୍ରବ୍ୟ କାରବାର ଉପରେ ରୋକ ଲଗାଇବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ହ୍ୱାଇଟ୍ ସ୍ୱାଇଡର ଅଭିଯାନ ଜରିଆରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି ଅଭିଯାନରେ ଗତ ଜୁଲାଇ ମାସରେ ମୋଟ ୧୪ଟି ନିଶା କାରବାର ମାମଲାରେ ୨୭ଜଣ ଅଭିଯୁକ୍ତ ଧରାପଡ଼ିଛନ୍ତି। ବୁଧବାର ପୋଲିସ ପକ୍ଷରୁ ଦିଆଯାଇଥିବା ରିପୋର୍ଟ ଅନୁଯାୟୀ, ଜୁଲରେ ବିଭିନ୍ନ ଥାନାରେ ମୋଟ ୫ଟି ବ୍ରାଉନସୁଗାର ବିକ୍ରିଜନିତ ମାମଲା ରୁଜୁ କରାଯାଇ ୮ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୫୩. ୪୫ ଗ୍ରାମ ବ୍ରାଉନସୁଗାର, ନଗଦ ୧୪ ହଜାର ୩୪୦ ଟଙ୍କା, ୩ ବାଇକ ଏବଂ ୪ଟି ମୋବାଇଲ ଜବତ ହୋଇଛି। ସେହିଭଳି ବିଭିନ୍ନ ଥାନାରେ ମୋଟ ୯ଟି ବେଆଇନ ଗଞ୍ଜେଇ ବିକ୍ରିଜନିତ ମାମଲା ରୁଜୁ କରାଯାଇ ୧୯ ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ୧୦୭ କେଜି ୯୦୩ ଗ୍ରାମ ଗଞ୍ଜେଇ, ନଗଦ ୧ ଲକ୍ଷ ୬୫ ହଜାର ୭୭୯ ଟଙ୍କା, ଗୋଟିଏ ଅଟୋ ଏବଂ ୫ଟି ମୋବାଇଲ ଜବତ ହୋଇଛି। ତେବେ ଗତ ଜୁନ ତୁଳନାରେ ଜୁଲାଇରେ ଏହି ମାମଲା ଓ ଗିରଫ ସଂଖ୍ୟା ଖସିଥିବା ରିପୋର୍ଟରୁ ଜଣାପଡ଼ିଛି। ଜୁନରେ ଏହି ଅଭିଯାନରେ ଭୁବନେଶ୍ୱରରୁ ବିଭିନ୍ନ ଥାନାରେ ମୋଟ ୭୫ ମାମଲାରେ ୧୫୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ୩୧ ବ୍ରାଉନସୁଗାର କାରବାର ମାମଲାରେ ୫୯ ଜଣ ଓ ୪୪ ଗଞ୍ଜେଇ କାରବାର ମାମଲାରେ ୯୭ ଅଭିଯୁକ୍ତ ଗିରଫ ହୋଇ ଜେଲ ଯାଇଥିଲେ। ବେଆଇନ ନିଶା କାରବାର ସଂକ୍ରାନ୍ତରେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ପକ୍ଷରୁ ଜାରି ହୋଇଥିବା ହ୍ୱାଟ୍ସଆପ୍ ନଂ (୭୦୭୭୭୯୮୧୧୧)ରେ ସୂଚନା ଦେବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି।

# ଉଚ୍ଛେଦ ପାଇଁ ଆସି ବିଏମ୍‌ସି ଟିମ୍ ହଟହଟା

**ଭୁବନେଶ୍ୱର,୯।୮(ଅନୁରାଧା ମହାରଣା)**

ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ଜଣେ ମହିଳା ବ୍ୟବସାୟୀଙ୍କ ଉଠା ଦୋକାନ ଉଚ୍ଛେଦ କରିବାକୁ ଯାଇ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଟମକୁ ହଟହଟା ହୋଇ ଫେରିବାକୁ ପଡ଼ିଛି। ଦୀର୍ଘ ୫-୭ ବର୍ଷ ହେବ ଉଠାଦୋକାନ କରି ସନ୍ଧ୍ୟାରେ ମକା ସିଝା ଓ ମୋମୋ ବେପାର କରୁଥିବା ମହିଳା ବ୍ୟବସାୟୀ ଗୋଲାପ ରାଣୀ ଦାସଙ୍କ ଦୋକାନ ହଟାଇବା ପାଇଁ ବୁଧବାର ବିଏମ୍‌ସି ପକ୍ଷରୁ ଉଦ୍ୟମ କରିଥିଲେ। ମାତ୍ର ଗୋଲାପଙ୍କ ବିରୋଧ ଫଳରେ ବିଏମସି ଟିମକୁ ନିରାଶ ହୋଇ ଫେରିବାକୁ ପଡ଼ିଛି। ନିୟମିତ ଆସି କିଛି ବିଏମସି କର୍ମଚାରୀ ମକା ଖାଇବା ସହ ପଇସା ଦେଉନଥିବା ସେ ଅଭିଯୋଗ କରିଥିଲେ। ମାତ୍ର ତାଙ୍କୁ ମାଗଣାରେ ନ ଦେବାରୁ ଉଚ୍ଛେଦ କରିଥିବା ସେ ଅଭିଯୋଗ କରିଛନ୍ତି। ବିଏମ୍‌ସିକୁ ଟିକସ ଦେଉଥିବାବେଳେ ସେଠାରୁ କାହିଁକି ହଟିବେ ବୋଲି ଗୋଲାପ ପ୍ରଶ୍ନ କରିଥିଲେ। ଏହା ସତ୍ତ୍ୱେ ବିଏମସି ଟିମ୍ ଦୋକାନ ହଟାଇବାକୁ ଯାଉଥିବା ବେଳେ ଗୋଲାପ ପାଖରେ ଥିବା ଗରମ ପାଣି ନିଜେ ଢାଳି ହେବା ସହ କର୍ମଚାରୀଙ୍କ ଉପରେ ଢାଳିବାକୁ କହିଥିଲେ। ଘଟଣାରେ ପୋଲିସର ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ବିଏମସି ଟିମ୍ ଉଚ୍ଛେଦ ନ କରି ଫେରିଥଲା।

## ସଂକ୍ଷେପରେ

### ଜନଜାତି ସଂସ୍କୃତି, ସାମାଜିକ ଜୀବନ ସଂକ୍ରାନ୍ତ ଆଲୋଚନାଚକ୍ର

**ଭୁବନେଶ୍ୱର,୯।୮(ଶର୍ମିଷ୍ଠା ପାଣିଗ୍ରାହୀ)**

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବୁଧବାର ଜନଜାତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜନଜାତି ସଂସ୍କୃତି ଓ ସାମାଜିକ ଜୀବନ ସମ୍ପର୍କିତ ଏକ ବିଶେଷ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହି ଆଲୋଚନାଚକ୍ରକୁ ଉଦଘାଟନ କରି ଜନଜାତି ସଂସ୍କୃତି ଉପରେ ଅଧିକ ଗବେଷଣାକୁ ଗୁରୁତ୍ୱ ଦେଇଥିଲେ। ପରୀକ୍ଷା ନିୟନ୍ତ୍ରକ ଧରଣୀଧର ରଣା ଜନଜାତି ଜୀବନର ସରଳତା ଓ ସାଂସ୍କୃତିକ ଅବଦାନ ବିଷୟରେ ଆଲୋଚନା କରିଥିଲେ। ବିତ୍ତ ନିୟନ୍ତ୍ରକ ରାଜେଶ କୁମାର ମହାନ୍ତି ଜନଜାତି ଦିବସର ପ୍ରାସଙ୍ଗିକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା ସ୍ୱାଗତ ଭାଷଣ ଦେଇଥିଲାବେଳେ ସଂସ୍କୃତି ଅଧ୍ୟୟନ ବିଭାଗର ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଆଲୋଚନା ଚକ୍ରକୁ ସଂଯୋଜନା ସହ ଧନ୍ୟବାଦ ଦେଇଥିଲେ। ଓଡ଼ିଶୀ ସଙ୍ଗୀତ ବିଭାଗର ଛାତ୍ରୀ ଦାଶମତି ସିଂ ହେମ୍ବ୍ରମ 'ହୋ' ଜନଜାତିର ପାରମ୍ପରିକ ସଙ୍ଗୀତ ପରିବେଷଣ କରିଥିଲେ।

### ଅଭିଲେଖାଗାର ୱେବସାଇଟ୍‌ର ପୁନଃବିନ୍ୟାସ ଉନ୍ମୋଚିତ

**ଭୁବନେଶ୍ୱର,୯।୮(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ବୁଧବାର ଅଗଷ୍ଟ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅଭିଲେଖାଗାରରେ ଥିବା ୧୯୪୨ ମସିହାର ଅଗଷ୍ଟ ବିପ୍ଳବ ନଥିପତ୍ରକୁ ନେଇ ଏକ ପ୍ରଦର୍ଶନୀ 'ଓଡ଼ିଶାରେ ଅଗଷ୍ଟ ବିପ୍ଳବ'ପ୍ରଦର୍ଶିତ କରାଯାଇଥିଲା। ଅଭିଲେଖାଗାର ୱେବସାଇଟ୍‌ର ପୁନଃବିନ୍ୟାସ ଉନ୍ମୋଚନ ହେବା ସହ 'ଅଗଷ୍ଟ କ୍ରାନ୍ତି ଓ ଓଡ଼ିଶା' ଶୀର୍ଷକ ଆଲୋଚନା ଚକ୍ର ଆୟୋଜନ ହୋଇଥିଲା। ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ଡ. ପ୍ରିୟଦର୍ଶୀ କର ଯୋଗଦେଇ କହିଥିଲେ, ଭାରତ ଛାଡ଼ ଆନ୍ଦୋଳନକୁ ଅଗଷ୍ଟ ବିପ୍ଳବ କହିବାର ଯଥେଷ୍ଟ ଐତିହାସିକ ଯଥାର୍ଥତା ଅଛି। ଅଗଷ୍ଟ ବିପ୍ଳବ ଗାନ୍ଧିଜୀ ଓ କଂଗ୍ରେସର ନେତୃତ୍ୱରେ ଏଡା ଶେଷ ଜନ ଆନ୍ଦୋଳନ, ଯାହା ଭାରତକୁ ବ୍ରିଟିଶ ଶାସନ କବଳରୁ ସ୍ୱାଧିନ କରିଥିଲା। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ କହିଥିଲେ, ଆମେମାନେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ କରିବା ହିଁ ସେମାନଙ୍କ ପାଇଁ ଯଥାର୍ଥ ହେବ। ଅନ୍ୟତମ ଅତିଥି ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ କହିଥିଲେ ଯେ, ଯେଉଁ ବିପ୍ଳବୀମାନେ ତ୍ୟାଗ ଦ୍ୱାରା ଆମ ଦେଶକୁ ବ୍ରିଟିଶ ଶାସନ କବଳରୁ ମୁକ୍ତ କରିଥିଲେ, ସେମାନଙ୍କ ଦେଶପ୍ରେମ ଓ ତ୍ୟାଗର ପଟାନ୍ତର ନାହିଁ । ସମ୍ମାନରେ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଓ ଉପେନ୍ଦ୍ର କୁମାର ବେହେରା ଧନ୍ୟବାଦ ଦେଇଥିଲେ।



୪୮ ବର୍ଗ ଅନୁଦାନପ୍ରାପ୍ତ କଲେଜ ଅଧ୍ୟାପକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବିଭିନ୍ନ ଦାବି ନେଇ ବୁଧବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ: ମୌସମ୍)

# ସେପ୍ଟେମ୍ବରରେ କଳିଙ୍ଗ ପର୍ଯ୍ୟଟନ ଓ ଆତିଥ୍ୟ ସମ୍ମାନ ଉତ୍ସବ

**ଭୁବନେଶ୍ୱର,୯।୮(ଅଭିଜିତ ଦାସ):** ସମାଜ ବିକାଶ ପରିଷଦ ଏବଂ ହିଲ୍ ଆଣ୍ଡ ସି ଫାଉଣ୍ଡେଶନର ମିଳିତ ଆନୁକୁଲ୍ୟରେ ସେପ୍ଟେମ୍ବର ପ୍ରଥମ ସପ୍ତାହରେ କଳିଙ୍ଗ ପର୍ଯ୍ୟଟନ ଓ ଆତିଥ୍ୟ ସମ୍ମାନ ଉତ୍ସବ ଆୟୋଜନ ହେବ। ଏଥିରେ ମୁଖ୍ୟ ଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗଦେବେ। ସେହିପରି କାର୍ଯ୍ୟକ୍ରମର ମୁଖ୍ୟ ଦାୟିତ୍ୱ ମୁକେଶ ରାମ ଓ ରତିକାନ୍ତ ବିଶାଳ ପରିଚାଳନା କରିବେ। କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ଅନେକ ପର୍ଯ୍ୟଟନ ସଂସ୍ଥାକୁ ସମ୍ମାନିତ କରାଯିବ।

# ଚିତ୍ରକଳାରେ ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱ ଗାଥା


ଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

**ଭୁବନେଶ୍ୱର,୯।୮(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ନୀଳାଦ୍ରୀ ବିହାରସ୍ଥିତ ବୁଦ୍ଧ ଆର୍ଟ ଗ୍ୟାଲେରୀରେ ବୁଧବାର ସମସାମୟିକ ଚିତ୍ରକଳା ଶିବିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ ଯୋଗଦେଇ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ। ପ୍ରଦର୍ଶିତ ଚିତ୍ରଗୁଡ଼ିକ ସ୍ୱାଧିନତା ସଂଗ୍ରାମୀଙ୍କ ଜୀବନ ଓ ଦର୍ଶନ ଉପରେ ପର୍ଯ୍ୟବେକ୍ଷିତ ହୋଇଥିବା ସହ ଏହା କଳା ପ୍ରେମୀଙ୍କୁ ଉଦବୁଦ୍ଧ କରିବ ବୋଲି ନିର୍ଦ୍ଦେଶକ କହିଥିଲେ। ପ୍ରାରମ୍ଭରେ ଏକାଡେମୀ ସଚିବ ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଓ ଯୁବ ଚିତ୍ରଶିଳ୍ପୀମାନଙ୍କ ଦ୍ୱାରା ଅଙ୍କିତ ଏହି ପ୍ରଦର୍ଶନୀରେ ଏକାଡେମୀ ଦ୍ୱାରା ସଂଗୃହିତ ମହାତ୍ମା ଗାନ୍ଧୀ ଏବଂ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୀବନ ଦର୍ଶନ ଓ ପାଇକ ବିଦ୍ରୋହର ବୀରତ୍ୱକୁ ନେଇ ମୋଟ ୪୫ଟି ଚିତ୍ର ପ୍ରଦର୍ଶିତ ହୋଇଛି। ବରିଷ୍ଠ ଚିତ୍ରଶିଳ୍ପୀ ତଥା ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ବିଜୟ କୁମାର ପରିଡ଼ା, ବରିଷ୍ଠ ଭାସ୍କର୍ଯ୍ୟ ଶିଳ୍ପୀ ଜୟନ୍ତ କୁମାର ଦାସ, ନିଫ୍ଟ ଅଧ୍ୟାପକ ଡ. ଚିତ୍ତରଞ୍ଜନ ସାହୁ, ସ୍ୱର୍ଣ୍ଣଲତା ଶତପଥି, ବିନୋଦିନୀ ସିଂଙ୍କ ସମେତ ବିଭିନ୍ନ କଳା ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ କଳାନୁରାଗୀ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଅଗଷ୍ଟ ୧୬ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ଦିବା ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପ୍ରଦର୍ଶନୀ ଖୋଲା ରହିବ।

# ଡେଙ୍ଗୁ ଦମନ ପାଇଁ ୧୫ରୁ ଯାଞ୍ଚ କଡ଼ାକଡ଼ି

**ଭୁବନେଶ୍ୱର,୯।୮(ଅନୁରାଧା ମହାରଣା)**

**ବିଏମ୍‌ସିର ପରିମଳ ସୁରକ୍ଷା ବୈଠକ**

- ସଚେତନତା ପାଇଁ ମିଶନରଙ୍କ ଅପିଲ
- ଅବ୍ୟାହୃତ ଗାଡ଼ି ଉଠାଇବାକୁ ନିର୍ଦ୍ଦେଶ

ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରିବା ପାଇଁ ପରିମଳ ବ୍ୟବସ୍ଥାର ନିରନ୍ତର ସମୀକ୍ଷା ଆବଶ୍ୟକ ବୋଲି ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ବୁଧବାର ବିଏମ୍‌ସି କାର୍ଯ୍ୟାଳୟରେ ଅନୁଷ୍ଠିତ ପରିମଳ ସୁରକ୍ଷା ସମ୍ପର୍କିତ ବୈଠକରେ ଭପରିମଳ ଓ ଡେଙ୍ଗୁ ଅଭିଯାନର ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଥିଲା। ବିଏମ୍‌ସି ଅଞ୍ଚଳରେ ଥିବା ସମସ୍ତ ରାସ୍ତାକୁ ସ୍ୱଚ୍ଛ କରିବା ପାଇଁ ନିର୍ମାଣ ଓ ଭଗ୍ନାବଶେଷ ବର୍ଜ୍ୟ, ସବୁଜ ବର୍ଜ୍ୟ ସଫେଇ ହେବା ସହିତ ରାସ୍ତାରେ ଘାସ, ଅବରୋଧ କଲାଭଳି ଖୁଣ୍ଟ କିମ୍ବା ଗଛ ଏବଂ ମାଟି ପଡି ନ ରହିବା ଉଚିତ୍ ବୋଲି କମିଶନର କହିଛନ୍ତି। ପ୍ରତ୍ୟେକ କ୍ଷେତ୍ର କର୍ମୀ ନିଜ ଅଞ୍ଚଳର ବର୍ଜ୍ୟ ସମ୍ବେଦନଶୀଳ ସ୍ଥାନର ନିୟମିତ ପରିଦର୍ଶନ କରି ବିବରଣୀ ଦିଅନ୍ତୁ। ସହରର କୌଣସି ରାସ୍ତାରେ ଯେପରି ବର୍ଜ୍ୟ ଜମା ହୋଇ ନ ରୁହେ, ସେଥିପ୍ରତି ସମସ୍ତେ ଧ୍ୟାନ ଦେବାକୁ କମିଶନର କହିଛନ୍ତି।

ଅନ୍ୟପଟେ କମିଶନର ସ୍ୱତନ୍ତ୍ର ଭାବେ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ସହରବାସୀଙ୍କୁ ଅପିଲ କରିଛନ୍ତି। ବର୍ଷା ଋତୁ ଚାଲିଥିବାବେଳେ ବିଭିନ୍ନ ସ୍ଥାନରେ ପାଣି ଜମି ରହୁଛି। ଏହା ଏଡିସ୍ ମଶାଙ୍କ ବଂଶବୃଦ୍ଧିରେ ସହାୟକ ହେଉଛି। ଡେଙ୍ଗୁର କୌଣସି ଟିକା ନ ଥିବାରୁ ସ୍ୱଚ୍ଛତା ରକ୍ଷା ହିଁ ଡେଙ୍ଗୁକୁ ହରାଇବାରେ ସହାୟକ ବୋଲି କମିଶନର କହିଛନ୍ତି। ପ୍ରତ୍ୟେକ ବ୍ୟକ୍ତି ଓ ଅନୁଷ୍ଠାନ ନିଜ ଆଖପାଖ ଅଞ୍ଚଳରେ ଯେପରି କୌଣସି ସ୍ଥାନରେ ପାଣି ଜମି ନ ରହେ ସେଥିପ୍ରତି ଦୃଷ୍ଟି ଦେବାକୁ କମିଶନର କହିଛନ୍ତି। ଦୋକାନ, ଘର, ବ୍ୟବସାୟିକ ପ୍ରତିଷ୍ଠାନ ନିଜ ଅଧିନସ୍ଥ ଅଞ୍ଚଳରେ ନଡ଼ିଆ ସଢ଼େଇ, ପ୍ଲାଷ୍ଟିକ ପାତ୍ର ଭଳି ଖାଲି ପାତ୍ରରେ ଜମିଥିବା ପାଣି ସଫା କରିବା ବାଧ୍ୟତାମୂଳକ ବୋଲି କମିଶନର ଦର୍ଶାଇଛନ୍ତି। ଏଥିରେ ଖିଲାପ କଲେ ବ୍ୟକ୍ତି ବିଶେଷଙ୍କ ଠାରୁ ୧ହଜାର ଟଙ୍କା ଏବଂ ବ୍ୟବସାୟିକ ପ୍ରତିଷ୍ଠାନରୁ ୫ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରାଯିବ ବୋଲି କମିଶନର ଚେତାବନୀ ଦେଇଛନ୍ତି। ଆସନ୍ତା ୧୫ ତାରିଖରୁ ଏନେଇ ବିଏମସି ପକ୍ଷରୁ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରାଯିବ। ବିଏମ୍‌ସି ପକ୍ଷରୁ ନିୟମିତ ଡେଙ୍ଗୁ ବଂଶବୃଦ୍ଧି ସ୍ଥଳ ଚିହ୍ନଟ ସହ ମଶାଧୁଆଁ ଓ ମଶାମରା ତେଲ ସିଞ୍ଚନ କରାଯାଉଛି। ରହିଥିବା ସେ କହିଛନ୍ତି। ବିଭିନ୍ନ ସ୍ଥାନରେ ଅବ୍ୟାହୃତ ଗାଡି, ଠେଲାଗାଡି, ଫୁଡ୍ ଷ୍ଟଲ, ରିକ୍ସା, ବାସନ ଟାୟାର ଆଦି ହଟାଇବାକୁ କମିଶନର କହିଛନ୍ତି।

# ଖଣ୍ଡଗିରି, ଶିଖରଚଣ୍ଡୀ ଅଞ୍ଚଳରୁ ବେଆଇନ ନିର୍ମାଣ ଉଚ୍ଛେଦ

**ଭୁବନେଶ୍ୱର,୯।୮(ଅନୁରାଧା ମହାରଣା)**

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡ଼ିଏ) ପକ୍ଷରୁ ବୁଧବାର ଫାୟାରଷ୍ଟେଶନରୁ ଖଣ୍ଡଗିରି ଛକ ଓ ଶିଖରଚଣ୍ଡୀ ଅଞ୍ଚଳରେ ବିଭିନ୍ନ ବେଆଇନ ନିର୍ମାଣ ଭଙ୍ଗାଯାଇଛି। ଖଣ୍ଡଗିରି ଥାନା ଅଞ୍ଚଳ ତଥା ଏନଏଚ୍-୧୬ ପାର୍ଶ୍ୱରେ ଗଢ଼ିଉଠିଥିବା ୭ଟି ଫାଷ୍ଟଫୁଡ୍ ଟ୍ରଲି, ୧୧ଟି ଖାଦ୍ୟ ଦୋକାନ ଭଙ୍ଗାଯାଇଛି। ସେହିପରି ଜାଗମରା ମୌଜାର ପ୍ଲଟ୍-ନଂ ୧୪୦କୁ ମଧ ଜବରଦଖଲମୁକ୍ତ କରାଯାଇଛି। ବିଡିଏ ଏନଫୋର୍ସମେଣ୍ଟ ଓଏସଡି ଦେବରାଜ ସେଠୀ, ଜନସମ୍ପର୍କ ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି, ଖଣ୍ଡଗିରି ଥାନା ଏସଆଇ ଅଚ୍ୟୁତାନନ୍ଦ ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ଏହି ସବୁ ବେଆଇନ ନିର୍ମାଣ ଭଙ୍ଗାଯାଇଛି। ଶିଖରଚଣ୍ଡୀ ଅଞ୍ଚଳରେ ଜବର ଦଖଲ ଉଚ୍ଛେଦ ସମୟରେ ଅଞ୍ଚଳବାସୀ ତୀବ୍ରବିରୋଧ କରିଥିଲେ।

# ଡିଭାଇନ୍ ଫିଜିଓଥେରାପି ସେଣ୍ଟର ଉଦ୍‌ଘାଟିତ

**ଭୁବନେଶ୍ୱର,୯।୮(ଅଭିଜିତ ଦାସ)**

ଶହୀଦନଗରରେ ଡିଭାଇନ ଫିଜିଓଥେରାପି ଓ କାଇରୋପ୍ରାକ୍ଟରର ଦ୍ୱିତୀୟ ଶାଖା ଖୋଲିଛି। ଏହି ଫିଜିଓଥେରାପି ସେଣ୍ଟରକୁ ଡାକ୍ତର ପତିତପାବନ ମହାନ୍ତି ଉଦ୍‌ଘାଟନ କରିଥିବାବେଳେ ଏହାର ମୁଖ୍ୟ ଦାୟିତ୍ୱ ଓ ପରିଚାଳନା ଡାକ୍ତର ଅସମଜିତ ସ୍ୱାଇଁ ତୁଲାଇବେ। ଡାକ୍ତର ସ୍ୱାଇଁଙ୍କ କହିବା ଅନୁଯାୟୀ, ଓଡ଼ିଶାର ପ୍ରଥମ କାଇରୋପ୍ରକଟର କ୍ଲିନିକ ଭୁବନେଶ୍ୱରରେ ଖୋଲାଯାଇଛି। ଏହି ସେଣ୍ଟରରେ ଫିଜିଓଥେରାପି ସହ କପିଂ ଥେରାପି, ଷ୍ଟ୍ରୋକ୍ ପାରାଲିସିସ୍, ନ୍ୟୁରୋଥେରାପି ଭଳି ଅନ୍ୟ ଚିକିତ୍ସା ଯୋଗାଇଦିଆଯିବ। ଆଗାମୀ ଦିନରେ ଓଡିଶାର ବିଭିନ୍ନ ସ୍ଥାନରେ ଶାଖା ଖୋଲାଯିବାକୁ ଲକ୍ଷ୍ୟ ରଖାଯାଇଛି।



ଡିଭାଇନ୍ ଫିଜିଓଥେରାପି ସେଣ୍ଟର ଉଦ୍‌ଘାଟନ ଅବସରରେ ଅତିଥି ଓ ଅନ୍ୟମାନେ।

# ପାଠାଗାର ଆଧୁନିକୀକରଣ, ଡିଜିଟାଇଜେଶନକୁ ଗୁରୁତ୍ୱ

- ଦୁଇଦିନିଆ 'ଫେଷ୍ଟିଭାଲ୍ ଅଫ୍ ଲାଇବ୍ରେରି' କାର୍ଯ୍ୟକ୍ରମ
- ଓଡ଼ିଶାରୁ ବକୁଳ, ଗଜପତି ଜିଲା ପାଠାଗାର ସାମିଲ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

**ଭୁବନେଶ୍ୱର,୯।୮(ଶର୍ମିଷ୍ଠା ପାଣିଗ୍ରାହୀ)**

ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଦୁଇଦିନିଆ ପ୍ରଥମ 'ଫେଷ୍ଟିଭାଲ ଅଫ୍ ଲାଇବ୍ରେରି' କାର୍ଯ୍ୟକ୍ରମ ନୂଆଦିଲ୍ଲୀସ୍ଥିତ ପ୍ରଗତି ମଇଦାନରେ ଅଗଷ୍ଟ ୫ ଓ ୬ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ବକୁଳ ପାଠାଗାର ଓ ଗଜପତି ଜିଲା ପ୍ରଶାସନ ପାଠାଗାରର ପଦକ୍ଷେପ ପ୍ରଦର୍ଶିତ ହୋଇଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ସାରା ବିଶ୍ୱର ପ୍ରତିଷ୍ଠିତ ପାଠାଗାର ଉପରେ ଆଲୋକପାତ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପାଠାଗାରର ଆଧୁନିକୀକରଣ, ଡିଜିଟାଇଜେଶନ ଉପରେ ଗୁରୁତ୍ୱ ଦିଆଯିବା ସହ ଭାରତରେ ଆଦର୍ଶ ପାଠାଗାରର ବିକାଶ ପାଇଁ ଗ୍ରାମ ଏବଂ ଗୋଷ୍ଠୀ ସ୍ତର ପର୍ଯ୍ୟନ୍ତ କାର୍ଯ୍ୟପନ୍ଥା ଆଧାରିତ ନୀତି ଓ ପଠନ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଭଳି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ୧ହଜାରରୁ ଊର୍ଦ୍ଧ୍ୱ ଲାଇବ୍ରେରି ପ୍ରଫେସନାଲ, ଶିକ୍ଷାବିତ୍, ବିଦ୍ୱାନ ଏବଂ ଛାତ୍ରୀଛାତ୍ର ଯୋଗଦେଇଥିଲେ। ବକୁଳ ପ୍ରତିଷ୍ଠାତା ସୁଜିତ ମହାପାତ୍ର ଅଧିବେଶନରେ ବକ୍ତା ଭାବେ ଯୋଗଦେଇ କହିଥିଲେ, ପରିଚାଳନା ସଂସ୍ଥାଗତ ପାଣ୍ଠି ବିନା ନାଗରିକ ଅବଦାନରେ ବକୁଳ ପାଠାଗାର ପରିଚାଳିତ ହେଉଛି। ଏହି ପାଠାଗାରର ଅଫିସ ନାହିଁ। ଏହାର ପାଠାଗାରରୁ ସେ ସମସ୍ତ କାମ କରନ୍ତି। ସେଠାକୁ ଲୋକେ କେବଳ ପଢ଼ିବା ପାଇଁ ନୁହେଁ ବରଂ ବିଭିନ୍ନ ବିଷୟରେ ଚର୍ଚ୍ଚା କରିବା, ପରିବେଶ ଅଭିଯାନ ଭଳି ଅନ୍ୟାନ୍ୟ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଉପରେ ଆଲୋଚନା ସହ ପଦକ୍ଷେପ ନେବାକୁ ଏକାଠି ହୁଅନ୍ତି ବୋଲି ପ୍ରକାଶ କରିଥିଲେ। ସେହିପରି ଗଜପତି ଜିଲା ପାଠାଗାରର ସ୍ମୃତିରଞ୍ଜନ ପ୍ରଧାନ ତାଙ୍କ ପୂର୍ବରୁ ଦାୟିତ୍ୱରେ ଥିବା ଲିଙ୍ଗରାଜ ପଣ୍ଡାଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ଓ କୋଭିଡ୍ ପରବର୍ତ୍ତୀ ଶିକ୍ଷଣ ସୁନିଶ୍ଚିତ କରିବା ପାଇଁ ବିଦ୍ୟାଳୟରେ ସେମାନଙ୍କୁ ରଖିବା ଲାଗି ପାଠାଗାର ଉପରେ ପଣ୍ଡା ଧ୍ୟାନ କେନ୍ଦ୍ରିତ କରିଥିଲେ। ପରିତ୍ୟକ୍ତ ସରକାରୀ କୋଠା ଏବଂ ଆଶ୍ରମ ସ୍କୁଲ କିଭଳି ଆକର୍ଷଣୀୟ ପାଠାଗାରରେ ପରିଣତ ହୋଇଥିଲା ଓ ମାତୃଭାଷାରେ ଅନୁବାଦିତ ଶିକ୍ଷା ଉପଲବ୍ଧ ହୋଇଥିଲା ସେ ସମ୍ପର୍କରେ ସେ ଆଲୋକପାତ କରିଥିଲେ।

## ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ

ଖୋର୍ଦ୍ଧା,୯।୮(ପ୍ରଭାତ ପାଣିଗ୍ରାହୀ)

କ୍ରାନ୍ତି ଦିବସ ଅବସରରେ ବୁଧବାର ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଖୋର୍ଦ୍ଧା ଜିଲା ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ସ୍ଥାନୀୟ ଗୀତା ଭବନ ପଡିଆରୁ ଶତାଧିକ ଶିକ୍ଷକ କର୍ମଚାରୀ ଶୋଭାଯାତ୍ରାରେ ବାହାରି ପୁରୁଣା ବସ୍‌ଷ୍ଟାଣ୍ଡ ଦେଇ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ଏହି ପରିପ୍ରେକ୍ଷୀରେ ଜିଲା ଓଷ୍ଟା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ହୋଇଥିଲା। ଯୋଗ୍ୟ ବିବେଚିତ ସମସ୍ତ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ଶିକ୍ଷକ କର୍ମଚାରୀମାନଙ୍କୁ ପେନସନ୍ ସହିତ ଚାକିରି ସର୍ତ୍ତାବଳୀ, ନୂତନ ପେନସନ୍ ବଦଳରେ ପୁରୁଣା ପେନସନ୍ କାର୍ଯ୍ୟକାରୀ କରିବା, ୨୨୬ ଓ ୩୯୯ ବିଦ୍ୟାଳୟକୁ ୭ମ ବେତନ ପରିସର ଭୁକ୍ତ କରିବା, ବିଦ୍ୟାଳୟରେ ଖାଲିଥିବା ପଦବୀ ପୂରଣ କରିବା, ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କର ୬ବର୍ଷର ଚୁକ୍ତି ଅବଧିକୁ ନିୟମିତ ଚାକିରିରେ ଯୋଗ କରିବା ସହ ୬ଟି ନୋସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ, ଅବସର ବୟସସୀମା ୬୨କୁ ବୃଦ୍ଧି, ହିନ୍ଦୀ, ସଂସ୍କୃତ ଓ କ୍ରିଡା ଶିକ୍ଷକମାନଙ୍କର ଯୋଗ୍ୟତାଭିତ୍ତିକ ଉଚ୍ଚ ବେତନ ପ୍ରଦାନ, ଅନୁକମ୍ପାମୂଳକ ନିଯୁକ୍ତି ପ୍ରକ୍ରିୟାକୁ ସରଳୀକରଣ କରି କାର୍ଯ୍ୟକାରୀ କରିବା, ଆର୍‌ଏସପି ଲାଗୁ କରିବା କ୍ଷେତ୍ରରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମା ପାଳନ କରିବା, ସମସ୍ତ ପଡିରହିଥିବା ବକେୟା ଏରିୟର ପ୍ରଦାନ ଆଦି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ଦୀର୍ଘ ୩୫ ବର୍ଷ କାର୍ଯ୍ୟ କରି ହଜାର ହଜାର ଶିକ୍ଷକ ଅବସର ନେବା ପରେ ଟଙ୍କାଟିଏ ପେନସନ୍ ନ ପାଇବା, ସେହିପରି ଅନୁଦାନ ନ ପାଇ ଯୋଗ୍ୟ ବିବେଚିତ ବିଦ୍ୟାଳୟରେ ୨୫ବର୍ଷ ଧରି କାର୍ଯ୍ୟ କରିଆସୁଥିବା ଶିକ୍ଷକ କର୍ମଚାରୀମାନେ ଜୀବନ କାଟିବା ଅତ୍ୟନ୍ତ ପରିତାପର ବିଷୟ ବୋଲି କହିଥିଲେ। ଏହାର ପ୍ରତିବାଦରେ ଆସନ୍ତା ୧୬ ତାରିଖରେ ଭୁବନେଶ୍ୱରରେ ବିକ୍ଷୋଭ ସମାବେଶ ପାଇଁ ଓଷ୍ଟା ଆହ୍ୱାନ ଦେଇଛି। ଏହି ଅବସରରେ ଜିଲା ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଅର୍ଥ ସଚିବ ଓ ଉନ୍ନୟନ ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପ୍ରତିବାଦ ସଭାରେ ଜିଲା ସମ୍ପାଦକ ସୁଧାକର ମହାପାତ୍ର, ରାଜ୍ୟ 'ଓଷ୍ଟା' ର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ସମ୍ପାଦକ ରାମାକାନ୍ତ ମହାପାତ୍ର, ଶିକ୍ଷାପ୍ରଦୀପ ସହ ସମ୍ପାଦକ ପ୍ରଦୀପ୍ତ କୁମାର ପ୍ରଧାନ, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ମଧୁସୂଦନ ଦେ ଓ ଶିଶିର ଦାଶ, ଜିଲା କାର୍ଯ୍ୟକାରୀ ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ଉପଦେଷ୍ଟା ସନ୍ତୋଷ ଚନ୍ଦ୍ର କର ଓ ଉପେନ୍ଦ୍ର ଦାଶ, ଜିଲା ଉପସଭାପତି ପ୍ରକାଶ କୁମାର ପଲାଇ, ରମେଶ ଚନ୍ଦ୍ର ପ୍ରଧାନ, ଜିଲା ସହ ସମ୍ପାଦକ ଘନଶ୍ୟାମ ସ୍ୱାଇଁ, ଶ୍ରୀହରି ମାଳି, ନମିତା ବିଶୋଇ, ଜିଲା କାର୍ଯ୍ୟକାରୀ ସମ୍ପାଦକ ନିରଞ୍ଜନ ସାହୁ, କାର୍ଯ୍ୟକାରୀ କମିଟି ସଭ୍ୟ ସୁନୀଲ କୁମାର ପଣ୍ଡା, ପ୍ରମୋଦ କୁମାର ସ୍ୱାଇଁ, ତ୍ରିନାଥ ହୋତା, କୈଳାସ ଚନ୍ଦ୍ର ତ୍ରିପାଠୀ, ସନ୍ତୋଷ କୁମାର ସାହୁ ପ୍ରମୁଖ ସାମିଲ ଥିଲେ।


ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଓଷ୍ଟା ପକ୍ଷରୁ ଅନୁଷ୍ଠିତ ପ୍ରତିବାଦ ସଭା।

## ସଂକ୍ଷେପରେ

### ମଦ ଜବତ, ଜଣେ ଗିରଫ

ଖୋର୍ଦ୍ଧା,୯।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସହରର ପୁରୁଣା ପେଟ୍ରୋଲ ପମ୍ପ ଛକ ନିକଟ ପାନ ଦୋକାନରେ ମଦ ବିକ୍ରି ଅଭିଯୋଗରେ ଅବକାରୀ ମୋବାଇଲ ସ୍କ୍ୱାଡ୍ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ସେ ହେଲେ ବାସେଳି ସାହିର ଆକାଶ କୋଦାମସିଂ (୨୬)। ତାଙ୍କ ନିକଟରୁ ୩୪ ଲିଟର ମଦ ଜବତ କରାଯାଇଛି। ପ୍ରକାଶ ଯେ, ବେଆଇନ ଭାବେ ମଦବିକ୍ରି ହେଉଥିବା କୌଣସି ସୂତ୍ରରୁ ଖବରପାଇ ଜିଲା ଅବକାରୀ ମୋବାଇଲ ସ୍କ୍ୱାଡ୍‌ର ଏକ ଟିମ୍ ସ୍ଥାନୀୟ ପୁରୁଣା ପେଟ୍ରୋଲ ପମ୍ପ ଛକସ୍ଥିତ ଏକ ପାନ ଦୋକାନରେ ଚଢ଼ାଉ କରିଥିଲା। ସେଠାରୁ ୨୮ ଲିଟର ୮୬୦ମିଲି ଆଇଏମଏଫଏଲ ମଦ ଓ ୨୪.୮୫୦ ଲିଟର ବିଅର ଜବତ କରାଯାଇଛି । ଏନେଇ ଏକ ମାମଲା (ନଂ.୪୩/୨୩) ରୁଜୁ ହୋଇଛି। ଏହି ଚଢ଼ାଉରେ ଅବକାରୀ ଇନ୍‌ସ୍ପେକ୍ଟର ନୀଳିମା ଜୟନ୍ତୀ ସ୍ୱାଇଁ ଓ ଟିମ୍ ସାମିଲ ଥିଲେ।

### ଗାଈକୁ ଧକ୍କା ଦେଇ ବାଇକ୍ ଚାଳକ ଗୁରୁତର

ଯାଁଳା,୯।୮(ବୁଲା ବାରିକ)

୧୬ ନମ୍ବର ଜାତୀୟ ରାଜପଥର ଯାଁଳା ଫାଣ୍ଡି ସମ୍ମୁଖରେ ଏକ ଦୁର୍ଘଟଣା ଘଟିଛି। ଗାଈକୁ ଧକ୍କା ଦେଇ ଜଣେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ତେବେ ଆହତ ଯୁବକଙ୍କ ପରିଚୟ ମିଳିପାରି ନାହିଁ। ସୂଚନା ମୁତାବକ, ରାତି ୮ଟାରେ ଜଣେ ଯୁବକ ବାଇକରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଯାଁଳା ଫାଣ୍ଡି ସମ୍ମୁଖରେ ଏକ ଗାଈ ହଠାତ୍ ପଶିଯିବାରୁ ଯୁବକ ଜଣକ ଭାରସାମ୍ୟ ହରାଇ ଧକ୍କା ଦେଇଥିଲେ। ଫଳରେ ଯୁବକ ଜଣକ ଗାଡିରୁ ଛିଟିକି ପଡ଼ିଥିଲେ। ତାଙ୍କ ଛାତି ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ବାଟରେ ଯାଉଥିବା ଜଣେ କାର ଚାଳକ ଅଟକିଆହତ ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଏମ୍ସ ମେଡିକାଲକୁ ନେଇଥିଲେ।

### ୫୦ ୟୁନିଟ୍ ରକ୍ତ ସଂଗ୍ରହ

ଯାଁଳା,୯।୮(ବୁଲା ବାରିକ)

ଖଣ୍ଡଗିରି ସ୍ଥିତ କୋଲଥିଆ ଜଗନ୍ନାଥ ମନ୍ଦିର ନିକଟ ଆଦିତ୍ରୀ ପ୍ରିଣ୍ଟର୍ସ ପରିସରରେ କମିଶନରେଟ ପୋଲିସ, ରେଡକ୍ରସ ଶାଖାର ସହଭାଗିତା ଏବଂ କ୍ୟାପିଟାଲ ହସ୍ପିଟାଲ ରକ୍ତ ଭଣ୍ଡାର କେନ୍ଦ୍ରର ସହଯୋଗରେ ଆଦିତ୍ରୀ ପ୍ରିଣ୍ଟର୍ସ ଏବଂ ଅଶୋକା ମେଡିସିନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ଶିବିରରେ ପିପୁଲସ୍ ଫୋରମ୍ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ, ପୋଲିସ କମିଶନରେଟ୍ ରେଡକ୍ରସ ଶାଖାର ଯୁଗ୍ମ ସମ୍ପାଦକ ତଥା ଆରକ୍ଷୀ ଉପାୟୁକ୍ତ ଲଳିତେନ୍ଦୁ ମହାନ୍ତି, କାର୍ଯ୍ୟନିର୍ବାହୀ ସଦସ୍ୟ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା, କ୍ୟାପିଟାଲ ହସ୍ପିଟାଲ ରେଡକ୍ରସ ସୋସାଇଟିର ନିର୍ଦ୍ଦେଶକ ଡ.ଦେବାଶିଷ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଶିବିରରେ ବହୁ ସ୍ୱେଚ୍ଛାସେବୀ ଏବଂ ଆଦିତ୍ରୀ ପ୍ରିଣ୍ଟର୍ସର କର୍ମଚାରୀମାନେ ରକ୍ତଦାନ କରିଥିଲେ। ମୋଟ୍ ୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଆଦିତ୍ରୀ ପ୍ରିଣ୍ଟର୍ସର ନିର୍ଦ୍ଦେଶକ ନିଶିଥ ରଞ୍ଜନ ନନ୍ଦଙ୍କ ନେତୃତ୍ୱରେ ଏହି ଶିବିରକୁ ରଘୁନାଥ ସାହୁ, ଦୁର୍ଯ୍ୟୋଧନ ନାୟକ, ରମାକାନ୍ତ ସାମନ୍ତରାୟ, ଦ୍ୱାରିକା ନାଥ ପରିଡା, ସୂର୍ଯ୍ୟନାରାୟଣ ପଟ୍ଟନାୟକ, ତାପସ ଦକ୍ଷିଣକବାଟ, ଲୁଲୁ ଭୁଜବଳ ପ୍ରମୁଖ ପରିଚାଳନା କରିଥିଲେ।

### ସମାଜବାଦୀ ନେତା ସୁଶାନ୍ତଙ୍କ ଶ୍ରାଦ୍ଧ ଦିବସ ପାଳିତ

ଜଟଣୀ,୯।୮(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ରାମଚନ୍ଦ୍ରପୁର ବଜାରଠାରେ ସମାଜବାଦୀ ନେତା ସୁଶାନ୍ତ ମହାନ୍ତିଙ୍କ ୨୨ ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେଶନ ଏବଂ ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସେବା ସଂଘ ସଭାପତି ଅବନୀ ରାଉତରାୟ ପୌରାହିତ୍ୟ କରିଥିଲେ। ବରିଷ୍ଠ ଶିକ୍ଷକ ନେତା ତ୍ରିନାଥ ସାମନ୍ତରାୟ, ପଦନପୁର ପୂର୍ବତନ ସରପଞ୍ଚ ଦିବାକର ମଙ୍ଗରାଜ, ପୂର୍ବତନ ସରପଞ୍ଚ ଜ୍ଞାନରଞ୍ଜନ ବଳିୟାରସିଂ, ରାଜେନ୍ଦ୍ର ପଟ୍ଟନାୟକ, ଅରୁଣ ମହାନ୍ତି, ଆଶୁତୋଷ ରାୟ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ମହାନ୍ତି ଜୀବନବ୍ୟାପୀ ଗରିବଙ୍କ ଦୁଃଖଦୁର୍ଦ୍ଦଶା ସମାଧାନ ପାଇଁ ଚେଷ୍ଟିତ ଥିଲେ। ଏଥିସହ ସେ ଜଣେ ଦରଦୀ ବ୍ୟକ୍ତିଭାବେ ସମଗ୍ର ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ ବୋଲି ମତପ୍ରକାଶ ପାଇଥିଲା।

## ପ୍ରକାଶଙ୍କ କ୍ରଶର ୟୁନିଟ୍‌ରେ ଚଢ଼ାଉ

### ୫ ଏକର ଅକ୍ତିଆର କରିଛନ୍ତି

ଖୋର୍ଦ୍ଧା,୯।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ଅଧୀନ ଛତ୍ରମା ଛକରେ ଥିବା ଖଣି ମାଫିଆ ପ୍ରକାଶ ରାଉତରାୟଙ୍କ କ୍ରଶର ୟୁନିଟ ଉପରେ ଜିଲା ପ୍ରଶାସନ ଓ ଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଛି। କ୍ରସର ସ୍ଥାପନ ହୋଇଥିବା ଜମି ମାପଚୁପ କରାଯାଇଥିଲା। ଜଗନ୍ନାଥଙ୍କ ଜମି ଉପରେ ବେଆଇନଭାବେ ଏକର ଏକର ଜମିକୁ ଅକ୍ତିଆର କରି ରଖିଥିବାବେଳେ ଏହି ଜମି ଉପରେ କ୍ରସର ସମେତ, ବିଭିନ୍ନ ହାଇୱା, ଟ୍ରକ, ଟ୍ରାକ୍ଟର ଓ ଅନ୍ୟାନ୍ୟ ଆସବାବପତ୍ର ରହୁଥିଲା । ତେବେ ଜିଲା ପ୍ରଶାସନ ଓ ଜଗନ୍ନାଥ ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା ତହସିଲଦାର ବିଭାସ ପାଣିଗ୍ରାହୀ, ରାଜସ୍ୱ ବିଭାଗ କର୍ମଚାରୀ ସଦର ଥାନା ଭାରପ୍ରାପ୍ତ ଅଧିକାରୀ କାହ୍ନୁଚରଣ ସ୍ୱାଇଁ ଓ ସଦଳବଳ, ଜଗନ୍ନାଥ ତହସିଲ କର୍ମଚାରୀମାନେ ଏହି ଚଢାଉରେ ସାମିଲ ହୋଇଥିଲେ। ତେବେ ଏ ସମ୍ପର୍କରେ ଖୋର୍ଦ୍ଧା ତହସିଲଦାର ବିଭାସ ପାଣିଗ୍ରାହୀ କହିଛନ୍ତି, ପ୍ରକାଶଙ୍କୁ କ୍ରସର ୟୁନିଟ କରିବା ପାଇଁ ୧ ଏକର ଜମି ମିଳିଥିଲା । ହେଲେ ସେ ୫ ଏକର ଜମି ଅକ୍ତିଆର କରିଛନ୍ତି ବୋଲି ମାପଚୁପ ପରେ ଜଣାପଡିଥିଲା। ତେବେ ମାପଚୁପ କରି ଫେରି ଆସିଥିଲୁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ କ୍ରସର ମାପଚୁପ କରି ଫେରିବା ବେଳେ ଉକ୍ତ ରାସ୍ତା ଦେଇ ଯାଉଥିବା ୪ଟି ମାଙ୍କଡା ପଥର ଟ୍ରକ ଓ ୭ଟି ମୁଗୁନି ପଥର ଗାଡି ତହସିଲଦାର ଜବତ କରିଥିଲେ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ସୋମବାର କମିଶନରେଟ ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ହାତରେ ୪ଜଣ ଦୁର୍ଦ୍ଦାନ୍ତ ଅପରାଧୀ ଧରାପଡିଥିଲେ। ଏହି ୪ ଅଭିଯୁକ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଉପକଣ୍ଠ ଦୁର୍ଗାପୁର ଗ୍ରାମର ପ୍ରକାଶ ରାଉତରାୟ ରହିଥିଲେ। ଛତ୍ରମା ଛକରେ ଥିବା କ୍ରସର ପ୍ରକାଶଙ୍କ ବୋଲି ଜଣାପଡିଥିଲା।

## ୫-ଟି ସଚିବଙ୍କ ଗସ୍ତକୁ ନେଇ ତତ୍ପରତା


ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ଅନ୍ୟମାନେ।

### ସ୍ଥିତି ପରଖିଲେ ବିଜେଡି ସାଙ୍ଗଠନିକ ସମ୍ପାଦକ

କୃଷ୍ଣପ୍ରସାଦ,୯।୮(କୈଳାସ ଚନ୍ଦ୍ର ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ.ପାଣ୍ଡିଆନ କୃଷ୍ଣପ୍ରସାଦ ବ୍ଲକର ଶୈବକ୍ଷେତ୍ର କମଳେଶ୍ୱର ଦେବଙ୍କ ପୀଠକୁ ଆସନ୍ତା ୧୮ ତାରିଖରେ ଯିବେ। ଏଥିପାଇଁ ରାଜନୈତିକ ଓ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଜୋରଦାର ହୋଇଛି। ପୁରୀ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର ଓ ବିଭିନ୍ନ ବିଭାଗୀୟ ପଦାଧିକାରୀ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ପରଖିଥିଲେ। ସ୍ଥାନୀୟ ବିଡିଓ ମନୋଜ କୁମାର ନାୟକ, ତହସିଲଦାର ଶରତ ଚନ୍ଦ୍ର ଗିରି ତାଙ୍କ ଟିମ ସହ କ୍ଷେତ୍ର ପରିଦର୍ଶନ ଜାରି ରଖିଛନ୍ତି। ବୁଧବାର ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା କମଳେଶ୍ୱର ଦେବଙ୍କ ପୀଠକୁ ଆସି ୫-ଟି ସଚିବଙ୍କ ଗସ୍ତ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ପଣାଯାତ୍ରା ପଡ଼ିଆରେ ୩୫ମୌଜା ପରିଚାଳନା କମିଟି ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ। ୫-ଟି ସଚିବଙ୍କ ଗସ୍ତ ସମୟରେ ଶାନ୍ତିଶୃଙ୍ଖଳା ନିମନ୍ତେ ପୁରୀ ସଦର ଡିଏସପି ରବି ନାରାୟଣ ଭଞ୍ଜଙ୍କ ସହ ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ, ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, କୃଷ୍ଣପ୍ରସାଦ ଥାନା ଆଇଆଇସି ବସନ୍ତ କୁମାର ସାହୁ, ଜିଲାପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ଜିଲା ପରିଷଦ ଲକ୍ଷ୍ମୀଧର ସାହୁ, ପୁରୀ ଜିଲା ବିଜୁ ଛାତ୍ର ଜନତା ଦଳ ଉପସଭାପତି ଶାନ୍ତନୁ କୁମାର ମାଝୀ, ପୁରୀ ଜିଲା ବିଜୁ ଛାତ୍ର ଜନତା ଦଳ ସମ୍ପାଦକ ବସନ୍ତ କୁମାର ବିଶ୍ୱାଳ, ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ଅଭୟ କୁମାର ମହାପାତ୍ର, ସାଧାରଣ ସମ୍ପାଦକ ସୁନୀଲ କୁମାର ପ୍ରଧାନ,ବିଜୁ ଛାତ୍ର ଜନତା ଦଳ ବ୍ଲକ ସଭାପତି ଲଳିତ କୁମାର ମାନସିଂହ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଶିବଲାଲ ସାହୁ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ଗିରି, ୩୫ମୌଜା ପରିଚାଳନା କମିଟି ସମ୍ପାଦକ ମନୋଜ କୁମାର ସାହୁ, କବିରାଜ ମାଝୀ, ହେମନ୍ତ କୁମାର ଜେନା, ରାଜ କିଶୋର ବିଶ୍ୱାଳ, ସେକ ନବି, ଦିଲ୍ଲୀପ କୁମାର ରଣସିଂହ, ଅଞ୍ଚଳ କୁମାର ବିଶ୍ୱାଳ, ପ୍ରଶାନ୍ତ ଜେନା, ରଣଜିତ ମହାନ୍ତି, ସଂଗ୍ରାମ କେଶରୀ ଜେନା, ସିଆଣ୍ଡି ସରପଞ୍ଚ ଆଦିତ୍ୟ ରଞ୍ଜନ ପଲାଇ, ରାମଲେଙ୍କା ପଞ୍ଚାୟତ ସରପଞ୍ଚ ସବିତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ପିଇଓ ସଂଘର କଳାବ୍ୟାଜ୍ ପରିଧାନ



କୃଷ୍ଣପ୍ରସାଦ,୯।୮(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ନିଖିଳ ଉତ୍କଳ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଂଘ ଶାଖା ପକ୍ଷରୁ ୪ଦଫା ଦାବି ପୂରଣ ନେଇ ସମସ୍ତ କାର୍ଯ୍ୟକର୍ତ୍ତା କଳାବ୍ୟାଜ ପରିଧାନ କରିଛନ୍ତି। ଏହା ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବ୍ଲକ ପିଇଓ ସଂଘର ସଭାପତି ଦିଲ୍ଲୀପ କୁମାର ତରେଇ କହିଛନ୍ତି। ୪ଦଫା ଦାବି ମଧ୍ୟରେ ଚାକିରୀରେ ଯୋଗଦାନ ସମୟରେ ଥିବା ଯୋଗ୍ୟତା ଯୁକ୍ତ ୨ ଉଠାଇ ଯୁକ୍ତ ୩ କରାଯିବା, ଦରମା ହାର ଲେବୁଲ ୫ରୁ ଲେବୁଲ ୯କୁ ବୃଦ୍ଧି,୧୦ବର୍ଷରୁ ଉର୍ଦ୍ଧ୍ୱ ଚାକିରୀ କରିଥିବା ପିଇଓଙ୍କୁ ସ୍ୱତନ୍ତ୍ର ପଦୋନ୍ନତି ଓ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦବୀକୁ ପଦୋନ୍ନତି ଦିଆଯିବା ଆଦି ଦାବି ଅନ୍ତର୍ଭୁକ୍ତ। ୧୭ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ୧୮ରୁ ପିଇଓ ସମୂହ ଭାବେ କଲମ ଛାଡ଼ ଆନ୍ଦୋଳନ କରିବେ ବୋଲି ସଂଘ ପକ୍ଷରୁ ସଭାପତି ସୂଚନା ଦେଇଛନ୍ତି। ଆନ୍ଦୋଳନରେ ପିଇଓ ସଂଘର ସଭାପତି ଦିଲ୍ଲୀପ କୁମାର ତରେଇ, ଉପସଭାପତି ରବୀନ୍ଦ୍ର କୁମାର ସାହୁ, ସାଧାରଣ ସମ୍ପାଦକ ଅଶୋକ କୁମାର ନାୟକ, କୋଷାଧ୍ୟକ୍ଷ ବିକାଶ ଚନ୍ଦ୍ର ମାଝୀ, ଉପଦେଷ୍ଟା ପଞ୍ଚାନନ ପୂଜାରୀ, ପୁରୀ ଜିଲା ପିଇଓ ସଂଘ ସଭାପତି ତଥା ରାଜ୍ୟ ପିଇଓ ସଂଘ ସଙ୍ଗଠକ ଭାସ୍କର ଚନ୍ଦ୍ର ସାହୁଙ୍କ ସମେତ କମିଟିର ସମସ୍ତ ସଭ୍ୟ ସାମିଲ ଥିଲେ।

## କଣ୍ଟାବାଡ଼ ସରସ୍ୱତୀ ଶିଶୁ ମନ୍ଦିରରେ ପୁଷ୍ପ ପ୍ରଦର୍ଶନୀ

ବେଗୁନିଆ,୯।୮(ହର ପ୍ରସନ୍ନ ପଣ୍ଡା)

ବିଦ୍ୟାଳୟ ଓ ଘରୋଇ ଶିକ୍ଷାନୁଷ୍ଠାନଗୁଡିକ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢ଼ାଇବା ପାଇଁ ବିଭିନ୍ନ ପ୍ରକାର କୌଶଳ ଆପଣାଇଛନ୍ତି। ବିଶେଷକରି ପିଲାମାନଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ପ୍ରତିଯୋଗିତା ଓ ଅନେକ ସମୟରେ ପ୍ରଦର୍ଶନୀ ଆୟୋଜନ କରୁଛନ୍ତି। ଫଳରେ ପିଲାମାନଙ୍କ ପଠାପଢ଼ାରେ ଦକ୍ଷତା ବୃଦ୍ଧି କରେ ବୋଲି ମତପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବୁଧବାର ପୁଷ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ପ୍ରାରମ୍ଭ ଏବଂ ବୋଧ ଛାତ୍ରୀଛାତ୍ରଙ୍କୁ ନେଇ ଏହି ପ୍ରଦର୍ଶନୀ କରାଯାଇଥିଲା। ଅନୁଷ୍ଠାନର ସଭାପତି ମାନସ ରଞ୍ଜନ ଦାଶ, ସମ୍ପାଦକ ଦିଲୀପ କୁମାର ପାଣିଗ୍ରାହୀ, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମହାପାତ୍ର, ବିଦ୍ୱତ ପରିଷଦ ସଭାପତି ବଂଶୀଧର ପାଣିଗ୍ରାହୀ ଓ ସମ୍ପାଦକ ଶ୍ରୀକାନ୍ତ ବାହିନୀପତି ଅତିଥିଭାବେ ଯୋଗଦେଇଥିଲେ। କୋମଳମତି ଛାତ୍ରୀଛାତ୍ରଙ୍କୁ ପୁଷ୍ପର ବ୍ୟବହାର ଓ ଆବଶ୍ୟକତା ସମ୍ପର୍କରେ ଅତିଥିମାନେ ଅବଗତ କରାଇଥିଲେ। ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗୁରୁମାମାନେ ସହଯୋଗ କରିଥିଲେ।

## କମେଣ୍ଟମରାକୁ ନେଇ ଗଣ୍ଡଗୋଳ

### ଶ୍ରେଣୀଗୃହରେ ଛାତ୍ରଙ୍କୁ ମାଡ଼

ବେଗୁନିଆ,୯।୮(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ କଣ୍ଟାବାଡ଼ ମହାବିଦ୍ୟାଳୟ ପରିସରରେ ବୁଧବାର କମେଣ୍ଟମରାକୁ ନେଇ ଗଣ୍ଡଗୋଳ ହୋଇଛି। ଶ୍ରେଣୀଗୃହରେ ପ୍ରବେଶ କରି ଜଣେ ଯୁକ୍ତ ୨ ଛାତ୍ରଙ୍କୁ ମାଡ଼ ମରାଯାଇଛି। ଏହାକୁ ନେଇ କ୍ଲାସ ସସପେଣ୍ଡ କରାଯାଇଥିଲା। ତେବେ ପୋଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସୂଚନା ମୁତାବକ, ସ୍ଥାନୀୟ ବଡ଼ବେରଣା ଅଞ୍ଚଳର ଯୁକ୍ତ ୨ ଛାତ୍ରୀ ଏବଂ କେନ୍ଦୁପଲ୍ଲି ଅଞ୍ଚଳର ଜଣେ ଛାତ୍ରଙ୍କ ମଧ୍ୟରେ କିଛିଦିନ ତଳେ କମେଣ୍ଟମରା ଏବଂ କଥା କଟାକଟିକୁ ନେଇ ବଚସା ହୋଇଥିଲା। ବୁଧବାର ସମ୍ପୃକ୍ତ ଛାତ୍ର ଜଣଙ୍କ ଶ୍ରେଣୀଗୃହରେ ପାଠପଢୁ ଥିବା ବେଳେ ଛାତ୍ରୀଙ୍କ ଭାଇ ତାଙ୍କୁ ମାଡ଼ ମାରିଥିଲେ। ପରେ କଲେଜ ପରିସରରେ ଛାତ୍ର ଅଶାନ୍ତ ଲାଗି ରହିଥିଲା। ଖବରପାଇ ବେଗୁନିଆ ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ପହଞ୍ଚିଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ୨ସେକ୍ସନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ପ୍ରାୟ ୩ଘଣ୍ଟା ଧରି ମହାବିଦ୍ୟାଳୟର ଅଧ୍ୟକ୍ଷ କ୍ଲାସ ସସପେଣ୍ଡ କରିଥିଲେ। ସ୍ଥାନୀୟ ସରପଞ୍ଚ, ବୁଦ୍ଧିଜୀବୀ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ତେବେ ଏ ସମ୍ପର୍କରେ ଅଧ୍ୟକ୍ଷ ଗଙ୍ଗାଧର ଦାଶ କହିଛନ୍ତି, ପରିସ୍ଥିତି ଶାନ୍ତ ରହିଛି। ଉଭୟ ପିଲାଙ୍କ ଅଭିଭାବକମାନଙ୍କୁ ଡକାଇ ସମାଧାନ ପାଇଁ ପଦକ୍ଷେପ ନିଆଯିବ।

## ଦାବି ପୂରଣ ନ ହେଲେ ୧୬ରୁ ସାମୂହିକ ଛୁଟିରେ ଯିବେ

ଟାଙ୍ଗୀ,୯।୮(ରଘୁନାଥ ସାହୁ)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ଆହ୍ୱାନକ୍ରମେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ଆନ୍ଦୋଳନ କରିବା ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛି। ଆସନ୍ତା ୧୧ ତାରିଖରେ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ। ଗତ ୫ ତାରିଖରେ ପ୍ରତି ବ୍ଲକରେ ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଠିକା ନିଯୁକ୍ତି ଉଚ୍ଛେଦ କରାଯାଇ ସମସ୍ତଙ୍କୁ କ୍ୟାଡର ଭୁକ୍ତ କରାଯାଉ, ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ, ନୂତନ ପେନସନ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା ଆଦି ଦାବି ରହିଛି। ଆସନ୍ତା ୧୫ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ୧୬ ତାରିଖରୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସାମୁହିକ ଛୁଟି ନେବା ପାଇଁ ନିଷ୍ପତ୍ତି ହୋଇଥିବା ବୁଧବାର ଟାଙ୍ଗୀ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଶିକ୍ଷକ ସଂଘ ସଭାପତି ଜନ୍ମେଶ୍ୱର ମଲିକ କହିଛନ୍ତି। ଜିଲା ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ଉପଦେଷ୍ଟା ବସନ୍ତ କୁମାର ପ୍ରହରାଜ, ସଙ୍ଗଠନ ସମ୍ପାଦକ ସମରେଶ ବେହେରା, ବ୍ଲକ ସଭାପତି ସଲିଳ କୁମାର ସ୍ୱାଇଁ, ସମ୍ପାଦକ ସନ୍ତୋଷ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଥମୁନି ଡେଙ୍ଗୁ, ବିଫଳ ହେଉଛି ଆକ୍ସନ ପ୍ଲାନ୍

ଭୁବନେଶ୍ୱର,୯।୮(ଅଭିଜିତ ଦାସ)

ରାଜ୍ୟରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା କ୍ରମଶଃ ବଢିଚାଲିଛି। ଅଗଷ୍ଟ ୮ ତାରିଖ ସୁଦ୍ଧା ରାଜ୍ୟରେ ୨୬,୮୩୬ ନମୁନା ପରୀକ୍ଷା କରାଯାଇଥିବାବେଳେ ୧୪୬୫ ଜଣ ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ଅନ୍ୟପକ୍ଷରେ ସମାନ ସମୟରେ ଗତବର୍ଷ ୧୫,୨୬୬ ରକ୍ତ ନମୁନା ପରୀକ୍ଷା ହୋଇଥିବା ବେଳେ ୧୧୩୨ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ଗତବର୍ଷ ଅପେକ୍ଷା ଚଳିତ ବର୍ଷ ପରୀକ୍ଷଣ ବୃଦ୍ଧି ହୋଇଥିଲେ ମଧ୍ୟ ସଂକ୍ରମଣ ରୋକିବାରେ ସ୍ୱାସ୍ଥ୍ୟ ବିଭାଗ ବିଫଳ ହେଉଛି। ବିଭାଗୀୟ ତଥ୍ୟ ଅନୁଯାୟୀ ରାଜ୍ୟର ଖୋର୍ଦ୍ଧା ଜିଲାରେ ସର୍ବାଧିକ ୮୪୦ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ବାଲେଶ୍ୱରରେ ୧୨୫ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ପୁରୀରେ ୯୦, କଟକରେ ୭୫, ଜଗତସିଂହପୁରରେ ୭୦, ନୟାଗଡ଼ରେ ୫୩ ଜଣ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ୧୭ଟି ଜିଲାରେ ସଂକ୍ରମଣ ସଂଖ୍ୟା ୨୦ ତଳେ ଥିବା ବେଳେ ୪ ଜିଲାରେ କୌଣସି ରୋଗୀ ଚିହ୍ନଟ ହୋଇନାହାନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ମୋଟ ସଂକ୍ରମଣରୁ ସର୍ବାଧିକ ୭୦ ପ୍ରତିଶତ ଖୋର୍ଦ୍ଧାରୁ ଚିହ୍ନଟ ହୋଇଥିବା ବେଳେ ସେଥିରୁ ୯୦ ପ୍ରତିଶତ ଡେଙ୍ଗୁ ରୋଗୀ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଞ୍ଚଳରେ ଚିହ୍ନଟ ହୋଇଛନ୍ତି। ତେବେ ମୌସୁମୀ ଆରମ୍ଭରୁ ଡେଙ୍ଗୁ ପ୍ରତିହତ ନିମନ୍ତେ ବିଭାଗ ପକ୍ଷରୁ ରାଜ୍ୟର ୫ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ସହିତ ବୈଠକ ଏବଂ ସବୁ ଜିଲାର ସିଡିଏମ୍‌ଓଙ୍କ ସହ ସମୀକ୍ଷା କରାଯାଇ ବ୍ୟାପକ ସଚେତନତା ଓ ପଦକ୍ଷେପ ଗ୍ରହଣ କରାଯାଇଥିଲେ ମଧ୍ୟ ଡେଙ୍ଗୁ ଉପରେ ଅଙ୍କୁଶ ଲାଗିପାରୁନାହିଁ।

## କେନାଲ ଜାମ୍, ଜଳସେଚନ ବାଧାପ୍ରାପ୍ତ

### ପାଣି ପଞ୍ଚାୟତ ପକ୍ଷରୁ ହେଲା ସଫେଇ

ବୋଲଗଡ଼,୯।୮(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସାନକୁମାରୀଠାରେ ହଡ଼ା ନଦୀରେ ଥିବା ହଡ଼ା କ୍ଷୁଦ୍ର ଜଳସେଚନ ପ୍ରକଳ୍ପଠାରୁ ବାଙ୍କୋଇ ପର୍ଯ୍ୟନ୍ତ ପ୍ରାୟ ସାଢେ ୩କିମି ଅଞ୍ଚଳର କେନାଲରେ ବର୍ଜ୍ୟବସ୍ତୁ ସହିତ ଅଳିଆ, ଅନାବନା ଗଛ, ଘାସ ଭର୍ତ୍ତି ହୋଇପଡିଛି। ବର୍ଷାଦିନ ପୂର୍ବରୁ ବିଭାଗ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯାଇ କେନାଲ ସଫେଇ କରା ନ ଯିବା ଫଳରେ ପ୍ରକଳ୍ପରୁ ଜଳ ଚାଷଜମିରେ ପହଞ୍ଚିବା ପାଇଁ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। ଏନେଇ ପାଣି ନଦୀରେ ଯାଉଥିଲେ ମଧ୍ୟ ପ୍ରକଳ୍ପରୁ କେନାଲ ମାଧ୍ୟମରେ ଜମି ଜଳସେଚନ ହୋଇପାରୁନାହିଁ। ଏହି ପ୍ରକଳ୍ପରୁ ପାନନଗର, ସାନକୁମାରୀ, ବଡ଼କୁମାରୀ, ମାଣିକପୁର, ଅସୁରଢିପ, କନ୍ତାଇଲୋ, ହରେକୃଷ୍ଣପୁର, ଦୁର୍ଗାପୁର ଏବଂ ବାଙ୍କୋଇ ଗ୍ରାମର ବିଭିନ୍ନ ରାଜସ୍ୱ ମୌଜା ଅଞ୍ଚଳରେ ଥିବା ଏକର ଏକର ଜମି ଜଳସେଚିତ ହୋଇଥାଏ । ଏପରିକି ରାଣୀଲୋ ଓ ଦିଘି ଦୁଇଟି ଜଳଭଣ୍ଡାର ଏହି କେନାଲ ଉପରେ ନିର୍ଭର କରିଥାଏ। ଏନେଇ ହଡ଼ା ପାଣି ପାଞ୍ଚାୟତ ପକ୍ଷରୁ କେନାଲ ସଫେଇ କରାଯାଇ ଚାଷୀଙ୍କ ଜମିରେ ପ୍ରକଳ୍ପର ଜଳ ପହଞ୍ଚାଇବା ପାଇଁ କାର୍ଯ୍ୟ ଜାରି ରହିଛି । ସୂଚନାଯୋଗ୍ୟ, ଏହି ହଡ଼ା ପ୍ରକଳ୍ପ ପାଇଁ ନୂତନଭାବେ ପାଣି ପଞ୍ଚାୟତ ଗଠନ କରାଯାଇଛି । ପାଣି ପଞ୍ଚାୟତର ଏଭଳି କାର୍ଯ୍ୟକୁ ସ୍ଥାନୀୟ ଚାଷୀମାନେ ଉଚ୍ଚପ୍ରଶଂସା କରିଛନ୍ତି। ତେବେ ଏହି କେନାଲରେ ଅଳିଆ ଆବର୍ଜନା ନ ପକାଇବା ସହିତ କେନାଲ ବନ୍ଧ ଏବଂ କେନାଲର ସୁରକ୍ଷା ନିମିତ ସାଧାରଣରେ ସହଯୋଗ କରିବାକୁ ପାଣି ପଞ୍ଚାୟତ ପକ୍ଷରୁ ସଭାପତି ମନୋରଞ୍ଜନ ମିଶ୍ର ଅନୁରୋଧ କରିଛନ୍ତି ।


କେନାଲ ସଫେଇ କରାଯାଉଛି।

**କେନାଲରୁ ନାବାଳକ ଉଦ୍ଧାର**

ମଙ୍ଗୁଳି-ଜଗତପୁର,(ମାନସ ସାମଲ): ଜଗତପୁର ଥାନା ଅଧୀନ ଏକ ହୋଟେଲ ନିକଟ ପଟାମୁଣ୍ଡାଇ କେନାଲରୁ ବୁଧବାର ଜଣେ ନାବାଳକଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଛି। ସେ ହେଲେ କଟକ ନୂଆବଜାର ଅଞ୍ଚଳର ଦୀପ୍ତି ରଞ୍ଜନ ମହାନ୍ତିଙ୍କ ପୁଅ ଶୁଭମ୍ ମହାନ୍ତି। ଶୁଭମ୍ ଜନ୍ମରୁ ମାନସିକ ଅନଗ୍ରସର ପିଲା ଓ ସେ କଥା କହିପାରନ୍ତିନି। ତାଙ୍କ ବାପା କହିବା ମୁତାବକ, ବୁଧବାର ଭୋର ୫ଟାରୁ ବିଛଣାରୁ ଉଠି ସାଇକେଲ ନେଇ ଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ନିରାଶ ହୋଇଯାଇଥିଲେ। ପୂର୍ବାହ୍ନ ୧୧ଟାରେ ଜଗତପୁର ଥାନାର ଜଣେ ପୋଲିସ କର୍ମଚାରୀ ଘରକୁ ଫୋନ କରି କହିଥିଲେ କି ଶୁଭମ୍ କେନାଲରେ ଭାସି ଯାଉଥିଲାବେଳେ ସ୍ଥାନୀୟ ଯୁବକ ତାଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ସେ ଏବେ ଆଇସିୟୁରେ ଅଛି। ସାଇକେଲଟି କେନାଲ କଡ ପାଇଛୁ ବୋଲି ସେ କହିଛନ୍ତି।

# ‘ମିଶନ ଶକ୍ତିକୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉଛନ୍ତି’

କଟକ,୯।୮(ସୁପ୍ରିୟା ପ୍ରିୟଦର୍ଶିନୀ)





କଟକ ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ସମାବେଶରେ ଉପସ୍ଥିତ ମହିଳାମାନେ। ୫-ଟି ସଚିବ ଭି.କେ. ପାଣ୍ଡିଆନ ଉଦ୍‌ବୋଧନ ଦେଉଛନ୍ତି।

ନିଜର ଦକ୍ଷତା ଓ ଘରୋଇ କାରିଗରିକୁ ନେଇ ଏବେ ନୂଆ ସମ୍ଭାବନା ଦିଗରେ ଆଗେଇ ଚାଲିଛନ୍ତି କଟକର ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ମହିଳାମାନେ। ସେମାନେ ଏବେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ମୁହାଁ। ୨୧,୭୭୦ ଗ୍ରୁପ୍‌ର ମହିଳା ପ୍ରାୟ ୭୦୦ କୋଟିର ଋଣ ନେଇ ଏବେ ନୂଆ ମାଇଲ୍‌ଖୁଣ୍ଟ ସ୍ଥାପନ କରିଛନ୍ତି ବୋଲି ୫-ଟି ସଚିବ ଭି.କେ. ପାଣ୍ଡିଆନ କହିଛନ୍ତି।

କଟକ ବାଲିଯାତ୍ରା ଉପର ପଡ଼ିଆରେ ବୁଧବାର ବିଶାଳ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଣ୍ଡିଆନ୍ ଯୋଗଦେଇ ଏସ୍‌ଏଚ୍‌ଜି ମହିଳାମାନଙ୍କ ପାଇଁ ହୋଇଥିବା ଯୋଜନା ସମ୍ପର୍କରେ ବୁଝାଇଥିଲେ। ଏଥିସହ ସେ କହିଥିଲେ, ମା’ ସଶକ୍ତ ହେଲେ ପରିବାର ସଶକ୍ତ ହେବ। ପରିବାର ସଶକ୍ତ ହେଲେ ଓଡ଼ିଶା ଆଗେଇବ। ଏହି ଉଦ୍ଦେଶ୍ୟ ନେଇ ମିଶନ୍ ଶକ୍ତିକୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉଛନ୍ତି। ଯାହାଫଳରେ ଗତ କିଛିବର୍ଷ ଭିତରେ ମିଶନ୍ ଶକ୍ତି କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ ବରଂ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି। ବର୍ତ୍ତମାନ ସମୟରେ ଏହି ଗ୍ରୁପ୍ ବେଶ ଆଗକୁ ଗତି କରିଛି। ଯେଉଁ ମହିଳା ଦିନେ ଘରେ ରହୁଥିଲେ ସେ ଆଜି ଦେଶ ଓ ଅନ୍ତର୍ଜାତୀୟ ସ୍ତରରେ ନିଜର ପରିଚୟ ସୃଷ୍ଟି କରୁଛନ୍ତି। ଏହାକୁ ନଜରରେ ରଖି ରାଜ୍ୟ ସରକାର ଆହୁରି ଅନେକ ସୁବିଧାସୁଯୋଗ ଏହି ମହିଳାମାନଙ୍କୁ ଯୋଗାଇ ଦେବେ। ଜିଲାରେ ମିଶନ୍ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରି ମା’ ମାନଙ୍କୁ ଯୋଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ନିକଟରେ ଥିବା ବାରବାଟୀ ପ୍ୟାଲେସ୍‌କୁ ଯାଇ ‘ମିଲେଟ୍ କାଫେ’ ପରିଦର୍ଶନ କରିଥିଲେ। ସେଠାକାର ପରିବେଶକୁ ଦେଖି ସନ୍ତୋଷ ବ୍ୟକ୍ତ କରିବା ସହିତ ଏହାର ଆହୁରି ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର୍ ଭିନିଲ କିଷ୍ଟା, ଆରଡିସି ସୁରେଶ ଦଳାଇ, ପୋଲିସ ଆଇଜି ଆଶିଷ ସିଂ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ପିନାକ ମିଶ୍ରଙ୍କ ସମେତ ଜିଲାର ସମସ୍ତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୩ ହଜାର ମିଶନ୍ ଶକ୍ତି ମହିଳା ଯୋଗଦେଇଥିଲେ।

**କଟକରେ ୫-ଟି ସଚିବଙ୍କ ଦ୍ୱିତୀୟ ଦିନ**

# ଅଭିଯୋଗ ଗ୍ରହଣ: ୭ ଦିନରେ ହେବ ସମାଧାନ

ସାଲେପୁର,୯।୮(ଅରବିନ୍ଦ ଭୂୟାଁ)

**୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଘୋଷଣା**

ସାଲେପୁରବାସୀ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କଠାରୁ ଶୁଭଖବର ପାଇବେ। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ରାଜ୍ୟ ସରକାରଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ୫-ଟି ସଚିବ ପାଣ୍ଡିଆନ୍ ବୁଧବାର ସାଲେପୁର ଗସ୍ତରେ ଆସି ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ସଭାରେ ଏହା କହିଛନ୍ତି। ହେଲିକପ୍ଟର ଯୋଗେ ୫-ଟି ସଚିବ ଭି.କେ. ପାଣ୍ଡିଆନ ସାଲେପୁର ସ୍ୱୟଂଶାସିତ କଲେଜର ଖେଳପଡ଼ିଆରେ ଅବତରଣ କରିଥିଲେ। ପରେ କାର୍ ଯୋଗେ ହାଇସ୍କୁଲ ପଡ଼ିଆରେ ସେ ପହଞ୍ଚିଥିଲେ। ପରେ ସଚିବ ନିଜେ ପଡ଼ିଆ ଭିତରେ ଥିବା ହଜାର ହଜାର ମହିଳା ଓ ଲୋକଙ୍କ ପାଖକୁ ଯାଇ ୫ ଶହରୁ ଅଧିକ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ସେ କହିଥିଲେ, ସାଲେପୁର ବ୍ଲକ ଅଞ୍ଚଳରେ ପାଣିର ସମସ୍ୟା ଖୁବ୍‌ଶୀଘ୍ର ଦୂର ହେବ। ୭ ଦିନ ଭିତରେ ବିଭିନ୍ନ ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚଗୁଡ଼ିକର ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଘୋଷଣା କରାଯିବ। ମିଶନ ଶକ୍ତି ମହିଳାମାନେ ବିନା ସୁଧରେ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ଅର୍ଥ ପାଉଛନ୍ତି ତାହାର ଠିକ୍ ବିନିଯୋଗ କଲେ ରାଜ୍ୟର ବିକାଶ ହେବ। ପାଣ୍ଡିଆନଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଆଖିଆଗରେ ରଖି ପୋଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏଥିସହ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୫-ଟି ସଚିବ ପାଣ୍ଡିଆନଙ୍କୁ ସାଲେପୁରକୁ ସବ୍‌ଡିଭିଜନ୍ ଘୋଷଣା, ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା, ଜଳ ନିଷ୍କାସନ ବ୍ୟବସ୍ଥା, ତୁରନ୍ତ ବସ୍‌ଷ୍ଟାଣ୍ଡ ଓ ଡ୍ରେନ୍ ନିର୍ମାଣ ଓ ବିଭିନ୍ନ ସମସ୍ୟା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା।

**କଟକ ସଦର,(ସୁଶାନ୍ତ କୁମାର ଜେନା):** କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସଠାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଯୋଗଦେଇ ମିଶନ ଶକ୍ତି ମହିଳାଙ୍କ ଆର୍ଥିକ ଉନ୍ନତି ପାଇଁ ରାଜ୍ୟ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ପରିପ୍ରେକ୍ଷୀରେ କଟକ ସଦର ନିର୍ବାଚନ ମଣ୍ଡଳୀ ଅଧୀନ ୩୭ଟି ପଞ୍ଚାୟତର ବିଭିନ୍ନ ସମସ୍ୟା ସମାଧାନ ପାଇଁ ସଚିବଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ସଚିବ ପରମହଂସନାଥ ଦେବ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ସେଠାରେ ତାଙ୍କୁ ପୂଜକ ଓ ସେବାୟତଙ୍କ ପକ୍ଷରୁ ସ୍ମାରକ ପତ୍ର ଦିଆଯାଇଥିଲା। ମନ୍ଦିର ପାଇଁ ଯେତିକି ଟଙ୍କା ଦିଆଯିବ ତା’ଠାରୁ ଅଧିକ କାମ ହେଲେ ମୁଖ୍ୟମନ୍ତ୍ରୀ ଖୁସିହେବେ ବୋଲି ପାଣ୍ଡିଆନ ମନ୍ଦିର ପରିଚାଳନା କମିଟିକୁ ପରାମର୍ଶ ଦେଇଥିଲେ। ସଚିବଙ୍କ ଗସ୍ତକୁ ବିରୋଧ କରାଯିବା ଆଶଙ୍କାରେ କଟକ ସଦର ବ୍ଲକ କଂଗ୍ରେସ ସଭାପତି ରାମଚନ୍ଦ୍ର ଗୋଚ୍ଛାୟତ ଓ ତାଙ୍କ ସମର୍ଥକମାନଙ୍କୁ ୪୨ ମୌଜା ଥାନାରେ ଅଟକ ରଖାଯାଇ ଛାଡ଼ି ଦିଆଯାଇଥିଲା।

**ନିଆଳି,(ସୁକାନ୍ତ ସିଂ):** ନିଆଳି ହାଇସ୍କୁଲ ପଡିଆରେ ବୁଧବାର ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଯୋଗଦେଇ ଉଦ୍‌ବୋଧନ ଦେବା ସହ ଲୋକଙ୍କଠାରୁ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ପରେ ନିଆଳି ଅଞ୍ଚଳର ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, ମହିଳା ଗୋଷ୍ଠୀକେନ୍ଦ୍ର, ଶିକ୍ଷାନୁଷ୍ଠାନ ଏବଂ ବ୍ୟକ୍ତିଗତ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ୭ ଦିନ ମଧ୍ୟରେ ଅଭିଯୋଗଗୁଡ଼ିକର ସମାଧାନ କରାଯିବ। ମହିଳାଙ୍କୁ ବିନା ସୁଧରେ ୫ ଲକ୍ଷ ଟଙ୍କା ଯୋଗାଇ ଦିଆଯାଉଛି। ଏଥିରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସେ ଆହ୍ୱାନ ଦେଇଥିଲେ। ପରେ ନିଆଳିର ମାଧବାନନ୍ଦଜୀଉ ମନ୍ଦିରକୁ ଯାଇ ଠାକୁରଙ୍କୁ ଦର୍ଶନ କରିବା ସହ ସେବାୟତ ଓ ମନ୍ଦିର ପରିଚାଳନା କମିଟି ସହ ମନ୍ଦିର ବିଷୟରେ ଆଲୋଚନା କରିଥିଲେ। ମନ୍ଦିରର ଉନ୍ନତୀକରଣ ପାଇଁ ସବୁପ୍ରକାର ବ୍ୟବସ୍ଥା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

## ସଂକ୍ଷେପରେ

### ଆଇସିୟୁରେ ପୂର୍ବତନ ମେୟର ନିବେଦିତା ପ୍ରଧାନ

କଟକ,୯।୮ (କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ(ସିଏମ୍‌ସି)ର ପ୍ରଥମ ମେୟର ତଥା ଭାଜପା ନେତ୍ରୀ ନିବେଦିତା ପ୍ରଧାନ ଅସୁସ୍ଥ ହୋଇ ଏକ ଘରୋଇ ହସ୍ପିଟାଲ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଅବସ୍ଥା ଗୁରୁତର ରହିଛି। ସେ ବୁଧବାରେ ସକାଳେ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ତୁରନ୍ତ ତାଙ୍କୁ ମଙ୍ଗଳାବାଗ ଟିଂବନ୍ଧ ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବିଭିନ୍ନ ଡାକ୍ତରୀ ପରୀକ୍ଷା ପରେ ସେ ନିମୋନିଆ ରୋଗରେ ପୀଡ଼ିତ ଥିବା ଜଣାପଡିଛି। ତାଙ୍କୁ ଚିକିତ୍ସା ଜାରି ରହିଛି। ତାଙ୍କର ଆଶୁ ଆରୋଗ୍ୟ ପାଇଁ ବିଭିନ୍ନ ବର୍ଗର ଲୋକେ ଠାକୁରଙ୍କୁ ପ୍ରାର୍ଥନା କରିଛନ୍ତି।

### ଖବରକାଗଜ ବିତରକ ଶରତ ଚନ୍ଦ୍ର ମହାନ୍ତିଙ୍କ ପରଲୋକ

କଟକ,୯।୮ (କାର୍ତ୍ତିକ ସାହୁ)

ବାଦାମବାଡ଼ି ଖବରକାଗଜ ବିତରକ ସଂଘର ସଦସ୍ୟ ଶରତ ଚନ୍ଦ୍ର ମହାନ୍ତି(୭୩)ଙ୍କର ବୁଧବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଖବରକାଗଜ ବିତରକଙ୍କ



ମଧ୍ୟରେ ସେ ମାଷ୍ଟର ନାମରେ ପରିଚିତ ଥିଲେ। ତାଙ୍କ ମରଶରୀରକୁ କଟକରୁ ତାଙ୍କ ପୈତୃକ ଗ୍ରାମ ସାଲେପୁରକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁତ୍ର କାହ୍ନୁ ମହାନ୍ତି ମୁଖାଗ୍ନି ଦେଇଥିଲେ। ସବୁଦିନ ପରି ବିତରକ କାର୍ଯ୍ୟ କରିବାକୁ ଶରତ ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ଆସିଥାନ୍ତି। ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ମଧ୍ୟରେ ନିଜ ଦାୟିତ୍ୱ ସମ୍ପନ୍ନ କରିଥାନ୍ତି। ହେଲେ ବୁଧବାର ସକାଳେ ତାଙ୍କୁ ଅସୁସ୍ଥ ଲାଗିବାରୁ ପରିବାର ଲୋକେ ସିଟି ହସ୍ପିଟାଲ ନେଇଥିଲେ। ସେଠାରେ ପହଞ୍ଚିବା ପରେ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ସେ ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତିଭାବେ ପରିଚିତ ଥିଲେ।

### ବିଶ୍ୱ ଆଦିବାସୀ ଦିବସ

କଟକ,୯।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବିଶ୍ୱ ଆଦିବାସୀ ଦିବସ ବୁଧବାର ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ପିଜି କାଉନସିଲ୍ ଅଧ୍ୟକ୍ଷା ପ୍ରଫେସର ଲୁନା ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗବେଷକ ଡ. ନବୋର ସୋରେନ୍ ଯୋଗଦେଇଥିଲେ। ଏନ୍‌ଏସ୍‌ଏସ୍ ସଂଯୋଜକ ଡ. ଭାଗବତ ବେହେରା ଅତିଥି ପରିଚୟ ପ୍ରଦାନ ଓ ନିରୁପମା ଟେଟେ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟର ବହୁ ଅଧ୍ୟାପିକା ଅଧ୍ୟାପକ ଏବଂ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ।

# ଏସ୍‌ସିବି ଫାଟକ ଆଗରେ ଭାଜପାର ଧାରଣା



ଚୌଦ୍ୱାର-କଟକ ଭାଜପା ନିର୍ବାଚନ ମଣ୍ଡଳୀ ପକ୍ଷରୁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ସମ୍ମୁଖରେ ଦୁର୍ନୀତି ମୁଳୋତ୍ପାଟନ ପାଇଁ ଧାରଣା।

କଟକ,୯।୮ (କାର୍ତ୍ତିକ ସାହୁ)

ଭାଜପା ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ପକ୍ଷରୁ ଏସ୍‌ସିବି ମେଡିକାଲ ଫାଟକ ଆଗରେ ବୁଧବାର ଧାରଣା ଦିଆଯାଇଥିଲା। ବରିଷ୍ଠ ଭାଜପା ନେତା ନୟନ କିଶୋର ମହାନ୍ତି ପୌରୋହିତ୍ୟ କରି କ୍ରାନ୍ତି ଦିବସରେ ଓଡ଼ିଶା ତଥା ଭାରତବର୍ଷରୁ ଦୁର୍ନୀତି ମୂଳୋତ୍ପାଟନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଧାରଣାରେ କର୍ପୋରେଟର ଗୋପାଳ ବେହେରା, ଦୀପକ ଦାସ, ବିଧାନସଭା ସଂଯୋଜକ ଚିରଞ୍ଜିବୀ ଖଣ୍ଡାୟତରାୟ, ଜିଲା ସାଧାରଣ ସମ୍ପାଦକ ଭାଗୀରଥି ଦଳାଇ, ଜିଲା ଓବିସି ମୋର୍ଚ୍ଚା ସଭାପତି ମହେନ୍ଦ୍ର ମହାନ୍ତି, ସିକନ୍ଦର ଅଲ୍ଲୀ, ବନ ବିହାରୀ ମହାନ୍ତି, ଯଦୁ ନନ୍ଦନ ସାହୁ, କବିତା ଦଳାଇ, ହରିପ୍ରିୟା ଧଳ, ତନୁଶ୍ରୀ ମହାନ୍ତି, ସୀତା ସାହୁ ପ୍ରମୁଖ ଉପସ୍ଥିତ।

# ଚୋରା କୋଇଲା ବୋଝେଇ ଟ୍ରକ୍ ଜବତ

ଖୁଣ୍ଟୁଣୀ,୯।୮(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ପୋଲିସ ମଙ୍ଗଳବାର ରାତି ପ୍ରାୟ ସାଢେ ୩ଟାରେ ଏକ ଚୋରା କୋଇଲା ବୋଝେଇ ଟ୍ରକକୁ ଜବତ କରିଛି। ଚାଳକ ପୋଲିସକୁ ଦେଖି ଟ୍ରକ ରାସ୍ତା ଉପରେ ଛାଡି ଫେରାର ହୋଇଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଏହି ଟ୍ରକ ତାଳଚେରରୁ ଚୋରା କୋଇଲା ନେଇ ଆସୁଥିବା ଏଏସ୍‌ଆଇ ଅମ୍ବିକା ପ୍ରସାଦ ଦାସ ଖବର ପାଇଥିଲେ। ପରେ ଉକ୍ତ ଟ୍ରକକୁ ରାସ୍ତା ଉପରେ ଅଟକା ଯାଇଥିଲା। ଏହି କୋଇଲା ଚାଲାଣ ସମ୍ପର୍କରେ ବୁଧବାର ଟ୍ରକ ମାଲିକ କାଗଜପତ୍ର ଦେଖାଇବାକୁ ଆସି ନଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ. ୧୫୭/୨୩) ରୁଜୁ ହୋଇଛି।

# ବିଶ୍ୱ ସ୍ତନ୍ୟପାନ ସପ୍ତାହ ଉଦ୍‌ଯାପିତ

ଚୌଦ୍ୱାର,୯।୮(ଆଶୁତୋଷ ଦାସ)

ଇଙ୍ଗା ଶିଳ୍ପ ଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ମହିସାଲଣ୍ଡା, ବରହମ୍ପୁର, ଚଷାପଡ଼ା, କୁଷ୍ପଙ୍ଗୀ ଅଞ୍ଚଳରେ ସପ୍ତାହବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଶିଶୁ ବିକାଶ ସେବା ସଂଯୋଜିକା ସ୍ୱର୍ଣ୍ଣମୟୀ ଦାସ, ଇଙ୍ଗାର ବରିଷ୍ଠ ଜିଏମ୍ ଏଲ୍.କେ.ମହାପାତ୍ର, ଜିଏମ୍ ଜି.ଏସ୍.ପି. ରାଓ, ଅମିୟ ନାୟକ, ଆକ୍ସନ୍‌ଏଡ୍ ସଂଯୋଜିକା ନିବେଦିତା ପାଣିଗ୍ରାହୀ, ଦେବାଶିଷ ତ୍ରିପାଠୀ, ଜିଲା ପୋଷଣ ଅଧିକାରୀ ଶ୍ରୀକାନ୍ତ ଜେନା, ମାନସ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ତନ୍ୟପାନର ଉପକାରିତା ଉପରେ ଗ୍ରାମାଞ୍ଚଳର ମହିଳାଙ୍କୁ ବୁଝାଇଥିଲେ। ମାନସ ରଞ୍ଜନ ପ୍ରଧାନ, ସରପଞ୍ଚ କଲ୍ୟାଣୀ ଦାସ, ରତ୍ନପ୍ରଭା ରାଉତ, କଲ୍ୟାଣୀ ରାଉତଙ୍କ ସମେତ ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଉକ୍ତ ଅଞ୍ଚଳର ଅଙ୍ଗନୱାଡ଼ି କର୍ମୀ, ସହାୟିକା, ଆଶା କର୍ମୀ, ସ୍ୱାସ୍ଥ୍ୟକର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ଏଏନ୍‌ଏମ୍, ଗର୍ଭବତୀ ଓ ପ୍ରସୂତିଙ୍କ ସମେତ ବହୁ ସଂଖ୍ୟକ ମହିଳା ଯୋଗଦେଇ ସ୍ତନ୍ୟପାନର ଗୁରୁତ୍ୱ ଏବଂ ଏହାର ଉପକାରିତା ସମ୍ପର୍କରେ ତାଲିମ ନେଇଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ଶିଶୁ ପୋଷଣ ମେଳା ଆୟୋଜନ କରାଯାଇଥିଲା। ଫାଉଣ୍ଡେଶନ୍‌ର ଡିଜିଏମ୍ ନିଲେନ୍ଦୁ ଚାଟାର୍ଜୀ, ଇଙ୍ଗା ମ୍ୟାନେଜର ମାନସ ରଞ୍ଜନ ପ୍ରଧାନ, ଶୁଭାଶିଷ ତ୍ରିପାଠୀ, ଆଶିଷ ଦାସ, ରାକେଶ ମିଶ୍ର, ଚନ୍ଦ୍ରଶେଖର ମହାପାତ୍ର, ଶୁଭଶ୍ରୀ ନାଏକ, ପିଙ୍କି ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚୋରା ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ, ଜରିମାନା ଆଦାୟ

ଖୁଣ୍ଟୁଣୀ,୯।୮(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ପୋଲିସ ଚୋରା ମାଙ୍କଡ଼ା ପଥର ବୋଝେଇ ୨ଟି ଟ୍ରକ ଜବତ କରି ବୁଧବାର ଆଠଗଡ଼ ତହସିଲଦାରଙ୍କୁ ହସ୍ତାନ୍ତର କରିଛି। ମଙ୍ଗଳବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଢେଙ୍କାନାଳ ପଟୁ ଟ୍ରକ ଦୁଇଟି ଆସୁଥିବା ଦେଖି ପୋଲିସର ସନ୍ଦେହ ହେବାରୁ ଅଟକାଇଥିଲା। ହେଲେ ଚାଳକ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ଟ୍ରକ ଦୁଇଟି ଥାନାକୁ ନିଆଯାଇଥିଲା। ବୁଧବାର ଏହି ଟ୍ରକ ଦୁଇଟିରୁ ୪୨,୧୬୦ ଟଙ୍କା ଜରିମାନା ଆଦାୟ କରି ଛାଡି ଦିଆଯାଇଥିବା ତହସିଲଦାର ପ୍ରିୟବ୍ରତ ଦାସ କହିଛନ୍ତି।

# ୫-ଟି ସଚିବଙ୍କୁ କଳାପତାକା ପ୍ରଦର୍ଶନ



ଭାଜପା କର୍ମୀଙ୍କୁ ପୋଲିସ ଉଠାଇ ନେଉଛି।

ବାଙ୍କୀ,୯।୮ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ବୁଧବାର ବାଙ୍କୀ ଗସ୍ତର ପ୍ରତିବାଦ କରି ସ୍ଥାନୀୟ ଭାଜପା କର୍ମକର୍ତ୍ତାମାନେ ଏନ୍‌ଏସି ଛକଠାରେ କଳାପତାକା ଦେଖାଇ ପାଣ୍ଡିଆନ ଗୋ-ବ୍ୟାକ୍ ନାରା ଦେଇଥିଲେ। ବାଙ୍କୀ ଭାଜପା ନଗର ସଭାପତି ପ୍ରଣବ ମହାପାତ୍ରଙ୍କ ନେତୃତ୍ୱରେ ୮ ଜଣ କର୍ମୀ ସାମିଲ ହୋଇ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇଥିଲେ। ଏହି ଖବରପାଇ ବାଙ୍କୀ ଆଇଆଇସି କାବୁଲି ବାରିକଙ୍କ ନେତୃତ୍ୱରେ ପୋଲିସ ସେଠାରେ ପହଞ୍ଚି ସେମାନଙ୍କୁ ଉଠାଇ ନେଇଥିଲା। ୫-ଟି ସଚିବ ପାଣ୍ଡିଆନଙ୍କ କାର୍ଯ୍ୟକ୍ରମ ସରିବା ପରେ ସେମାନଙ୍କୁ ଡିମାଣ୍ଡ ବଣ୍ଡରେ ସ୍ୱାକ୍ଷର କରି ଜାମିନରେ ଛଡ଼ାଯାଇଥିଲା ବୋଲି ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ଜ୍ଞାନ ରଞ୍ଜନ ମିଶ୍ର ପ୍ରକାଶ କରିଛନ୍ତି।

# ଗୌରୀଶଙ୍କର ପାର୍କଠାରେ ପ୍ରତୀକାତ୍ମକ ବିକ୍ଷୋଭ

କଟକ,୯।୮ (କାର୍ତ୍ତିକ ସାହୁ)

କଟକ ନଗର ଭାଜପା ପକ୍ଷରୁ ରାଜ୍ୟ ସରକାରଙ୍କ ବିରୋଧରେ ଗାଦିଛାଡ଼ ଆନ୍ଦୋଳନ ଶୁଭାରମ୍ଭ ଅବସରରେ ଗୌରୀଶଙ୍କର ପାର୍କଠାରେ ଏକ ପ୍ରତୀକାତ୍ମକ ବିକ୍ଷୋଭ କରାଯାଇଛି। ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ବକ୍ତାମାନେ ଯୋଗଦେଇ ଶାସକ ଦଳର ଗରିବ ବିରୋଧୀ ନୀତି ଓ ଭ୍ରଷ୍ଟାଚାରର ଅବତାରଣା କରି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଏଥିରେ କର୍ପୋରେଟର ଲକ୍ଷ୍ମୀଧର ବେହେରା, ନିତାଇ ଚରଣ ନନ୍ଦ, ମୀନକେତନ ଦାସ, ଦେବାନନ୍ଦ ସିଂ, ସତ୍ୟବ୍ରତ ମିଶ୍ର ଓ ହରିଚନ୍ଦନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଲୋକନାଥ କଲେଜଛକ ପୂଜା ପ୍ରତିଷ୍ଠାନ ସଭାପତି

କଟକ,୯।୮(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ କଲେଜଛକ ପୂଜା ପ୍ରତିଷ୍ଠାନର ସଭାପତି ମନୋନୟନ ପାଇଁ ପାଟରାସାହିସ୍ଥିତ ବୁଢ଼ୀମଙ୍ଗଳା ମନ୍ଦିରରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ କର୍ପୋରେଟର ବଟକୃଷ୍ଣ ସାହୁ, ସାହି ଅଧିକାରୀ ଶୁକଦେବ ପାତ୍ର, ବରିଷ୍ଠ ମୁରବି ଅଶୋକ କୁମାର ପାତ୍ର, ବିଷ୍ଣୁ ଚରଣ ସାହୁ, ଜିତେନ୍ଦ୍ର ସାହୁ, ଉମାକାନ୍ତ ସାହୁ, ନରେନ୍ଦ୍ର ଚୌଧୁରୀ, ପ୍ରତାପ ପାତ୍ର, ସୁରେନ୍ଦ୍ର ନାଥ ଦାସ ଓ ବିଶ୍ୱମ୍ଭର ପାତ୍ର ପ୍ରମୁଖ ବୈଠକ ପରିଚାଳନା କରିଥିଲେ। ସଭାପତି ପଦବୀ ପାଇଁ ୫ଜଣ



ଆଶାୟୀ ଥିଲେ। ହେଲେ ସମସ୍ତଙ୍କ ସହମତି କ୍ରମେ ଲୋକନାଥ ଲେଙ୍କାଙ୍କୁ ସଭାପତି ଭାବେ ଚୟନ କରାଯାଇଥିଲା। ଲେଙ୍କା ପୂର୍ବରୁ ପୂଜା ପ୍ରତିଷ୍ଠାନର କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ। ଖୁବ୍‌ଶୀଘ୍ର ପୂଜା କମିଟିର ଅନ୍ୟ ପଦବୀ ପୂରଣ ପାଇଁ ନାମ ଘୋଷଣା କରାଯିବ ବୋଲି ସୂଚନା ମିଳିଛି।

# ‘ମନୋରମାଙ୍କ ଭଳି ବାଗ୍ମୀ ଲେଖିକା ରାଜ୍ୟରେ ବିରଳ’

କଟକ,୯।୮(ସୁପ୍ରିୟା ପ୍ରିୟଦର୍ଶିନୀ)




ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମନୋରମା ମହାପାତ୍ର ସ୍ମାରକୀ ହଲ୍ ଉଦ୍‌ଘାଟନ କରୁଛନ୍ତି।

**ରେଭେନ୍‌ଶାରେ ମନୋରମା ମହାପାତ୍ର ସ୍ମାରକୀ ହଲ୍ ଉଦ୍‌ଘାଟିତ**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ବୁଧବାର ମନୋରମା ମହାପାତ୍ର ସ୍ମାରକୀହଲ୍ ଉଦ୍‌ଘାଟିତ ହୋଇଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ମନୋରମା ମହାପାତ୍ରଙ୍କ ଭଳି ବାଗ୍ମୀ ଲେଖିକା ଓ ସାମାଜିକ କର୍ମୀ ଆମ ରାଜ୍ୟରେ ବିରଳ। ତାଙ୍କ ଭଳି ମହିୟସୀ ମହିଳାଙ୍କ ନାଁରେ ଏହି ହଲ୍ ଉଦ୍‌ଘାଟନ କରି ସେ ଅତ୍ୟନ୍ତ ଖୁସି ଅନୁଭବ କରୁଛନ୍ତି। ରେଭେନ୍‌ଶା ଏକ ବିଶ୍ୱବିଦ୍ୟାଳୟ ନୁହେଁ ବରଂ ଏହା ଓଡ଼ିଶା ଇତିହାସର ଏକ ଗୁରୁତ୍ୱ ପୂର୍ଣ୍ଣଅଂଶ। ଏହି ବିଶ୍ୱବିଦ୍ୟାଳୟର ସାମଗ୍ରିକ ଉନ୍ନତି ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମ୍ମାନିତ ଅତିଥି ମୋ କଲେଜ ଅଭିଯାନର ଅଧ୍ୟକ୍ଷ ଆକାଶ ଦାସ ନାୟକ କହିଥିଲେ ‘ମୋ କଲେଜ ଅଭିଯାନ’ ଓଡ଼ିଶାରେ ଉଚ୍ଚଶିକ୍ଷାର ସାମଗ୍ରୀକ ବିକାଶ ଦିଗରେ କାର୍ଯ୍ୟ କରୁଛି। ଆଜିର ଦିନରେ ମନୋରମା ସ୍ମାରକୀ ହଲ୍‌ର ଲୋକାର୍ପଣ ଏକ ମାଇଲଖୁଣ୍ଟ ହୋଇରହିବ। ମନୋରମା ମହାପାତ୍ରଙ୍କ ଭଳି ପ୍ରେରଣାଦାୟୀ ମହିଳାଙ୍କର ଓଡ଼ିଶା ସାହିତ୍ୟ, ଗଣମାଧ୍ୟମ ଓ ନାରୀ ସଶକ୍ତୀକରଣ ପ୍ରତି ଅନେକ ଅବଦାନ ରହିଛି। ଏଥିସହ ରେଭେନ୍‌ଶାକୁ ବିଶ୍ୱସ୍ତରୀୟ କରିବା ପାଇଁ ସମସ୍ତ ପୁରାତନ ଛାତ୍ରୀଛାତ୍ରଙ୍କୁ ସେ ଆହ୍ୱାନ ଦେଇଥିଲେ। ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ମନୋରମା ମହାପାତ୍ର ସ୍ମାରକୀ ହଲ୍ ପାଇଁ ରାଜ୍ୟ ସରକାର ଓ ମୋ କଲେଜ ଅଭିଯାନକୁ ଧନ୍ୟବାଦ ଦେଇଥିଲେ। ମନୋରମା ମହାପାତ୍ରଙ୍କ କନ୍ୟା ଶ୍ୱେତପଦ୍ମା ଦାସ ଓ ପୁତ୍ର ପ୍ରଦୀପ କୁମାର ମହାପାତ୍ର ଉକ୍ତ ହଲ୍ ନିର୍ମାଣରେ ମୋ କଲେଜ ଅଭିଯାନ ଓ ରାଜ୍ୟ ସରକାରଙ୍କ ସହାୟତା ପାଇଁ ଧନ୍ୟବାଦ ଜଣାଇଥିଲେ। ଏଥିରେ ମୋ କଲେଜ ଅଭିଯାନ ସଂଯୋଜକ ପ୍ରଦୀପ କୁମାର ମହାପାତ୍ର ଉପସ୍ଥିତ ଥିଲେ। କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ସ୍ୱାଗତ ଭାଷଣ ଓ ମୋ କଲେଜ ଅଭିଯାନର ସଂଯୋଜକ ଶିବବ୍ରତ ଦାସ ଧନ୍ୟବାଦ ଦେଇଥିଲେ।

ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

ବେଗୁନିଆ ମହାବିଦ୍ୟାଳୟ, ବେଗୁନିଆ

# 'ସଶକ୍ତ ଓଡ଼ିଶା ପାଇଁ ଯୁବପିଢ଼ି ପ୍ରସ୍ତୁତ ହୁଅନ୍ତୁ'






ବେଗୁନିଆ ମହାବିଦ୍ୟାଳୟରେ ବୁଧବାର 'ଧରିତ୍ରୀ' ପକ୍ଷରୁ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାର ମୁଖ୍ୟ ଅତିଥି ତଥା ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ ଉଦ୍‌ବୋଧନ ଦେଉଛନ୍ତି(ବାମ)। ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ଖୋର୍ଦ୍ଧା/ବୋଲଗଡ଼/ବେଗୁନିଆ/ବାଘମାରୀ (ପ୍ରଭାତ ପାଣିଗ୍ରାହୀ/ଦେବବ୍ରତ ହୋତା/ହରପ୍ରସନ୍ନ ପଣ୍ଡା/ଶୁଭକାନ୍ତ ମହାପାତ୍ର),୯।୮**

ଗଣମାଧ୍ୟମ ହେଉଛି ଲୋକଙ୍କ ସ୍ୱର। ଗଣମାଧ୍ୟମ ବିନା ଗଣତନ୍ତ୍ର ଚକବିହୀନ ଯାନ ସଦୃଶ। ଏକ ସୁସ୍ଥ, ସମୃଦ୍ଧ ସମାଜ ଗଠନରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି। ତେବେ ଗଣମାଧ୍ୟମ ନିର୍ଭୀକ, ନିରପେକ୍ଷ ସମ୍ବାଦ ପରିବେଷଣ କରିବା ଉଚିତ୍। ଗଣତନ୍ତ୍ରକୁ ସୁଦୃଢ଼ ଦିଗରେ ଯୁବପିଢ଼ିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯୁବପିଢ଼ି ସଶକ୍ତ ଓଡ଼ିଶା ଗଠନ ପାଇଁ ପ୍ରସ୍ତୁତ ହୁଅନ୍ତୁ ବୋଲି ଧରିତ୍ରୀର ୫୦ବର୍ଷ ପାଳନ ଅବସରରେ ବେଗୁନିଆ ମହାବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ ''ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି'' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଏହି ପ୍ରତିଯୋଗିତାକୁ ମୁଖ୍ୟଅତିଥି ଭାବେ ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ ଉଦ୍‌ଘାଟନ କରି କହିଥିଲେ, ଧରିତ୍ରୀ ପକ୍ଷରୁ ଆୟୋଜିତ ଏଭଳି ପ୍ରତିଯୋଗିତା ସ୍ୱାଗତଯୋଗ୍ୟ। ଏହା ଯୁବପିଢ଼ିଙ୍କୁ ନିଜ ଦାୟିତ୍ୱ ପ୍ରତି ସଚେତନ କରିବ। ଲକ୍ଷ୍ୟ ସ୍ଥିର କର, କୌଣସି କାର୍ଯ୍ୟରେ ବିଫଳ ହେଲେ ଅଧୈର୍ଯ୍ୟ ହୁଅ ନାହିଁ। ସଫଳ ନ ହେବା ପର୍ଯ୍ୟନ୍ତ ନିରନ୍ତର ପ୍ରୟାସ କର। ଗଣତନ୍ତ୍ର ଅନ୍ୟ ୩ ସ୍ତମ୍ଭ ସହ ସମନ୍ୱୟ ରଖେ। ଗଣମତ ହେଉଛି ଗଣତନ୍ତ୍ରର ଆଧାର। ଗଣତନ୍ତ୍ରରେ ଭୋଟଦାନ ଏକ ସାମ୍ବିଧାନିକ ଅଧିକାର। ୧୮ବର୍ଷରୁ ଊର୍ଦ୍ଧ୍ୱ ପିଲାମାନେ ପଞ୍ଜୀକରଣ କରି ଗଣତନ୍ତ୍ରର ଏକ ଅଂଶ ଭାବେ ସାମିଲ ହୋଇ ସମୃଦ୍ଧ ଗଣତନ୍ତ୍ରରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ ବୋଲି କହିଥିଲେ। କଲେଜ ଅଧ୍ୟକ୍ଷା ଡ. ସବିତାଞ୍ଜଳି ସେନାପତି କହିଥିଲେ ଯେ, ଖବରକାଗଜରେ ବହୁ ଉପାଦେୟତା ରହିଛି। ଲୋକଙ୍କ କଥା ଓ ବ୍ୟଥା, ସାମ୍ପ୍ରତିକ ଘଟଣାବଳୀକୁ ନେଇ ସାମ୍ପ୍ରଦାୟିକ ପାଠକଙ୍କୁ ସଚେତନ କରିଥାଏ। ଭାଷା, ସାହିତ୍ୟ, ସଂସ୍କୃତିର ଉତ୍ଥାନ ଦିଗରେ ଏକ ପ୍ରମୁଖ ମାଧ୍ୟମ ସାଜିଥାଏ। ଖବରକାଗଜ ଦେଶର ପ୍ରଗତି, ସଫଳତା ପଛରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଏହି ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ଡ. ମନମୋହନ ମିଶ୍ର ଯୋଗଦେଇ କହିଥିଲେ, ଏଭଳି ପ୍ରତିଯୋଗିତା ଯୁବପିଢ଼ିଙ୍କୁ ସେମାନଙ୍କ କର୍ତ୍ତବ୍ୟ ପଥରେ ଆଗେଇନେବ। ଯୁବପିଢ଼ି ଉତ୍ସର୍ଗୀକୃତଭାବେ ସମାଜ, ରାଷ୍ଟ୍ରର କଲ୍ୟାଣ ପାଇଁ ଅଗ୍ରସର ହେଲେ ଗଣତନ୍ତ୍ର ତାହାର ସ୍ୱତନ୍ତ୍ରତା ବଜାୟ ରଖିବ ବୋଲି କହିଥିଲେ। ଏହି ପ୍ରତିଯୋଗିତାରେ ବେଗୁନିଆ କଲେଜ ବ୍ୟତୀତ ବୋଲଗଡ଼ର ପରମାନନ୍ଦ ମହାବିଦ୍ୟାଳୟ, ବାଙ୍କୋଇର କାଳୀଚରଣ ପାଞ୍ଚଗଡ଼ ଅନଙ୍ଗ ନରେନ୍ଦ୍ର ମହାବିଦ୍ୟାଳୟ, ଦେଉଳିର ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କଣ୍ଟାବାଡ଼ର ରମାମଣି କଲେଜର ଛାତ୍ରୀଛାତ୍ର ଭାଗନେଇଥିଲେ। ମୋଟ୍ ୧୧ଜଣ ଛାତ୍ରୀଛାତ୍ର ଭାଗ ନେଇ ସେମାନଙ୍କ ଓଜସ୍ୱିନୀ ଭାଷଣ ମାଧ୍ୟମରେ ବିଷୟବସ୍ତୁ ଉପରେ ମତବ୍ୟକ୍ତ କରିଥିଲେ। ଗଣତନ୍ତ୍ରର କାର୍ଯ୍ୟ ନ୍ୟାୟପାଳିକା ଓ ବ୍ୟବସ୍ଥାପିକା ମଧ୍ୟରେ ଅନ୍ୟତମ ୪ର୍ଥ ସ୍ତମ୍ଭ ଗଣମାଧ୍ୟମ। ତେବେ ଗଣମାଧ୍ୟମ ସତ୍ୟ ଆଧାରିତ ଖବର ପରିବର୍ତ୍ତେ ଅନେକ ସମୟରେ ବିଭ୍ରାନ୍ତିକର ଖବର ଦେଇଥାଏ। ଖବର ସମାଜର ହିତସାଧନ ଏବଂ ସତ୍ୟ ଆଧାରିତ ହେଲେ ଜନାଦୃତ ହୋଇପାରିବ। ଗଣତନ୍ତ୍ରରେ ଜନମତକୁ ସାବ୍ୟସ୍ତ କରିବା ଦିଗରେ ଯୁବ ସମାଜର ଭୂମିକା ରହିଛି। ଯୁବ ଭୋଟର ପ୍ରଲୋଭିତ ନ ହୋଇ ଉପଯୁକ୍ତ ପ୍ରାର୍ଥୀଙ୍କୁ ବାଛନ୍ତୁ। ଏହି ପ୍ରତିଯୋଗିତାରେ ସୀମା ବେହେରା ପ୍ରଥମ, ଭାରତୀ ସାହୁ ଓ ସୁଶ୍ରୀ ସୋନମ୍ ମହାନ୍ତି ଯୁଗ୍ମ ୨ୟ ଏବଂ ଶ୍ୱେତାଲିନା ପ୍ରିୟଦର୍ଶିନୀ ସାହୁ ୩ୟ ସ୍ଥାନ ଅଧିକାର କରିଛନ୍ତି। ବିଚାରକଭାବେ ମହାବିଦ୍ୟାଳୟର ଅଧ୍ୟାପିକା ସ୍ମିତାମୟୀ ବସନ୍ତିଆ ଯୋଗଦେଇ କହିଥିଲେ, ଯୁବସମାଜ କ'ଣ କରିବେ ନ କରିବେ ପ୍ରଥମେ ବିଚାର କରନ୍ତୁ। ସତ୍ୟନିଷ୍ଠ ହୁଅନ୍ତୁ। ଦେଶର ଭବିଷ୍ୟତ ଯୁବପିଢ଼ି ଶୃଙ୍ଖଳିତ ଦାୟିତ୍ୱ ସମ୍ପନ୍ନ ହୁଅନ୍ତୁ। ଗଣମାଧ୍ୟମ ମଧ୍ୟ ସତ୍ୟତା ବଜାୟ ରଖନ୍ତୁ। ଗଣମାଧ୍ୟମ ସମାଜର ଦର୍ପଣ ସଦୃଶ। ପିଲାମାନେ ଖବରକାଗଜ ପଢ଼ିଲେ ଜ୍ଞାନ ବିକଶିତ ହେବ। ଅନ୍ୟତମ ବିଚାରକ ଅଧ୍ୟାପକ ବିଧୁଭୂଷଣ ରାଉତ କହିଥିଲେ, ଧରିତ୍ରୀ ୫୦ବର୍ଷରେ ପୂର୍ଣ୍ଣତା ପ୍ରାପ୍ତି କରିଛି। ଯଶସ୍ୱୀ ସାଧିକା, ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ପ୍ରେରଣା, ମାର୍ଗଦର୍ଶନକୁ ପାଥେୟ କରି ସମ୍ପାଦକ ତଥାଗତ ସତପଥୀ ବଳିଷ୍ଠ ସାମ୍ପ୍ରଦାୟିକତା ମାଧ୍ୟମରେ ଏହାର ସ୍ୱତନ୍ତ୍ରତା ବଜାୟ ରଖିଛନ୍ତି। ପିଲାମାନେ ନିତ୍ୟ ଖବରକାଗଜ ପଢ଼ିବାକୁ ପରାମର୍ଶ ଦେଇଥିଲେ। ରାଜନୀତି ବିଜ୍ଞାନ ବରିଷ୍ଠ ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ କହିଥିଲେ, ଗଣମାଧ୍ୟମ ଜନତାଙ୍କ ସ୍ୱର। ଶାଣିତ, ଗାଳ୍ପିକ ଖବର ଦ୍ୱାରା ଭ୍ରଷ୍ଟାଚାର, ଦୁର୍ନୀତି ମୂଳୋତ୍ପାଟନ କରିଥାଏ। ଯୁବପିଢ଼ି ସମାଜର କଲ୍ୟାଣ ଦିଗରେ କାର୍ଯ୍ୟ କରନ୍ତୁ। କଠିନ ପରିଶ୍ରମ, ଏକାଗ୍ରତା ସଫଳତା ଆଣିଦେବ। ଧରିତ୍ରୀ ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ ପ୍ରତିଯୋଗିତାର ଆଭିମୁଖ୍ୟ ତଥା ଧରିତ୍ରୀ ୫୦ବର୍ଷର ଯାତ୍ରା, ଯୁବପିଢ଼ିଙ୍କ ଦାୟିତ୍ୱବୋଧ ଉପରେ କହିଥିଲେ। ଖୋର୍ଦ୍ଧା ଜିଲା ପ୍ରତିନିଧି ପ୍ରଭାତ ପାଣିଗ୍ରାହୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ବାଘମାରୀ ପ୍ରତିନିଧି ଶୁଭକାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ। ବେଗୁନିଆ ପ୍ରତିନିଧି ହରପ୍ରସନ୍ନ ପଣ୍ଡା, ବୋଲଗଡ଼ ପ୍ରତିନିଧି ଦେବବ୍ରତ ହୋତା, ନିରାକାରପୁର ପ୍ରତିନିଧି ମାନସ ଚନ୍ଦ୍ର ପଟ୍ଟନାୟକ, ସହ ସମ୍ପାଦକ ସୁଶାନ୍ତ ସାହୁ, ପ୍ରସାରଣ ବିଭାଗର ଅରବିନ୍ଦ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ।

## ବିଜୟୀ ଛାତ୍ରୀଛାତ୍ରଙ୍କ ମୁହଁରୁ...



ଯୁବ ସମାଜ ପାଇଁ ଏହା ପ୍ରେରଣାଦାୟୀ କାର୍ଯ୍ୟକ୍ରମ। ଗଣତାନ୍ତ୍ରିକ ରାଷ୍ଟ୍ରରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗଣମାଧ୍ୟମ, ଗଣ ଜାଗରଣ, ଗଣ ଚେତନାର ଏକ ମାଧ୍ୟମ। ଯୁବପିଢ଼ି ଗଣତନ୍ତ୍ରର ମେରୁଦଣ୍ଡ। ତେଣୁ ଯୁବବର୍ଗ ନିଜ ଦାୟିତ୍ୱ ପ୍ରତି ସଚେତନ ହୁଅନ୍ତୁ।

**- ସୀମା ବେହେରା, ପ୍ରଥମ**



ଏଭଳି କାର୍ଯ୍ୟକ୍ରମ ଯୁବପିଢ଼ିଙ୍କୁ ସଚେତନ କରିବ। ଯୁବବର୍ଗ ସଚେତନ ହେଲେ ଗଣତନ୍ତ୍ରର ସ୍ୱତନ୍ତ୍ରତା ବଜାୟ ରହିବ। ଗଣମାଧମ ଓ ଯୁବପିଢ଼ି ଗଣତନ୍ତ୍ରର ପ୍ରମୁଖ ଆଧାର। ଉଭୟ ପରିପୂରକ। ଉଭୟ ଜାଗ୍ରତ ହେଲେ ସମାଜ ଜାଗ୍ରତ ହେବ।

**- ଭାରତୀ ସାହୁ, ଯୁଗ୍ମ ଦ୍ୱିତୀୟ**



ଧରିତ୍ରୀ ପକ୍ଷରୁ ଆୟୋଜିତ ଏଭଳି ପ୍ରତିଯୋଗିତା ଯୁବପିଢ଼ିଙ୍କୁ ନିଜ ଦାୟିତ୍ୱ ପ୍ରତି ସଚେତନ କରିବାର ଏକ ମାଧ୍ୟମ। ଯୁବପିଢ଼ି ଚାହିଁଲେ ଦେଶକୁ ପ୍ରଗତି ପଥରେ ଆଗକୁ ନେଇପାରିବେ। ଗଣମାଧ୍ୟମ ଭଳି ଯୁବବର୍ଗ ମଧ୍ୟ ନିର୍ଭୀକ, ସାହସୀ, ଗଣତନ୍ତ୍ରର ଏକ ଅଂଶଭାବେ ସୂଚାରୁଭାବେ ଦାୟିତ୍ୱ ନିର୍ବାହ କରିବା ଆବଶ୍ୟକ।

**- ସୁଶ୍ରୀ ସୋନମ୍ ମହାନ୍ତି, ଯୁଗ୍ମ ଦ୍ୱିତୀୟ**



ମୁଁ ଏହି କାର୍ଯ୍ୟକ୍ରମରେ ଭାଗନେଇଥିବାରୁ ବହୁତ ଖୁସି। ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ଶୁଭେଚ୍ଛା ଜଣାଉଛି। ବଳିଷ୍ଠ ସମ୍ପାଦକୀୟ, ସାମ୍ପ୍ରତିକ ଘଟଣାବଳୀ ତଥା ଖବର ପରିବେଷଣ ଦିଗରେ ଧରିତ୍ରୀ ସ୍ୱତନ୍ତ୍ରତା ବଜାୟ ରଖିଛି।

**- ଶ୍ୱେତାଲିନା ପ୍ରିୟଦର୍ଶିନୀ ସାହୁ, ତୃତୀୟ**

ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର


ଚିନ୍ମୟୀ ପଣ୍ଡା


ଦେବଦତ୍ତ ସାହାଣୀ


ଜଗନ୍ନାଥ ମହାପାତ୍ର


କିଶୋର କୁମାର ସ୍ୱାଇଁ


କୃଷ୍ଣଚନ୍ଦ୍ର ପ୍ରଧାନ


ମୋନାଲିସା ସୁବୁଦ୍ଧି


ରୋଜାଲିନ ରଥ

ଆଜି ବିଶ୍ୱ ସିଂହ ଦିବସ

# ପରିବେଶ ସନ୍ତୁଳନ ବଜାୟ ରଖେ ସିଂହ

**ସିଂ**ହମାନେ ପରିବେଶ ପ୍ରଣାଳୀରେ ଏକ ସନ୍ତୁଳନ ରଖିଥାନ୍ତି। ସେମାନଙ୍କର ସଂରକ୍ଷଣ ଜୈବ ବିବିଧତା ଏବଂ ପ୍ରାକୃତିକ ଜଙ୍ଗଲର ସୁରକ୍ଷା ଲାଗି ଅପରିହାର୍ଯ୍ୟ। ଅପରପକ୍ଷେ ଦ୍ରୁତ ଜଙ୍ଗଲ କ୍ଷୟ ଏବଂ ବେଆଇନ ଶିକାର ଯୋଗୁ ସିଂହଙ୍କ ସଂଖ୍ୟା କମିବାରେ ଲାଗିଛି। ସିଂହଙ୍କ ସୁରକ୍ଷା ଏବଂ ସଂରକ୍ଷଣ ଲାଗି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୦ରେ ବିଶ୍ୱ ସିଂହ ଦିବସ ପାଳନ କରାଯାଇଥାଏ। ୨୦୧୩ରେ ବିଗ୍ କ୍ୟାଟ୍ ରେସକ୍ୟୁ ପଦକ୍ଷେପର ସହ-ପ୍ରତିଷ୍ଠାତା ଡେରେକ ଏବଂ ବେଭେରୀ ଜୋବର୍ଟଙ୍କ ଦ୍ୱାରା ଏହି ଦିବସ ପାଳନ ଆରମ୍ଭ ହୋଇଥିଲା।



୧୦୦ ବର୍ଷ ତଳେ ସିଂହଙ୍କ ସଂଖ୍ୟା ୨ ଲକ୍ଷରୁ ଅଧିକ ଥିବାବେଳେ ଏବେ ଏଥିରେ ପ୍ରାୟ ୮୦ ପ୍ରତିଶତ ହ୍ରାସ ଘଟିଛି। ତେବେ ଗତ ଦୁଇ ଦଶନ୍ଧି ମଧ୍ୟରେ ସିଂହଙ୍କ ସଂଖ୍ୟା କମି ପୃଥିବୀରେ ୩୦ ହଜାରରୁ ୨୦ ହଜାର ମଧ୍ୟରେ ରହିଛି। ଆଫ୍ରିକାର ୨୭ଟି ଦେଶ ଏବଂ ଏସିଆର ଭାରତରେ ସିଂହ ଦେଖାଯାଆନ୍ତି। ସେଥିମଧ୍ୟରୁ ୭ଟି ଦେଶରେ ହଜାରରୁ ଅଧିକ ସିଂହ ରହିଛନ୍ତି। ୨୦୨୦ ରିପୋର୍ଟ ଅନୁସାରେ ତାଞ୍ଜାନିଆରେ ୧୫ ହଜାର, ଦକ୍ଷିଣ ଆଫ୍ରିକାରେ ସିଂହଙ୍କ ସଂଖ୍ୟା ୩,୫୦୦ ଥିଲା। ଭାରତରେ ସେହି ସମୟରେ ସିଂହଙ୍କ ସଂଖ୍ୟା ଥିଲା ୬୭୪। ଅବଶ୍ୟ ୨୦୧୫ରେ ଏଠାରେ ୫୨୩ ସିଂହ ଥିଲେ। ତେବେ ଆମ ଦେଶରେ ଦେଖାଯାଉଥିବା ଏସିଆଟିକ୍ ସିଂହକୁ ଅନ୍ତର୍ଜାତୀୟ ୟୁନିଅନ ଫର କନ୍‌ଜରଭେଶନ ଅଫ ନେଚର, ରେଡ ତାଲିକାଭୁକ୍ତ କରିଛି। ଆମ ଦେଶରେ କେବଳ ଗୁଜରାଟର ଗିର୍ ଜଙ୍ଗଲ ଓ ଏହାର ଆଖପାଖ ଅଞ୍ଚଳରେ ସିଂହ ଦେଖିବାକୁ ମିଳିଥାନ୍ତି। ତେବେ ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ଆଫ୍ରିକୀୟ ସିଂହଙ୍କୁ ରଖିବା ପାଇଁ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ସେଠାରେ ଏବେ ଚିତା ବାଘକୁ ଆଣି ରଖାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଗୋଟିଏ ସ୍ଥାନରେ ସିଂହ ରହିଥିବାରୁ ଅନ୍ୟ କେଉଁଠି ରଖିବା ପାଇଁ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଦାବୀ କରୁଛନ୍ତି। ବିଶେଷଜ୍ଞଙ୍କ କହିବାନୁସାରେ, ଯଦି ଗିର୍ ଜଙ୍ଗଲରେ କୌଣସି କାରଣବଶତଃ ମହାମାରୀ ହୋଇଯାଏ ଏବଂ ସିଂହଙ୍କ ମୃତ୍ୟୁ ଘଟେ ତେବେ ଭାରତରେ ସିଂହଙ୍କ ବଂଶ ଲୋପ ପାଇଯିବାର ଆଶଙ୍କା ରହିଛି।

### ବିଲୁପ୍ତ ବାରବାରୀ ସିଂହ

ବାରବାରୀ ସିଂହ ଏବେ ବିଲୁପ୍ତ। ଏହାକୁ ଉତ୍ତର ଆଫ୍ରିକୀୟ ସିଂହ ବା ଆଟଲାସ୍ ସିଂହ କିମ୍ବା ଇଜିପ୍ଟର ସିଂହ ବୋଲି କୁହାଯାଏ। ଏମାନେ ମର୍‌କୋଠାରୁ ଇଜିପ୍ଟ ପର୍ଯ୍ୟନ୍ତ ଉତ୍ତର ଆଫ୍ରିକାର ମାଘ୍ରେବ ପର୍ବତ ଏବଂ ମରୁଭୂମିରେ ବାସ କରୁଥିଲେ। ଏହି ପ୍ରଜାତି ସିଂହର ବିଲୋପର କାରଣ ଅତ୍ୟଧିକ ଶିକାର। ଏହି ସମୀକ୍ଷାରୁ ଜଣାପଡ଼ିଛି ୧୯୬୦ ପର୍ଯ୍ୟନ୍ତ ଆଲଜେରିଆରେ ଏବଂ ୧୯୬୦ ମଧ୍ୟଭାଗ ପର୍ଯ୍ୟନ୍ତ ମର୍‌କୋରେ ଏହି ପ୍ରଜାତି ସିଂହର ଏକ ଛୋଟ ଗୋଷ୍ଠୀ ବଞ୍ଚିଥିଲେ। କିନ୍ତୁ ଏବେ ସେହି ଅଞ୍ଚଳରେ ବିଲୁପ୍ତ । ୧ଲକ୍ଷ ବର୍ଷ ମଧ୍ୟରେ ବାରବାରୀ ସିଂହର ଜୀବାଶ୍ମ ଇସୋରିଆର ବିଜମୋନ ଗୁମ୍ଫାରେ ମିଳିଥିଲା। ତେବେ ୨୦୧୭ ପର୍ଯ୍ୟନ୍ତ ବାରବାରୀ ସିଂହକୁ ଏକ ଭିନ୍ନ ସିଂହ ପ୍ରଜାତି ଭାବରେ ବିବେଚନା କରାଯାଉଥିଲା। ଉତ୍ତର ଆଫ୍ରିକାର ସିଂହ ନମୁନାଗୁଡ଼ିକର ମର୍ଫୋଲୋଜିକାଲ ଏବଂ ଜେନେଟିକ୍ ବିଶ୍ଳେଷଣରୁ ଜଣାପଡ଼ିଥିଲା ଯେ ବାରବାରୀ ସିଂହ ଏସିଆଟିକ୍ ସିଂହଠାରୁ ବିଶେଷ ଭିନ୍ନ ନୁହନ୍ତି।

# ଜୈବ ଇନ୍ଧନ ଏକ ନୂଆ ବିକଳ୍ପ

ବିଶ୍ୱ ଜୈବ ଇନ୍ଧନ ଦିବସ

**ଅ**ଶୋଧିତ ତୈଳ ଉପରୁ ନିର୍ଭରଶୀଳତା ହ୍ରାସ କରିବାରେ ଜୈବ ଇନ୍ଧନ ବିଶେଷ ଭାବେ ସହାୟକ ହେବାରେ ଲାଗିଛି। ଏହା ସ୍ୱଚ୍ଛ ପରିବେଶ ସୃଷ୍ଟି କରିବା ସହିତ କୃଷକଙ୍କ ଆୟ, ଗ୍ରାମାଞ୍ଚଳରେ ରୋଜଗାର ବୃଦ୍ଧି ଆଦି କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିଥାଏ। ଏଥିପାଇଁ ବିଭିନ୍ନ ଦେଶରେ ସରକାରୀ ସ୍ତରରେ ପଦକ୍ଷେପମାନ ଗ୍ରହଣ କରାଯାଉଛି।



ସୁସ୍ଥ ପରିବେଶ ପାଇଁ ଜୈବ ଇନ୍ଧନ ଅପରିହାର୍ଯ୍ୟ। ଜୀବାଶ୍ମ ଇନ୍ଧନ ଯଥା ପେଟ୍ରୋଲ, ଡିଜେଲ ବା କୋଇଲା ଆଧାରିତ ବିଜୁଳି ପରିବେଶକୁ ଦୂଷିତ କରୁଛି। ଏହାର ବିକଳ୍ପ ଭାବେ ଜୈବ ଇନ୍ଧନ ଉପରେ ଗୁରୁତ୍ୱାରୋପ କରାଯାଉଛି। ଏହା ନୂଆ ଇନ୍ଧନର ଉତ୍ସକୁ ପ୍ରୋତ୍ସାହିତ କରିବ। ଅଥବା ଜୀବାଶ୍ମ ଇନ୍ଧନରେ ଇଥାନଲର ମିଶ୍ରଣ ହେବ; ଯାହା କି ପରିବେଶକୁ ସୁରକ୍ଷା ଦେବାରେ ସହାୟକ ହେବ। ଜୈବ ଇନ୍ଧନ ମୁଖ୍ୟତଃ ଗଛଲତା ଏବଂ ପ୍ରାଣୀଙ୍କ ବର୍ଜ୍ୟରୁ ପ୍ରସ୍ତୁତ ହୁଏ, ଯାହା କି ପ୍ରକୃତି ଉପରେ କୁପ୍ରଭାବ ପକାଏ ନାହିଁ।

ପାରମ୍ପରିକ ଜୀବାଶ୍ମ ଇନ୍ଧନର ବିକଳ୍ପ ଭାବରେ ଅଣ-ଜୀବାଶ୍ମ ଇନ୍ଧନର ବ୍ୟବହାର ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୧୦ ଅଗଷ୍ଟରେ ବିଶ୍ୱ ଜୈବ ଇନ୍ଧନ ଦିବସ ପାଳନ କରାଯାଇଥାଏ। ଏହି ଦିନ, ସରକାରୀ ଏବଂ ବେସରକାରୀ ସଂଗଠନ ଏକତ୍ରିତ ହୋଇ ଏକ ଭିନ୍ନ ଶକ୍ତି ଉତ୍ସ ଭାବରେ ଅଣ-ଜୀବାଶ୍ମ ଇନ୍ଧନର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିଥାନ୍ତି। ଅଗଷ୍ଟ ୧୦କୁ ବିଶ୍ୱ ଜୈବ ଇନ୍ଧନ ଦିବସ ଭାବରେ ମନୋନୀତ କରାଯିବାର କାରଣ ୧୮୯୩ରେ ଏହି ଦିନରେ ଜର୍ମାନ ଉଦ୍ଭାବକ ସାର୍ ରୁଡଲ୍ଫ ଡିଜେଲ ବାଦାମ ତେଲରେ ଡିଜେଲ ଇଞ୍ଜିନକୁ ସଫଳତାର ସହ ଚଳାଇଥିଲେ। ଏହା ଜୀବାଶ୍ମ ଇନ୍ଧନ ପାଇଁ ଏକ ନିରାପଦ, ନବୀକରଣଯୋଗ୍ୟ ଏବଂ ସ୍ଥାୟୀ ବିକଳ୍ପ ସୃଷ୍ଟି କରିବାର ଆଶା ସୃଷ୍ଟି କରିଥିଲା। ଭାରତରେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଏବଂ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ୨୦୧୫ଠାରୁ ବିଶ୍ୱ ଜୈବ ଇନ୍ଧନ ଦିବସ ପାଳନ କରିବା ଆରମ୍ଭ କରିଛି। ଅଶୋଧିତ ତୈଳ ଉପରେ ନିର୍ଭରଶୀଳତା ହ୍ରାସ ପାଇଁ ଜୈବ ଇନ୍ଧନ ହେଉଛି ଏକ ଚାବି କାଠି ଏବଂ ଏହା ଏକ ପରିଚ୍ଛନ୍ନ ପରିବେଶ ସୁନିଶ୍ଚିତ କରିଥାଏ। ଅପରପକ୍ଷେ ଏହା ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସରେ ମଧ୍ୟ ସାହାଯ୍ୟ କରିଥାଏ। ଜୀବାଶ୍ମ ଇନ୍ଧନ ଜାଳିବା ଦ୍ୱାରା ଅଙ୍ଗାରକାମ୍ଳ ନିର୍ଗତ ହୋଇଥାଏ; ଯାହା ବାୟୁ ଏବଂ ପରିବେଶ ପାଇଁ ଅତ୍ୟନ୍ତ କ୍ଷତିକାରକ।

# ମୋ ଜଙ୍ଗଲ ଜମି ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୯।୮ (ଅନିଲ ଦାସ)**

ବିଶ୍ୱ ଦେଶଜ ଅଧିବାସୀ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ମୋ ଜଙ୍ଗଲ ଜମି ଯୋଜନାର ଶୁଭାରମ୍ଭ କରିଛନ୍ତି। ସମସ୍ତଙ୍କ ସହଯୋଗରେ ଜନଜାତିମାନଙ୍କ ବିକାଶ କ୍ଷେତ୍ରରେ ଏହି ଯୋଜନା ଦ୍ୱାରା ଏକ ମାଇଲଖୁଣ୍ଟ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି।

ଜଙ୍ଗଲ ଜମି ଉପରେ ସମସ୍ତ ଯୋଗ୍ୟ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଧିକାରକୁ ସୁନିଶ୍ଚିତ କରିବା ଏହି ଯୋଜନାର ଲକ୍ଷ୍ୟ। ଏଥିସହିତ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ଏହି ଯୋଜନା ସହିତ ଯୋଡ଼ି ଜନଜାତିମାନଙ୍କ ଜୀବିକାରେ ସ୍ଥାୟିତ୍ୱ ସୃଷ୍ଟି କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ସର୍ଭେ ହୋଇ ନ ଥିବା ଜଙ୍ଗଲ ଗାଁଗୁଡ଼ିକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଯୋଜନାରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚିବା ଆମର ଲକ୍ଷ୍ୟ। କେହି ଜଣେ ବି ଯୋଗ୍ୟ ବ୍ୟକ୍ତି ଯେପରି ବଞ୍ଚିତ ନ ହେବେ, ତାକୁ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି। ଜଙ୍ଗଲ ସମ୍ପଦର ନିରନ୍ତର ବିକାଶ ଦିଗରେ ଜନଜାତିମାନଙ୍କର ଅବଦାନକୁ ସ୍ୱୀକୃତି ପ୍ରଦାନ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ। ଜଳବାୟୁ ପରିବର୍ତ୍ତନ ଓ ଜନଜାତିମାନଙ୍କ ଅର୍ଥନୀତି ଓ ଜୀବିକାରେ ସ୍ଥାୟିତ୍ୱ ଆଣିବାରେ ମଧ୍ୟ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

- **ଜଙ୍ଗଲ ଜମି ଉପରେ ସମସ୍ତ ଯୋଗ୍ୟ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଧିକାର ସୁନିଶ୍ଚିତ ହେବ**
- **ଜନଜାତିମାନଙ୍କ ଜୀବିକାରେ ଆସିବ ସ୍ଥାୟିତ୍ୱ**
- **ଜନଜାତିଙ୍କ ବିକାଶରେ ନୂଆ ମାଇଲଖୁଣ୍ଟ ସୃଷ୍ଟି ହେବ: ମୁଖ୍ୟମନ୍ତ୍ରୀ**
- **୪ ଲକ୍ଷ ୫୦ ହଜାର ଜନଜାତି ପରିବାରକୁ ମିଳିଛି ଜଙ୍ଗଲ ଜମି ଅଧିକାର**

ଜଙ୍ଗଲ ଜମି ଅଧିକାର ପ୍ରଦାନରେ ଓଡ଼ିଶା ଏକ ଆଗୁଆ ରାଜ୍ୟ। ଏ ପର୍ଯ୍ୟନ୍ତ ୪ ଲକ୍ଷ ୫୦ ହଜାର ଜନଜାତି ଓ ବନବାସୀ ପରିବାରକୁ ଜଙ୍ଗଲ ଜମି ଉପରେ ସ୍ୱତ୍ୱ ପ୍ରଦାନ କରାଯାଇଛି। ସେହିପରି ୪ ହଜାରରୁ ଅଧିକ ଗ୍ରାମସଭାକୁ ଗୋଷ୍ଠୀ ଅଧିକାର ଦିଆଯାଇଛି। ସର୍ଭେ ହୋଇ ନ ଥିବା ଜଙ୍ଗଲ ଗାଁଗୁଡ଼ିକୁ ମଧ୍ୟ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଥମରୁ ଜନଜାତିମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ୨୦୦୦ ମସିହାରେ ତାଙ୍କ ସରକାର ଯେତେବେଳେ ପ୍ରଥମେ ଓଡ଼ିଶାରେ ସେବାର ଦାୟିତ୍ୱ ଗ୍ରହଣ କଲା, ସେତେବେଳେ ପ୍ରଥମ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଥିଲା ପଞ୍ଚାୟତମାନଙ୍କୁ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଅଧିକାର ପ୍ରଦାନ କରିବା। ଆଜି ଏ ଦିଗରେ ଅନେକ କାମ ହୋଇଛି। ଜନଜାତିମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବିଭିନ୍ନ କ୍ଷେତ୍ରରେ ଉନ୍ନତି ହେବା ସହିତ ସେମାନେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ମଧ୍ୟ ଅର୍ଜନ କରିପାରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି, ଜଙ୍ଗଲ ଜମିର ପରିଚାଳକ ଭାବରେ ଜନଜାତିମାନଙ୍କ ଅଧିକାରକୁ ସ୍ୱୀକୃତି ଦେବା ଏହି ଯୋଜନାର ଲକ୍ଷ୍ୟ।

ଉନ୍ନୟନ କମିଶନର ଅନୁ ଗର୍ଗ କହିଛନ୍ତି, ଜଙ୍ଗଲ ଜମି ଉପରେ ଅଧିକାର ପ୍ରଦାନ ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ସଫଳତା। ଏହି ନୂଆ ଯୋଜନା ଦ୍ୱାରା ସେମାନଙ୍କ ସାଂସ୍କୃତିକ ବିବିଧତାର ସୁରକ୍ଷା ସହିତ ସବୁ ବିକାଶମୂଳକ ଯୋଜନାରେ ଜନଜାତିମାନଙ୍କୁ ସାମିଲ କରିବା ପାଇଁ ଏହି ଯୋଜନାରେ ବ୍ୟବସ୍ଥା କରାଯାଇଛି।

ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ୟୁଏନ୍‌ଡିପି, ବେସରକାରୀ ଅନୁଷ୍ଠାନ ବସୁନ୍ଧରା, ପ୍ରଦାନ ଆଦି ସଂସ୍ଥାର ପ୍ରତିନିଧି ଏବଂ ବିଭିନ୍ନ ଜିଲାର ଜନଜାତି ହିତାଧିକାରୀମାନେ ଉପସ୍ଥିତ ଥିଲେ।

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର କମିଶନର-ତଥା-ଶାସନ ସଚିବ ରୂପାରୋଶନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଅନୁସୂଚିତ ଜନଜାତି ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍‌ଫରେନ୍ସରେ ମୋ ଜଙ୍ଗଲ ଜମି ଯୋଜନାର ଶୁଭାରମ୍ଭ କରୁଛନ୍ତି।

**ନନ୍ଦନକାନନକୁ ଆସିଲା ଉଦ୍ଧାର ବଜ୍ରକାପ୍ତା**

**ବାରଙ୍ଗ,(ଲିଙ୍ଗରାଜ ରାଉତ):** ନବରଙ୍ଗପୁର ଡିଭିଜନ ନିକଟ ଜଙ୍ଗଲରୁ ବନ ବିଭାଗ ଉଦ୍ଧାର କରିଥିବା ଏକ ୫ ବର୍ଷର ବଜ୍ରକାପ୍ତାକୁ ବୁଧବାର ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଅଣାଯାଇଛି। ନନ୍ଦନକାନନ ଡାକ୍ତରଙ୍କ ତତ୍ତ୍ୱାବଧାନରେ ନନ୍ଦନକାନନର ବନ୍ୟପ୍ରାଣୀ ଚିକିତ୍ସାଳୟରେ ବଜ୍ରକାପ୍ତାର ପ୍ରାଥମିକ ଚିକିତ୍ସା ପରେ ତାକୁ ବଜ୍ରକାପ୍ତା ପ୍ରଜନନ କେନ୍ଦ୍ରରେ ଛଡାଯାଇଛି। ତା'ର ଲିଙ୍ଗ ଚିହ୍ନଟ ହୋଇ ନ ଥିବାବେଳେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ଆଶାଶୀତ ଭାବେ ବୃଦ୍ଧିପାଇ ୨୫ରେ ପହଞ୍ଚିଛି। ତେବେ ବଜ୍ରକାପ୍ତାଟି ସୁସ୍ଥ ଥିବା ଜଣାପଡିଛି।

# ମୂଳନିବାସୀ ଜନଜାତି ଗୋଷ୍ଠୀ ବିଶ୍ୱ ସଂସ୍କୃତିର ମୂଳ ଭଣ୍ଡାର

ଭୁବନେଶ୍ୱର,୯।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଅନ୍ତର୍ଜାତୀୟ ଦେଶଜ ଅଧିବାସୀ ଦିବସ ପରିପ୍ରେକ୍ଷୀରେ ଶିକ୍ଷା ଓ ଅନୁସନ୍ଧାନ(ସୋଆ)ଠାରେ ବୁଧବାରଠାରୁ ଦୁଇଦିନିଆ ସର୍ବଭାରତୀୟ ଜନଜାତି ଲେଖକ ସମ୍ମିଳନୀ ଆରମ୍ଭ ହୋଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ସୋଆ ପରିଚାଳିତ ସେଣ୍ଟର୍ ଫର୍ ପ୍ରିଜର୍ଭେଶନ, ପ୍ରୋପାଗେଶନ ଆଣ୍ଡ୍ ରେଷ୍ଟୋରେଶନ ଅଫ୍ ଆନ୍ସିଏଣ୍ଟ କଲ୍ଚର୍ ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆ (ପ୍ରାଚୀନ)ର ମିଳିତ ସହଭାଗିତାରେ ଆୟୋଜିତ ଏହି ସମ୍ମିଳନୀରେ ଭାରତର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୭୦ ଜଣ ଜନଜାତି ଲେଖକ ଯୋଗଦେଇଛନ୍ତି। ଉତ୍ସବରେ ସ୍ୱାଗତ ଭାଷଣ ଦେଇ ଏକାଡେମୀ ସଚିବ ଡ. କେ. ଶ୍ରୀନିବାସ ରାଓ କହିଛନ୍ତି, ବିଶ୍ୱରେ ବର୍ତ୍ତମାନ ଅନେକ ଭାଷା ଲୋପ ପାଇଯାଉଛି। କେବଳ ଭାଷା ଲୋପ ପାଉନାହିଁ, ଏଥିସହ ଜଡ଼ିତ ଥିବା ସଂସ୍କୃତି ମଧ ହଜିଯାଉଛି। ବିଶ୍ୱର ସ୍ଥାନୀୟ



ସମ୍ମିଳନୀରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି। (ଫଟୋ- ବିକାଶ ନାୟକ)

ଅଧିବାସୀମାନେ କଥା ହେଉଥିବା ୭୦୦୦ ଭାଷା ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ସମ୍ପୂର୍ଣ୍ଣ ଲୋପ ପାଇସାରିଥିବାବେଳେ ଅନେକ ଭାଷା ଲୁପ୍ତ ହେବାକୁ ବସିଛି। ମୂଳ ନିବାସୀ ଜନଜାତି ଗୋଷ୍ଠୀ ହିଁ ବିଶ୍ୱ ସଂସ୍କୃତିର ମୂଳ ଭଣ୍ଡାର ହୋଇଥିବା ବେଳେ ଯଦି ଏମାନଙ୍କର ଯତ୍ନ ନ ନିଆଯାଏ ତେବେ ଆମେ ଆମ ସଂସ୍କୃତିକୁ ହରାଇ ବସିବା ଏବଂ ସେମାନଙ୍କ ନିକଟରେ ଉପଲବ୍ଧ ପୁରାତନ ଜ୍ଞାନ ମଧ୍ୟ ହଜିଯିବ ବୋଲି ସେ କହିଥିଲେ। ସମ୍ମିଳନୀକୁ ଉଦ୍‌ଘାଟନ କରି ଲେଖକ ତଥା ପଦ୍ମଶ୍ରୀ ଡ. ହଳଧର ନାଗ କୋଶଳୀ ଭାଷାରେ ଅଭିଭାଷଣ ଦେଇ କହିଛନ୍ତି, ସେ ମାତ୍ର ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ ମଧ୍ୟ ସମାଜକୁ ଉଚିତ ପଥ ଦେଖାଇବା ପାଇଁ ସାହିତ୍ୟରେ ନିଜକୁ ମନୋନିବେଶ କରାଇଥିଲେ। ଅଧିକ ପାଠ ପଢ଼ି ନ ଥିଲେ ବି ତାଙ୍କ ଲେଖାକୁ ବିଶ୍ୱର ଅନ୍ୟ ଭାଷାରେ ଅନୁବାଦ କରାଯିବା ସହ ଅନ୍ତର୍ଜାତୀୟ ସ୍ତରରେ ପରିବ୍ୟାପ୍ତ ହୋଇଛି। ଏପରିକି ତାଙ୍କର କିଛି ଲେଖା ବିଭିନ୍ନ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ସ୍ଥାନ ପାଇଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଜଗନ୍ନାଥ ଦାସ ଯୋଗଦେଇ ଜନଜାତି ସମ୍ପ୍ରଦାୟ ଆଧୁନିକତାରେ ପ୍ରଭାବିତ ହୋଇ ନିଜ ସଂସ୍କୃତିଠାରୁ ଦୂରେଇଯାନ୍ତି ନାହିଁ ବୋଲି କହିଥିଲେ। ଅନ୍ୟତମ ଅତିଥି ଡ. ଗୌରହରି ଦାସ ଜନଜାତି ଲେଖକ ସମ୍ମିଳନୀ ନେଇ

## ସର୍ବଭାରତୀୟ ଜନଜାତି ସମ୍ମିଳନୀ ଆରମ୍ଭ

ସାହିତ୍ୟ ଏକାଡେମୀ ଓ ପ୍ରାଚୀନର ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ଜନଜାତି ଭାଷାଗୁଡ଼ିକୁ ଉପଯୁକ୍ତ ଭାବେ ସୁରକ୍ଷିତ ରଖିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏକାଡେମୀର ସାନ୍ତାଳୀ ଉପଦେଷ୍ଟା ମଣ୍ଡଳୀ ଆବାହକ ଚୈତନ୍ୟ ପ୍ରସାଦ ମାଝି କହିଥିଲେ, ବିଶ୍ୱର ୭୦୦୦ ମୂଳ ଭାଷାରୁ ୪୦ ପ୍ରତିଶତ ଲୋପ ପାଇସାରିଥିବା ବେଳେ ଏହି ଧାରାକୁ ବନ୍ଦ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ୟୁନେସ୍କୋ ପକ୍ଷରୁ ୨୦୨୨-୩୨ ଦଶକକୁ ମୂଳ ନିବାସୀ ଭାଷାଗୁଡ଼ିକ ସୁରକ୍ଷା ଓ ସଂରକ୍ଷଣର ବର୍ଷ ଭାବେ ଘୋଷଣା କରାଯାଇଛି। ସ୍ୱତନ୍ତ୍ର ଭାଷା ଓ ଲିପିକୁ ସଂରକ୍ଷଣ କରିବା ସହ ସଉରା ଏବଂ ହୋ ଜନଜାତି ଭାଷାର ଲିପି ବିକଶିତ ହୋଇସାରିଛି ବୋଲି ସେ ସୂଚନା ଦେଇଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ରକ୍ତଦାନ ଶିବିର, ହୋଟେଲ ପୁଷ୍ପକ, ସକାଳ ୯ଟା ୩୦।
- ସାହିତ୍ୟ ଏକାଡେମୀ ପକ୍ଷରୁ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଆ ସାହିତ୍ୟର ଅବଦାନ ଶୀର୍ଷକ ଆଲୋଚନାଚକ୍ର, ସ୍ନାତକୋତ୍ତର ପରିଷଦ ସମ୍ମିଳନୀ କକ୍ଷ, ବାଣୀବିହାର, ପୂର୍ବାହ୍ନ ୧୦ଟା।
- ସାହିତ୍ୟ ଏକାଡେମୀ ପକ୍ଷରୁ ଅଲ୍ ଇଣ୍ଡିଆ ଟ୍ରାଇବାଲ ରାଇଟର୍ସ ମିଟ୍, ସମ୍ମିଳନୀ କକ୍ଷ, କ୍ୟାମ୍ପସ୍-୨, ଶିକ୍ଷା ଓ ଅନୁସନ୍ଧାନ, ପୂର୍ବାହ୍ନ ୧୦ଟା।
- ଜଟଣୀ ବିଧାୟକ ସୁରେଶ ରାଉତରାୟଙ୍କ ୮୦ତମ ଜନ୍ମଦିନ ପାଳନ, ତପୋବନ ଗୁରୁଗୌରକୁଳ ଆଶ୍ରମ, ଅପରାହ୍ନ ୪ଟା।
- ଭାରତ ଯୋଡ଼ୋ ଅଭିଯାନର ରାଜ୍ୟ ସମ୍ମିଳନୀ, ଲୋହିଆ ଏକାଡେମୀ, ମଧ୍ୟାହ୍ନ ୧୨ଟା।
- ନମାମି ସୁରୋମଣି, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

କଟକ
- ଇନର ହୁଇଲ୍ କ୍ଲବ ଅଫ୍ କଟକ ପକ୍ଷରୁ ଜିଲା ଚେୟାରମ୍ୟାନ୍‌ଙ୍କ ପରିଦର୍ଶନ, କଟକ କ୍ଲବ, ଆନେକ୍ସ-୧, ଅପରାହ୍ନ ୧ଟା।
- କଳାବିକାଶ କେନ୍ଦ୍ରର ପ୍ରତିଷ୍ଠା ଦିବସ ସମାରୋହ, କେନ୍ଦ୍ର ପ୍ରେକ୍ଷାଳୟ, ସନ୍ଧ୍ୟା ୬ଟା ୩୦।

# ଲଣ୍ଡନ ଶାଢ଼ି ୱାକାଥନ୍‌ରେ ଓଡ଼ିଶାର ୨୫ ମହିଳା



ୱାକାଥନ୍‌ରେ ଭାଗ ନେଇଥିବା ମହିଳାମାନେ।

ଭୁବନେଶ୍ୱର,୯।୮(ଶର୍ମିଷ୍ଠା ପାଣିଗ୍ରାହୀ)

## ୧୬ ରାଜ୍ୟରୁ ଭାଗନେଲେ ୭୦୦ ମହିଳା

ଭାରତୀୟ କଳା, ସଂସ୍କୃତି ଓ ଐତିହ୍ୟର ପ୍ରତୀକ ଶାଢ଼ିର ଅନନ୍ୟ ଏବଂ ଅପୂର୍ବ ଝଲକ ଦେଖିବାକୁ ମିଳିଛି ଲଣ୍ଡନର ରାଜରାସ୍ତାରେ। ଜାତୀୟ ହସ୍ତତନ୍ତ ଦିବସର ଅବ୍ୟବହିତ ପୂର୍ବରୁ ଇନସ୍ପାୟାରିଂ ଇଣ୍ଡିଆନ ୱିମେନ ଗ୍ରୁପ୍ ସହଯୋଗରେ ବ୍ରିଟିଶ ୱିମେନ ଇନ ଶାରିଜ (ବି.ଡବ୍ଲୁ.ଆଇ.ଏସ୍) ସଂସ୍ଥା ତରଫରୁ ଶାଢ଼ି ୱାକାଥନ ଆୟୋଜିତ ହୋଇଥିଲା। ପ୍ରତିଷ୍ଠାତା ସଭାପତି ଡ. ଦୀପ୍ତି ଜୈନଙ୍କ ନେତୃତ୍ୱରେ ଆୟୋଜିତ ଏହି ରଙ୍ଗାରଙ୍ଗ ଶାଢ଼ି ଶୋଭାଯାତ୍ରାରେ ଭାରତର ୧୬ଟି ରାଜ୍ୟରୁ ୭୦୦ରୁ ଉର୍ଦ୍ଧ୍ୱ ମହିଳା ଭାଗ ନେଇଥିଲେ। ୱାକାଥନ ଐତିହାସିକ ଟ୍ରାଫାଲଗର ଛକଠାରୁ ଆରମ୍ଭ ହୋଇ ଡାଉନିଂ ଷ୍ଟ୍ରିଟ୍ ଦେଇ ଯାଇ ସଂସଦ ଛକ ନିକଟରେ ସମାପ୍ତ ହୋଇଥିଲା। ଏଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପ୍ରତିଯୋଗୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ୱାକାଥନରେ ଡ. ରେଣୁକା ଜେନାଙ୍କ ନେତୃତ୍ୱରେ ଓଡ଼ିଶାର ୨୫ଜଣ ମହିଳା ଭାଗ ନେଇଥିଲେ। ସେମାନେ ରାଜ୍ୟର ପାରମ୍ପରିକ ହସ୍ତତନ୍ତ ଶାଢ଼ି ଯଥା ବୋମକାଇ, ଦୋଳବେଦି, ସମ୍ବଲପୁରୀ, ଖଣ୍ଡୁଆ, ପଶାପଲ୍ଲୀ, ଗୋପାଳପୁର ଟସର ଏବଂ କୋଟପାଡ଼ ଆଦି ପରିଧାନ କରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଓଡ଼ିଶା ଦଳରେ ଡ. ରେଣୁକା ଜେନା, ମୋନାଲିସା ସେନାପତି, ସ୍ୱାତୀ ରେଖା, ରୀନା ମେହେର, ରଶ୍ମିତା ପାତ୍ର, ତନୟା ସେନ, ଗୀତା ଚନ୍ଦ୍ରା, ସୋନିକା ଗୋଏଲ, ପ୍ରିୟଦର୍ଶିନୀ ସାହୁ, ବନିତା ରାଉତ, ଡ. ଉଷା ରାଉତ, ନୀହାରିକା ସାହୁ, ଡସ୍. ଲିପି ପ୍ରଧାନ, ଡ. ସଂଯୁକ୍ତା ଦାସ, ଡ. ଇନ୍ଦ୍ରରମିତ୍ ସାହାନୀ, ପ୍ରଜ୍ଞା ଆରିହାନ, ମଧୁସ୍ମିତା ଜେନା, କିଞ୍ଜଲ ପଟେଲ, କନକଲତା ପଟେଲ, କ୍ରିଷ୍ଟା କର, ରଶ୍ମି ମିଶ୍ର, ଗୀତିକା ଗୋହେ, ସାଗରିକା ମହାନ୍ତି, ମମତା ମିଶ୍ର ଏବଂ ମଧୁଶ୍ରୀ ଘୋଷ ପ୍ରମୁଖ ସାମିଲ ଥିଲେ। ଏହି ଅବସରରେ ଲୋକପ୍ରିୟ ରଙ୍ଗବତୀ ନୃତ୍ୟ ତଥା ଗୀତ ପରିବେଷଣ ହୋଇଥିଲା। ଲଣ୍ଡନସ୍ଥିତ ଭାରତୀୟ ହାଇକମିଶନର ସାଂସ୍କୃତିକ ବିଭାଗ ମୁଖ୍ୟ ନନ୍ଦିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ୱାକାଥନରୁ ହୋଇଥିବା ଆୟକୁ ଭାରତର ବୁଣାକାର ବସ୍ତିଗୁଡ଼ିକର ବିକାଶ ଉଦ୍ଦେଶ୍ୟରେ ବିନିଯୋଗ କରାଯିବ ବୋଲି ଆୟୋଜକମାନେ ଘୋଷଣା କରିଥିଲେ।

# ପୋଲିସ କର୍ମଚାରୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ

## କାର୍ ଚାଳକ ଗିରଫ

ଭୁବନେଶ୍ୱର,୯।୮ (ସୂର୍ଯ୍ୟକାନ୍ତ ବେହେରା)

ପୋଲିସ କର୍ମଚାରୀଙ୍କୁ ଦୁର୍ବ୍ୟବହାର ସହ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ମୈତ୍ରୀବିହାର ଥାନା ପୋଲିସ ଜଣେ କାର୍ ଚାଳକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ରଶ୍ମିରଞ୍ଜନ ପରିଡ଼ା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ମୈତ୍ରୀବିହାର ଥାନା ପୋଲିସ ସୈନିକ ସ୍କୁଲ ନିକଟରେ ପାଟ୍ରୋଲିଂ ତଥା ମୋଟର ଭେହିକିଲ ଯାଞ୍ଚ କରୁଥିବା ବେଳେ ରଶ୍ମିରଞ୍ଜନ ଦ୍ରୁତ ଗତିରେ ବିପରୀତ ଦିଗରେ ଗାଡ଼ି ଚଳାଇ ଆସୁଥିଲେ। ଏହି ସମୟରେ ପାଟ୍ରୋଲିଂ ଟିମ୍ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ରଶ୍ମିରଞ୍ଜନ ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ସହ ହତ୍ୟା କରିବା ଉଦ୍ଦେଶ୍ୟରେ ଜଣେ ପୋଲିସ କର୍ମଚାରୀଙ୍କ ଉପରେ କାର୍ ଚଢାଇବାକୁ ଉଦ୍ୟମ କରିଥିଲେ। କର୍ମଚାରୀଜଣକ କୌଶଳକ୍ରମେ କାର ସାମ୍ନାରୁ ହଟିଯିବାରୁ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତେବେ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ବୁଧବାର ବିଶେଷ ସୂତ୍ରରୁ ଖବର ପାଇ କ୍ୟାପିଟାଲ ଥାନା ସାମ୍ନାରେ ଉକ୍ତ କାର ସହ ଅଭିଯୁକ୍ତଙ୍କୁ କାବୁ କରିବାରେ ପୋଲିସ ସକ୍ଷମ ହୋଇଥିଲା।

# ମୁକ୍ତାକାଶ ଜେଲରୁ କଏଦୀ ଫେରାର

**ବାରଙ୍ଗ,୯।୮(ଲିଙ୍ଗରାଜ ରାଉତ):** ଜାମୁଝରିସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମରୁ ମଙ୍ଗଳବାର ରାତିରେ ଜଣେ କଏଦୀ ଫେରାର ହୋଇଯାଇଥିବା ଜଣାପଡିଛି। ସେ ହେଲେ ସମ୍ବଲପୁର ଜେଲରୁ ଏଠାକୁ ଆସିଥିବା ଅଭିରାମ ଦାସ। ଅଭିରାମ ଫେରାର ହୋଇଯାଇଥିବା ବୁଧବାର ସକାଳେ ଜଣାପଡ଼ିବା ପରେ ଜେଲ କର୍ତ୍ତୃପକ୍ଷ ଚନ୍ଦକା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏହି କଏଦୀ ଫେରାର ହୋଇଯିବା ପରେ ମୁକ୍ତାକାଶରେ ଆଜୀବନ କାରାଦଣ୍ଡ ଭୋଗୁଥିବା କଏଦୀଙ୍କ ସଂଖ୍ୟାହ୍ରାସ ପାଇ ୩୫ରେ ପହଞ୍ଚିଛି। ତେବେ ବିଶେଷ ସୂତ୍ରରୁ ଜଣାପଡିଛି ଯେ, ମୁକ୍ତାକାଶ କାରାଶ୍ରମ କାର୍ଯ୍ୟକ୍ଷମ ହେବା ପରଠାରୁ ଏପର୍ଯ୍ୟନ୍ତ ୫୧ ଜଣ କଏଦୀ ଏଠାରୁ ଫେରାର ହୋଇଯାଇଛନ୍ତି।

# ଦେଢ଼ ମାସ ପରେ ହେଲା ବନକଲାଗି

ପୁରୀ,୯।୮(ଅଜିତ ମହାନ୍ତି)

## ଭକ୍ତଙ୍କ ମହଲରେ ଖୁସିର ଲହରି

ଦୀର୍ଘ ଦେଢ଼ ମାସ ପରେ ଶ୍ରୀବିଗ୍ରହମାନଙ୍କ ବୁଧବାର ବନକଲାଗି ନୀତି ସମ୍ପନ୍ନ ହୋଇଛି। ଦଉ ମହାପାତ୍ର ସେବକମାନେ ପରମ୍ପରା ଅନୁଯାୟୀ ନିଷ୍ଠାର ସହ ମହାପ୍ରଭୁଙ୍କ ବନକଲାଗି ନୀତି ସମ୍ପନ୍ନ କରିଛନ୍ତି। ବନକଲାଗି ହେବା ପରେ ଭକ୍ତଙ୍କ ମନରେ ଆନନ୍ଦର ଲହରି ଖେଳିଯାଇଛି। ଘୋଷଯାତ୍ରା ପରଠାରୁ ଦୀର୍ଘ ଦେଢ଼ ମାସ ଧରି ମହାପ୍ରଭୁଙ୍କ ବନକଲାଗି ନେଇ ଚାଲିଥିବା ଅନିଶ୍ଚିତତାର ଅନ୍ତ ଘଟିଛି। ଶ୍ରାବଣ ମଳ କୃଷ୍ଣ ନବମୀ ବୁଧବାର ଅବସରରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ହୋଇଛି। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତନୀତି ମଧ୍ୟରେ ଏହି ନୀତି ଅନ୍ୟତମ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡିବା ଉତ୍ତାରେ ଏହି ନୀତି ଅନୁଷ୍ଠିତ ହୁଏ। ବୁଧବାର ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡି ମଇଲମ, ତଡ଼ପଲାଗି ଏବଂ ପହୁଡ଼ ଆଳତି ସମ୍ପନ୍ନ ହେବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ମହାପ୍ରଭୁଙ୍କ ବନକ ଲାଗି ନୀତି ସମ୍ପାଦନା କରିବା ନିମନ୍ତେ ସନ୍ଧ୍ୟା ପ୍ରାୟ ୫ଟା ୪୫ ମିନିଟ୍‌ରେ ଦଉମହାପାତ୍ର ସେବକମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ସେବକମାନେ ସିଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ବନକ ଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ। ଏହା ଗୁପ୍ତନୀତି ହୋଇଥିବାରୁ ନୀତି ସମୟରେ ଅନ୍ୟ ସେବାୟତଙ୍କ ପ୍ରବେଶ ବନ୍ଦ ରହିଥିଲା। ଠାକୁରମାନଙ୍କର ବନକ ଲାଗି ନୀତି ସମ୍ପନ୍ନ ହେବା ପରେ ଦଉମହାପାତ୍ର ସେବକମାନେ ନୀତି ଶେଷ କରି ରାତି ୮ଟା ୪୫ ରେ ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯାଇ ଅନ୍ୟାନ୍ୟ ନୀତି ବଢିଥିଲା। ଏଥିପାଇଁ ସନ୍ଧ୍ୟା ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଲାଗି ଦର୍ଶନ ବନ୍ଦ ରହିଥିଲା।

ସୂଚନାଯୋଗ୍ୟ, ମହାପ୍ରଭୁଙ୍କ ବନକଲାଗି କେଉଁ ବାରର କରାଯିବ ତାକୁ ନେଇ ଦଉ ମହାପାତ୍ର ନିଯୋଗ ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ବିବାଦ ଦେଖାଦେଇଥିଲା। ଫଳରେ ଘୋଷଯାତ୍ରା ପରଠାରୁ ବନକଲାଗି ନୀତି ବନ୍ଦ ରହିଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ସୌମ୍ୟଲିନା


@ ଦିନେଶ


@ ରଞ୍ଜନ


@ ଶଶୀକାନ୍ତ


@ ପବିତ୍ର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ଚନ୍ଦ୍ରୟାନ-୩ର ସଫଳତା କାମନା କରି ଶିଳ୍ପୀ ସୁଦାମ ପ୍ରଧାନ ବମ୍ବେ ଭିଭିଆନ୍ ହଲଠାରେ ବାଲୁକା କଳାରେ ନିର୍ମାଣ କରିଥିବା ଚନ୍ଦ୍ରୟାନ।



ମୂଳନିବାସୀ ୟୁନାଇଟେଡ୍ ଫୋରମ୍ ପକ୍ଷରୁ ଅନ୍ତର୍ଜାତୀୟ ଦେଶଜ ଅଧିବାସୀ ଦିବସ ଅବସରରେ ବୁଧବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ଆୟୋଜିତ ଶୋଭାଯାତ୍ରା। (ଫଟୋ- ମୌସମ ନନ୍ଦ)

# 'ଶହୀଦଙ୍କ ବଳିଦାନରେ ଆମେ ସ୍ୱାଧୀନତା ପାଇଛୁ'



ଅଗଷ୍ଟ କ୍ରାନ୍ତି ଦିବସ ପାଳନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ। (ଫଟୋ- ବିକାଶ)

ଭୁବନେଶ୍ୱର, ୯।୮ (ଅସମାପିକା ସାହୁ)

## ଅଗଷ୍ଟ କ୍ରାନ୍ତି ଦିବସ ପାଳିତ

ସ୍ୱାଧୀନତା ସଂଗ୍ରାମୀ ସମିତି ଏବଂ ଯୁବ ସାମ୍ମୁଖ୍ୟ ପକ୍ଷରୁ ବୁଧବାର ସ୍ୱାଧୀନତା ସଂଗ୍ରାମୀ ପଡ଼ିଆଠାରେ ଅଗଷ୍ଟ କ୍ରାନ୍ତି ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ସବୁ ଜିଲ୍ଲାରୁ ଶହ ଶହ ସଂଗ୍ରାମୀ ବଳିଦାନ ଦେଇଥିଲେ। ପରିବାରକୁ ତ୍ୟାଗ କରି ସେମାନେ ଦେଶ ପାଇଁ ଜୀବନ ହାରିଥିଲେ। ଶହୀଦ ଲକ୍ଷ୍ମଣ ନାୟକଙ୍କଠାରୁ ଆରମ୍ଭ କରି ଅନେକ ଶହୀଦଙ୍କ ବଳିଦାନରେ ଆମେ ଏହି ସ୍ୱାଧୀନତା ପାଇଛୁ। ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଭୂମିକା ମଧ୍ୟ ଏହି ଆନ୍ଦୋଳନରେ ପ୍ରଶଂସନୀୟ ରହିଥିଲା। ଅଗଷ୍ଟ କ୍ରାନ୍ତିର ବିପ୍ଳବରେ ଇଂରେଜ ଭାରତ ଛାଡ଼ି ଚାଲିଯିବାକୁ ବାଧ୍ୟ ହୋଇଥିଲେ ବୋଲି ରାଜ୍ୟପାଳ ପ୍ରକାଶ କରିଥିଲେ।

ସ୍ୱାଧୀନତା ସଂଗ୍ରାମୀ ଯୁବ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ବିରୂପାକ୍ଷ ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ବିଧାୟକ ଅମର ପ୍ରସାଦ ଶତପଥୀ, ସୁରେଶ କୁମାର ରାଉତରାୟ, ସୁନନ୍ଦା ଦାସ, ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗଦେଇ ଶହୀଦ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନର କର୍ମକର୍ତ୍ତା ଶିବନାରାୟଣ ମିଶ୍ର, ପ୍ରଶାନ୍ତ କୁମାର ଦାସ, ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ପ୍ରଭାକର ସାହୁ, ଶରତ ଚନ୍ଦ୍ର ପ୍ରଧାନ, ଶିବବ୍ରତ ଦାଶ, କିରଣବାଳା ଦାଶ, ପ୍ରମେଶ କୁମାର ମହାନ୍ତି, ମାନବେନ୍ଦ୍ର ମିଶ୍ର, 'ଅଭିଯାନ' ସଂଯୋଜକ ମଧୁ ଭାଇ, ବିଚିତ୍ରାନନ୍ଦ ମହାନ୍ତି, ପ୍ରିୟରଞ୍ଜନ ମହାପାତ୍ର, ସ୍ଥାନୀୟ କର୍ପୋରେଟର ରଞ୍ଜୁଲତା ରାୟ, ଯୁବ ସାମ୍ମୁଖ୍ୟର ଅଭୟ ବଡ଼ଜେନା ପ୍ରମୁଖ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ କମିଶନରେଟ ପୋଲିସ ପକ୍ଷରୁ ପୋଲିସ ବ୍ୟାଣ୍ଡ୍ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା।

# ଆଦିବାସୀ ଅଧିକାର ମଞ୍ଚର ୧୦ ଦଫା ସମ୍ବଳିତ ଦାବିପତ୍ର

ବାରଙ୍ଗ, ୯।୮ (ଲିଙ୍ଗରାଜ ରାଉତ)

ବିଶ୍ୱ ଆଦିବାସୀ ଦିବସ ଅବସରରେ ବୁଧବାର ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ପକ୍ଷରୁ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଆଦିବାସୀମାନେ ଏସ୍‌ଓଜି ଓ ଗୋଡିବାରିଠାରୁ ପୃଥକ୍ ପୃଥକ୍ ବିରାଟ ପଟୁଆରରେ ଆସି ପ୍ରଥମେ ଚନ୍ଦକା ଫରେଷ୍ଟ ଅଫିସ ଓ ପରେ ଚନ୍ଦକା ରାଜସ୍ୱ କାର୍ଯ୍ୟାଳୟ ପାଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ କୃଷକ ନେତା ଜଗନ୍ନାଥ ମିଶ୍ର, ସିପିଆଇଏମ୍ ଖୋର୍ଦ୍ଧା ଜିଲା ସମ୍ପାଦକ ଅନନ୍ତ ମଙ୍ଗରାଜ, ମଞ୍ଚର ରାଜ୍ୟ ସମ୍ପାଦକ ସାଲ ମାରାଣ୍ଡି, ମଞ୍ଚର ଚନ୍ଦକା ଆଞ୍ଚଳିକ କମିଟି ସମ୍ପାଦକ ରବୀନ୍ଦ୍ର ଟୁଡୁ, ଓଡ଼ିଶା କ୍ଷେତମଜଦୁର ୟୁନିଅନ ରାଜ୍ୟ କମିଟି ସଭ୍ୟ ଜୟ ପ୍ରକାଶ ଭଞ୍ଜଦେଓ, ଚାମ୍ପୁରୁ ସୋରେନ, ମଦନ ମାରାଣ୍ଡି, ଗଣେଶ ହେମ୍ବ୍ରମ ପ୍ରମୁଖ ଯୋଗଦେଇଥିଲେ। ପରିବେଶ ବିରୋଧୀ, ଆଦିବାସୀ ବିରୋଧୀ ଜଙ୍ଗଲ ସଂରକ୍ଷଣ ଆଇନ ୨୦୨୩କୁ ବାତିଲ କରିବା, ମଣିପୁରରେ ମହିଳା, ଆଦିବାସୀଙ୍କ ଉପରେ ହେଉଥିବା ଅତ୍ୟାଚାର ରୋକିବା ଏବଂ ସାମ୍ପ୍ରଦାୟିକ ଜାତିଆଣ ଦଙ୍ଗାକୁ ବନ୍ଦ କରିବାକୁ ରାଷ୍ଟ୍ରପତି ଭବନ ପକ୍ଷରୁ ହସ୍ତକ୍ଷେପ କରିବା, ଡେରାଶ, କୁମାରଖୁଣ୍ଟି, ଝୁମୁକା ଡ୍ୟାମ କେନାଲର ପୁନରୁଦ୍ଧାର କରାଯାଇ ଜଳସେଚନ ବ୍ୟବସ୍ଥା କରିବା, ଦଖଲରେ ଥିବା ଭୂମିହୀନ ପରିବାରଙ୍କୁ ଘରଡିହ ଓ ଦଖଲଜମିର ପଟ୍ଟା ପ୍ରଦାନ ଆଦି ୧୦ଦଫା ଦାବି ସମ୍ବଳିତ ଦାବିପତ୍ର ଉପଜିଲାପାଳ, ଚନ୍ଦକା ଡିଏଫ୍‌ଓଙ୍କ ଉଦ୍ଦେଶ୍ୟରେ ରାଜସ୍ୱ ନିରୀକ୍ଷକ ଓ ଚନ୍ଦକା ରେଞ୍ଜରଙ୍କୁ ପ୍ରଦାନ କରାଯାଇଥିଲା।

# ସଂଘମିତ୍ରା ମିଶ୍ରଙ୍କୁ ପ୍ରଥମ ସରଳା ଦେବୀ ପୁରସ୍କାର



ଉତ୍ସବରେ ଅତିଥିମାନେ ଡ. ସଂଘମିତ୍ରା ମିଶ୍ରଙ୍କୁ ପ୍ରଥମ ସରଳା ଦେବୀ ପୁରସ୍କାର ପ୍ରଦାନ କରୁଛନ୍ତି। (ଫଟୋ- ବିକାଶ)

ଭୁବନେଶ୍ୱର, ୯।୮ (ଶର୍ମିଷ୍ଠା ପାଣିଗ୍ରାହୀ)

## ସରଳା ଦେବୀଙ୍କ ୧୨୦ତମ ରାଜ୍ୟସ୍ତରୀୟ ଜୟନ୍ତୀ

ରାଜ୍ୟର ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ତଥା ବିଧାୟିକା ସରଳା ଦେବୀଙ୍କ ୧୨୦ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ବୁଧବାର ସୂଚନା ଭବନଠାରେ ସରଳା ଦେବୀ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ପାଳିତ ହୋଇଯାଇଛି। ଉତ୍ସବକୁ ଉଦ୍‌ଘାଟନ କରି ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଥିଲେ, ଅତୀତରେ ସରଳା ଦେବୀ ଯେପରି ନିର୍ଭୀକ ଭାବେ ମହିଳାଙ୍କ ସ୍ୱାର୍ଥ ରକ୍ଷା ଲାଗି ସ୍ୱର ଉତ୍ତୋଳନ କରୁଥିଲେ, ଆଜି ସେପରି ପରିଲକ୍ଷିତ ହୁଏନାହିଁ। ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଡ. ରବି ନାରାୟଣ ସେନାପତି ଯୋଗ ଯୋଗଦେଇ କହିଥିଲେ, ମାତ୍ର ୧୫ବର୍ଷ ବୟସରେ ଜଣେ ମହିଳା ବିଦ୍ରୋହୀ ହୋଇ ଯେପରି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲେ ତାହା ହିଁ ବିସ୍ମୟ। ମାତ୍ର ସେ ଏବେ ବିସ୍ମୃତ ହେବା ଘଟଣା ଆହୁରି ଦୁଃଖଦାୟକ। ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ଯୋଗଦେଇ ସରଳା ଦେବୀଙ୍କ ନାମରେ ଏକ ପାର୍କ ନାମିତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ସମ୍ମାନିତ ଅତିଥି ଐତିହାସିକା ଓ ଲେଖିକା ନିବେଦିତା ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟିକା ଓ ଗବେଷିକା ଡ. ସଂଘମିତ୍ରା ମିଶ୍ରଙ୍କୁ ପ୍ରଥମ ସରଳା ଦେବୀ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ତାଙ୍କୁ ୧୦ହଜାର ଟଙ୍କା, ମାନପତ୍ର ଓ ଉପଢୌକନ ଦିଆଯାଇଥିଲା। ଉତ୍ସବରେ ପ୍ରଫେସର ଡ. ରୁଦ୍ରପ୍ରତାପ ଦାସ, ଚିତ୍ରଶିଳ୍ପୀ ଉଦୟନ ସୂପକାର ଓ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ରାଜୁ କେୟାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟର ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଟ୍ରଷ୍ଟି ଶଶିକାନ୍ତ ଦାସ ସଭା ପରିଚାଳନା କରିଥିଲେ। ଟ୍ରଷ୍ଟି ତଥା ବୈଜ୍ଞାନିକ ଅଭୟ ନାୟକ ଧନ୍ୟବାଦ ଦେଇଥିଲେ।


### CITY HEALTH SOCIETY, SAMBALPUR, NATIONAL URBAN HEALTH MISSION, SAMBALPUR

**Advt. No : 1507** — **Date :08.08.2023**

**No.E-317:**Applications are invited in the prescribed application form from the eligible candidates for filling up the following posts on contractual basis for a period 11 months with monthly remuneration as mentioned below and subject to renewal as per City Health Society, Sambalpur terms & conditions.

| Sl. No. | Name of the Post | No.of Vacancies | Consolidated Remuneration | Age as on the date of advertisement | Eligibility Criteria |
|---|---|---|---|---|---|
| 1 | Data Assistant cum Accountant | 2 | Rs.14039/- +PI | Upto 40 years | The candidate must be a Graduate in Commerce with minimum 50% marks in aggregate and must have passed PGDCA/DCA Odisha State Certificate in Information Technology (OS-CIT) Course of Odisha Knowledge Corporation Limited (Six months duration) or any equivalent courses from a recognized institute. |

Interested candidates are requested to apply in the prescribed format to Office of the **Additional District Urban Public Health Officer, UPHC Ainthapali, near Ainthapali** Police Station, Dist:Sambalpur by **23/08/2023 up to 5.00 PM through Speed Post/Registered Post**. The application form and the selection criteria are available at District website **www.sambalpur.nic.in.**The vacancy shown in advt. is provisional & subject to change as per requirement. The selection of candidates to be done as per the latest guideline of NHM Odisha. The undersigned reserves the right to cancel any or all the process without assigning any reason thereof.

**Sd/-CDM & PHO, Sambalpur**
OIPR-10169/11/0005/2324

### ପୌରପରିଷଦ କାର୍ଯ୍ୟାଳୟ, ଝାରସୁଗୁଡ଼ା
ସଂଖ୍ୟା 5295, ତା.4.4.2023 ରିଖ
**ଇସ୍ତାହାର**

No.C-1016:ଏତଦ୍ୱାରା ଝାରସୁଗୁଡ଼ା ପୌରପରିଷଦ ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପୌରପରିଷଦ ଅଧୀନସ୍ଥ ପ୍ଲଟ/ଦୋକାନ ନଂ.୨୭୪/୨୩୪ (କ) (୧୦'x୧୦') ଯାହାକି ଶ୍ରୀ ଲକ୍ଷପତି ପାଣ୍ଡେଙ୍କ ନାମରେ ରେକର୍ଡଭୁକ୍ତ ଅଛି, ତାଙ୍କର ଉତ୍ତରାଧିକାରୀ ଶ୍ରୀମତୀ ଜାହ୍ନବୀ ପାଣ୍ଡେ, ଶ୍ରୀ ଅସୀମ କୁମାର ପାଣ୍ଡେ ଓ ଶ୍ରୀ ଅଙ୍କିତ ପାଣ୍ଡେ ଉକ୍ତ ଦୋକାନଟିକୁ ଶାହେନସା ଅଲି, ପିତା. ଶାହାଦତ ଅଲି ନାମରେ ହସ୍ତାନ୍ତର କରି ନାମ ଦର୍ଜ କରିବା ପାଇଁ ପୌରପରିଷଦ କାର୍ଯ୍ୟାଳୟରେ ଆବେଦନ କରିଛନ୍ତି । ଯଦି ଏଥିରେ କାହାର କିଛି ଆପତ୍ତି କିମ୍ବା ଅଭିଯୋଗ ଅଛି କିମ୍ବା ଥାଏ, ତାହାହେଲେ ଏହି ଇସ୍ତାହାର ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ପୌରପରିଷଦ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିପାରିବେ ଓ ନିର୍ଦ୍ଧାରିତ ସମୟ ପରେ କୌଣସି ଆପତ୍ତି ବା ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ, ଝାରସୁଗୁଡ଼ା
OIPR-13165/11/0021/2324

### Government of Odisha
### Office of the Chief Construction Engineer
### Rural Works Circle, Sambalpur
E-mail Id:serwcirclesbp@yahoo.com

**Bid Identification No. Road tender Online RWCSBP-19 No:1928 Dated: 08.08.2023**

**No.O-601:**The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for MMSY- Transferred Road Improvement Programme (TRIP) & MMSY- Improvement to existing RD road for the year 2022-23.
1.Name of work : MMSY-Transferred Road Improvement Programme (TRIP) & MMSY- Improvement to existing RD road for the year 2023-24. 2. No of works: 35 Nos details as per DTCN.3. Estimated cost: Approximately varies from Rs.253.25 lakhs to Rs.1013.40 lakhs. 4.Class of Contractor : 'B', "A" and 'Special'. 5.Cost of tender paper and mode of deposit : Rs. 10,000/- per set.( to be deposited On-line) in favour of concerned Executive Engineer. 6.Mode of submission of tender : Tender should be submitted only On line in website www.tendersorissa.gov.in. (https//tendersodisha.gov.in). 7.EMD and mode of deposit : **1% of estimated cost of the work to be remitted online as mentioned in DTCN.**

**8. Summary of key dates are provided below:**

| Procurement Officer | Bid Identification No. | Availability of Tender online for bidding | | Last date & time of seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Road Tender Online RWCSBP-19/2023-24 | 11.08.2023 From 10.00 A.M. | 25.08.2023 upto 05.30 P.M. | 23.08.2023 upto 5.00 P.M. | 28.08.2023 at 10.00 A.M. | 05.09.2023 at 10.00 A.M. |

* Further details can be seen from the e-procurement portal www.tendersorissa.gov.in. (https//tendersodisha.gov.in)
* Subsequent modification/ corrigendum/Addendum if required shall appear in website only.
* The amount put to bid is exclusive of GST.
* Bidder should inspect the road before bidding and quote his rate accordingly.

**Sd./- Chief Construction Engineer**
**Rural Works Circle, Sambalpur**
OIPR-25091/11/0033/2324

### GOVERNMENT OF ODISHA
### OFFICE OF THE SUPERINTENDING ENGINEER RURAL WORKS DIVISION, SAMBALPUR
**1st Corrigendum to Tender Online - SBPR - 03 of 2023-24**

No. O-596: The following changes have been made in respect of the Bid Identification No. Tender Online SBPR-03 of 2023-24 due to unavoidable reasons.
1. Date and time have been changed as given below:

DATE & TIME

| Sl. No. | Description | Schedule | Re-Schedule |
|---|---|---|---|
| 1 | Period of availability Online | From 11.00 Hrs. of 03.08.23 to 5.00 Hrs. of 11.08.23 | From 11.00 Hrs. of 10.08.23 to 5.00 Hrs. of 19.08.23 |
| 2 | Date & time of Opening of Bid | At 11.00 Hrs. of 14.08.23 | At 11.00 Hrs. of 21.08.2023 |

All other terms and conditions of remain unchanged.
**Sd./- Superintending Engineer**
**Rural Works Division, Sambalpur**
OIPR-25076/11/0007/2324

### ODISHA CONSTRUCTION CORPORATION LIMITED
BHUBANESWAR, ODISHA PIN-751012, Tel.No.(0674) 2562020
e-Mail:theoccltd@odishaconstruction.com, GSTIN-21AAACO2571K2ZM
"e"-Procurement Notice No.28/OCCL/2023-24 (online)
No.CAD-1618: Online percentage rate tenders are invited for the following works.

| Sl. No. | Name of Work | Bid Identification No. | Approx value of work (Rs. in Lakhs) | Bid Security (through online transfer) (in Rs.) | Period of Completion | Availability of Tender (online) | Submission of tender (online) |
|---|---|---|---|---|---|---|---|
| 01 | Construction of Gated Culvert near new Crematorium site at Mandalia, Sambalpur (Civil Work) | OC-CL-SMP/01/2023-24 | Rs.34.81 Lakhs | Rs.35,000/- | 03 (Three) Calendar months | From 10.08.2023 03.30 PM to 19.08.2023, 5.30 PM | From 10.08.2023, 03.30 PM to 19.08.2023, 5.30 PM |

Procurement Officer : Managing Director, OCCL. Date of Opening of the Tender: 21.08.2023, 12.00 Noon onwards
Further details can be seen from the : e-Procurement portal:https://www.tendersodisha.gov.in.
**Sd./- Managing Director**
OIPR-34120/11/0038/2324

### GOVERNMENT OF ODISHA
### ST & SC DEVELOPMENT, M&BCW DEPARTMENT
**No. 16516/SSD** — **Bhubaneswar, Dtd.09.08.2023**
**STSCD-OE-ESTT-0030-2015**

### CANCELLATION OF TENDER NOTICE

No. V-33: It is notified that the Tender Notice vide No. STSCD-OE-ESTT-0030-2015/15801/SSD, Dated: 01.08.2023 regarding requisition of **Services of Ten Peon on Outsourcing basis through Service providing agency to ST & SC Development, M&BCW Department** which was published in the Newspaper on 03.08.2023 and already uploaded on our website: **www.stscodisha.gov.in** is hereby cancelled due to unavoidable circumstances.

**Sd./- Additional Secretary to Govt.**
OIPR-26001/11/0007/2324

### ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
### OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR
No.O-610: At:Ambapua, PO:Engineering School, Near Income Tax Office, Berhampur-760011
(E-mail: serwbpr2004@yahoo.com, Tel/Fax:-0680-2404287)

**NATIONAL COMPETITIVE BIDDING THROUGH e-Procurement**
**Bid Identification No.Online Tender/29-2023-24/BPR & Bid Identification No.Online Tender/30-2023-24/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online_Tender/ 29-2023-24/BPR | Road Works under Special Assistant to States Capital Investment (SACI) for the year 2023-24 | 07 Nos. | From Rs.332.15 Lakhs to Rs.707.31 Lakhs | "A" Class & "Special" Class as applicable | 09(Nine) & 11 (Eleven) Calendar Months as provided |
| Online_Tender/ 30-2023-24/BPR | Bridge Works (BSY) for 2022-23 & 2023-24 | 07 Nos. | From Rs.331.42 Lakhs to Rs.897.16 Lakhs | "A" Class & "Special" Class as applicable | 11 (Eleven) 12 (Twelve) & 24 (Twenty Four) Calendar Months as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/29-2023-24/BPR<br>Online Tender/30-2023-24/BPR | 14.08.2023 at 10.00 A.M | 28.08.2023 upto 3.00 P.M. |

(i) EMD/ Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in.
**Sd./- Chief Construction Engineer, R.W.Circle, Berhampur**
OIPR-25071/11/0033/2324

### ଓଡ଼ିଶା ସରକାର
### ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
**ଘୋଷଣା**

**No. RDM-LAA-MBJ-0029-2022-25182** — **R&DM, Dated: 14 JUL 2023**

No. XXI-12: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ୍‌ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ୍‌ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ଶିଖରଖୁଣ୍ଟା, ଥାନା: ବୈଶିଙ୍ଗା ନଂ. ୧୫୨, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହେମପୁର ମାଇନର ଏବଂ ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀର ଶିଖରଖୁଣ୍ଟା ସବ-ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୩୦୨୮ ତା୧୭।୧୨।୨୦୨୨ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ଶିଖରଖୁଣ୍ଟା, ଥାନା: ବୈଶିଙ୍ଗା ନଂ. ୧୫୨, ଜିଲ୍ଲା: ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.mayurbhanj.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ — ତହସିଲ: ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଶିଖରଖୁଣ୍ଟା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୬.୩୭ | ଏକର ୦.୮୦ | ଏଥି ସହିତ ସଂଲଗ୍ନ |

ତଫସିଲ - ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ — ତହସିଲ: ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୦୭।୦୩।୨୦୨୩

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ତ୍ରିଲୋଚନ ମାଝୀ), ଅତିରିକ୍ତ ଶାସନ ସଚିବ

**ଭୂମି ଅନୁସୂଚୀ**

ଭୂ-ଅର୍ଜନ ମାମଲା ସଂଖ୍ୟା: ୦୬/୨୨
ଏ.୦.୮୦ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହେମପୁର ମାଇନର, ଶିଖରଖୁଣ୍ଟା ସବ-ମାଇନର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ନିମନ୍ତେ
ମୌଜା: ଶିଖରଖୁଣ୍ଟା, ଥାନା: ବୈଶିଙ୍ଗା ନଂ. ୧୫୨, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜ

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 9 | 22 | 0.50 | 0.05 | ପତିତ | କୃପାସିନ୍ଧୁ ମିଶ୍ର, ପି.: ହରେକୃଷ୍ଣ ମିଶ୍ର, ଜା: ବ୍ରାହ୍ମଣ, ବା: ଲାଲବଜାର ବାରିପଦା ବାର୍ଡ଼ ନଂ. ୧୦, ଥା: ବାରିପଦା |
| 52 | 27 | 0.60 | 0.07 | ଚକ | ପଦ୍ମାବତୀ ବେହେରା, ପି.: ଫକୀର ଶିଅଳ, ଜା: ଚମାର, ବା: ପଣସିଆ |
| 109 | 35 | 5.27 | 0.02 | ଚକ | ଶରତ କୁମାର ମିଶ୍ର, ହେମନ୍ତ କୁମାର ମିଶ୍ର, ପି.: ଚନ୍ଦ୍ର ଶେଖର ମିଶ୍ର, ନୀଳମଣି ମିଶ୍ର, ସ୍ୱା.: ଚନ୍ଦ୍ର ଶେଖର ମିଶ୍ର, ଜା: ବ୍ରାହ୍ମଣ, ବା: ଲାଲବଜାର, ବାରିପଦା ବାର୍ଡ଼ ନଂ. ୧୦, ଥା: ବାରିପଦା |
| ସମପରିମାଣ ଗୋଚର ପ୍ରତିବଦଳ | | | | | |
| 9 | 22 | | 0.45 | ପତିତ | କୃପାସିନ୍ଧୁ ମିଶ୍ର, ପି.: ହରେକୃଷ୍ଣ ମିଶ୍ର, ଜା: ବ୍ରାହ୍ମଣ, ବା: ଲାଲବଜାର ବାରିପଦା ବାର୍ଡ଼ ନଂ. ୧୦, ଥା: ବାରିପଦା |
| 52 | 27 | | 0.21 | ଚକ | ପଦ୍ମାବତୀ ବେହେରା, ପି.: ଫକିର ଶିଅଳ, ଜା: ଚମାର, ବା: ପଣସିଆ |
| ମୋଟ | ୩ ପ୍ଲଟକୁ | ଏ.୬.୩୭ ଡେ.ମି. | ଏ.୦.୮୦ ଡେ.ମି. | | |

Sd./- Amin, Baripada Zone — Sd./- Rev-Inspector, Zone-I, Baripada — Sd./- Zone Officer-cum-L.A. Collector, S.I.P., Baripada Zone — Sd./- Spl. Land Acquisition Officer, S.I.P., Baripada
OIPR-24001/14/0036/2324

### idco — ODISHA NEW OPPORTUNITIES
No.CAD-1607
### OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR
Tender Call Notice No.H.O./P&C/EST-E-2394/03/2023 24628, Dated.07.08.2023

**NOTICE INVITING TENDER THROUGH e-Procurement**

**Name of the Work:** "Costruction of SFRC/RCC pre-cast-pre-tensioned compound wall around IDCO Land Ac.81.65 at Kupari Tahasil- Khaira, district-Balasore". Estimated Cost:Rs.571.53 Lakhs (approx.). Period of Completion:04 (Four) Calendar Months.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Id No.PC/ EST/ E-97/ 2023-24 | 17.00 Hours of 04.09.2023 | 17.00 Hours of 21.09.2023 |

**Further details can be seen from the e-Procurement Portal, www. Tendersorissa.gov.in.** and Corrigendum if any will not be published in newspapers and can only be seen in the e-Procurement portal **www. tenderorissa.gov.in. and IDCO Website www.idco.in.**
**Sd./-Chief General Manager (P&C), IDCO, Bhubaneswar**
OIPR-14003/11/0167/2324

### GOVERNMENT OF ODISHA
No. O-589
### OFFICE OF THE EXECUTIVE ENGINEER, RURAL WORKS DIVISION-II, BALASORE
**e Procurement Notice for Building Works**
**Bid Identificaton No. e-Procurement Notice No. 09/EERW-II/BLS/2023-24**

1. Name of the work : Building Works
2. Total Number of Works : 01 No.
3. Estimated Cost : 71.7470.92 Lakhs
4. Class of Contractor : "B" Class
5. Time of Completion : 06 (Six Calendar Months)
6. Cost of Tender paper through online : Rs.10,000
7. Other Details : As per DTCN

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender in O/o. Executive Engineer, R.W. Divn.-II, Balasore (Double Cover) |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division - II, Balasore | E-TCN No.09 of 2023-24 | 11.08.2023 at 05.00 P.M. | 19.08.2023 upto 5.00 P.M. | 21.08.2023 upto 05.00 P.M. | 22.08.2023 at 11.00 A.M. |

Further detials can be seen from the website **www.tendersorissa.gov.in**.
**Sd./- Executive Engineer, R.W. Division-II, Balasore**
OIPR-25052/11/0011/2324

### GOVERNMENT OF ODISHA
No. B-635
### OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE, BALANGIR
Mail ID: sepwdbalangir@gmail.com
**e-Procurement Notice**
**BID IDENTIFICATION No. CCE(R&B) BGR/13/2023-24**
Letter No. 4051 — Dtd.05.08.2023

The **Chief Construction Engineer, Balangir (R&B) Circle, Balangir** on behlaf of Governor of Odisha invites percentage rate **composite** bid in double cover system in **ONLINE MODE** for the construction of works detailed in the table below from **A/ Special Class** contractors registered with the State Governments and contractors of equivalent Grade/Class registered with Central Government/MES/Railways for execution of Civil works. The proof of registration from the appropriate authority shall be enclosed along with the bid.

1. Nature of work : Bridge Work
2. No. of tender : Bridge Works - 01 No.
3. Tender Cost : Rs.10,000/-
4. Class of Contractor : A/Special Class
5. Date & time of sale & receipt of Bids : From Dt.16.08.2023, 10.00 A.M. to Dt.01.09.2023 upto 05.00 P.M.
6. Date of Opening Bid : Dt.02.09.2023 at 11.00 A.M.
7. The bidders have to participate in ONLINE bidding only. Further details can be seen from the website: **http://tendersorissa.gov.in**. All future corrigendum will be available on ONLINE MODE only.

**Sd./- Chief Construction Engineer**
**Balangir (R&B) Circle, Balangir**
OIPR-34131/11/0015/2324

### GOVERNMENT OF ODISHA
### OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR
No.O-600: **e Procurement Notice**

| | | | |
|---|---|---|---|
| 1. | Name of Work | : | Construction and Maintenance of road in the district of Bolangir & Subamapur under MMSY-TRIP for the year 2023-24 |
| 2. | No. of Work | : | 16(Sixteen) road works. |
| 3. | Time for completion varies from | : | 6 (Six) to 9 (Nine) calendar months |
| 4. | Approximate estimated cost varies from | : | Rs. 168.90 lakhs to Rs. 675.60 lakhs |
| 5. | Mode of Submission of tender | : | Tender should be submitted online in www.tendersodisha.gov.in |
| 6. | Other details are as follow | | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W.Circle, Bolangir | BLGR-Online-14/2023-24 | 14.08.2023 at 11.00 A.M. | 21.08.2023 upto 5.00 P.M. | 19.08.2023 upto 5.00 P.M. | 22.08.2023 at 11.00 A.M. | The date will be intimated to the technically qualified bidders later on |

* Further details can be seen from the Website www.tendersodisha.gov.in.
* Any Corrigendum/Addendum will be displayed in the above e tender website only.
**Sd./- Chief Construction Engineer, R.W.Circle, Bolangir**
OIPR-25118/11/0020/2324



ଲଭଲି ପ୍ରଫେସନାଲ ୟୁନିଭର୍ସିଟି (ଏଲ୍‌ପିୟୁ)ର କୁଳପତି ତଥା ରାଜ୍ୟ ସଭା ସଦସ୍ୟ ଡ. ଅଶୋକ କୁମାର ମିତ୍ତଲ ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସପରିବାର ଏକ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ପରିପ୍ରେକ୍ଷୀରେ ମିତ୍ତଲ ୨୦୧୯ରେ ଏଲ୍‌ପିୟୁରେ ଆୟୋଜିତ ଇଣ୍ଡିଆନ ସାଇନ୍ସ କଂଗ୍ରେସ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇବା ସହ ଜାତୀୟ ଶିକ୍ଷାନୀତି ଏବଂ ଦେଶର ବିକାଶ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସେହିଭଳି ଡ.ଅଶୋକଙ୍କ ସ୍ତ୍ରୀ ରଶ୍ମି ମିତ୍ତଲ ପଞ୍ଜାବର ଲୋକପ୍ରିୟ ତଥା ହାତ ପ୍ରସ୍ତୁତି ସାଲ (ଫୁଲକାରୀ), ୨ଟି ଫଟୋଚିତ୍ର ଏବଂ ପୁଷ୍ପଗୁଚ୍ଛ ଆଦି ପ୍ରଦାନ କରିଥିଲେ। ଏହି ଅବସରରେ ମିତ୍ତଲଙ୍କ ପୁଅ ପ୍ରଥମ ମିତ୍ତଲ, ଝିଅ ସୃଷ୍ଟି ଏବଂ ଜାଇଁ ଶ୍ରେଷ୍ଠ ଖେତାନ ଉପସ୍ଥିତ ଅଛନ୍ତି।

# ଶେୟାର ବଜାର କାରବାରରେ ଉତ୍ସାହ

ଭୁବନେଶ୍ୱର,୯।୮

ଦିନକ ପରେ ପୁଣି ଥରେ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଫଳରେ ଶେୟାର ବଜାର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ବୁଧବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୪୯ (୧୪୯.୩୧) ପଏଣ୍ଟ ବଢ଼ି ୬୫,୯୯୬ (୬୫,୯୯୫.୮୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୬୨ (୬୧.୭୦) ପଏଣ୍ଟ ବୃଦ୍ଧି ଘଟି ୧୯,୬୩୩ (୧୯,୬୩୨.୫୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଗତ କିଛିଦିନ ହେବ ଭାରତୀୟ ଶେୟାର ବଜାର କାରବାରରେ ଅସ୍ଥିରତା ଦେଖାଦେଇଛି।

# ଏପିଏସ୍ଇଜେଡ୍‌ର ପ୍ରଥମ ତ୍ରୈମାସିକ ଫଳାଫଳ




ଭୁବନେଶ୍ୱର,୯।୮

ଆଦାନୀ ପୋର୍ଟସ ଆଣ୍ଡ ସ୍ପେଶିଆଲ ଇକୋନୋମିକ୍ ଜୋନ୍ (ଏପିଏସ୍ଇଜେଡ୍) ଲିମିଟେଡ୍‌ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଏପିଏସ୍ଇଜେଡ୍ ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ ସମ୍ପର୍କରେ ବିସ୍ତୃତ ଘୋଷଣା କରାଯାଇଛି। ବିଶେଷକରି ଉଚ୍ଚ ଆୟ ଯୋଗୁ ଚଳତି ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ (ଏପ୍ରିଲ୍‌ରୁ ଜୁନ୍)ରେ କମ୍ପାନୀର ସାମଗ୍ରିକ ଲାଭରେ ନେଟ୍ ୮୦%ରୁ ଅଧିକ ଅଭିବୃଦ୍ଧି ଘଟିଛି। ଫଳରେ କମ୍ପାନୀର ଲାଭ ପରବର୍ତ୍ତୀ ଟିକସ (ପିଏଟି)ର ପରିମାଣ ୨,୧୧୯ କୋଟି ଟଙ୍କାରେ ପହଞ୍ଚିଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷରେ କମ୍ପାନୀର ନେଟ୍ ଲାଭ ୧,୧୭୭ କୋଟି ଟଙ୍କା ଥିଲା। ଏ ସମ୍ପର୍କରେ ଏପିଏସ୍ଇଜେଡ୍‌ର ସିଇଓ ତଥା ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ କରନ ଆଦାନୀ କହିଛନ୍ତି, ଚଳତି ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ କମ୍ପାନୀ ଏଯାବତ ମଜଭୁତ କାର୍ଗୋ ପରିଚାଳନାଗତ ପ୍ରଦର୍ଶନ ସହ ସର୍ବାଧିକ ତ୍ରୈମାସିକ କାର୍ଗୋ ପରିଚାଳନା କରିଛି। ଅପରପକ୍ଷରେ ରାଜସ୍ୱ ଆୟ ଏବଂ ଇବିଆଇଟିଡିଏ କ୍ଷେତ୍ରରେ ମଧ୍ୟ କମ୍ପାନୀ ଉତ୍ତମ ପ୍ରଦର୍ଶନ ସହ ଆକର୍ଷଣୀୟ ପ୍ରଦର୍ଶନ ଜାରି ରଖିଛି। ଏପରିକି କମ୍ପାନୀ ଘରୋଇ ବଜାର ଅଂଶରେ ପ୍ରାୟ ୨୦୦ ବେସସି ପଏଣ୍ଟ ବୃଦ୍ଧି ଘଟିଥିବା ଜଣାପଡ଼ିଛି।

# ଜିଓର ପ୍ରଥମ ପର୍ଯ୍ୟାୟ ସେବା ପରୀକ୍ଷଣ




ଭୁବନେଶ୍ୱର,୯।୮

ଓଡ଼ିଶାରେ ରିଲାଏନ୍ସ ଜିଓର ୫ଜି ସେବା ଜାରି ରହିଥିବାବେଳେ ଦ୍ରୁତ ଗତିରେ ଉକ୍ତ ସେବାର ସମ୍ପ୍ରସାରଣ କରାଯାଉଛି। ବିଶେଷକରି ରିଲାଏନ୍ସ ଜିଓର ୫ଜି ସାଇଟ୍‌ରେ ୨୬ ଗିଗାହର୍ଜ ଓ ୩୩୦୦ମେଗାହର୍ଜର ପ୍ରଥମ ପର୍ଯ୍ୟାୟ ସେବା ପରୀକ୍ଷଣ ଭାରତ ସରକାରଙ୍କ ଦୂରସଞ୍ଚାର ବିଭାଗ ଓଡ଼ିଶା ଲାଇସେନ୍ସ ସର୍ଭିସ୍ ଅଞ୍ଚଳ (ଏଲ୍ଏସ୍ଏ) ପକ୍ଷରୁ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଏଲ୍ଏସ୍ଏର ଡେପୁଟି ଡାଇରେକ୍ଟର ଜେନେରାଲ ଅନିଲ କୁମାର ସୁବୁଦ୍ଧି, ନିର୍ଦ୍ଦେଶକ ଚନ୍ଦ୍ର ପ୍ରକାଶ ଯାଦବ ଓ ଏଡିଜି ଚିତ୍ତରଞ୍ଜନ ଦେବତାଙ୍କ ସମେତ ଟେଲିକମ୍ ବିଭାଗର ବରିଷ୍ଠ ଅଧିକାରୀଙ୍କ ଏକ ଟିମ୍ ଦ୍ୱାରା ଏହି ପରୀକ୍ଷଣ କରାଯାଇଥିଲା। ସେହିଭଳି ଏହି କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ୨୦୨୩ ଅଗଷ୍ଟ ୯ରେ ରିଲାଏନ୍ସ ଜିଓକୁ ଆବଣ୍ଟନ କରାଯାଇଥିବା ୨୬ଗିଗାହର୍ଜ ବ୍ୟାଣ୍ଡ ୫ଜି ସାଇଟ୍‌ର ପ୍ରଥମ ପର୍ଯ୍ୟାୟ ସେବା ପରୀକ୍ଷଣ ଭୁବନେଶ୍ୱରଠାରେ କରାଯାଇଥିବା ନେଇ ଟେଲିକମ୍ ବିଭାଗର ଓଡ଼ିଶା ଏଲ୍ଏସ୍ଏ ପକ୍ଷରୁ ଟୁଇଟ୍ ଜରିଆରେ ସୂଚିତ କରାଯାଇଥିଲାବେଳେ ୨୬ଗିଗାହର୍ଜ ଜିଓ ନେଟ୍‌ୱର୍କର ପରୀକ୍ଷଣ ସମୟରେ ସର୍ବାଧିକ ୫ଜିସ୍ପିଡ୍ ୧.୨ଜିବିପିଏସ୍ ରହିଥିଲା। ସେହିପରି ଅନ୍ୟ ଏକ ଟୁଇଟ୍‌ରେ ଓଡ଼ିଶା ଏଲ୍ଏସ୍ଏ ପକ୍ଷରୁ ସୂଚନା ଦିଆଯାଇଛି। ରିଲାଏନ୍ସ ଜିଓକୁ ଆବଣ୍ଟନ କରାଯାଇଥିବା ୩୩୦୦ ମେଗାହର୍ଜ ବ୍ୟାଣ୍ଡ ୫ଜି ସାଇଟ୍‌ର ପ୍ରଥମ ପର୍ଯ୍ୟାୟ ପରୀକ୍ଷଣ ୨୦୨୩ ଅଗଷ୍ଟ ୮ରେ ପୁରୀ ଜିଲାର ପିପିଲିଠାରେ କରାଯାଇଥିଲା। ଏହି ପରୀକ୍ଷଣ ବେଳେ ୩୩୦୦ ମେଗାହର୍ଜ ବ୍ୟାଣ୍ଡ ୫ଜି ନେଟ୍‌ୱର୍କର ସ୍ପିଡ୍ ୮୨୦ ଏମ୍‌ବିପିଏସ୍ ରହିଥିଲା। ଅପରପକ୍ଷରେ ରିଲାଏନ୍ସ ଜିଓ ଦ୍ରୁତଗତିରେ ୫ଜି ନେଟ୍‌ୱର୍କର ସମ୍ପ୍ରସାରଣ କରୁଛି ଏବଂ ଏହା ହେଉଛି ଓଡ଼ିଶାର ଏକମାତ୍ର ଟେଲିକମ୍ ଅପରେଟର ଯାହାର ୫ଜି ନେଟ୍‌ୱର୍କ ରାଜ୍ୟର ସମସ୍ତ ଜିଲାରେ ଉପଲବ୍ଧ।

# ଓଡ଼ିଶା ବଜାରରେ ଟ୍ରାୟମ୍ଫର ସ୍ପିଡ୍ ୪୦୦

ଭୁବନେଶ୍ୱର,୯।୮ (ଅଭୟ ଦାଶ)

ଟ୍ରାୟମ୍ଫ ମାଟରସାଇକେଲସର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ସ୍ପିଡ୍ ୪୦୦'ର ସର୍ବଭାରତୀୟ ବଜାର ପ୍ରବେଶ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଟ୍ରାୟମ୍ଫ ମାଟରସାଇକେଲସର ସ୍ୱୀକୃତିପ୍ରାପ୍ତ ଡିଲର ଶ୍ରୀ ଭାରତ ମୋଟର୍ସ ଲିମିଟେଡ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଟ୍ରାୟମ୍ଫ ମାଟରସାଇକେଲସର ଭିପି ଦିନେଶ କୁଲକର୍ଣ୍ଣୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରାୟମ୍ଫ ମାଟରସାଇକେଲସର ଇଷ୍ଟ ଜୋନ୍ ସେଲ୍‌ସ ହେଡ୍ ସୁବ୍ରତ ମହାପାତ୍ର ଏବଂ ଶ୍ରୀ ଭାରତ ମୋଟର୍ସ ଲିମିଟେଡ୍‌ର ନିର୍ଦ୍ଦେଶକ ହର୍ଷବର୍ଦ୍ଧନ ଡିଡ୍‌ୱାନିଆ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି ବର୍ତ୍ତମାନ ସମୟରେ ହାଇସ୍ପିଡ୍ ବାଇକର ଚାହିଦା ବଢ଼ିଛି। ଯୁବଗୋଷ୍ଠୀଙ୍କ ଚାହିଦା ଏବଂ ଆବଶ୍ୟକତା ପୂରଣ କରିବା ପାଇଁ ଉଭୟ କମ୍ପାନୀ ଓ ଡିଲର ପଏଣ୍ଟ ପକ୍ଷରୁ ବ୍ୟାପକ ପ୍ରୟାସ କରାଯାଉଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ବଜାରରେ ଏହାର ପ୍ରବେଶ ହେବା ସହ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୩୦୦ ବାଇକ ଅନାବରଣ ଉତ୍ସବରେ ଡେଲିଭରି ସହିତ ବୁକିଂ ହୋଇଥିବା ଶ୍ରୀ ଭାରତ ମୋଟର୍ସ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଶ୍ରୀ ଭାରତ ମୋଟର୍ସ ଲିମିଟେଡ୍‌ର ନିର୍ଦ୍ଦେଶକ ଡିଡ୍‌ୱାନିଆ କହିଛନ୍ତି, ସ୍ପିଡ୍ ୪୦୦ ପ୍ରତି ଯୁବବର୍ଗଙ୍କର ଦୁର୍ବଳତା ରହିଛି। ଏହାର ଉନ୍ମୋଚନ ପରଠାରୁ ବୁକିଂ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ଏଠାରେ ବିକ୍ରି ପରିବର୍ତ୍ତୀ ସେବା ସହ ସେଲ୍‌ସ ସର୍ଭିସ୍ ଆଣ୍ଡ ସ୍ପେୟାରର ସୁବିଧା ଗ୍ରାହକଙ୍କ ପାଇଁ ଉପଲବ୍ଧ ରହିଛି।




# ଆଇସିଆଇସିଆଇ ବ୍ୟାଙ୍କର 'ମୌସୁମୀ ବୋନାଞ୍ଜା'

ଭୁବନେଶ୍ୱର,୯।୮

ଆଇସିଆଇସିଆଇ ବ୍ୟାଙ୍କର ବହୁ ପ୍ରତୀକ୍ଷିତ ତଥା ଲୋକପ୍ରିୟ ଅଫର 'ମୌସୁମୀ ବୋନାଞ୍ଜା'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଇଲେକ୍ଟ୍ରୋନିକ୍ସ ସାମଗ୍ରୀଠାରୁ ଆରମ୍ଭକରି ଟ୍ରାଭେଲ୍, ଅନ୍‌ଲାଇନ୍ ଶପିଂ, ଡାଇନିଂ, ଖାଦ୍ୟ ବରାଦ, ସ୍ୱାସ୍ଥ୍ୟ, ବିଉଟି ଏବଂ ଉପହାର ପର୍ଯ୍ୟନ୍ତ ବିଭିନ୍ନ ବର୍ଗରେ ଗ୍ରାହକମାନଙ୍କୁ ବ୍ୟାପକ ଆକର୍ଷଣୀୟ ସୁବିଧା ଓ ରିହାତି ପ୍ରଦାନ ପାଇଁ ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ମୌସୁମୀ ବୋନାଞ୍ଜା ଅଫରର ଆରମ୍ଭ କରାଯାଇଛି। ଏପରିକି ଆଇସିଆଇସିଆଇ ବ୍ୟାଙ୍କର ଡେବିଟ୍ କାର୍ଡ କିମ୍ବା କ୍ରେଡିଟ୍ କାର୍ଡ ଓ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍‌କୁ ବ୍ୟବହାରକରି ଗ୍ରାହକମାନେ ଆକର୍ଷଣୀୟ ରିହାତି ଓ ୫୦% ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ସୁବିଧା ଜରିଆରେ ବୋନାଞ୍ଜାର ଲାଭକୁ ଉପଭୋଗ କରିପାରିବେ। ସେହିଭଳି




କ୍ରେଡିଟ୍ ଓ ଡେବିଟ୍ କାର୍ଡରେ ଆକର୍ଷଣୀୟ ଇଏମ୍ଆଇ ଅଫର ବି ରହିଛି। ମୌସୁମୀ (ମନ୍‌ସୁନ୍) ବୋନାଞ୍ଜାର ୩ୟ ସଂସ୍କରଣରେ ଗ୍ରାହକମାନେ ଫ୍ଲିପ୍‌କାର୍ଟ, ଆପଲ୍, ଡେଲ୍, ସାମ୍‌ସଙ୍ଗ୍, ଏଲ୍‌ଜି, ମେକ୍ ମାଇଁ ଟ୍ରିପ୍, ୱାନ୍‌ପ୍ଲସ୍, କାତାର ଏୟାରୱେଜ୍, ଟାଟା କ୍ଲିକ୍ ଲକ୍ସୁରି, ଯାତ୍ରା ଭଳି ବହୁ ଶ୍ରେଷ୍ଠ ବ୍ରାଣ୍ଡ ଉପରେ ସ୍ୱତନ୍ତ୍ର ଅଫର ପାଇପାରିବେ। ସ୍ୱାଧୀନତା ଦିବସ ସେଲ୍‌ରେ ସ୍ୱତନ୍ତ୍ର ଅଫର ସହ ମୌସୁମୀ ବୋନାଞ୍ଜାର ସଦ୍ୟତମ ସଂସ୍କରଣକୁ ନେଇ ଗ୍ରାହକମାନଙ୍କୁ ବିଭିନ୍ନ ବର୍ଗର ଉତ୍ପାଦ ଓ ସେବା ଉପରେ ଆକର୍ଷଣୀୟ ଡିଲ୍ ଓ ରିହାତି ପ୍ରଦାନକରି ସେମାନଙ୍କୁ ଅତୁଳନୀୟ ଶପିଙ୍ଗ୍ ଅନୁଭୂତି ପ୍ରଦାନ କରିବାକୁ ବ୍ୟାଙ୍କ ଲକ୍ଷ୍ୟ ରଖିଛି।

# କୋଇଲା ଉତ୍ପାଦନରେ ଓସିପିଏଲ୍‌ର ସଫଳତା

ଭୁବନେଶ୍ୱର,୯।୮

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଓଡ଼ିଶା କୋଲ୍ ଆଣ୍ଡ୍ ପାୱାର ଲିମିଟେଡ୍ (ଓସିପିଏଲ୍) ରେକର୍ଡ ପରିମାଣର କୋଇଲା ଉତ୍ପାଦନକରି ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ସରକାର ଏବଂ ଓପିଜିସି ଦ୍ୱାରା ପରିଚାଳିତ ଓସିପିଏଲ୍ ରାଜ୍ୟର ପ୍ରମୁଖ କୋଇଲା ଖନନ ସଂସ୍ଥା ଭାବେ ବେଶ୍ ପରିଚିତ। ଏପରିକି ଦେଶର ଘୋର କୋଇଲା ସଙ୍କଟ ସମୟରେ ଓସିପିଏଲ୍ ତା'ର ଶେଷ ବ୍ୟବହୃତ ପ୍ଲାଣ୍ଟ ଓପିଜିସି (ୟୁନିଟ୍ ୩ ଏବଂ ୪ ) ଏବଂ ଅନ୍ୟାନ୍ୟ ଥର୍ମାଲ ପାୱାର ପ୍ଲାଣ୍ଟକୁ ଉତ୍ତମ ମାନର କୋଇଲା ଯୋଗାଇଛି। ଗତ୨ବର୍ଷ ମଧ୍ୟରେ ଓସିପିଏଲ୍‌ର ବୈଷୟିକ ଜ୍ଞାନକୌଶଳ ଯୋଗୁ ଓପିଜିସିକୁ ହାରାହାରି ୨୦% ନିମ୍ନ ଦରରେ ଜିସିଭି ବେସ୍‌ଡ ଲାଣ୍ଡେଡ କୋଲ୍ କୋଷ୍ଟରେ କୋଇଲା ଯୋଗାଉଛି। ଓସିପିଏଲ୍ ସ୍ୱ ଅର୍ଜିତ ଲାଭାଂଶରୁ ପ୍ରାୟ ୫୦%ଋଣ ପରିଶୋଧ କରିବାରେ ସକ୍ଷମ ହୋଇପାରିଛି। ଏଥିଯୋଗୁ ଓପିଜିସି ପାଇଁ ଆକଳନ କରାଯାଉଥିବା ଇନ୍‌ପୁଟ ପ୍ରାଇସର ଫାଇନାନ୍ସ କମ୍ପୋନେଟ ପ୍ରାୟ ୫୭% କମିଯିବ ବୋଲି ଆକଳନ କରାଯାଉଛି। ସେହିଭଳି ଓସିପିଏଲ୍‌ର ପିକ୍ ରେଟେଡ୍ କାପାସିଟି ୨୦୨୫-୨୬ ଆର୍ଥିକ ବର୍ଷରେ ୧୬ ମିଲିଅନ୍ ଟନ୍ ହେବା ଯଥେଷ୍ଟ ସମ୍ଭାବନା ରହିଛି। ଏପରିକି ପୂର୍ଣ୍ଣ କ୍ଷମତାସମ୍ପନ୍ନ ହେବା ପରେ ଓପିଜିସିର ଇନ୍‌ପୁଟ କୋଲ କୋଷ୍ଟ ଆଶାତୀତ ଭାବେ ହ୍ରାସ କରିବା ସମ୍ଭାବନା ରହିଛି। ବିଶେଷକରି ଓସିପିଏଲ୍ ଉତ୍ତମ ମାନର ଏବଂ ପର୍ଯ୍ୟାପ୍ତ ମାତ୍ରାରେ କୋଇଲା ଯୋଗାଣ କରୁଛି। ଓସିପିଏଲ୍ ଯୋଗୁ ଓପିଜିସି ରାଜ୍ୟର ୩୦% ପାୱାର ରିକ୍ୱାରମେଣ୍ଟକୁ ପୂରଣ କରିପାରୁଛି। କୋଇଲାସ୍ତର ମଧ୍ୟରେ ଉପଲବ୍ଧ ଅନ୍ ଗ୍ରେଡେଡ୍ କାର୍ବନିୟସ ସେଲ୍‌କୁ ଓଭରବର୍ଡନ ଡମ୍ପରେ ଫିଙ୍ଗି ନ ଦିଆଯାଇ କିଛି ମାତ୍ରାରେ ଜି-୧୪ କୋଇଲର ମିଶ୍ରଣକରି ଏହାର ମାନକୁ ଜି-୧୭ରେ ପରିଣତ କରିବାରେ ଓସିପିଏଲ୍ ସକ୍ଷମ ହୋଇପାରିଛି, ଯାହାର ଲାବରେଟୋରିବିଶ୍ଳେଷଣ ତଥା ପ୍ରମାଣପତ୍ର ରାଜ୍ୟ ସରକାରଙ୍କ ଇସ୍ପାତ ଏବଂ ଖଣି ବିଭାଗ ଦ୍ୱାରା ଘୋଷଣା କରାଯାଇଛି।

# ରିଲାଏନ୍ସ ଜୁଏଲ୍ସର ଆନିଭର୍ସାରି କଲେକ୍ସନ

ଭୁବନେଶ୍ୱର,୯।୮

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ରିଲାଏନ୍ସ ଜୁଏଲ୍ସର ଆନିଭର୍ସାରି କଲେକ୍ସନ 'ଆଭାର'ର ଉନ୍ମୋଚନ ସହ ପ୍ରତିଷ୍ଠାନର ୧୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଭାର କଲେକ୍ସନ-୨୦୨୩ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା ମଧ୍ୟ କରାଯାଇଛି। ବିଶେଷକରି ଆଭାର କଲେକ୍ସନରେ ଅନେକ ଆକର୍ଷଣୀୟ ଡିଜାଇନ ଓ ଅତୁଳନୀୟ କାରିଗରିର ବ୍ୟାପକ ସମ୍ଭାର ଗ୍ରାହକଙ୍କ ପାଇଁ ଉପଲବ୍ଧ। ଏପରିକି ଉକ୍ତ କଲେକ୍ସନରେ ବ୍ୟାପକ ଶ୍ରେଣୀୟ ଇୟରିଂ ଡିଜାଇନ ଉଭୟ ସୁନା ଓ ହୀରା ଅଳଙ୍କାରରେ ଉପଲବ୍ଧ। ଏଥିରେ ବିଭିନ୍ନ ଷ୍ଟାଇଲ୍ ଯଥା ଷ୍ଟଡ୍ସ, ସୁଇ ଧାଗା, ଜେ-ହୁପ୍ସ,ଡାଙ୍ଗଲର୍ସ ଓ ସମ୍ମୁଖ ଓ ପଛ ପାଶ୍ୱର ଡିଜାଇନ ଆଦି ସାମିଲ ରହିଛି। ସେହିଭଳି ପ୍ରତି ଇୟରିଂ ଡିଜାଇନକୁ ଅତ୍ୟନ୍ତ କୁଶଳତାର ସହ ପ୍ରସ୍ତୁତ କରାଯାଇଛି; ଯାହାକି ଅତ୍ୟନ୍ତ ମନୋମୁଗ୍ଧକର ଓ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ବ୍ୟକ୍ତିତ୍ୱ ବିକାଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ। ଏହା ସାଧାରଣ ଲୁକ୍‌ଠାରୁ ଆରମ୍ଭକରି ସ୍ମରଣୀୟ ଅବସର ନିମନ୍ତେ ବେଶ୍ ଆକର୍ଷଣୀୟ ଷ୍ଟାଇଲର ସମ୍ଭାର ପ୍ରଦାନ କରିଥାଏ। ଏହାକୁ ଅତ୍ୟନ୍ତ ଯତ୍ନର ସହ ପ୍ରସ୍ତୁତ କରାଯାଇଛି, ଯାହାକି ଯୁବଗୋଷ୍ଠୀଙ୍କ ଷ୍ଟାଇଲକୁ ଅଭିବୃଦ୍ଧି ଓ ସମସ୍ତ ବର୍ଗର ମହିଳାଙ୍କୁ ଆକର୍ଷଣୀୟ କରିଥାଏ।



ଏ ସମ୍ପର୍କରେ ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ପ୍ରତିଷ୍ଠାନର ୧୬ତମ ବାର୍ଷିକୋତ୍ସବ ପାଳନ ସହ ଆନିଭର୍ସାରି କଲେକ୍ସନ 'ଆଭାର'ର ଶୁଭାରମ୍ଭ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ଏହି ଉଦ୍ୟୋଗରେ ସଫଳତାର ୧୬ବର୍ଷ ସମାପ୍ତ କରିଥିବାରୁ ଅତ୍ୟନ୍ତ ଆନନ୍ଦିତ। ଆମେ ଏହି ସଫଳତା ଆମର ମୂଲ୍ୟବାନ୍ ପୃଷ୍ଠପୋଷକ ଓ ଗ୍ରାହକଙ୍କ କାରଣରୁ ପାଇପାରିଛୁ। ଏହି ଆକର୍ଷଣୀୟ ଆଭାର କଲେକ୍ସନରେ ରହିଛି, ଉତ୍କୃଷ୍ଟ କାରିଗରି ଓ ଏହା ଆମର ଗ୍ରାହକଙ୍କ ସମ୍ପର୍କ ଓ ନିବିଡ଼ତାକୁ ପରିପ୍ରକାଶ କରିଥାଏ। ଅପରପକ୍ଷରେ ଏହି 'ଆଭାର କଲେକ୍ସନ-୨୦୨୩' ଅଭିଯାନ ୨୦୨୩ ଅଗଷ୍ଟ ୩୧ପର୍ଯ୍ୟନ୍ତ ଜାରି ରହିବ। ଉକ୍ତ ଆନିଭର୍ସାରି ଉତ୍ସବକୁ ଆହୁରି ସ୍ୱତନ୍ତ୍ର କରିବା ପାଇଁ ଆମେ ଆକର୍ଷଣୀୟ ଅଫର ଓ ରିହାତି ଗ୍ରାହକଙ୍କୁ ଯୋଗାଇ ଦେଉଛୁ। ଏହି ଅବଧି ମଧ୍ୟରେ ରିଲାଏନ୍ସ ଜୁଏଲ୍ସର ସୁନା ଗହଣାର ଗଢ଼ା ମଜୁରି ଉପରେ ଏବଂ ହୀରା ଗହଣାର ମୂଲ୍ୟ ଉପରେ ୨୫% ରିହାତ ପ୍ରଦାନ କରାଯାଉଛି। ଏହି କଲେକ୍ସନ ରିଲାଏନ୍ସର ସମସ୍ତ ଶୋ'ରୁମ୍ ଓ ଶପ୍-ଇନ୍-ଶପ୍‌ରେ ଉପଲବ୍ଧ। ଏପରିକି ଗ୍ରାହକମାନେ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ମଧ୍ୟ କ୍ରୟ କରିପାରିବେ।

# ପରିବେଶ ଅନୁକୂଳ ଡେବିଟ୍ କାର୍ଡର ଶୁଭାରମ୍ଭ

ଭୁବନେଶ୍ୱର,୯।୮

ଏୟାରଟେଲ୍ ପେମେଣ୍ଟସ ବ୍ୟାଙ୍କର ବହୁ ପ୍ରତୀକ୍ଷିତ ଡେବିଟ୍ କାର୍ଡର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ବିଶେଷକରି ଏୟାରଟେଲ୍ ପେମେଣ୍ଟସ ବ୍ୟାଙ୍କର ଏକ ସେଭିଂସ ବ୍ୟାଙ୍କ ଆକାଉଣ୍ଟ ଥିବା ନୂଆ ଓ ବିଦ୍ୟମାନ ଗ୍ରାହକଙ୍କ ପାଇଁ ପରିବେଶ-ଅନୁକୂଳ ଡେବିଟ୍ କାର୍ଡର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହାର ଶୁଭାରମ୍ଭ ଆର୍ଥିକ କ୍ଷେତ୍ରରେ ସ୍ଥାୟିତ୍ୱ ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତା ସହ ଜଡିତ ହୋଇ ଆସିଛି ଏବଂ ଏହା ପରିବେଶ-ଅନୁକୂଳ ଅଭ୍ୟାସଗୁଡିକୁ ପ୍ରୋତ୍ସାହିତ କରୁଛି। ଏହି ଡେବିଟ୍ କାର୍ଡ ଆର୍-ପିଭିସି ମ୍ୟାଟେରିଆଲ ସହିତ ଆସିବ। ଏହି ପରିବେଶ-ଅନୁକୂଳ ସାମଗ୍ରୀର ଗ୍ରହଣୀୟତା ସହିତ ଏୟାରଟେଲ୍ ପେମେଣ୍ଟସ ବ୍ୟାଙ୍କ ପରିବେଶ ସଂରକ୍ଷଣ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ। ଏ ସମ୍ପର୍କରେ ଏୟାରଟେଲ୍ ପେମେଣ୍ଟସ ବ୍ୟାଙ୍କର ମୁଖ୍ୟ ପରିଚାଳନା ଅଧିକାରୀ ଗଣେଶ ଅନନ୍ତନାରାୟଣ କହିଛନ୍ତି, ଆମେ ଆମର ନୂଆ ପରିବେଶ ଅନୁକୂଳ ଡେବିଟ୍ କାର୍ଡର ଶୁଭାରମ୍ଭକରି ବେଶ୍ ଆନନ୍ଦିତ। ଏହାକୁ ରିସାଇକେଲ୍‌ଡ ପିଭିସିର ବ୍ୟବହାର କରି ନିର୍ମାଣ କରାଯାଇଛି। ଏୟାରଟେଲ୍ ପେମେଣ୍ଟସ ବ୍ୟାଙ୍କ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଓ ଉତ୍ପାଦନରେ ବିଶ୍ୱାସ ରଖିଥାଏ। ଏହି କାର୍ଡଗୁଡିକ ସ୍ଥାୟିତ୍ୱ ପ୍ରତି ଆମର ସମର୍ଥନ ଏବଂ ସୁରକ୍ଷିତ ଓ ସୁବିଧାଜନକ ବ୍ୟାଙ୍କିଙ୍ଗ୍ ଅନୁଭୂତି ପ୍ରଦାନ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରିଥାଏ।

# ଇକୋ ସିଷ୍ଟମ ବିକଶିତକୁ ଗୁରୁତ୍ୱ

## ଦିନିକିଆ ଖାଦ୍ୟ ଓ ଆଗ୍ରୋ ସମ୍ମିଳନୀ

ଭୁବନେଶ୍ୱର,୯।୮

ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି), ଷ୍ଟାର୍ଟଅପ୍ ଓଡ଼ିଶା, ଏମ୍ଏସ୍ଏମ୍ଇର ମିଳିତ ସହଯୋଗରେ ଖାଦ୍ୟ ଓ ଆଗ୍ରୋ ସମ୍ମିଳନୀ ବୁଧବାର ଏକ ୫ତାରକା ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସମ୍ମାନିତ ଅତିଥି ଭାବେ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ନାବାର୍ଡର ଚିଫ୍ ଜେନେରାଲ ମ୍ୟାନେଜର ଡ. ସୁଧାଂଶୁ କେ.କେ. ମିଶ୍ର ଏବଂ ଆଇସିସିର ଚିଫ୍ ମେଣ୍ଟର ଡ. ପ୍ରଦୀପ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଆଇସିସି ଓଡ଼ିଶା ପରିଷଦର ଚେୟାରମ୍ୟାନ ଜେ.ବି.ପାଣିଙ୍କ ଅଧ୍ୟକ୍ଷତାରେ ଉକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଆଇସିସି ଓଡ଼ିଶା ପରିଷଦ ଆଗ୍ରୋ ଓ ଖାଦ୍ୟ ପ୍ରକ୍ରିୟାକରଣ କମିଟିର ଆବାହକ ଶ୍ରୀରାମ ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ବିଶେଷକରି ଓଡ଼ିଶାରେ ଷ୍ଟାର୍ଟଅପ୍‌ମାନଙ୍କୁ ସହଯୋଗ କରିବା ସହ ଖାଦ୍ୟ ଓ କୃଷି କ୍ଷେତ୍ର ପାଇଁ ଏକ ଇକୋ ସିଷ୍ଟମ ବିକଶିତ କରିବା ନିମନ୍ତେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏ ନେଇ ମଧ୍ୟ ଆଇସିସି ଓ ଓୟୁଏଟି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା ଯାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା କିପରି ଓୟୁଏଟି ନିଜର ଏକାଡେମିକ୍ ଓ ବୈଷୟିକ କ୍ଷେତ୍ରରେ ଉନ୍ନତି ଆଣିପାରିବା ସହ ଛାତ୍ରୀଛାତ୍ର,ଷ୍ଟାର୍ଟଅପ୍‌ମାନଙ୍କୁ ଅଧିକରୁ ଅଧିକ ପ୍ରୋତ୍ସାହିତ କରାଯାଇପାରିବ ସେ ନେଇ ମଧ୍ୟ ଆଲୋଚନା କରାଯାଇଥିଲା। ସେହିଭଳି ଷ୍ଟାର୍ଟଅପ୍‌ରେ ଆର୍ଥିକ, ବେପାର ବଣିଜ ଓ ମାନବ ସମ୍ବଳ କିପରି ସୁଦୃଢ଼ କରାଯାଇପାରିବ ସେ ନେଇ ମଧ୍ୟ ଅତିଥିମାନେ ବିଭିନ୍ନ ମତ ରଖିଥିଲେ। ପରିଶେଷରେ ଆଇସିସି ଓଡ଼ିଶା ପରିଷଦ ଆଗ୍ରୋ ଓ ଖାଦ୍ୟ ପ୍ରକ୍ରିୟାକରଣ କମିଟିର ସହ ଆବାହକ ସୁଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀର ୨ୟ ଅଧିବେଶନରେ ଷ୍ଟାର୍ଟଅପ୍‌ଗୁଡିକର ଉନ୍ନତ କାର୍ଯ୍ୟ ସମ୍ପାଦନ ଓ ଆଭିମୁଖ୍ୟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ।




# ସୋଆରେ ୫ଦିନିଆ ଜାତୀୟସ୍ତରୀୟ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୯।୮

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଦ୍ୱାରା ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍) ପରିସରରେ ଷ୍ଟାଟିଷ୍ଟିକାଲ ମେଶିନ ଲର୍ନିଂ ସମ୍ପର୍କିତ ଏକ ୫ ଦିନିଆ ଜାତୀୟ ସ୍ତରୀୟ ପ୍ରଶିକ୍ଷଣ ଶିବିର ନିକଟରେ ଆରମ୍ଭ ହୋଇଯାଇଛି। ସେହିଭଳି ସେଣ୍ଟର ଅଫ୍ ଡେଟା ସାଇନ୍ସ ଏବଂ ସେଣ୍ଟର ଅଫ୍ ଆର୍ଟିଫିସିଆଲ୍‌ଇନ୍‌ଟେଲିଜେନ୍ସଆଣ୍ଡ ମେଶିନ ଲର୍ନିଂ ଦ୍ୱାରା ପରିକଳ୍ପନା କରାଯାଇଥିବା ଏହି ନ୍ୟାଶନାଲ ଲେଭେଲ୍ ଶର୍ଟ ଟର୍ମ ଟ୍ରେନିଂ ପ୍ରୋଗ୍ରାମ ଅନ୍ ଷ୍ଟାଟିଷ୍ଟିକାଲ୍ ମେଶିନ ଲର୍ନିଂ (ଏନ୍ଏଲ୍ଏସ୍‌ଟିଟିପି-୨୦୨୩) ପ୍ରୋଗ୍ରାମ ଅନେକ ଆଗ୍ରହୀ ଶିକ୍ଷାର୍ଥୀଙ୍କୁ ଆକର୍ଷିତ କରିଛି। ଏହି ପରିପ୍ରେକ୍ଷୀରେ ଆଇଆଇଆଇଟି ଖଡଗପୁରର ଗଣିତ ବିଭାଗ ଅଧୀନ ସେଣ୍ଟର ଫର୍ ଏକ୍ସିଲେନ୍ସ ଇନ୍ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସରେ ଡ. ବୁଦ୍ଧାନନ୍ଦ ବାନାର୍ଜୀ ଏବଂ ଏମ୍ଏନ୍ଆଇଟି ଜୟପୁର ସ୍ଥିତ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ଡ. ଦୀପକ ରଞ୍ଜନ ନାୟକ ବିଶେଷଜ୍ଞ ଭାବେ ଯୋଗଦେଇଥିବା ପ୍ରୋଗ୍ରାମ ଚେୟାର ପ୍ରଫେସର ଦେବାହୁତି ମିଶ୍ର ମତପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନ ଓ କ୍ଷେତ୍ରର ପ୍ରାୟ ୧୨୫ ଜଣ ଅଂଶଗ୍ରହଣକାରୀ ଯୋଗଦେଇଥିବାରୁ ଆମେ ବେଶ୍ ଉତ୍ସାହିତ। ଏହା ବିଶ୍ୱସ୍ତରର ଶିଳ୍ପ କ୍ଷେତ୍ରରେ ହେଉଥିବା ପରିବର୍ତ୍ତନ ଓ ଷ୍ଟାଟିଷ୍ଟିକାଲ୍ ମେଶିନ ଲର୍ନିଂର ଗୁରୁତ୍ୱ ଓ ପ୍ରାସଙ୍ଗିକତାକୁ ପ୍ରତିଫଳନ କରୁଛି ବୋଲି ପ୍ରଫେସର ମିଶ୍ର କହିଥିଲେ। ଉଦ୍‌ଘାଟନୀ ସମାରୋହରେ ଡ. ବାନାର୍ଜୀ ଅଂଶଗ୍ରହଣକାରୀ ଓ ଗବେଷଣା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଷ୍ଟାଟିଷ୍ଟିକାଲ୍ ମେଶିନ ଲର୍ନିଂର ଭବିଷ୍ୟତ ସମ୍ଭାବନା ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବହୁବିଧ ଗବେଷଣା କ୍ଷେତ୍ରରେ ମେଶିନ ଲର୍ନିଂ ଉପରେ ଗୁରୁତ୍ୱାରୋପ କରିବା ସହ ଏହି ପ୍ରଶିକ୍ଷଣ ଅଧିବେଶନରୁ ଲାଭବାନ ହେବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ସେହିଭଳି ଆଇଟିଇଆର୍‌ର ଡିନ୍ ପ୍ରଫେସର ପି.କେ.ସାହୁ କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ବିଭାଗ ଓ ସେଣ୍ଟର ଅଫ୍ ଆର୍ଟିଫିସିଆଲ ଇନ୍‌ଟେଲିଜେନ୍ସ ଆଣ୍ଡ ମେଶିନ ଲର୍ନିଂ ପକ୍ଷରୁ ଆୟୋଜିତ ଏହି ସ୍ୱଳ୍ପକାଳୀନ ପ୍ରଶିକ୍ଷଣ ଶିବିରକୁ ଉଚ୍ଚ ପ୍ରଶଂସା କରିଥିଲେ। ସେହିପରି ପ୍ରଫେସର ମିଶ୍ର କହିଥିଲେ, ଏହି ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟ ହେଉଛି, ଷ୍ଟାଟିଷ୍ଟିକାଲ୍ ମେଶିନ ଲର୍ନିଂର ମୌଳିକ ତତ୍ତ୍ୱକୁ ସ୍ପଷ୍ଟ କରିବା ଏବଂ ଏକ ସୁଦୃଢ଼ ତାତ୍ତ୍ୱିକ ଭିତ୍ତି ନିର୍ମାଣ କରିବା। ଉକ୍ତ କାର୍ଯ୍ୟକ୍ରମର ଆବାହକ ଡ. ଅଭିଜିତ ସୂତ୍ରଧର ଧନ୍ୟବାଦ ଅର୍ପଣ କରିବା ଅବସରରେ କାର୍ଯ୍ୟକ୍ରମର ଅର୍ଗାନାଇଜିଂ ଚେୟାର ଡ. ମନୋରଞ୍ଜନ ପାଢ଼ୀ, ଅର୍ଗାନାଇଜିଂ କୋ-ଚେୟାର ଡ.ଅଳକାନନ୍ଦ ତ୍ରିପାଠୀ ଓ ଡ. ସ୍ୱାଧୀନ କୁମାର ବରିସାଲ୍‌ଙ୍କ ସମେତ ଅନ୍ୟମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ।



# ମନଇଚ୍ଛା ଧରି ପାରିବେନି ସାପ

■ ଜାରି ହେଲା ଗାଇଡ ଲାଇନ
■ ୨ ଦିନିଆ ତାଲିମ ସହ ସାର୍ଟିଫିକେଟ ନେବା ବାଧ୍ୟତାମୂଳକ
■ ୫ ବର୍ଷିଆ ସାର୍ଟିଫିକେଟ ଦେବେ ଡିଏଫ୍‌ଓ
■ ବୀମା, ସାପ ଧରିବା କୀଟ୍ ଯୋଗାଇବ ଓସ୍‌ଡମା

ଭୁବନେଶ୍ୱର,୯।୮(ଅନିଲ ଦାସ)

ରାଜ୍ୟରେ ସାପ କାମୁଡ଼ାରେ ପ୍ରତିବର୍ଷ ଅନେକ ଲୋକଙ୍କ ଜୀବନ ଯାଉଛି। ସାପଗୁଡ଼ିକ ଜନବସତିକୁ ପଶି ଆସୁଥିବାରୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହେଉଛି। ଗତ କିଛିଦିନ ହେବ ରାଜ୍ୟରେ ସାପ ଆତଙ୍କ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ସାପ ଧରିବା ଓ ସେମାନଙ୍କୁ ସୁରକ୍ଷିତ ସ୍ଥାନରେ ଛାଡ଼ିବା ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ରାଜ୍ୟ ସରକାର ଗାଇଡ୍‌ଲାଇନ ଜାରି କରିଛନ୍ତି। ସାପଧରାଳିମାନଙ୍କୁ ଏଥିପାଇଁ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗରୁ ସାର୍ଟିଫିକେଟ ନେବା ବାଧ୍ୟତାମୂଳକ। ବନ୍ୟପ୍ରାଣୀ (ସୁରକ୍ଷା) ଆଇନ-୧୯୭୨ର ସେକ୍ସନ-୧୧ ଅନୁଯାୟୀ ତାଲିମ ଓ ସାର୍ଟିଫିକେଟ ପ୍ରଦାନ କରାଯିବ। ସେମାନଙ୍କ ପାଇଁ ୨ ଦିନିଆ ତାଲିମକୁ ବାଧ୍ୟତାମୂଳକ କରାଯାଇଛି। ଏହି ସାର୍ଟିଫିକେଟ ୫ ବର୍ଷ ପାଇଁ ବୈଧ ରହିବ। ତାଲିମ ପରେ ଡିଏଫ୍‌ଓ ସାର୍ଟିଫିକେଟ ପ୍ରଦାନ କରିବେ। ଯଦି କୌଣସି ତାଲିମପ୍ରାପ୍ତ ସାପଧରାଳି ବେଆଇନ କାର୍ଯ୍ୟରେ ଲିପ୍ତ ରହିବେ ତେବେ ତାଙ୍କ ସାର୍ଟିଫିକେଟକୁ ରଦ୍ଦକରି ଦିଆଯିବ। ସରକାରୀ ସ୍ୱୀକୃତିପ୍ରାପ୍ତ ସାପଧରାଳିଙ୍କ ନାମ ଜଙ୍ଗଲ ବିଭାଗ ୱେବ୍‌ସାଇଟରେ ପ୍ରକାଶ କରାଯିବ। ଏଥିସହିତ ବିଭିନ୍ନ ଜିଲା ଓ ପୌରାଞ୍ଚଳରେ ମଧ୍ୟ ଏ ନେଇ ସୂଚନା ପ୍ରଦାନ କରାଯିବ। ତାଲିମପ୍ରାପ୍ତ ସାପଧରାଳି ବିଭିନ୍ନ ଅଞ୍ଚଳରୁ ଆସୁଥିବା ପ୍ରକୃତ କଲ୍‌ଗୁଡ଼ିକୁ ଗ୍ରହଣ କରି ସାପ ଧରିବାରେ ସହାୟତା କରିବେ। ଯେଉଁଠୁ କଲ୍ ଆସିବ ସାପ କାମୁଡ଼ିବା କିମ୍ବା ଏଥିଯୋଗୁ ମୃତ୍ୟୁ ବିଷୟରେ ସାପଧରାଳି ସେମାନଙ୍କୁ ସରକ୍ଷା ସମ୍ପର୍କରେ କି ପଦକ୍ଷେପ ନେବେ ତାହା ଜଣାଇବେ। ଯଦି ସାପ କାହାର କ୍ଷତି କରି ନ ଥିବ ତେବେ ତାକୁ ଧରିବାକୁ ଉଦ୍ୟମ ନ କରିବାକୁ କୁହାଯାଇଛି। ଯଦି ସାପ ପ୍ରାକୃତିକ ଆବାସସ୍ଥଳୀରେ ରହିଛି ତେବେ ତାକୁ ହଇରାଣ ନ କରିବାକୁ ପରାମର୍ଶ ଦିଆଯାଇଛି। ସାପକୁ କେଉଁଠି ଛଡ଼ାଯିବ ଓ ଜଙ୍ଗଲ ବିଭାଗ କର୍ମଚାରୀମାନଙ୍କ ଦାୟିତ୍ୱ କ'ଣ ରହିବ ସେ ନେଇ ଗାଇଡ୍‌ଲାଇନରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ବିଭାଗରୁ ସାର୍ଟିଫିକେଟ ପାଇଥିବା ସାପଧରାଳିଙ୍କ ପାଇଁ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ(ଓଏସ୍‌ଡିଏମ୍‌ଏ) ପକ୍ଷରୁ ଦିଆଯାଉଥିବା ଗ୍ରୁପ୍ ଇନ୍‌ସ୍ୟୁରାନ୍ସରେ ସାମିଲ କରାଯିବ। ସାପ ଧରିବା ପାଇଁ ଓସ୍‌ଡମା ପକ୍ଷରୁ ଯନ୍ତ୍ରପାତି ଯୋଗାଇ ଦିଆଯିବ। ଏଠାରେ ସୂଚନାଯୋଗ୍ୟ ଯେ ଗତ ୭ ବର୍ଷରେ ରାଜ୍ୟରେ ୬୩୫୧ ସାପ କାମୁଡ଼ା ଘଟଣା ହୋଇଛି।

# ପୁତୁରାକୁ ଛୁରି ଭୁସି ହତ୍ୟା, ମଉସା ଗିରଫ

■ ୪ ଗୁରୁତରଙ୍କୁ କଟକ ସ୍ଥାନାନ୍ତର

ପୁରୀ,୯।୮(ଅଜିତ ମହାନ୍ତି)

ପାରିପାରିକ କଳହକୁ ନେଇ ପୁରୀରେ ଏକ ହତ୍ୟାକାଣ୍ଡ ଘଟିଛି। ମଉସା ଛୁରିରେ ଆକ୍ରମଣ କରିବାରୁ ପୁତୁରାଙ୍କ ମୃତ୍ୟୁ ଘଟିଥିବା ବେଳେ ଶ୍ୱଶୁର ଘର ଲୋକ ଗୁରୁତର ଆହତ ହୋଇଛନ୍ତି। କୁମ୍ଭାରପଡା ଥାନା ଅନ୍ତର୍ଗତ ପୁରୀ ଉପରମାଳି ସାହି ତାତାମ୍ବରୀ ଆଖଡା ମଠ ନିକଟରେ ବୁଧବାର ଏହି ହତ୍ୟାକାଣ୍ଡ ଘଟିଛି। ମୃତକ ହେଉଛନ୍ତି ଉପର ମାଳି ସାହିରେ ଭଡ଼ା ଘରେ ରହୁଥିବା ଛଇତନା ଅଧୀନ ଗଇଣ୍ଡୋଳ ଗ୍ରାମର ସୌମ୍ୟରଞ୍ଜନ ପ୍ରଧାନ (୨୨)। ସେହିପରି ଆକ୍ରମଣରେ ସୌମ୍ୟରଞ୍ଜନଙ୍କ ବାପା, ମା, ମାଉସୀ, ଆଇ ଆଦି ଆହତ ହୋଇଛନ୍ତି। ଆହତମାନଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ ଆକ୍ରମଣ କରିଥିବା ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ସୌମ୍ୟରଞ୍ଜନଙ୍କ ମଉସା ତଥା ଉକ୍ତ ଥାନା ଅନ୍ତର୍ଗତ ପୁରୀ ଉପରମାଳି ସାହିର ନୃସିଂହ ମହାନ୍ତି। ଏ ନେଇ ସୌମ୍ୟରଞ୍ଜନଙ୍କ ପରିବାରପକ୍ଷରୁ ହୋଇଥିବା ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୭୧/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ତେବେ ନୃସିଂହଙ୍କ ସ୍ତ୍ରୀ ନନ୍ଦିନୀ ମହାନ୍ତିଙ୍କ କହିବା ଅନୁଯାୟୀ, ତାଙ୍କ ସ୍ୱାମୀ ଅଧିକାଂଶ ସମୟ ନିଶା ଖାଇ ଅସଭ୍ୟ ଭାଷାରେ ତାଙ୍କୁ ଗାଳିଗୁଲଜ କରିବା ସହ ସନ୍ଦେହ କରି ମାରପିଟ କରନ୍ତି। କିଛି ବର୍ଷ ହେବ ତାଙ୍କ ଦୁହିଁଙ୍କ ମଧ୍ୟରେ କୋର୍ଟରେ କେସ୍ ଚାଲିଛି। ଏପରିକି ନୃସିଂହଙ୍କ ନିର୍ଯାତନା ସହି ନପାରି ନନ୍ଦିନୀ ବାପଘରେ ଆସି ରହୁଥିଲେ। ତାଙ୍କ ବାପଘର ପାଖରେ ତାଙ୍କ ଭଉଣୀ ମଧ୍ୟ ଭଡ଼ାଘର ନେଇଛନ୍ତି। ଯେଉଁଠାରେ ତାଙ୍କ ଭଉଣୀଙ୍କ ପୁଅ, ଝିଅ ରହି ପାଠ ପଢୁଥିଲେ। ତେବେ ତାଙ୍କ ଭଉଣୀ ଜଣେ ଅଙ୍ଗନୱାଡି କର୍ମୀ ହୋଇଥିବାରୁ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମଙ୍ଗଳବାର ରାତିରେ ପୁରୀ ଆସିଥିଲେ। ତେବେ ନୃସିଂହ ବୁଧବାର ସକାଳେ ତାଙ୍କ ଘରକୁ ଆସି ନନ୍ଦିନୀ ଓ ପରିବାର ଲୋକଙ୍କ ପାଟିତୁଣ୍ଡ କରିବା ସହ ମାରିଦେବା ପାଇଁ ଧମକ ଦେଇଥିଲା। ତେବେ ଏ ଘଟଣାକୁ ନେଇ ନୃସିଂହ ପାଖକୁ ନନ୍ଦିନୀଙ୍କ ଭଉଣୀ, ଭିଣେଇ, ବାପା, ଭାଇ, ସୌମ୍ୟରଞ୍ଜନ ଯାଇ ପାଟିତୁଣ୍ଡ କରିଥିଲେ। ଏଥିରେ ନୃସିଂହ ଉତ୍ୟକ୍ତ ହୋଇ ଅପରାହ୍ନ ୨ଟାରେ ଶ୍ୱଶୁରଘରକୁ ଯାଇ ଏକ ଧାରୁଆ ଛୁରି ଧରି ପରିବାରର ୫ଜଣଙ୍କୁ ଆକ୍ରମଣ କରିଥିଲା। ଫଳରେ ସୌମ୍ୟରଞ୍ଜନଙ୍କ ସମେତ ୫ଜଣ ଗୁରୁତର ହୋଇଥିଲେ। ତେବେ ସମସ୍ତଙ୍କୁ ଚିକିତ୍ସା ପାଇଁ ସଦରମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ସୌମ୍ୟଙ୍କୁ ଡାକ୍ତର ମୃତ ଘୋଷଣା କରି ବ୍ୟବଚ୍ଛେଦ କରିବା ପାଇଁ ପଠାଇଥିବା ବେଳେ ଅନ୍ୟ ଗୁରୁତରମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଅପରପକ୍ଷେ ଘଟଣା ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତ ନୃସିଂହଙ୍କୁ ଗିରଫ କରିଛି।

# ନୃତତ୍ତ୍ୱ ଅବହେଳିତ ବର୍ଗଙ୍କୁ ସଶକ୍ତ କରିଥାଏ




କିସ୍ ବିଶ୍ୱବିଦ୍ୟାଳୟରେ ଆୟୋଜିତ ବିଶ୍ୱ ନୃତତ୍ତ୍ୱ କଂଗ୍ରେସରେ ମଞ୍ଚାସୀନ ଅତିଥି।

## ବିଶ୍ୱ ନୃତତ୍ତ୍ୱ କଂଗ୍ରେସ ଉଦ୍‌ଘାଟିତ

ଭୁବନେଶ୍ୱର, ୯।୮ (ଅସମାପିକା ସାହୁ)

କିସ୍ ବିଶ୍ୱବିଦ୍ୟାଳୟରେ ବୁଧବାର ବିଶ୍ୱ ନୃତତ୍ତ୍ୱ କଂଗ୍ରେସ ଉଦ୍‌ଘାଟିତ ହୋଇଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ୟୁନାଇଟେଡ୍ ଇଣ୍ଡିଆ ଆନ୍ଥ୍ରୋପୋଲୋଜି ଫୋରମ, ଉତ୍କଳ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସହଯୋଗରେ ଅନୁଷ୍ଠିତ ଏହି କଂଗ୍ରେସ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କଂଗ୍ରେସର ବିଷୟବସ୍ତୁ 'ଆନ୍ଥ୍ରୋପୋଲୋଜି ଇନ୍ ପବ୍ଲିକ୍ ସ୍ପିଅର୍: ଇଣ୍ଡିଜେନିଟି, ସୋସିଆଲ୍ ଜଷ୍ଟିସ୍, ସଷ୍ଟେନେବିଲିଟି ଏବଂ ଗ୍ଲୋବାଲ୍ ପିସ୍' ରଖାଯାଇଛି। ସମ୍ମିଳନୀରେ ଭାରତ ସମେତ ବିଶ୍ୱର ବିଭିନ୍ନ ଦେଶରୁ ୧୨ଶହରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଛନ୍ତି। ଜାତୀୟ ସ୍ମାରକ କର୍ତ୍ତୃପକ୍ଷର ଅଧ୍ୟକ୍ଷ ତଥା ଭାରତର ନୃତତ୍ତ୍ୱ ସର୍ବେକ୍ଷଣ ନିର୍ଦ୍ଦେଶକ ପ୍ରଫେସର କିଶୋର କୁମାର ବାସା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ନୃତତ୍ତ୍ୱ ଅବହେଳିତ ଓ ନିଷ୍ପେଷିତ ବର୍ଗକୁ ସ୍ୱର ପ୍ରଦାନ କରିଥାଏ। ନୃତତ୍ତ୍ୱବିତ୍‌ମାନେ ବିକାଶର ବିରୋଧୀ ବୋଲି ସାଧାରଣରେ ଯେଉଁ ଧାରଣା ରହିଛି ତାହା ଭୁଲ୍। ପ୍ରକୃତି ଓ ପରିବେଶକୁ ସୁରକ୍ଷିତ ରଖି କିଭଳି ବିକାଶ କରାଯାଇପାରିବ, ତା'ଉପରେ ନୃତତ୍ତ୍ୱବିତ୍‌ମାନେ ଗୁରୁତ୍ୱ ଦେଇଥାନ୍ତି ବୋଲି ପ୍ରଫେସର ବାସା କହିଥିଲେ। ଜନଜାତି ସମ୍ପ୍ରଦାୟ ପ୍ରକୃତି ଓ ଦେଶୀୟ ସଂସ୍କୃତି ମଧ୍ୟରେ ସନ୍ତୁଳନ ରକ୍ଷାକରି ଜୀବନ ଜିଇଁ ଆସୁଛନ୍ତି। ସେମାନଙ୍କଠାରୁ ଆମେ ସମସ୍ତେ ପ୍ରେରଣା ନେବା ଉଚିତ ବୋଲି ସେ କହିଥିଲେ। ଏହି କଂଗ୍ରେସରେ ନୃତତ୍ତ୍ୱ ପାଇଁ ରହିଥିବା ବିଭିନ୍ନ ଚ୍ୟାଲେଞ୍ଜ ଉପରେ ଆଲୋଚନା ହେବା ସହ ନୀତି ନିର୍ଦ୍ଧାରଣ, ଶାସନ ଉପରେ ଯେଉଁସବୁ ପ୍ରଭାବ ରହିଛି ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବାକୁ ସେ ପରାମର୍ଶ ଦେଇଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏକ ବାର୍ତ୍ତାରେ କହିଥିଲେ, ଏକ ନ୍ୟାୟସଙ୍ଗତ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବୈଶ୍ୱିକ ସମାଜ ଗଠନରେ ପଥ ପ୍ରଶସ୍ତ କରିବାରେ ନୃତତ୍ତ୍ୱର କ୍ଷମତା ରହିଛି। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କିସ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ସତ୍ୟ ଏସ୍. ତ୍ରିପାଠୀ, ୱାକ-ନାକ୍ ଅଧ୍ୟକ୍ଷ ତଥା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପି.ସି. ଯୋଶୀ, ୟୁଆଇଏଏଫ୍ ପୃଷ୍ଠପୋଷକ ପ୍ରଫେସର ପି.କେ. ମୁଟାଟକର୍, ପ୍ରଫେସର ପି. କେ. ମିଶ୍ର, ୟୁନିସେଫ୍ ପରାମର୍ଶଦାତା ପ୍ରଫେସର ଅଖିଳ ବିହାରୀ ଓତା, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ. ନାଗରାଜୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ଅଧ୍ୟକ୍ଷତା କରିଥିବାବେଳେ ୟୁଆଇଏଏଫ୍‌ର ସଦସ୍ୟ ସଚିବ ପ୍ରଫେସର ଏସ୍. ଗ୍ରିଗୋରୀ ଧନ୍ୟବାଦ ଦେଇଥିଲେ।

# ଶିକାର ଅଭିଯୋଗରେ ବାପଝିଅ କୋର୍ଟ ଚାଲାଣ

ବୌଦ୍ଧ,୯।୮(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା କୁଶଙ୍ଗ ବନ୍ୟପ୍ରାଣୀ ରେଞ୍ଜ ପକ୍ଷରୁ ମଙ୍ଗଳବାର ହରଭଙ୍ଗା ବ୍ଲକ ପଦ୍ମତୋଳା ଗ୍ରାମର ଉତ୍ତମ ପ୍ରଧାନ ( ୬୦)ଙ୍କ ଘରେ ଚଢାଉ କରାଯାଇଥିଲା। ଚଢାଉ ସମୟରେ ବନ ବିଭାଗ କର୍ମଚାରୀମାନେ ତାଙ୍କ ଘରୁ ଦେଶୀବନ୍ଧୁକ, ଶିକାର ପାଇଁ ବ୍ୟବହୃତ ଟାଙ୍ଗି, ଗନ୍ ପାଉଡର ଓ ବ୍ରଜକାପ୍ତା କାତି ଜବତ କରିଛନ୍ତି। ଶିକାର କରିବା ଅଭିଯୋଗରେ ଉତ୍ତମ ଓ ତାଙ୍କ ବିବାହିତା ଝିଅ ସାବିତ୍ରୀ ମାଝୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପଦ୍ମତୋଳା ଗ୍ରାମ ସାତକୋଶିଆ ଅଭୟାରଣ୍ୟର କୋର ଅଞ୍ଚଳରେ ଥିବାରୁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଉତ୍ତମଙ୍କ ପରିବାରକୁ ଅନ୍ୟତ୍ର ଚାଲି ଯିବାକୁ କୁହାଯାଇଥିଲା। ଏନେଇ ବନ ବିଭାଗ କର୍ମଚାରୀଙ୍କ ସହ ପୂର୍ବରୁ ପାଟିତୁଣ୍ଡ ହୋଇଥିଲା। ଫଳରେ ତାଙ୍କୁ ହଇରାଣ କରିବାକୁ ଚଢାଉ କରାଯାଇଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି ।

# ନିଆଳିରେ ୫-ଟି ସଚିବଙ୍କୁ ବିରୋଧ



ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଭାଜପା ଯୁବମୋର୍ଚ୍ଚା କର୍ମୀମାନେ କଳାପତାକା ପ୍ରଦର୍ଶନ କରୁଛନ୍ତି।

ନିଆଳି,୯।୮(ସୁକାନ୍ତ ସିଂ)

କଟକ ଜିଲା ନିଆଳି ହାଇସ୍କୁଲ ପଡିଆରେ ବୁଧବାର ଅପରାହ୍ନରେ ଏକ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଯୋଗଦେଇ ଉଦ୍‌ବୋଧନ ଦେବା ସହ ଲୋକମାନଙ୍କଠାରୁ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ହେଲେ ଏହା ପୂର୍ବରୁ ନିଆଳି ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ତାଙ୍କୁ ବିରୋଧ କରାଯାଇ କଳାପତାକା ପ୍ରଦର୍ଶନ କରାଯାଇଥିଲା। ସଚିବଙ୍କ ଗସ୍ତ କାର୍ଯ୍ୟକ୍ରମର ଅଧଘଣ୍ଟା ପୂର୍ବରୁ ଭାଜପା ଯୁବମୋର୍ଚ୍ଚା କର୍ମୀ ତ୍ରିଲୋଚନ ବେହେରାଙ୍କ ନେତୃତ୍ୱରେ ସ୍ଥାନୀୟ ତହସିଲ ଛକଠାରୁ କର୍ମୀମାନେ କଳାପତାକା ଧରି ଏକ ଶୋଭାଯାତ୍ରାରେ ବାହାରି ପାଣ୍ଡିଆନ୍ ଗୋବ୍ୟାକ୍ ସ୍ଲୋଗାନ୍ ଦେଇ ବଜାର ପରିକ୍ରମା କରିଥିଲେ। ଏହାପରେ ସଭାସ୍ଥଳ ମୁଖ୍ୟଫାଟକ ନିକଟରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ବସି ପ୍ରତିବାଦ କରିଥିଲେ। ଏଥିରେ ଯୁବମୋର୍ଚ୍ଚା କର୍ମୀ ଶକ୍ତିରଞ୍ଜନ ନାୟକ, ବିଶ୍ୱଜିତ୍ ସ୍ୱାଇଁ, ଜଗନ୍ନାଥ ବିଶ୍ୱାଳ, ଜିତେନ୍ଦ୍ର ସ୍ୱାଇଁ, ମିହିର ନାୟକ, ସନାତନ ଭୋଇ, ଆଶିଷ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ପରେ ପୋଲିସ ସେମାନଙ୍କୁ ସେଠାରୁ ଉଠାଇ ନେଇ ଛାଡି ଦେଇଥିଲା।

# ହାଇଦ୍ରାବାଦରୁ ଅଣାଗଲା ଓଡ଼ିଆ ଛାତ୍ରୀଙ୍କ ମୃତଦେହ



ମୃତ ଛାତ୍ରୀ ମମିତା ନାଏକ

ଅମରପାଲି,୯।୮(ପୀତାମ୍ବର ସାହୁ)

ହାଇଦ୍ରାବାଦ ଆଇଆଇଟିରେ ଏମ୍‌ଟେକ୍ ପଢୁଥିବା ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଡୁଙ୍ଗୁରୀ ଗ୍ରାମର ଛାତ୍ରୀ ମମିତା ନାଏକ(୨୧)ଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି । ସୋମବାର ତାଙ୍କ ଝୁଲନ୍ତା ମୃତଦେହ ସେଠାରୁ ଜବତ ହୋଇଥିଲା। ସେଠାକାର ପୋଲିସ ଓ ଆଇଆଇଟି କର୍ତ୍ତୃପକ୍ଷ ସେ ଆତ୍ମହତ୍ୟା କରିଥିବା କହୁଥିବା ବେଳେ ପରିବାର ଲୋକେ ରାଗିଂ କରି ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ବୁଧବାର ଅପରାହ୍ନରେ ଛାତ୍ରୀଙ୍କ ମୃତଦେହ ନିଜ ଗ୍ରାମ ଡୁଙ୍ଗୁରୀରେ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା। ଗ୍ରାମବାସୀ, ଆତ୍ମୀୟସ୍ୱଜନ, ମୃତକଙ୍କ ସାଙ୍ଗସାଥୀ, ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରିଥିଲେ। ମମିତାଙ୍କ କାକା ପ୍ରସାଦ ନାଏକ ଓ ଅନ୍ୟ ଜଣେ ସମ୍ପର୍କୀୟ ଦାମୋଦର ହୋତା ମୃତଦେହ ଆଣିବାକୁ ଯାଇଥିଲେ । ମୃତଦେହ ଏୟାର ଲିଫ୍ଟରେ ହାଇଦ୍ରାବାଦରୁ ଭୁବନେଶ୍ୱର ଆଣିବା ପରେ ସେଠାରୁ ଏକ ଆମ୍ବୁଲାନ୍ସ ଯୋଗେ ଘରକୁ ଅଣାଯାଇଥିଲା । ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ମମିତାଙ୍କ ଅନ୍ତିମ ସଂସ୍କାର କରାଯାଇଛି । ତାଙ୍କ ବାପା ଦୁଃଖୀଶ୍ୟାମ ନାଏକ ମୁଖାଗ୍ନି ଦେଇଥିଲେ। ଉଚ୍ଚଶିକ୍ଷା ପାଇଁ ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନକୁ ଯାଇ ମୃତଦେହ ଗ୍ରାମକୁ ଫେରିବା ଘଟଣାକୁ ସହଜରେ କେହି ଗ୍ରହଣ କରି ପାରୁନାହାନ୍ତି।

# ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କୁ ଆଜୀବନ ଜେଲ

**ଜୋରାଗାଡ଼ିଆ ବଧୂହତ୍ୟା ମାମଲା**

ଅନୁଗୋଳ, ୯।୮ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବଁଅରପାଳ ଥାନା ଜୋରାଗାଡ଼ିଆ ଗାଁରେ ୨୦୨୦ରେ ଘଟିଥିବା ଏକ ବଧୂହତ୍ୟା ମାମଲାର ରାୟ ବୁଧବାର ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ଜଜ୍ ରଞ୍ଜିତା ଜ୍ୟୋତିଷୀ ଅଭିଯୁକ୍ତ ସ୍ୱାମୀ ବିକ୍ରମ ରାଉତ(୨୫), ଶ୍ୱଶୁର ପ୍ରଫୁଲ୍ଲ ରାଉତ(୫୦) ଓ ଶାଶୁ ବିଳାସ ରାଉତ(୪୫)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ୨୦୧୯ରେ ଢେଙ୍କାନାଳ ଜିଲା ତୁମୁସିଂହା ଥାନା କନ୍ତିଓ ଗ୍ରାମର ଅନନ୍ତ ଚନ୍ଦ୍ର ପରିଡ଼ାଙ୍କ ଝିଅ ସ୍ୱର୍ଣ୍ଣପ୍ରଭା ପରିଡା ଅନୁଗୋଳ ବୁଢ଼ୀ ଠାକୁରାଣୀ ମନ୍ଦିରରେ ବଁଅରପାଳ ଥାନା ଜୋରାଗାଡ଼ିଆ ଗ୍ରାମର ବିକ୍ରମ ରାଉତଙ୍କୁ ବିବାହ କରିଥିଲେ। କିନ୍ତୁ ୨୦୨୦ ଫେବୃୟାରୀ ୨ରେ ସ୍ୱର୍ଣ୍ଣପ୍ରଭାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଥିଲା। ସ୍ୱର୍ଣ୍ଣପ୍ରଭାଙ୍କୁ ଯୌତୁକ ପାଇଁ ତଣ୍ଟି ଚିପି ହତ୍ୟା କରାଯାଇଥିବା ତାଙ୍କ ବାପା ବଁଅରପାଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୨୮/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କୁ ଗିରଫ କରିଥିଲା। କିନ୍ତୁ କୋର୍ଟରେ ମାମଲା ଚାଲିଥିବାବେଳେ ସ୍ୱର୍ଣ୍ଣପ୍ରଭାଙ୍କ ବାପା ତଥା ଅଭିଯୋଗକାରୀ ଅନନ୍ତ ଚରଣ ପରିଡ଼ା, ଭାଇ ଜ୍ୟୋତିରଞ୍ଜନ ପରିଡ଼ା, ଶୁଭେନ୍ଦୁ ପ୍ରକାଶ ପରିଡ଼ା ସେମାନଙ୍କ ମତ ବଦଳାଇ ଦେଇଥିଲେ। ସ୍ୱର୍ଣ୍ଣପ୍ରଭା ବାଡ଼ିକୁ ଯାଇଥିବାବେଳେ ବେକ ଉପରେ ବାଉଁଶ ଓ ମୁଣ୍ଡରେ ଅମୃତ ଭଣ୍ଡା ପଡ଼ିବାରୁ ମୃତ୍ୟୁ ହୋଇଥିବା ବୟାନ ଦେଇଥିଲେ। କିନ୍ତୁ ଡାକ୍ତରୀ ରିପୋର୍ଟ ଓ ଡାକ୍ତର ସାକ୍ଷୀ ସ୍ୱର୍ଣ୍ଣପ୍ରଭାଙ୍କ ତଣ୍ଟି ଚିପି ହତ୍ୟା କରାଯାଇଥିବା ସାକ୍ଷୀ ଦେଇଥିଲେ। ତେଣୁ ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରାଜଜ୍ ମୋଟ ୧୦ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ୩ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ତାପସ ରଞ୍ଜନ ମିଶ୍ର ପରିଚାଳନା କରିଥିଲେ।

# ଦୁଇ ମହିଳା ଗୋଷ୍ଠୀ ହାତାହାତି

ଭୁବନେଶ୍ୱର,୯।୮ (ସୂର୍ଯ୍ୟକାନ୍ତ ବେହେରା)

ଗାଡ଼କଣ ଶବର ସାହି ବସ୍ତି ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ କୌଣସି କାରଣକୁ ନେଇ ଦୁଇ ଗୋଷ୍ଠୀର ମହିଳାଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଫଳରେ ୨ରୁ ଅଧିକ ଆହତ ହୋଇଛନ୍ତି। କେତେଜଣ ମହିଳା ବିପକ୍ଷ ଗୋଷ୍ଠୀର ଜଣେ ମହିଳାଙ୍କୁ ଉଠାଇଆଣି ଏକ ଘରେ ବନ୍ଦ କରି ରଖିଥିଲେ। ଖବର ପାଇ ପୋଲିସ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିଥିଲା। ଏଥିସହ କେତେଜଣ ମହିଳାଙ୍କୁ ଥାନାକୁ ନେଇ ଘଟଣା ବିଷୟରେ ପଚରାଉଚରା କରିବା ସହ ଗଣ୍ଡଗୋଳର ଆପୋସ ସମାଧାନ କରି ସର୍ତ୍ତରେ ସମସ୍ତଙ୍କୁ ଛାଡିଥିବା ସୂଚନା ମିଳିଛି। ସୂଚନାନୁସାରେ ଗୋଟିଏ ମହିଳା ଗୋଷ୍ଠୀ କୌଣସି କାରଣରୁ ଅନ୍ୟ ଏକ ମହିଳା ଗୋଷ୍ଠୀଙ୍କୁ ଗାଳିଗୁଲଜ କରିଥିଲେ। ଫଳରେ ବଚସା ହୋଇ ଗଣ୍ଡଗୋଳ ହୋଇଥିଲା। ଖବରପାଇ ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ହେଲେ ଉକ୍ତ ସ୍ଥାନଟି ଚନ୍ଦ୍ରଶେଖରପୁର ଥାନା ଅଧୀନରେ ଜଣାପଡିବା ପରେ ଏହି ଥାନାକୁ ସୂଚନା ଦିଆଯାଇଥିଲା।

# ଶିମିଳିପାଳକୁ ସମ୍ପୂର୍ଣ୍ଣ ସୁରକ୍ଷା ଦିଆଯିବ



ସମୀକ୍ଷା ବୈଠକରେ ଡିଜିପି ସୁନୀଲ କୁମାର ବଂଶଲ ଓ ଅନ୍ୟମାନେ।

■ ମୟୂରଭଞ୍ଜ ଗସ୍ତରେ ଆସି ସମୀକ୍ଷା କଲେ
■ ଜବତ ୧୬୫ ଦେଶୀ ବନ୍ଧୁକ, ଅସ୍ତ୍ରଶସ୍ତ୍ର ପ୍ରଦର୍ଶିତ

ବାରିପଦା, ୯।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସୁନୀଲ କୁମାର ବଂଶଲ ବୁଧବାର ମୟୂରଭଞ୍ଜ ଜିଲା ଗସ୍ତରେ ଆସି କ୍ଲିନ୍ ଶିମିଳିପାଳ ଅପରେଶନ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଶିମିଳିପାଳ କେବଳ ମୟୂରଭଞ୍ଜର ନୁହେଁ, ଏହା ଓଡ଼ିଶାର। ତେଣୁ ପ୍ରସିଦ୍ଧ ଶିମିଳିପାଳ ଅଭୟାରଣ୍ୟକୁ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଡିଜିପି ପ୍ରକାଶ କରିଛନ୍ତି। ସର୍ଚ୍ଚ ଅପରେଶନ ଜାରି ରହିବା ସହ ଶିକାର ରୋକିବାକୁ ଜଏଣ୍ଟ ଟାସ୍କଫୋର୍ସ ମାଧ୍ୟମରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଡିଜିପି କହିଥିଲେ।

ସୂଚନା ଅନୁଯାୟୀ, ଶିମିଳିପାଳ ଅଭୟାରଣ୍ୟରେ କାର୍ଯ୍ୟରତ ୨ ବନ କର୍ମଚାରୀ ଶିକାରୀଙ୍କ ଗୁଳିରେ ନିହତ ହେବା ଘଟଣାକୁ ନେଇ ସାରା ରାଜ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏନେଇ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ କରାଯାଇ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇ ଚଢ଼ାଉ ଆରମ୍ଭ ହୋଇଥିଲା। ଜୁନ୍ ୧୮ରୁ ପୋଲିସ ଓ ବନ ବିଭାଗ ପକ୍ଷରୁ ମିଳିତ ଭାବେ ଶିମିଳିପାଳକୁ ଶିକାରୀମୁକ୍ତ କରିବା ପାଇଁ ଅଭୟାରଣ୍ୟ ନିକଟବର୍ତ୍ତୀ ୧୪ଟି ଥାନା ଅଧୀନ ଜଙ୍ଗଲ ସଂଲଗ୍ନ ଗ୍ରାମ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ଅସ୍ତ୍ରଶସ୍ତ୍ର ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଥିଲା। ଏଥିରେ ୩ ପ୍ଲାଟୁନ ପୋଲିସ ଫୋର୍ସ ସହ ଥାନା ଅଧିକାରୀମାନେ ସାମିଲ ହୋଇଥିଲେ। ଜୁଲାଇ ୩୧ ସୁଦ୍ଧା ଦେଶୀ ବନ୍ଧୁକ ଓ ବନ୍ଧୁକ ତିଆରି ସରଞ୍ଜାମ ସମର୍ପଣ କରିବା ସହ ଶିକାର ଛାଡ଼ିବାକୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ସମୟରେ ୪୮ଟି ମାମଲା ରୁଜୁ ହୋଇ ୧୬୫ଟି ଦେଶୀ ବନ୍ଧୁକ ଜବତ ହୋଇଥିଲା। ୨୧ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ସମସ୍ତ ଜବତ ବନ୍ଧୁକ, ଅସ୍ତ୍ରଶସ୍ତ୍ର ଓ ବନ୍ୟପ୍ରାଣୀ ଜୀବାଂଶ ରିଜର୍ଭ ପୋଲିସ କାର୍ଯ୍ୟାଳୟ ପରିସରରେ ପ୍ରଦର୍ଶିତ ହୋଇଥିଲା। ଆଗାମୀ ଦିନରେ ଶିମିଳିପାଳ ଅଭୟାରଣ୍ୟକୁ ସୁରକ୍ଷା ଯୋଗାଇ ପାଇଁ ଜଏଣ୍ଟ ଟାସ୍କଫୋର୍ସ ମାଧ୍ୟମରେ ପଦକ୍ଷେପ ନିଆଯାଉଛି ଏବଂ ଏକ କମ୍ପାନୀ ଆର୍ମ୍ସ ପୋଲିସ ଫୋର୍ସ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ହେବେ ବୋଲି ଡିଜିପି କହିଛନ୍ତି।

ପ୍ରାରମ୍ଭରେ ଶିମିଳିପାଳର ସୁରକ୍ଷାକୁ ନେଇ ଜିଲା ପୋଲିସ ମୁଖ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଡିଜି ସଞ୍ଜୟ କୁମାର, ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ, ଜିଲାପାଳ ବିନୀତ ଭରଦ୍ୱାଜ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ତଥା ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ଆର୍‌ସିସିଏଫ୍) ଡ. ପ୍ରକାଶ ଚାନ୍ଦ ଗୋଗିନେନି, ଏସ୍‌ପି ବି.ଗଙ୍ଗାଧର, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ଓ ଉତ୍ତର ଡିଭିଜନର ଉପ ନିର୍ଦ୍ଦେଶକ ସାଇ କିରଣ, ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଜୋଷୀ, ସମସ୍ତ ବନଖଣ୍ଡ ଅଧିକାରୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଉପଖଣ୍ଡ ପୋଲିସ ଅଧିକାରୀ ଓ ଥାନାଧିକାରୀ ପ୍ରମୁଖ ଉପସ୍ଥିତଥିଲେ।

# ନବନିର୍ମାଣ ସ୍ୱରାଜ ସରକାର ସଂଘ ପକ୍ଷରୁ ପ୍ରାୟଶ୍ଚିତ୍ତ ସପ୍ତାହ ଆରମ୍ଭ

ଭୁବନେଶ୍ୱର,୯।୮(ଅଭିଜିତ ଦାସ)

ନବନିର୍ମାଣ ସ୍ୱରାଜ ସରକାର ସଂଘ ପକ୍ଷରୁ ବୁଧବାରଠାରୁ ପ୍ରାୟଶ୍ଚିତ୍ତ ସପ୍ତାହ ପାଳନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ସଂଘର କର୍ମକର୍ତ୍ତାମାନେ ୧୫ତାରିଖ ପର୍ଯ୍ୟନ୍ତ ଅନଶନରେ ବସିବେ। ସଂଘର ଆବାହକ ଅକ୍ଷୟ କୁମାର କହିଛନ୍ତି, ରାଜ୍ୟ ସରକାରଙ୍କ ଦୀର୍ଘ ଶାସନ କାଳରେ ଦୁର୍ନୀତି, ଭ୍ରଷ୍ଟାଚାର ଓ କୁଶାସନ ବଢିଚାଲିଛି। ପ୍ରଗତି ବଦଳରେ ଦୁର୍ଗତି ହେଉଛି। ଖଣି, ବକ୍ସାଇଟ୍ ଓ କୋଇଲା ପ୍ରଭୃତିରୁ ଆସୁଥିବା କୋଟି କୋଟି ଟଙ୍କା ସାଧାରଣ ଜନତାଙ୍କ କଲ୍ୟାଣ ବଦଳରେ ଲୁଟ କରାଯାଉଛି। ସେହିପରି ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଆଦି କ୍ଷେତ୍ରରେ ସରକାର ବିଫଳ ହୋଇଛନ୍ତି। ତେଣୁ ସଂଘ ପକ୍ଷରୁ ଏଭଳି ଆନ୍ଦୋଳନ କରାଯାଉଛି। ଅନଶନରେ ସଂଘର ଆବାହକ ଅକ୍ଷୟ କୁମାରଙ୍କ ସମେତ ରାଜ୍ୟ ସହସଂଯୋଜକ ଉମାକାନ୍ତ ଭାରତ, କମିଟିର ସଭ୍ୟ ପ୍ରସନ୍ନ କୁଅଁର, ଡାକ୍ତର କୁଳମଣି, ଆଶ୍ରୟାନନ୍ଦ ସରସ୍ୱତୀ, କୃଷକ ନେତା ଅର୍ଜୁନ ସାମନ୍ତରାୟ ପ୍ରମୁଖ ସାମିଲ ହୋଇଥିଲେ। ଆସନ୍ତା ୧୧ ତାରିଖରେ ବିଭିନ୍ନ ଜିଲାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନଶନ କରାଯିବ ବୋଲି କୁହାଯାଇଛି।




ଲୋୟର ପିଏମ୍‌ଜିରେ ସଂଘର କର୍ମକର୍ତ୍ତାମାନେ ଅନଶନରେ ବସିଛନ୍ତି।(ଫଟୋ-ମୌସମ)

# ମିଠା ପାନୀୟ ମହିଳାଙ୍କ ଯକୃତ କର୍କଟର କାରଣ ହୋଇପାରେ



ନୂଆଦିଲ୍ଲୀ

ମହିଳାମାନେ ନିୟମିତ ଭାବେ କୃତ୍ରିମ ଚିନିଯୁକ୍ତ ପାନୀୟ ପିଉଥିଲେ ତାଙ୍କୁ ଯକୃତ କର୍କଟ ହେବାର ଯଥେଷ୍ଟ ସମ୍ଭାବନା ରହିଥିବା ନିକଟରେ ଏକ ଅଧ୍ୟୟନରୁ ଜଣାପଡ଼ିଛି। ଆମେରିକାର ୯୮,୭୮୬ ମହିଳା ପ୍ରତିଦିନ ୬.୮ ପ୍ରତିଶତ ଚିନିଯୁକ୍ତ ପାନୀୟ ପିଉଛନ୍ତି। ସେମାନଙ୍କ ମଧ୍ୟରୁ ୮୫ ପ୍ରତିଶତ ମହିଳାଙ୍କ ପାଖରେ ଯକୃତ କର୍କଟର ଅଧିକ ସମ୍ଭାବନା ଏବଂ ୬୮ ପ୍ରତିଶତ ମହିଳାଙ୍କ ଉଚ୍ଚତର ଦୀର୍ଘକାଳୀନ ଯକୃତ ରୋଗରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ଅନୁସନ୍ଧାନ ଉପରେ ସମଗ୍ର ଆମେରିକାରେ ୫୦ରୁ ୭୯ ବର୍ଷ ବୟସ୍କର ପ୍ରାୟ ୧ ଲକ୍ଷ ମହିଳାଙ୍କ ପାନୀୟ ପସନ୍ଦ ଉପରେ ନଜର ରଖାଯାଇଛି। ଏକ ବିଶେଷଜ୍ଞ ଦଳ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଉପରେ ୨ ଦଶନ୍ଧି ଧରି ନଜର ରଖିଛନ୍ତି। ବିଶେଷଜ୍ଞମାନେ କହିଛନ୍ତି, ଅନୁସନ୍ଧାନକାରୀମାନେ ଅଧ୍ୟୟନ ଆରମ୍ଭରେ ୧୯୯୦ ଦଶକ ଆରମ୍ଭରେ ଏବଂ ତା'ର ୩ ବର୍ଷ ପରେ ପୁଣି ଥରେ ସେହି ଅଂଶଗ୍ରହଣକାରୀ ମହିଳାଙ୍କ ପାନୀୟ ଅଭ୍ୟାସକୁ ରେକର୍ଡ କରିଥିଲେ। ଯେଉଁମାନେ କମ୍ ଚିନିଯୁକ୍ତ ପାନୀୟକୁ କମ୍ ବ୍ୟବହାର କରୁଥିଲେ ଏବଂ ଯେଉଁମାନେ ଶର୍କରା ଜାତୀୟ ପାନୀୟକୁ ନିୟମିତ ପିଉଥିଲେ, ସେହି ମହିଳାଙ୍କ ସ୍ୱାସ୍ଥ୍ୟକୁ ତୁଳନା କରିଥିଲେ। ୭ ପ୍ରତିଶତ ମହିଳା ପ୍ରତିଦିନ ଚିନିଯୁକ୍ତ ପାନୀୟ ପିଉଥିବାବେଳେ ୧୩ ପ୍ରତିଶତରୁ ଅଧିକ ମହିଳା ପ୍ରତିଦିନ କୃତ୍ରିମ ମିଠା ପାନୀୟ ପିଉଥିବା ଅଧ୍ୟୟନରୁ ଜାଣିବାକୁ ପାଇଥିଲେ। ଫଳରେ ଯେଉଁ ମହିଳାମାନେ ଦିନକୁ ଅତି କମ୍‌ରେ ଥରେ ମିଠା ପାନୀୟ ପିଉଥିଲେ, ସେମାନେ ପ୍ରତିମାସରେ କମ୍ ମିଠା ପାନୀୟ ପିଉଥିବା ମହିଳାଙ୍କ ତୁଳନାରେ ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ୧.୭୫ ଗୁଣ ଅଧିକ ଥିବା ଜଣାପଡ଼ିଥିଲା, ଯାହା ପ୍ରତିଦିନ ଶର୍କରାଯୁକ୍ତ ପାନୀୟ ସେବନ କରୁଥିବା ମହିଳାଙ୍କ ମୃତ୍ୟୁର ସମ୍ଭାବନା ୨.୫ ଗୁଣ ଅଧିକ ଥିଲା।



# ଫିଲ୍ମ ଶୁଟିଂ ବେଳେ ଗର୍ଭବତୀ ଥିଲେ ଆଲିଆ

ମୁମ୍ବାଇ

ଅନେକହିଟ୍‌ଫିଲ୍ମଦେଇଥିବାବେଳେ ବର୍ତ୍ତମାନ ଅଭିନେତ୍ରୀ ଆଲିଆ ଭଟ୍ଟ ତାଙ୍କ ହଲିଉଡ୍ ଡେବ୍ୟୁ ଫିଲ୍ମ 'ହାର୍ଟ ଅଫ୍ ଷ୍ଟୋନ'ରେ ବ୍ୟସ୍ତ ଅଛନ୍ତି। ଚଳଚ୍ଚିତ୍ରରେ ସେ ଗଲ୍ ଗଡୋଟ୍‌ଙ୍କ ସହ ନଜରକୁ ଆସିବେ। ଫିଲ୍ମ ଆସନ୍ତା ୧୧ ତାରିଖରେ ନେଟଫ୍ଲିକ୍ସରେ ରିଲିଜ୍ ହେବାକୁ ଯାଉଛି। ତେବେ ନିକଟରେ ଏକ ସାକ୍ଷାତ୍‌କାରରେ ଆଲିଆ ଶୁଟିଂ ସମୟର କିଛି କଥା ଶେୟାର କରିଛନ୍ତି। ସିନେମା ଶୁଟିଂ ସମୟରେ ସେ ଗର୍ଭବତୀ ଥିବା ଜାଣିବାକୁ ପାଇଥିଲେ। ହେଲେ ଏହାସତ୍ତ୍ୱେ ବି ସେ ଫିଲ୍ମ ଶୁଟ୍ କରିଥିବା କହିଛନ୍ତି। ଫିଲ୍ମର ଆକ୍ସନ ସିନ୍ ଶୁଟ୍ କରିବା ପରେ ସେ ଅନେକ ଖୁସି ହୋଇଥିଲେ। ରିପୋର୍ଟ ମୁତାବକ, ଆଲିଆ ଅଭିନେତା ରଣବୀର କପୁରଙ୍କୁ ବିବାହ କରିବା ପୂର୍ବରୁ ଗର୍ଭବତୀ ଥିଲେ। ଗତବର୍ଷ ଏପ୍ରିଲ ୧୪ରେ ଦୁହେଁ ବିବାହ କରିଥିବାବେଳେ ସେହି ବର୍ଷ ନଭେମ୍ବର ୬ରେ ଝିଅ ରାହାଙ୍କୁ ଜନ୍ମ ଦେଇଥିଲେ। ତେବେ ନିକଟରେ ଆଲିଆଙ୍କ ମୁଭି 'ରକି ରାନୀ କି ପ୍ରେମ୍ କାହାନୀ' ସୁପରହିଟ୍ ହୋଇଥିବାବେଳେ ଏ ପର୍ଯ୍ୟନ୍ତ ଶହେ କୋଟି ରୋଜଗାର କରିସାରିଲାଣି। ତେବେ ଆଲିଆ ୧୯୯୯ରେ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଏଥିସହ ସେ କିଛି ମ୍ୟୁଜିକ୍ ଭିଡିଓରେ ନଜରକୁ ଆସିଛନ୍ତି।


## ପୂର୍ବ ତଟ ରେଳପଥ
### 'ଇ' କ୍ରୟ ପ୍ରଣାଳୀ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପଲୋଡ କରାଯାଇଛି।

ଟେଣ୍ଡର ବିଜ୍ଞପ୍ତି ସଂ. SDMM/KUR/EP/2023-24/ E-procurement Tender Notice/07, ତା.04.08.2023ରିଖ

01. ଟେଣ୍ଡର ନଂ. 81235699 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଷ୍ଟ୍ରାଣ୍ଡେଡ୍ ଏନିଲ୍ଡ (Annealed) କପର ଲାର୍ଜ ଜମ୍ପର ୱାୟର, ପରିମାଣ : 2180 କି.ଗ୍ରା.।

02. ଟେଣ୍ଡର ନଂ. 81226116B : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : କଟିଙ୍ଗ୍ ଚେନ୍ ଆସେମ୍ବ୍ଲି (କମ୍ପ୍ଲିଟ୍) ପ୍ଲାସର ପାର୍ଟ, ପରିମାଣ : 02 ସେଟ୍।

03. ଟେଣ୍ଡର ନଂ. 81235705 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : CLW ସ୍ପେଶିଫିକେସନ ଅନୁଯାୟୀ ସ୍ମୁଥିଙ୍ଗ୍ (Smoothing) ରିଆକ୍ଟର (SL-30), ପରିମାଣ : 02 ଗୋଟି।

04. ଟେଣ୍ଡର ନଂ. 81235707 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ହ୍ୱିଲ୍ ସେଟ୍ ଟ୍ରୋଲିର ଯୋଗାଣ, ସଂସ୍ଥାପନ ଏବଂ ପରୀକ୍ଷଣ, ପରିମାଣ : 02 ସେଟ୍।

05. ଟେଣ୍ଡର ନଂ. 81235700 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 19/3.99mm AAC (ସମସ୍ତ ଆଲୁମିନିୟମ୍ କଣ୍ଡକ୍ଟର), ପରିମାଣ : 15000 MTR

06. ଟେଣ୍ଡର ନଂ. 81235706 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 4.5 KW ଅଣ୍ଡର ସ୍ଲଙ୍ଗ୍ କନ୍‌ଷ୍ଟାଣ୍ଟ ଭୋଲ୍ଟେଜ, ପରିମାଣ : 34 ଗୋଟି।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 29.08.2023, 1500 ଘଟିକା (କ୍ରମ ସଂ.1 ପାଇଁ), 30.08.2023, 1500 ଘଟିକା (କ୍ରମ ସଂ.02 ଏବଂ 03 ପାଇଁ), 31.08.2023, 1500 ଘଟିକା (କ୍ରମ ସଂ.4 ପାଇଁ), 04.09.2023, 1500 ଘଟିକା (କ୍ରମ ସଂ.5 ପାଇଁ), 14.09.2023, 1500 ଘଟିକା (କ୍ରମ ସଂ.6 ପାଇଁ)।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍
PR-431/O/23-24



## WORKS DEPARTMENT
### OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA

No. B-628 E-Mail Id -eepwdrkl@gmail.com

**Government of Orissa "e" Procurement Notice**

**Bid Identification No. 35/2023-24 Dated: 08.03.2023**

1. Number of Works : 02 (Two) number of works
2. Estimated Cost : Rs.73.89 lakhs to 84.72 lakhs
3. Period of Completion : 3 (Three) to 6 (Six) Calendar Months
4. Date & time of availability of bid document in the portal : Dt.10.08.2023 at 11.00 A.M.
5. Last date/time for receipt of bids in the portal : Dt.21.08.2023 upto 05.00 P.M.
6. Date of Opening of Bid : Dt.22.08.2023 at 11.30 A.M.
7. Name and Address of the Officer Inviting Bid : Superintending Engineer, (R&B) Division, Rourkela, Uditnagar

Further details can be seen from the e-procurement portal **http// tendersorissa.gov.in**.

**Sd./- Superintending Engineer**
**R&B Division, Rourkela**
OIPR-34068/11/0013/2324


# ୫ ହଜାରରେ କିଣିଲେ ଟିକେଟ
## ରଜନୀକାନ୍ତଙ୍କ କ୍ରେଜ୍




ମୁମ୍ବାଇ

ଅଭିନେତା ରଜନୀକାନ୍ତଙ୍କ ମୁଭିକୁ ନେଇ ଦର୍ଶକଙ୍କ ମଧ୍ୟରେ ସବୁବେଳେ ଉତ୍ସାହ ଦେଖିବାକୁ ମିଳିଥାଏ। ଏବେ ରଜନୀକାନ୍ତ ପୁଣିଥରେ ପ୍ରେକ୍ଷାଳୟରେ ହଇଚଇ ସୃଷ୍ଟି କରିବାକୁ ଯାଉଛନ୍ତି। ଆସନ୍ତା ୧୦ ତାରିଖରେ ଏହି ସୁପରଷ୍ଟାରଙ୍କ ଫିଲ୍ମ 'ଜେଲର' ରିଲିଜ୍ ହେବାକୁ ଯାଉଛି, ଯାହା ବିଶ୍ୱବ୍ୟାପୀ ୪୫୦୦ ସିନେମା ହଲ୍‌ରେ ଦେଖିବାକୁ ମିଳିବ। ରଜନୀକାନ୍ତ ୨ ବର୍ଷ ପରେ ପୁଣି ପରଦାକୁ ଫେରିଛନ୍ତି। ରିପୋର୍ଟ ମୁତାବକ, ରିଲିଜ୍ ଦିନ ତାମିଲନାଡୁ ଏବଂ କର୍ନାଟକରେ ଅନେକ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଛୁଟି ଘୋଷଣା କରାଯାଇଛି। ଜଣାପଡ଼ିଛି କି, 'ଜେଲର' ପ୍ରଥମ ଦିନ ତାଙ୍କ ରାଜ୍ୟରେ ୯୦ ପ୍ରତିଶତରୁ ଅଧିକ ସ୍କ୍ରିନ୍ କବ୍‌ଜା କରିବ। ନେଲସନ୍ ଦିଲୀପ କୁମାରଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର କମେଡି– ଆକ୍ସନରେ ଭରି ରହିଛି। ଏଥିରେ ରଜନୀକାନ୍ତ ଜଣେ ଅବସରପ୍ରାପ୍ତ ପୋଲିସ ଅଫିସର ଭାବେ ନଜରକୁ ଆସିବେ। ଫିଲ୍ମର ଅଗ୍ରିମ ଟିକେଟ୍ ବିକ୍ରି ୫ ଅଗଷ୍ଟରୁ ଆରମ୍ଭ ହୋଇଥିଲା। ଯେଉଁଥିରେ ତାମିଲନାଡୁ, କର୍ନାଟକ, ଆନ୍ଧ୍ରପ୍ରଦେଶର ଅନେକ ସହରରେ ୧୫ ଅଗଷ୍ଟ ପର୍ଯ୍ୟନ୍ତ ସମସ୍ତ ଶୋ' ବୁକ୍ ହୋଇଯାଇଛି। ଦେଶ ବ୍ୟତୀତ ବିଦେଶରେ ମଧ ଏହାକୁ ନେଇ ଉତ୍ସାହ ଦେଖିବାକୁ ମିଳିଛି। ଅଗ୍ରିମ ଟିକେଟ ବିକ୍ରିରେ ବିଶ୍ୱବ୍ୟାପୀ ୧୨୨ କୋଟି ଡଲାରର ରୋଜଗାର କରିସାରିଲାଣି। ଫିଲ୍ମର ଟିକେଟ ଟୁଇଟର ଏବଂ ଅନ୍ୟ ସୋସିଆଲ ମିଡିଆରେ କଳାରେ ବିକ୍ରି ହେଉଛି, ଯାହାର ମୂଲ୍ୟ ୫ ହଜାର ରହିଛି। ଲୋକେ ସେହି ଟିକେଟକୁ ମଧ କିଣିବାକୁ ପଛାଉ ନାହାନ୍ତି। ଅଧିକାଂଶ ସିନେମା ହଲ୍ ରିଲିଜ୍ ଦିନ ଶୋ' ସକାଳୁ ୬ଟାରୁ ଆରମ୍ଭ କରୁଛନ୍ତି, ଫିଲ୍ମରେ ରଜନୀକାନ୍ତଙ୍କ ବ୍ୟତୀତ ତମନ୍ନା ଭାଟିଆ, ପ୍ରିୟଙ୍କା ମୋହନ, ଯୋଗୀ ବାବୁ, ରାମ୍ୟା କୃଷ୍ଣନ, ବସନ୍ତ ରବି, ଶିବ ରାଜକୁମାର, ବିନାୟକାନ୍ ପ୍ରମୁଖଙ୍କୁ ଦେଖିବାକୁ ମିଳିବ।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. 20-SBP-TRD-OT-2023-24, ତା.04.08.2023ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଲାଖୋଲି-ଟିଟିଲାଗଡ଼ ସେକ୍ସନ୍‌ରେ 22 ଗୋଟି ହ୍ୟୁମ୍‌ପାଇପ୍ ବ୍ରିଜ୍‌ର ପୁନଃନିର୍ମାଣ କାର୍ଯ୍ୟ ସମ୍ବନ୍ଧରେ TRD ସମ୍ବନ୍ଧୀୟ କାର୍ଯ୍ୟ (ବ୍ରିଜ୍ ସଂ. 62, 64, 69, 70, 71, 73, 75, 78, 79, 82, 85, 86, 98, 105, 109, 111, 112, 127, 132, 149, 154 ଏବଂ 173)।

**ଆନୁମାନିକ ମୂଲ୍ୟ (₹):** 25,45,577.61, EMD (₹) : 50,900/-, ଶେଷ ହେବା ଅବଧି : 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.08.2023ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-432/O/23-24



## OFFICE OF THE ENGINEER-IN-CHIEF (CIVIL), ODISHA
### NIRMAN SOUDHA, UNIT-V, BHUBANESWAR

E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523

**INVITATIONS FOR BIDS (IFB)**

File No. B-IV-H-ALMC-10/2022 Lr. No. 32662 Bhubaneswar, the 8th Aug., 2023

No. B-625 **Invitation for Bids**

**Bid Identification No. C.E. (B) - 19/2023-24**

| | | |
|---|---|---|
| 1. | The Chief Engineer, Buildings, Odisha, Bhubaneswar on behalf of Governor of Odisha invites percentage rate bids in double cover system in ONLINE MODE only, for construction of Building works as detailed below. | |
| 2. | Nature of Work | Building Work |
| 3. | No. of Work | 01 No. |
| 4. | Bid Cost | Rs.10,000/- (Each) |
| 5. | Class of Contractor | 'A' / Special Class |
| 6. | Availability of Bid documents in the website | From Dt.10.08.2023 to 17.00 hours of Dt.24.08.2023. |
| 7. | Date of opening of Bid | Dt.25.08.2023 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https:// tendersodisha.gov.in**. Any addendum/corrigendum/ cancellation of tender can also be seen in the said website only. | |

**Sd./- Chief Engineer (Buildings)**
**Odisha, Bhubaneswar**
OIPR-34117/11/0040/2324



GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, DHARMAGARH

Tel.: 06672242823, Email: rw_dharmagarh@yahoo.com

BID IDENTIFICATION No. DMGH/Online-02 of 2022-23 Date: 03.08.2023

**"e" PROCUREMENT NOTICE**

No. O-563: Bid documents consisting of Work, Estimate Cost, Cost of Tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

1. Name of the Work : Building works in the District of Kalahandi as mentioned in DTCN
2. Total No. of Works : 02 Nos.
3. Estimated Cost : Rs.40.33 Lakhs to 27.65 Lakhs
4. Period of Completion : 04 & 02 Calendar Months
5. Other details :

| Availability of Tender Online for Bidding | | Last date & time seeking tender clarification | Date & time of Opening of Tender |
|---|---|---|---|
| From | To | | |
| 14.08.2023 at 10.00 A.M. | 24.08.2023 upto 5.00 P.M. | 22.08.2023 upto 5.00 P.M. | 25.08.2023 at 11.00 A.M. |

Further details can be seen from the website **www.tendersorissa.gov.in**.

**Sd./- Executive Engineer**
**Rural Works Division, Dharmagarh**
OIPR-25100/11/0002/2324



GOVERNMENT OF ODISHA
## OFFICE OF THE ADDITIONAL CHIEF ENGINEER PUBLIC HEALTH CIRCLE, BERHAMPUR

e-Mail ID: acephcbam@gmail.com

**1st CORRIGENDUM TO INVITATION FOR BIDS (IFB) THROUGH e-PROCUREMENT to**

**Identification No. ACEPHCBAM 01/2023-24 Dt.20.07.2023**

No. C-1008: The details of Minimum Eligibility Criteria (6 (i), Page No. 04) mentioned & published in the e-portal (Online) should be read as **"However, such similar type of work must cover at least one Water Treatment Plant having rapid gravity filtration system/sewerage treatment plant/Intake Well/Elevated Service Reservoir of any capacity"** instead of "However, such similar type of work must cover at least one Intake Well (minimum dia. 4.50mtr. × 15mtr. deep) and one Elevated Service Reservoir (minimum capacity 1.00 lakh lit. × 12mtr. stazing).

All the bidders need to go throug this Corrigendum properly.

All other terms & conditions remain unaltered.

**Sd./- Additional Chief Engineer (PH)**
OIPR-13004/11/0003/2324



GOVERNMENT OF ODISHA No. O-609
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNDARGARH

At/P.O.: Sankara, Sundargarh - 770020, E-mail address: serw_sundargarh@yahoo.com

No. Tender Online - RWCCESNG-19 of 2023-24 Letter No. 2130 Dtd.08.08.2023

**e-Procurement NOTICE**

1. Type of the Work : Road (CMRL)
2. Class of Contractor : As specified in the Column - 6 of the Annexure
3. Time of Completion : As specified in the Column - 5 of the Annexure
4. Detail Projects : As per Annexure attached
5. Estimated Cost : As specified in the Column - 4 of the Annexure
6. Other details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 19 of 2023-24 | 14.08.2023 11.00 A.M. | 29.08.2023 5.00 P.M. | 28.08.2023 5.00 P.M. | 31.08.2023 11.00 A.M. | Will be intimated separately |

Further details can be seen from the website **www.tendersodisha.gov.in**.

OIPR-25133/11/0027/2324 **Sd./- Chief Construction Engineer, Rural Works Circle, Sundargarh**



## "e" Procurement Notice for Building Works
### Identification No. Online Tender/03/BLG/2023-24

No. i-295

1. Name of the Work : Construction of New PHC (N) Building at Pichukuli under Bolagarh Block in the District of Khordha
2. Total Number of Works : 01 No.
3. Estimated Cost : Rs.67,94,980.52
4. Class of Contractor : B & Equivalent
5. Period of Completion : 08 Calendar Months
6. Availability of Tender Online for Bidding : Dt.10.08.2023 at 11.00 A.M. Dt.24.08.2023 at 5.00 P.M.
7. Last date & time of seeking tender clarification : Dt.16.08.2023 at 5.00 P.M.
8. Date & time of opening of Tender : Dt.25.08.2023 at 11 A.M.

Further details can be seen from the website: **www.tenderodisha.gov.in**.

**Sd./- Block Development Officer, Bolagarh**
OIPR-19064/11/0002/2324



GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, DHARMAGARH

Tel.: 06672242823, Email: rw_dharmagarh@yahoo.com

BID IDENTIFICATION No. DMGH/Online-03 of 2022-23 Date: 03.08.2023

**"e" PROCUREMENT NOTICE**

No. O-564: Bid documents consisting of Work, Estimate Cost, Cost of Tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

1. Name of the Work : Road works in the District of Kalahandi as mentioned in DTCN
2. Total No. of Works : 26 Nos.
3. Estimated Cost : Rs.5.04 Lakhs to 77.14 Lakhs
4. Period of Completion : 01 Calendar Month
5. Other details :

| Availability of Tender Online for Bidding | | Last date & time seeking tender clarification | Date & time of Opening of Tender |
|---|---|---|---|
| From | To | | |
| 14.08.2023 at 10.00 A.M. | 24.08.2023 upto 5.00 P.M. | 22.08.2023 upto 5.00 P.M. | 25.08.2023 at 11.00 A.M. |

Further details can be seen from the website **www.tendersorissa.gov.in**.

**Sd./- Executive Engineer**
**Rural Works Division, Dharmagarh**
OIPR-25100/11/0003/2324



GOVT. OF ODISHA No. O-560
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KEONJHAR

Tel.; 06766-258301 (O), email: se_nerwkjr@rediffmail.com

**e-Procurement Notice for Road Works under DMF**

No. 2585 Identification No. - Road Online NCB No. 376 Date: 04.08.2023

1. Name of the Work : Construction of road works under DMF in the District of Keonjhar
2. No. of Work : 20 (Twenty) Nos.
3. Estimated Cost : As per Annexure in NIT
4. Class of Contractor (Eligible) : As per Annexure in NIT
5. Period of Completion : As per Annexure in NIT
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Road Online NCB No. 376 | Dt.17.08.2023 at 11.00 A.M. | Dt.31.08.2023 upto 5.00 P.M. | Dt.29.08.2023 upto 5.00 P.M. | Dt.01.09.2023 at 11.00 A.M. | Will be intimated later |

• Further details can be seen from the website: **www.tendersorissa.gov.in**.

OIPR-25177/11/0010/2324 **Sd./- Chief Construction Engineer, R.W. Circle, Keonjhar**



GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION-II, MALKANGIRI

E-mail:ruralworksdivisioniimalkangiri@yahoo.in

INVITATION FOR BIDS
NATIONAL COMPETITIVE BIDDING

**Bid Identification No: RWDSE_MKG_II_ONLINE_08/2023-24**

**No.O-580:** The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.

1. Name of the Work: Building Works. 2.No. of Works: 02 Nos.3.Estimated Cost : Rs.98.30 Lakhs and Rs.99.50 Lakhs.4. Tender Paper Cost : Rs.10,000/-. 5. Class of Contractor : Estimated cost upto Rs.20.00 Lakhs: 'D', Estimated Cost upto Rs.40.00 Lakhs: 'C', Estimated cost more than Rs.20.00 Lakhs & within Rs.300.00 Lakhs: 'B'. 6. Period of Completion: 09 (Nine) Calendar Months. **7. Critical dates:**

| Procurement Officer | Bid Identification No. | Availability of Tender Online for Bidding | | Last Date & Time of Seeking tender Clarification | Date of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division-II, Malkangiri | RWDSE_MKG_II_ONLINE_08 of 2023-24 | 14.08.2023 at 11.00 A.M. | 24.08.2023 upto 05.30 P.M. | 24.08.2023 upto 3.00 P.M. | 25.08.2023 upto 11.00 A.M. | To be intimated Separately |

* Further details can be seen in the bidding documents, which is available in the e-procurement portal https://www.tendersorissa.gov.in.
* Subsequent corrigendum if required shall be appeared in the website.
* Authority reserves the right to reject any or all tenders without assigning any reason thereof.

**Sd./- Executive Engineer, Rural Works Division-II, Malkangiri**
OIPR-25079/11/0008/2324



GOVERNMENT OF ODISHA
## "e" - PROCUREMENT NOTICE
### OFFICE OF THE SUPERINTENDING ENGINEER KHARIAR (R&B) DIVISION, KHARIAR

E-mail: eeroads.khr@rediffmail.com

No. 3700 Date: 05.08.2023
No. B-629 **Invitation For Bids**

**Bid Identification No. S.E. (R&B), KHARIAR - 09/2023-24**

| | | |
|---|---|---|
| 1 | The Executive Engineer, Khariar (R&B) Division, Khariar on behalf of Governor of Odisha invites percentage rate composite bids in **Double Cover System** in **ONLINE MODE** only. | |
| 2 | Nature of Work | Road (Culvert) Work |
| 3 | No. of Work | 01 No. Road Work |
| 4 | Tender Paper Cost | As specified in the notice for the respective work, to be remit online only |
| 5 | Class of Contractor | As specified in the notice for the respective work |
| 6 | Availability of Bid Documents in the Website | 10.00 hours of 11.08.2023 to 17.00 hours of 25.08.2023 |
| 7 | Date of Opening of Technical Bid | Dt.28.08.2023 at 11.30 hours |
| 8 | EMD/Bid Security | As specified in the notice to be remitted online only |
| 9 | The bidders shall have to participate in ONLINE bidding only. Further details can be seen from the website: **https://www.tendersodisha.gov.in**. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

OIPR-34062/11/0018/2324 **Sd./- Executive Engineer, Khariar (R&B) Division, Khariar**



GOVERNMENT OF ODISHA No. A-418
## DEPARTMENT OF WATER RESOURCES
### OFFICE OF THE CHIEF ENGINEER & BASIN MANAGER SUBARNAREKHA & BUDHABALANGA BASIN

At/P.O.: Laxmiposi, Dist.: Mayurbhanj, Mail Id: cebmsbb2019@gmail.com

**Government of Odisha "e" PROCUREMENT NOTICE**

**Bid Identification No. 16/23-24 of CEBM, SBB, Laxmiposi**

| | | |
|---|---|---|
| 1 | Name of Work | A. Construction of Rupsa Minor including all sub minors from RD 00m to RD 7560m offtaking from RD 7950m of Rupsa Distributary with all its structure, C.C. liningand service road<br>B. Raising and strengthening of Baharda TRE Saline Embankment<br>C. Restoration and protection to left bank of river Subarnarekha near Village: Birishpur, Panchughanta and right bank near Village: Gurudaspur and Bazarsol<br>D. Construction of Baisinga Branch Canal from RD 62265m to 62691m including all structures and service road. |
| 2 | Estimated Cost | A. Rs.4952.39 Lakh<br>B. Rs.2193.77 Lakh<br>C. Rs.1536.46 Lakh<br>D. Rs.1120.75 Lakh |
| 3 | Bid Security/E.M.D. | A. Rs.49,52,400/-<br>B. Rs.21,93,800/-<br>C. Rs.15,36,500/-<br>D. Rs.11,20,800/- |
| 4 | Period of Completion | For 1. A. & 1.B. 24 (Twenty Four) Calendar Months 1. C. & 1. D. - 18 (Eighteen) Calendar Months |
| 5 | Class of Contractor | For 1. A. & 1. B. "Special" Class and "Super" Class 1. C. & 1. D.: "A" Class and "Special" Class |
| 6 | Date & Time of availability of bid document in the portal | 17.08.2023 at 10.00 A.M. |
| 7 | Last date/time for receipt of bid in the portal | 13.09.2023 upto 5.00 P.M. |
| 8 | Date & time for Pre-Bid Conference | For Sl. No. 1 A. & 1. B.:- 28.08.2023 Office of the CE & BM, S&B Basin, Laxmiposi in physical/virtual mode through Google Meet. The interested bidder should ask to link giving their email Id to: **cebmsbb2019@gmail.com** (Joining time in Google Meet 11.30 A.M. to 12.00 Noon) |
| 9 | Date of Opening of Bid | 14.09.2023 at 11.00 A.M. |
| 10 | Name & Address of the O.I.T. | Chief Engineer & Basin Manager, O/o. the CE&BM, Subarnarekha & Budhabalanga Basin, Laxmiposi, Mayurbhanj. |

Further details can be seen from the e-Procurement Portal **"https:// tendersodisha.gov.in"**.

OIPR-32074/11/0028/2324 **Sd./- Chief Engineer & Basin Manager**

## ଦିନିକିଆ ବିଶ୍ୱକପ୍ ପରିବର୍ତ୍ତିତ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୫ ଅକ୍ଟୋବର | ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ | ଅହମଦାବାଦ |
| ୬ ଅକ୍ଟୋବର | ପାକିସ୍ତାନ ବନାମ ନେଦରଲାଣ୍ଡ୍ସ | ହାଇଦ୍ରାବାଦ |
| ୭ ଅକ୍ଟୋବର | ବାଂଲାଦେଶ ବନାମ ଆଫଗାନିସ୍ତାନ | ଧର୍ମଶାଳା |
| ୭ ଅକ୍ଟୋବର | ଦକ୍ଷିଣ ଆଫ୍ରିକା ବନାମ ଶ୍ରୀଲଙ୍କା | ଦିଲ୍ଲୀ |
| **୮ ଅକ୍ଟୋବର** | **ଭାରତ ବନାମ ଅଷ୍ଟ୍ରେଲିଆ** | **ଚେନ୍ନାଇ** |
| ୯ ଅକ୍ଟୋବର | ନ୍ୟୁଜିଲାଣ୍ଡ ବନାମ ନେଦରଲାଣ୍ଡ୍ସ | ହାଇଦ୍ରାବାଦ |
| ୧୦ ଅକ୍ଟୋବର | ଇଂଲଣ୍ଡ ବନାମ ବାଂଲାଦେଶ | ଧର୍ମଶାଳା |
| ୧୦ ଅକ୍ଟୋବର | ପାକିସ୍ତାନ ବନାମ ଶ୍ରୀଲଙ୍କା | ହାଇଦ୍ରାବାଦ |
| **୧୧ ଅକ୍ଟୋବର** | **ଭାରତ ବନାମ ଆଫଗାନିସ୍ତାନ** | **ଦିଲ୍ଲୀ** |
| ୧୨ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା | ଲକ୍ଷ୍ନୌ |
| ୧୩ ଅକ୍ଟୋବର | ନ୍ୟୁଜିଲାଣ୍ଡ ବନାମ ବାଂଲାଦେଶ | ଚେନ୍ନାଇ |
| **୧୪ ଅକ୍ଟୋବର** | **ଭାରତ ବନାମ ପାକିସ୍ତାନ** | **ଅହମଦାବାଦ** |
| ୧୫ ଅକ୍ଟୋବର | ଇଂଲଣ୍ଡ ବନାମ ଆଫଗାନିସ୍ତାନ | ଦିଲ୍ଲୀ |
| ୧୬ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ଶ୍ରୀଲଙ୍କା | ଲକ୍ଷ୍ନୌ |
| ୧୭ ଅକ୍ଟୋବର | ଦକ୍ଷିଣ ଆଫ୍ରିକା ବନାମ ନେଦରଲାଣ୍ଡ୍ସ | ଧର୍ମଶାଳା |
| ୧୮ ଅକ୍ଟୋବର | ନ୍ୟୁଜିଲାଣ୍ଡ ବନାମ ଆଫଗାନିସ୍ତାନ | ଚେନ୍ନାଇ |
| **୧୯ ଅକ୍ଟୋବର** | **ଭାରତ ବନାମ ବାଂଲାଦେଶ** | **ପୁଣେ** |
| ୨୦ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ପାକିସ୍ତାନ | ବେଙ୍ଗାଲୁରୁ |
| ୨୧ ଅକ୍ଟୋବର | ଇଂଲଣ୍ଡ ବନାମ ଦକ୍ଷିଣ ଆଫ୍ରିକା | ମୁମ୍ବାଇ |
| ୨୧ ଅକ୍ଟୋବର | ନେଦରଲାଣ୍ଡ୍ସ ବନାମ ଶ୍ରୀଲଙ୍କା | ଲକ୍ଷ୍ନୌ |
| **୨୨ ଅକ୍ଟୋବର** | **ଭାରତ ବନାମ ନ୍ୟୁଜିଲାଣ୍ଡ** | **ଧର୍ମଶାଳା** |
| ୨୩ ଅକ୍ଟୋବର | ପାକିସ୍ତାନ ବନାମ ଆଫଗାନିସ୍ତାନ | ଚେନ୍ନାଇ |
| ୨୪ ଅକ୍ଟୋବର | ଦକ୍ଷିଣ ଆଫ୍ରିକା ବନାମ ବାଂଲାଦେଶ | ମୁମ୍ବାଇ |
| ୨୫ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ନେଦରଲାଣ୍ଡ୍ସ | ଦିଲ୍ଲୀ |
| ୨୬ ଅକ୍ଟୋବର | ଇଂଲଣ୍ଡ ବନାମ ଶ୍ରୀଲଙ୍କା | ବେଙ୍ଗାଲୁରୁ |
| ୨୭ ଅକ୍ଟୋବର | ପାକିସ୍ତାନ ବନାମ ଦକ୍ଷିଣ ଆଫ୍ରିକା | ଚେନ୍ନାଇ |
| ୨୮ ଅକ୍ଟୋବର | ନେଦରଲାଣ୍ଡ୍ସ ବନାମ ବାଂଲାଦେଶ | କୋଲକାତା |
| ୨୮ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ନ୍ୟୁଜିଲାଣ୍ଡ | ଧର୍ମଶାଳା |
| **୨୯ ଅକ୍ଟୋବର** | **ଭାରତ ବନାମ ଇଂଲଣ୍ଡ** | **ଲକ୍ଷ୍ନୌ** |
| ୩୦ ଅକ୍ଟୋବର | ଆଫଗାନିସ୍ତାନ ବନାମ ଶ୍ରୀଲଙ୍କା | ପୁଣେ |
| ୩୧ ଅକ୍ଟୋବର | ପାକିସ୍ତାନ ବନାମ ବାଂଲାଦେଶ | କୋଲକାତା |
| ୧ ନଭେମ୍ବର | ନ୍ୟୁଜିଲାଣ୍ଡ ବନାମ ଦକ୍ଷିଣ ଆଫ୍ରିକା | ପୁଣେ |
| **୨ ନଭେମ୍ବର** | **ଭାରତ ବନାମ ଶ୍ରୀଲଙ୍କା** | **ମୁମ୍ବାଇ** |
| ୩ ନଭେମ୍ବର | ନେଦରଲାଣ୍ଡ୍ସ ବନାମ ଆଫଗାନିସ୍ତାନ | ଲକ୍ଷ୍ନୌ |
| ୪ ନଭେମ୍ବର | ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ | ଅହମଦାବାଦ |
| ୪ ନଭେମ୍ବର | ନ୍ୟୁଜିଲାଣ୍ଡ ବନାମ ପାକିସ୍ତାନ | ବେଙ୍ଗାଲୁରୁ |
| **୫ ନଭେମ୍ବର** | **ଭାରତ ବନାମ ଦକ୍ଷିଣ ଆଫ୍ରିକା** | **କୋଲକାତା** |
| ୬ ନଭେମ୍ବର | ବାଂଲାଦେଶ ବନାମ ଶ୍ରୀଲଙ୍କା | ଦିଲ୍ଲୀ |
| ୭ ନଭେମ୍ବର | ଅଷ୍ଟ୍ରେଲିଆ ବନାମ ଆଫଗାନିସ୍ତାନ | ମୁମ୍ବାଇ |
| ୮ ନଭେମ୍ବର | ଇଂଲଣ୍ଡ ବନାମ ନେଦରଲାଣ୍ଡ୍ସ | ପୁଣେ |
| ୯ ନଭେମ୍ବର | ନ୍ୟୁଜିଲାଣ୍ଡ ବନାମ ଶ୍ରୀଲଙ୍କା | ବେଙ୍ଗାଲୁରୁ |
| ୧୦ ନଭେମ୍ବର | ଦକ୍ଷିଣ ଆଫ୍ରିକା ବନାମ ଆଫଗାନିସ୍ତାନ | ଅହମଦାବାଦ |
| ୧୧ ନଭେମ୍ବର | ଇଂଲଣ୍ଡ ବନାମ ପାକିସ୍ତାନ | କୋଲକାତା |
| ୧୧ ନଭେମ୍ବର | ଅଷ୍ଟ୍ରେଲିଆ ବନାମ ବାଂଲାଦେଶ | ପୁଣେ |
| **୧୨ ନଭେମ୍ବର** | **ଭାରତ ବନାମ ନେଦରଲାଣ୍ଡ୍ସ** | **ବେଙ୍ଗାଲୁରୁ** |
| ୧୫ ନଭେମ୍ବର | ସେମି ଫାଇନାଲ–୧ | ମୁମ୍ବାଇ |
| ୧୬ ନଭେମ୍ବର | ସେମି ଫାଇନାଲ–୨ | କୋଲକାତା |
| ୧୯ ନଭେମ୍ବର | ଫାଇନାଲ | ଅହମଦାବାଦ |

# ଭାରତଠାରୁ ହାରି ପାକିସ୍ତାନ ବିଦା

ଚେନ୍ନାଇ, ୯।୮

ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିର ଲିଗ୍ ପର୍ଯ୍ୟାୟ ବୁଧବାର ଶେଷ ହୋଇଛି। ଅନ୍ତିମ ଲିଗ୍ ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୪–୦ ଗୋଲରେ ଭାରତ ପରାସ୍ତ କରିଛି। ମ୍ୟାଚରେ ଭାରତ ସମ୍ପୂର୍ଣ୍ଣ ଅଧିପତ୍ୟ ବିସ୍ତାର କରି ଖେଳିଥିଲା। ଅଧିନାୟକ ହରମନପ୍ରୀତ ସିଂ ୧୫ ଓ ୨୩ ମିନିଟରେ ୨ଟି ଏବଂ ଯୁଗରାଜ ସିଂ ୩୬ ଓ ଆକାଶଦୀପ ସିଂ ୫୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପରାଜୟ ଫଳରେ ୩ ଥର ଚାମ୍ପିୟନ ପାକିସ୍ତାନ ଏଥର ଲିଗ୍ ପର୍ଯ୍ୟାୟରୁ ବିଦା ହୋଇଛି।

### ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି

ଭାରତ ସମେତ ମାଲେସିଆ, ଦକ୍ଷିଣ କୋରିଆ ଓ ଜାପାନ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଚାଇନାର ଅଭିଯାନ ମଧ୍ୟ ଲିଗ୍ ପର୍ଯ୍ୟାୟରୁ ଶେଷ ହୋଇଛି। ୫ ମ୍ୟାଚରୁ ଭାରତ ୪ ବିଜୟ ଓ ୧ ଡ୍ର ସହ ୧୩ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ମାଲେସିଆ ୫ ମ୍ୟାଚରୁ ୧୨ ଏବଂ ଦକ୍ଷିଣ କୋରିଆ ଓ ଜାପାନ ସମାନ ସଂଖ୍ୟକ ମ୍ୟାଚ ଖେଳି ୫ ପଏଣ୍ଟ ଲେଖାଏ ପାଇଛନ୍ତି। ଫଳରେ ମାଲେସିଆ ଦ୍ୱିତୀୟ, କୋରିଆ ତୃତୀୟ ଓ ଜାପାନ ୪ର୍ଥ ସ୍ଥାନ ଅଧିକାର କରିଛି। ପାକିସ୍ତାନ ୫ ମ୍ୟାଚରୁ ୧ ବିଜୟ, ୨ ପରାଜୟ ଓ ୨ ଡ୍ର ସହ ୫ ପଏଣ୍ଟ ପାଇଥିଲେ ମଧ୍ୟ ଗୋଲ ବ୍ୟବଧାନରେ ପଛରେ ପଡ଼ି ଯାଇଛି। ଟୁର୍ନାମେଣ୍ଟ କାର୍ଯ୍ୟସୂଚୀ ଅନୁସାରେ ୧୧ ତାରିଖରେ ହେବାକୁଥିବା ସେମିଫାଇନାଲରେ ଭାରତର ପ୍ରତିଦ୍ୱନ୍ଦ୍ୱୀ ହେଉଛି ଜାପାନ। ସେହିଦିନ ମାଲେସିଆ ଓ କୋରିଆ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

### ମାଲେସିଆ ବିଜୟୀ

ଅନ୍ୟ ଏକ ସଂଘର୍ଷପୂର୍ଣ୍ଣ ଲିଗ୍ ମ୍ୟାଚରେ ମାଲେସିଆ ୧–୦ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା। ମାଲେସିଆର ଅଜରାଇ ଅବୁକମଲ ୨୨ତମ ମିନିଟରେ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ପ୍ରଥମ କ୍ୱାର୍ଟରରେ ଉଭୟ ଦଳ ସ୍ଲୋ ଖେଳିଥିଲେ। ଫଳରେ ଗୋଲ ହୋଇ ନ ଥିଲା। ଦ୍ୱିତୀୟ କ୍ୱାର୍ଟରରେ ଅଜରାଇ ଫିଲ୍ଡ ଗୋଲ ଦେଇଥିବାବେଳେ ପରବର୍ତ୍ତୀ ୨ କ୍ୱାର୍ଟର ମଧ୍ୟ ଗୋଲଶୂନ୍ୟ ରହିଥିଲା।

### ଜାପାନର ପ୍ରଥମ ବିଜୟ

ଜାପାନ ଏହାର ଶେଷ ଲିଗ୍ ମ୍ୟାଚରେ ହିଁ ବିଜୟ ସ୍ୱାଦ ପାଇଛି। ବୁଧବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୨–୧ ଗୋଲରେ ଚାଇନାକୁ ପରାସ୍ତ କରିଛି। ମ୍ୟାଚର ପ୍ରଥମ କ୍ୱାର୍ଟରରେ ଅର୍ଥାତ୍ ୮ମ ମିନିଟରେ ପେନାଲ୍ଟି କର୍ନରରୁ ପ୍ରଥମ ଗୋଲଟି ଦେଇଥିଲେ ଜାପାନର ୟାମାଦା ଶୋତା। ପ୍ରଥମାର୍ଦ୍ଧ ଶେଷ ବେଳକୁ ଜାପାନ ୧–୦ ଗୋଲରେ ଅଗ୍ରଣୀ ରହିଥିଲା। ୫୪ତମ ମିନିଟରେ ଫୁକୁଦା କେଣ୍ଟାରୋ ପେନାଲ୍ଟି କର୍ନରରୁ ଏକ ଗୋଲ ଦେଇ ଜାପାନର ଅଗ୍ରଣୀ ବ୍ୟବଧାନକୁ ୨–୦ରେ ପହଞ୍ଚାଇଥିଲେ। ୫୭ତମ ମିନିଟରେ ଚାଇନାକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ ଗୋଲରେ ପରିଣତ କରିଥିଲେ ଆଓ ଶୁଝୁ। ଚାଇନା ଗୋଟିଏ ହେଲେ ମ୍ୟାଚ ଜିତିପାରି ନ ଥିଲା। କୋରିଆ ବିପକ୍ଷ ମ୍ୟାଚକୁ ୧–୧ରେ ଡ୍ର ରଖିଥିବାରୁ ଗୋଟିଏ ପଏଣ୍ଟ ପାଇଥିଲା।

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ଡ୍ର | ପରାଜୟ | ସ.ଗୋଲ | ବି.ଗୋଲ | ବ୍ୟବଧାନ | ପଏଣ୍ଟ |
|---|---|---|---|---|---|---|---|---|
| ଭାରତ | ୫ | ୪ | ୧ | ୦ | ୨୦ | ୫ | +୧୫ | ୧୩ |
| ମାଲେସିଆ | ୫ | ୪ | ୦ | ୧ | ୧୨ | ୮ | +୪ | ୧୨ |
| ଦ.କୋରିଆ | ୫ | ୧ | ୨ | ୨ | ୬ | ୭ | –୧ | ୫ |
| ଜାପାନ | ୫ | ୧ | ୨ | ୨ | ୮ | ୧୦ | –୨ | ୫ |
| ପାକିସ୍ତାନ | ୫ | ୧ | ୨ | ୨ | ୭ | ୧୨ | –୫ | ୫ |
| ଚାଇନା | ୫ | ୦ | ୧ | ୪ | ୬ | ୧୭ | –୧୧ | ୧ |



ପାକିସ୍ତାନ ବିପକ୍ଷରେ ଗୋଲ ସ୍କୋର କରିବାପରେ ଭାରତ ଅଧିନାୟକ ହରମନପ୍ରୀତ ସିଂଙ୍କୁ ସାଥୀ ଖେଳାଳି ବଧେଇ ଜଣାଉଛନ୍ତି।

# ସରକାରୀ ହସ୍ତକ୍ଷେପ ଲୋଡ଼ିଲେ ଆର୍ମି ଆଥ୍‌ଲେଟ

ନୂଆଦିଲ୍ଲୀ,୯।୮ (ପି.ଟି.)

### ଏସିଆନ ଗେମ୍ସ ଅଭ୍ୟାସ ପାଇଁ ଅର୍ଥାଭାବ

ଏସିଆନ ଗେମ୍ସର ପ୍ରସ୍ତୁତି ପାଇଁ ଅର୍ଥ ବାଧକ ସାଜିଥିବାରୁ କେନ୍ଦ୍ର ସରକାରଙ୍କ କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରଣାଳୟର ଦ୍ୱାରସ୍ଥ ହୋଇଛନ୍ତି ଦୁଇ ଜଣ ଆଥ୍‌ଲେଟ। ଭାରତୀୟ ସେନାରେ କାର୍ଯ୍ୟରତ ମେଜର ଅପୂର୍ବ ଦଭାଡେ ଓ ଦଫାଦାର ବିକାଶ କୁମାର ବୁଧବାର କ୍ରୀଡା ମନ୍ତ୍ରଣାଳୟ ଓ ଜାତୀୟ ଫେଡେରେଶନର ହସ୍ତକ୍ଷେପ ପାଇଁ ଦାବି କରିଛନ୍ତି। ଉଭୟ ଖେଳାଳି ଇଭେଣ୍ଟିଂ ବା ଅଶ୍ୱଚାଳନାରେ ଅଂଶଗ୍ରହଣ କରିଥାନ୍ତି। ଉଭୟ ଖେଳାଳି ଫ୍ରାନ୍ସରେ ଜାତୀୟ କୋଚ୍ ରୋଡୋଲ୍ଫ ଶ୍ଚେରରଙ୍କ ଅଧୀନରେ ପ୍ରଶିକ୍ଷଣ ଗ୍ରହଣ କରୁଥିଲେ। ହାଙ୍ଗଝୌ ଏସିଆନ ଗେମ୍ସ ପାଇଁ ଜୁନ୍ ୧୫ରୁ ଉଭୟ ଫ୍ରାନ୍ସରେ ରହି ପ୍ରଶିକ୍ଷଣ ନେଉଛନ୍ତି। ତେବେ ଇକ୍ୱିଷ୍ଟ୍ରିଆନ୍ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଇଏଫ୍‌ଆଇ) ପକ୍ଷରୁ ରୋଡୋଲ୍ଫଙ୍କ ବେତନ ଦିଆଯାଇ ନ ଥିବାରୁ ଏମାନଙ୍କ ପ୍ରଶିକ୍ଷଣ ବନ୍ଦ ରହିଛି। ଅନ୍ୟ ଦୁଇ ଖେଳାଳି ଆଶିଷ ଲିମାୟେ ଓ ରାଜୁ ସିଂ ବ୍ୟକ୍ତିଗତ ସ୍ପନସରଶିପ୍‌ରେ ଥିବାରୁ ରୋଡୋଲ୍ଫ ସେମାନଙ୍କ ପ୍ରଶିକ୍ଷଣ ଜାରି ରଖିଛନ୍ତି।

ମେଜର ଅପୂର୍ବ ଏ ନେଇ କେନ୍ଦ୍ର ସରକାର, ସାଇ ଓ ଇଏଫ୍‌ଆଇ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି। କ୍ରୀଡା ମନ୍ତ୍ରାଳୟର ଉଦ୍ୟମ କାରଣରୁ ହିଁ ଏହି କୋଚିଂ କ୍ୟାମ୍ପ ସମ୍ଭବ ହୋଇଥିଲା। ମାତ୍ର ଅର୍ଥାଭାବ କାରଣରୁ ଜୁଲାଇ ୩୦ ପରଠାରୁ ଆମର ପ୍ରଶିକ୍ଷଣ ବନ୍ଦ ରହିଛି। ଟ୍ରେନିଂ ବନ୍ଦ ରହିଲେ ଏହା ଆମର ପ୍ରଦର୍ଶନକୁ ନିଶ୍ଚିତ ଭାବରେ ପ୍ରଭାବିତ କରିବ। ଏସିଆନ୍ ଗେମ୍ସକୁ ଆଉ ମାତ୍ର ମାସେ ସମୟ ରହିଥିବାରୁ ସରକାର ତୁରନ୍ତ ଏହି ମାମଲାରେ ହସ୍ତକ୍ଷେପ କରିବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି। ଇଏଫ୍‌ଆଇ ମହାସଚିବ କଲୋନେଲ ଜସବୀର ସିଂ ସମାନ ଘଟଣାକୁ ସ୍ୱୀକାର କରିଛନ୍ତି। କେନ୍ଦ୍ର ସରକାରଙ୍କ ସହାୟତାରେ ଦୁଇମାସିଆ କ୍ୟାମ୍ପ ଆୟୋଜିତ ହୋଇଥିଲା।

# କାଉଣ୍ଟିରେ ପୃଥ୍ୱୀ ଶ'ଙ୍କ ଦ୍ୱିଶତକ

ନର୍ଥହାମ୍ପଟନ୍,୯।୮ (ପି.ଟି.)

ଭାରତୀୟ ଦଳରୁ ଦୂରରେ ଥିବା ଓପନର ପୃଥ୍ୱୀ ଶ କାଉଣ୍ଟିରେ ଦ୍ୱିଶତକ ହାସଲ କରିଛନ୍ତି। ବୁଧବାର ଇଂଲଣ୍ଡର ୱାନ୍ ଡେ କପ୍‌ରେ ନର୍ଥହାମ୍ପଟନଶାୟର ପକ୍ଷରୁ ଖେଳୁଥିବା ଶ' ୧୫୩ ବଲ୍ ଖେଳି ୨୪୪ ରନ୍ ସ୍କୋର କରିଛନ୍ତି। ଲିଷ୍ଟ ଏରେ ଏହା ପୃଥ୍ୱୀଙ୍କର ସର୍ବାଧିକ ସ୍କୋର ଅଟେ। ଏହି ଇନିଂସରେ ୨୮ ଚୌକା ଓ ୧୧ ଛକା ସାମିଲ ଥିଲା। ୨୦୨୦–୨୧ରେ ପୃଥ୍ୱୀ ବିଜୟ ହଜାରେ ଟ୍ରଫି ସେମିରେ ଶେଷ ଥର ପାଇଁ ଶତକ ହାସଲ କରିଥିଲେ। ନର୍ଥହାମ୍ପଟନଶାୟର ପାଇଁ ତୃତୀୟ ମ୍ୟାଚ୍ ଖେଳୁଥିବା ପୃଥ୍ୱୀ ୮୧ ବଲ୍‌ରେ ନିଜର ଶତକ ପୂରଣ କରିଥିଲେ। ପରେ ରନ୍‌ଗତି ବଢାଇବା ସହିତ ୧୨୯ ବଲ୍‌ରେ ଦ୍ୱିଶତକ ପୂରଣ କରିଥିଲେ। ୨୩ ବର୍ଷୀୟ ପୃଥ୍ୱୀଙ୍କର ଲିଷ୍ଟ ଏରେ ଏହା ଦ୍ୱିତୀୟ ଦ୍ୱିଶତକ। ଏହା ପୂର୍ବରୁ ପୁଡୁଚେରୀ ବିପକ୍ଷରେ ସେ ୨୨୭ ରନ୍‌ର ଇନିଂସ ଖେଳିଥିଲେ।



ଦ୍ୱିଶତକ ହାସଲପରେ ପୃଥ୍ୱୀ ଶ'।

# ଗୋକୁଲମ୍ କେରଳର ସହଜ ବିଜୟ

**କୋଲକାତା,୯।୮ (ପି.ଟି.):** ଏସିଆର ସର୍ବପୁରାତନ ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଗୋକୁଲମ୍ କେରଳ ଏଫ୍‌ସିର ସହଜ ବିଜୟ। କିଶୋର ଭାରତୀ କ୍ରୀଡାଙ୍ଗନରେ ଅନୁଷ୍ଠିତ ମ୍ୟାଚରେ ବୁଧବାର ଇଣ୍ଡିଆନ ଏୟାର ଫୋର୍ସ ବିପକ୍ଷରେ ଦଳ ୨–୦ରେ ବିଜୟୀ ହୋଇଛି। ଗ୍ରୁପ୍ ସିର ମ୍ୟାଚ୍‌ରେ ଗୋକୁଲମ୍ ପକ୍ଷରୁ ସୌରଭ ଓ ଶ୍ରୀକୁଟ୍ଟନ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ମ୍ୟାଚ୍‌ର ୨୦ ତମ ମିନିଟରେ ସୌରଭ ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧରେ ୧–୦ରେ ଆଗୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଶ୍ରୀକୁଟ୍ଟନ ଗୋଲ୍ ସ୍କୋର କରିଥିଲେ। ଆଲେକ୍ସ ସାଞ୍ଚେଜ୍‌ଙ୍କ ପାସ୍‌କୁ ଗୋଲ୍‌ରେ ପରିଣତ କରି ଗୋକୁଲମ୍ କେରଳକୁ ୨–୦ରେ ବିଜୟୀ କରିଥିଲେ ଶ୍ରୀକୁଟ୍ଟନ୍।

# ଭାରତର ପ୍ରଥମ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜୟକୁ ୭୫ ବର୍ଷ

କୋଝିକୋଡ଼େ, ୯।୮

ସ୍ୱାଧୀନ ହେବାପରେ ଭାରତୀୟ ପୁରୁଷ ହକି ଦଳ ୧୯୪୮ରେ ପ୍ରଥମଥରପାଇଁ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ଭାରତୀୟ କ୍ରୀଡ଼ାରେ ଏହା ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଥିଲା। ଫାଇନାଲରେ ଭାରତ ୪–୦ ଗୋଲରେ ଗ୍ରେଟ୍ ବ୍ରିଟେନକୁ ପରାସ୍ତ କରିଥିଲା। ସ୍ୱାଧୀନ ଭାରତର ଏହାଥିଲା ପ୍ରଥମ ଅଲିମ୍ପିକ୍ସ ସ୍ୱର୍ଣ୍ଣ। ଏହାକୁ ଏବେ ୭୫ ବର୍ଷ ପୂରଣ ହୋଇଛି। ଏହି ଅବସରରେ ୧୯୪୮ ହକି ଦଳର କିମ୍ବଦନ୍ତୀ ଖେଳାଳିମାନଙ୍କୁ ସମ୍ମାନ ଜଣାଇ କେରଳର କାଲିକଟସ୍ଥିତ ମାଲବାର କ୍ରିଷ୍ଟିଆନ କଲେଜର ଇତିହାସ ବିଭାଗ ମୁଖ୍ୟ ଡ. ବଶିଷ୍ଟ ଏବଂ ତାଙ୍କ ଛାତ୍ରୀ ଅକ୍ଷୟା ଏକ ବ୍ୟାନର ପ୍ରସ୍ତୁତ କରିଛନ୍ତି। "ଭାରତୀୟ ହିରୋଙ୍କ ସମ୍ମାନ ଉଦ୍ଦେଶ୍ୟରେ ଆମେ ଏହି ବ୍ୟାନର ପ୍ରସ୍ତୁତ କରିଛୁ" ବୋଲି ବଶିଷ୍ଟ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଆର୍ଜେଣ୍ଟିନା, ଅଷ୍ଟ୍ରିଆ ଓ ସ୍ପେନ୍ ସହିତ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଭାରତ ୩ ମ୍ୟାଚରୁ ୩ ବିଜୟ ସହ ଟେବୁଲରେ ଶୀର୍ଷସ୍ଥାନ ଅଧିକାର କରିଥିଲା। ସେମିଫାଇନାଲରେ ଦଳ ନେଦରଲାଣ୍ଡ୍ସକୁ ୨–୧ରେ ହରାଇଥିବାବେଳେ ଫାଇନାଲରେ ବ୍ରିଟେନକୁ ପରାଜୟ ସ୍ୱାଦ ଚଖାଇଥିଲା। ସ୍ୱର୍ଣ୍ଣ ପଦକ ମ୍ୟାଚରେ ଭାରତ ପକ୍ଷରୁ ବଲବୀର ସିଂ ସିନିୟର ୩ ଓ ୫୫ତମ ମିନିଟରେ ୨ଟି ଏବଂ ପ୍ୟାଟ୍ରିକ ଆଣ୍ଟୋନୀ ଜାନସେନ ୧୦ ଓ ତର୍ଲୋଚନ ସିଂ ବାୱା ୬୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।




ଛାତ୍ରୀ ଅକ୍ଷୟାଙ୍କ ସହ ବଶିଷ୍ଟ ବ୍ୟାନର ପ୍ରଦର୍ଶନ କରୁଛନ୍ତି।

# ଭାରତୀୟ ଶଟ୍‌ଗନ ଶୁଟରଙ୍କୁ ଆର୍ଥିକ କ୍ଷତି

ନୂଆଦିଲ୍ଲୀ,୯।୮ (ପି.ଟି.)

ଭାରତୀୟ ଶଟ୍‌ଗନ୍ ଶୁଟରଙ୍କୁ ବିପୁଳ ପରିମାଣରେ ଆର୍ଥିକ କ୍ଷତି ପହଞ୍ଚାଇପାରେ ୟୁରୋପିଆନ୍ ୟୁନିୟନ୍‌ର ନିଷ୍ପତ୍ତି। ଶୁଟିଂରେ ବ୍ୟବହୃତ ହେଉଥିବା ସୀସା ବ୍ୟବହାର ଉପରେ କଟକଣା ଲାଗୁ କରିବା ପାଇଁ ୟୁରୋପିଆନ୍ ୟୁନିୟନ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ଶଟ୍‌ଗନ ଶୁଟରମାନଙ୍କୁ ସେମାନଙ୍କ ଶଟ୍‌ଗନ୍‌ର ବ୍ୟାରେଲ୍ ବଦଳାଇବାକୁ ପଡିପାରେ କିମ୍ବା ନୂତନ ବନ୍ଧୁକ କିଣିବାକୁ ପଡିପାରେ। ଉଭୟ ବ୍ୟବସ୍ଥା ବେଶ୍ ମହଙ୍ଗା ହୋଇଥିବାରୁ ଏହା ଭାରତୀୟ ଶୁଟରମାନଙ୍କୁ ଆର୍ଥିକ କ୍ଷତି ପହଞ୍ଚାଇବ। ୟୁରୋପିଆନ୍ ବ୍ରାଣ୍ଡର ଗୋଟିଏ ଟ୍ରାପ୍ ଅଥବା ସ୍କିଟ୍ ବନ୍ଧୁକର ମୂଲ୍ୟ ଭାରତୀୟ ମୁଦ୍ରାରେ ୯ ଲକ୍ଷ ଟଙ୍କା ପଡିଥାଏ। ଅନ୍ୟପକ୍ଷରେ ଜଣେ ଅନ୍ତର୍ଜାତୀୟ ଶୁଟରଙ୍କୁ ନିଜ ସାଥୀରେ ଅନ୍ୟୂନ ଦୁଇଟି ବନ୍ଧୁକ ରଖିବାକୁ ପଡିଥାଏ।

ଅନ୍ତର୍ଜାତୀୟ ଶୁଟିଂ ସ୍ପୋର୍ଟ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) ମଧ୍ୟ ୟୁରୋପିଆନ୍ ୟୁନିୟନ୍‌ର ଏହି ପ୍ରସ୍ତାବକୁ ଗୁରୁତ୍ୱର ସହ ବିଚାର କରୁଛି। ଲିଡ୍ ବା ସୀସାର ବ୍ୟବହାର ଦ୍ୱାରା ପରିବେଶ ଉପରେ ଖରାପ ପ୍ରଭାବ ପଡିଥାଏ। ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ କିମ୍ବା ଏହା ପୂର୍ବରୁ ଏହି ନୂତନ ନିୟମ ଲାଗୁ ହୋଇପାରେ। ଏ ସମ୍ପର୍କରେ ଆଇଏସ୍‌ଏସ୍‌ଏଫ୍ ପକ୍ଷରୁ କୌଣସି ନିଷ୍ପତ୍ତି ଚୂଡାନ୍ତ ହୋଇ ନ ଥିବା ବେଳେ କିଛି ପୂର୍ବତନ ଶୁଟର ଏହା ସପକ୍ଷରେ ମତ ଦେଇଛନ୍ତି। ରାଜ୍ୟଗୋଷ୍ଠୀ ଟ୍ରାପ୍ ଶୁଟର ସ୍ୱର୍ଣ୍ଣ ପଦକ ବିଜେତା ମନଶେର ସିଂ ଓ ଏସିଆନ୍ ଗେମ୍ସ ଡବଲ୍ ଟ୍ରାପ୍ ଚାମ୍ପିୟନ ରଞ୍ଜନ ସୋଧୀ ସୀସା ବଦଳରେ ଷ୍ଟିଲ ପେଲେଟ ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି। ଭାରତୀୟ ଶୁଟରମାନେ ଏଣିକି ସୀସା ବଦଳରେ ଷ୍ଟିଲ ପେଲେଟ୍‌ରେ ଅଭ୍ୟାସ ଆରମ୍ଭ କରିବା ଉଚିତ। ଏହି ବିବାଦୀୟ ଘଟଣା ଉପରେ ୟୁରୋପିଆନ୍ ୟୁନିୟନ ସଦସ୍ୟମାନେ ଭୋଟ କରିବାକୁ ଯାଉଥିବା ନେଇ ଆଇଏସଏସ୍‌ଏଫ୍ ପକ୍ଷରୁ ପ୍ରକାଶ ପାଇଥିଲା। ତେବେ ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଧୀରେ ଧୀରେ ଏ ଦିଗରେ ପାଦ ବଢାଇବା ପାଇଁ ଆଇଏସ୍‌ଏସ୍‌ଏଫ୍ ପକ୍ଷରୁ ମତ ପ୍ରକାଶ ପାଇଛି।

ଶଟ୍ ଗନ୍ ଶୁଟିଂରେ ଭାରତ କିଛି ବିଶ୍ୱସ୍ତରୀୟ ଶୁଟରଙ୍କୁ ପାଇଛି। ଅଲିମ୍ପିକ୍ସ ପଦକ ବିଜେତା ରାଜ୍ୟବର୍ଦ୍ଧନ ସିଂ ରାଠୋର, ମାନବଜିତ ସିଂ, ମନଶେର ସିଂ, ରଞ୍ଜନ ସୋଧୀ,ଅଙ୍କୁର ମିତ୍ତଲ ଓ ମୈରାଜ ଅହମଦ ଖାନ ଏମାନଙ୍କ ମଧ୍ୟରୁ ଅନ୍ୟତମ। ଅଧିକାଂଶ ଶଟ୍‌ଗନ୍ ୟୁରୋପରେ ପ୍ରସ୍ତୁତ ହୋଇଥାଏ। ତେଣୁ ଭାରତୀୟ ଶୁଟରମାନଙ୍କୁ ବନ୍ଧୁକ ଅଥବା ଏହାର ବ୍ୟାରେଲ ବଦଳାଇବା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ସେମାନେ ଆଗୁଆ ଏହି ବ୍ୟବସ୍ଥାକୁ ଆପଣେଇବା ଉଚିତ ବୋଲି ପୂର୍ବତନ ଶୁଟରମାନେ କହିଛନ୍ତି।



**କୋଲକାତା:** ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟରେ ବୁଧବାର ଗୋକୁଲମ୍ କେରଳ ଓ ଇଣ୍ଡିଆନ ଏୟାର ଫୋର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ

କେନ୍ଦୁଝର, ୯।୮
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରର ଧରଣୀଧର ଇଣ୍ଡୋର ଷ୍ଟାଡିୟମଠାରେ ବୁଧବାର ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ହୋଇଯାଇଛି। କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକ୍‌ରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ କ୍ରୀଡା ପତାକାକୁ ଉତ୍ତୋଳନ କରିଥିଲେ। ବାଲେଶ୍ୱର, ବଲାଙ୍ଗୀର, ରାଉରକେଲା, ରାୟଗଡା, ବ୍ରହ୍ମପୁର, ଝାରସୁଗୁଡା, କଟକ ଓ ଭୁବନେଶ୍ୱରର ୮ଟି ଜୋନ୍‌ରୁ ୧୫୦ରୁ ଊର୍ଦ୍ଧ୍ୱ ବାଳିକା, ବାଳକ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୧୪ ବର୍ଷରୁ କମ,୧୭ ବର୍ଷରୁ କମ ଏବଂ ୧୯ ବର୍ଷରୁ କମ ୩ଟି ବର୍ଗରେ ଉଭୟ ସିଙ୍ଗଲ ଓ ଡବଲ୍ସ ଇଭେଣ୍ଟରେ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ୧୪ ବର୍ଷରୁ କମ ବାଳକ ବର୍ଗରେ ଭୁବନେଶ୍ୱର ଜୋନ ଚାମ୍ପିୟନ ଓ ଝାରସୁଗୁଡା ରନର୍ସଅପ ହୋଇଥିଲା। ୧୪ ବର୍ଷରୁ କମ ବାଳିକା ବର୍ଗରେ ଭୁବନେଶ୍ୱର ଜୋନ ଚାମ୍ପିୟନ ଓ ରାଉରକେଲା ଜୋନ ରନର୍ସଅପ ଆଖ୍ୟା ଅର୍ଜନ କରିଥିଲା। ୧୭ ବର୍ଷରୁ କମ ବାଳକ ବର୍ଗରେ କଟକ ଜୋନ ଚାମ୍ପିୟନ ଓ ରାଉରକେଲା ଜୋନ ରନର୍ସଅପ ହୋଇଥିଲା। ୧୭ ବର୍ଷରୁ କମ ବାଳିକା ବର୍ଗରେ ଭୁବନେଶ୍ୱର ଜୋନ ଚାମ୍ପିୟନ ଓ ରାୟଗଡା ଜୋନ ରନର୍ସ ଅପ୍,୧୯ ବର୍ଷରୁ କମ ବାଳକ ବର୍ଗରେ ରାଉରକେଲା ଜୋନ ଚାମ୍ପିୟନ ଓ ଝାରସୁଗୁଡା ଜୋନ ରନର୍ସଅପ, ୧୯ ବର୍ଷରୁ କମ ବାଳିକା ବର୍ଗରେ ରାଉରକେଲା ଜୋନ ଚାମ୍ପିୟନ ଓ ଝାରସୁଗୁଡା ଜୋନ ରନର୍ସ ଅପ୍ ପୁରସ୍କାର ହାସଲ କରିଥିଲେ। କେନ୍ଦୁଝରଗଡ ପୌରପାଳିକା ଅଧ୍ୟକ୍ଷ ନିକୁ ସାହୁ ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ବଲିଉଡ୍ ନାୟିକାଙ୍କ ପସନ୍ଦୀୟ ଖାଦ୍ୟ





ଦୀପିକା ପାଦୁକୋନ୍

**ହିନ୍ଦୀ ସିନେମା ଜଗତର ଅଭିନେତ୍ରୀମାନେ ସେମାନଙ୍କର ଫିଟ୍‌ନେସ୍ ଏବଂ ଖାଦ୍ୟପେୟ ପ୍ରତି ବେଶ୍ ସଚେତନ। ନିଜକୁ ସ୍ଲିମ୍ ଟ୍ରିମ୍ ରଖିବାକୁ ସେମାନେ ଏକ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରିଥାଆନ୍ତି। ବଲିଉଡ୍‌ର କେତେକ ପ୍ରମୁଖ ନାୟିକାଙ୍କର ପସନ୍ଦୀୟ ଖାଦ୍ୟ ସମ୍ପର୍କରେ...**

**କରୀନା କପୁର :** କପୁର ଖାନଦାନର ଅନ୍ୟତମ ଅଭିନେତ୍ରୀ ହେଉଛନ୍ତି କରୀନା। ଇତିମଧ୍ୟରେ ସେ ଅନେକ ହିଟ୍ ସିନେମାରେ ଅଭିନୟ କରିସାରିଛନ୍ତି। ହେଲେ ସବୁବେଳେ ସେ ନିଜର ଜିରୋ ଫିଗର ପାଇଁ ଚର୍ଚ୍ଚାରେ ରହିଥାଆନ୍ତି। ଯେତେ ବ୍ୟସ୍ତ ରହିଲେ ମଧ୍ୟ ଏକ୍ସରସାଇଜ କରିବାକୁ ଭୁଲି ନ ଥାନ୍ତି ସେ। କରୀନା ସବୁବେଳେ ଘରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଖାଆନ୍ତି। ଏପରି କି ଶୁଟିଂ ସେଟ୍‌ରେ ସେ ନିଜ ପସନ୍ଦୀୟ ଖାଦ୍ୟ ଖାଇଥାଆନ୍ତି। ତାଙ୍କର ସବୁଠାରୁ ମନ ପସନ୍ଦର ଖାଦ୍ୟ ହେଲା ପାସ୍ତା। ହେଲେ ବାହାରେ ପ୍ରସ୍ତୁତ ପାସ୍ତା ସେ ଆଦୌ ଖାଇ ନ ଥାନ୍ତି। ସବୁବେଳେ ଘରେ ତିଆରି ହୋଇଥିବା ପାସ୍ତା ଖାଆନ୍ତି।

**ପ୍ରିୟଙ୍କା ଚୋପ୍ରା :** ଦିନ ଥିଲା ବଲିଉଡ୍‌ରେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ ପ୍ରିୟଙ୍କା। ହେଲେ ହଲିଉଡ୍ ଗାୟକ ନିକ୍ ଜୋନାସଙ୍କ ସହ ଘର ସଂସାର କରିବା ପରେ ସେ ଏବେ ବିଦେଶରେ ରହୁଛନ୍ତି। ହେଲେ ତାଙ୍କର ସବୁବେଳେ ଭାରତୀୟ ଖାଦ୍ୟ ହିଁ ପସନ୍ଦ। ପନିପରିବା ମଧ୍ୟରେ ସେ ଶାଗ ଖାଇବାକୁ ପସନ୍ଦ କରନ୍ତି। ପ୍ରିୟଙ୍କା ସବୁବେଳେ ମକାରୁ ପ୍ରସ୍ତୁତ ରୁଟି ଖାଇଥାଆନ୍ତି।

**ଶ୍ରଦ୍ଧା କପୁର :** ଶକ୍ତି ତନୟା ଶ୍ରଦ୍ଧା କପୁରଙ୍କ ପସନ୍ଦ ଟିକେ ନିଆରା। ସେ ସବୁବେଳେ ରୋଲ୍ ଖାଇବାକୁ ପସନ୍ଦ କରନ୍ତି। ହେଲେ ଅଧିକ ତେଲମସଲାଯୁକ୍ତ ଖାଦ୍ୟ ଆଦୌ ଖାଇ ନ ଥାନ୍ତି। ସେ ସବୁବେଳେ ଏପରି ଖାଦ୍ୟ ଖାଆନ୍ତି, ଯାହା ତାଙ୍କର ଫିଗରକୁ ପରଫେକ୍ଟ ରଖିବ। ଅନ୍ୟପକ୍ଷରେ ଜାପାନୀ ଖାଦ୍ୟ ଖାଇବାକୁ ଭଲ ପାଆନ୍ତି ଏହି ଅଭିନେତ୍ରୀ।

**ଅନୁଷ୍କା ଶର୍ମା :** ଅନୁଷ୍କା ବିଶେଷଭାବରେ ନନ୍ ଭେଜ୍ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି। ପ୍ରତିଦିନ ଯାହାହେଲେ ବି ଟିକେ ଆମିଷ ଖାଇବା ତାଙ୍କର ଏକ ଅଭ୍ୟାସ। ହେଲେ ତାଙ୍କର ସବୁଠାରୁ ଅଧିକ ପସନ୍ଦ ହେଉଛି ତାଙ୍କ ମା'ଙ୍କ ଦ୍ୱାରା ପ୍ରସ୍ତୁତ ବଟର ଚିକେନ୍।

**ଜ୍ୟାକଲିନ୍ ଫର୍ନାଡିସ୍ :** ଜ୍ୟାକ୍‌ଲିନ୍ ସବୁବେଳେ ନିଜ ଖାଦ୍ୟପେୟ ପ୍ରତି ବେଶ୍ ସଚେତନ ରହିଥାଆନ୍ତି। ନିଜ ଫିଗରକୁ ଫିଟ୍ ରଖିବା ପାଇଁ ସେ ସବୁବେଳେ ନିଜ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ତାଲିକା ଅନୁସରଣ କରନ୍ତି। ହେଲେ ପ୍ରତିଦିନ ଗୋଟିଏ ଜିନିଷ ଖାଇବାକୁ ସେ ଆଦୌ ଭୁଲି ନ ଥାନ୍ତି। ତାହା କ'ଣ ଜାଣନ୍ତି ? ଚକୋଲେଟ୍। ପ୍ରତିଦିନ ସେ ଯେମିତି ହେଲେ ୩-୪ଟି ଚକୋଲେଟ ଖାଇବା ଥୟ।

**ସୋନମ କପୁର :** ଅନିଲ ତନୟା ସୋନମ ଯେତେବେଳେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ତାଙ୍କର ଓଜନ ଅଧିକ ଥିଲା। ତେଣୁ ଏହାକୁ ସନ୍ତୁଳିତ ରଖିବାକୁ ତାଙ୍କୁ ଡାଏଟିଂ ପ୍ରତି ଧ୍ୟାନ ଦେବାକୁ ପଡିଥିଲା। ଏବେ ମଧ୍ୟ ସେ ନିଜ ଖାଦ୍ୟପେୟକୁ ନେଇ ବେଶ୍ ସତର୍କତା ଅବଲମ୍ବନ କରନ୍ତି। ତାଙ୍କର ମନ ପସନ୍ଦର ଖାଦ୍ୟ ହେଲା ପାଓଭାଜି।

**ପରିଣୀତି ଚୋପ୍ରା :** ପରିଣିତିଙ୍କ ଜନ୍ମ ପଞ୍ଜାବରେ। ତେଣୁ ସେ ସବୁବେଳେ ପଞ୍ଜାବୀ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି। ତାଙ୍କର ସବୁଠାରୁ ଅଧିକ ପସନ୍ଦୀୟ ଖାଦ୍ୟ ହେଲା ରାଜମା ଚାଓ୍ୱଲ ଆଉ କଡାଇ ମସାଲା ଚିକେନ୍।

**ଦୀପିକା ପାଦୁକୋନ୍ :** ଦୀପିକା ସବୁବେଳେ ଏକ ବାଲାନ୍ସଡ ଡାଏଟ ଅନୁସରଣ କରନ୍ତି। ସେ କଦାପି ଏଭଳି ଖାଦ୍ୟ ଖାଆନ୍ତି ନାହିଁ, ଯାହାର ପ୍ରତିକୂଳ ପ୍ରଭାବ ତାଙ୍କର ଫିଗର ଉପରେ ପଡ଼ିବ। ସେ ସବୁବେଳେ ବ୍ରେକ୍‌ଫାଷ୍ଟରେ ଇଡଲି ଏବଂ ଚଟନି ଖାଇଥାଆନ୍ତି।

**କ୍ୟାଟ୍ରିନା କୈଫ :** କ୍ୟାଟ୍ରିନା ନିଜ ଖାଦ୍ୟପେୟକୁ ନେଇ ବେଶ୍ ସଚେତନ। ହେଲେ ଲଞ୍ଚ ହେଉ କି ଡିନର ପରେ ସେ ମିଠା ଖାଇବାକୁ ଭୁଲି ନ ଥାନ୍ତି। ଆଉ ଏକ ଜିନିଷ ତାଙ୍କର ମଧ୍ୟ ଭାରି ପସନ୍ଦ। ତାହା ହେଲା ଆଇସକ୍ରିମ।

**ଆଲିୟା ଭଟ୍ଟ :** ଆଲିୟା ସବୁବେଳେ ଘରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି। ନିଜ ଫିଟ୍‌ନେସ ପାଇଁ ସେ ସନ୍ତୁଳିତ ଖାଦ୍ୟ ଖାଇଥାଆନ୍ତି। ଫ୍ରେଞ୍ଚ ଡାଏସ୍ ତାଙ୍କର ଭାରି ପସନ୍ଦ।



ଜ୍ୟାକ୍ଲିନ୍



ଶ୍ରଦ୍ଧା କପୁର



କରୀନା କପୁର

---

ଶୁଟିଂ ଚାଲିଛି..

## ବସ୍

**ଆ**ଜିକାଲି ମହିଳାମାନେ କୌଣସି କ୍ଷେତ୍ରରେ ପଛରେ ପଡ଼ି ନାହାନ୍ତି। ବିଭିନ୍ନ କ୍ଷେତ୍ରରେ ସେମାନେ ନିଜର ପାରଦର୍ଶିତା ଦେଖାଇବା ସହ ପୁରୁଷମାନଙ୍କ ସହ ସମକକ୍ଷ ହେଲେଣି। ସମାଜରେ ପରିବର୍ତ୍ତନ ଆଣିବାରେ ସେମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେଭଳି ଏକ କଥାବସ୍ତୁକୁ ନେଇ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ବସ୍'। ଏକ କମ୍ପାନୀର ବସ୍ କିପରି ସମାଜର ଉନ୍ନତି ପାଇଁ ଚେଷ୍ଟା କରୁଛି ତାହାକୁ ନେଇ କାହାଣୀ ଗତିଶୀଳ। ଆର.ଆର. ଇଭେଣ୍ଟସ ଆଣ୍ଡ ସିନେ ପ୍ରଡକ୍ସନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ରମେଶ ବାରିକ। ସଂଳାପ ରଚନା କରିଛନ୍ତି ବିଜୟ ମଲ୍ଲ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଟାଇଟଲ ଭୂମିକାରେ ବର୍ଷା ପ୍ରିୟଦର୍ଶିନୀ ଅଭିନୟ କରୁଥିବା ବେଳେ ଅନ୍ୟାନ୍ୟ ରୋଲ୍‌ରେ ଅଭିନୟ କରିଛନ୍ତି ହରିହର ମହାପାତ୍ର, ରାଜ ରାକେଶ, ରାକେଶ, ଐଶ୍ୱର୍ଯ୍ୟା, ପୁଷ୍ପା, ଅରବିନ୍ଦ ଷଡ଼ଙ୍ଗୀ ଏବଂ ଶିଶୁ କଳାକାର ଶିବାନ୍ ପ୍ରମୁଖ କଳାକାର। ଫିଲ୍ମଟିର ଶୁଟିଂ ଏବେ ଚାଲୁ ରହିଛି।



ବର୍ଷା ପ୍ରିୟଦର୍ଶିନୀ

---

ନୂଆ ସିନେମା

## କଟକ : ଶେଷରୁ ଆରମ୍ଭ

**ଏ**କ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହେଉଛି ଓଡ଼ିଆ ସିନେମା 'କଟକ : ଶେଷରୁ ଆରମ୍ଭ'। ଆନାସମିସ ପ୍ରଡକ୍ସନ ଏବଂ ଆମରା ଷ୍ଟୁଡିଓ ବ୍ୟାନରରେ ଏହାର ଶୁଟିଂ ଆଗେଇ ଚାଲିଛି। ଖାସ୍ କଥା ହେଲା ଏହି ଫିଲ୍ମରେ ପୁଣି ଥରେ ଦର୍ଶକ ଅନ୍ୟତମ ଲୋକପ୍ରିୟ ଯୋଡି ସିଦ୍ଧାନ୍ତ ମହାପାତ୍ର ଏବଂ ଅନୁ ଚୌଧୁରୀଙ୍କୁ ଦେଖିବାକୁ ପାଇବେ। ଏହାର ଲିଡ୍ ରୋଲ୍‌ରେ ଅଛନ୍ତି ଦେବାଶିଷ ପାତ୍ର। ତାଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି ପୁନମ ମିଶ୍ର। କୁମାର ପ୍ରୀତମ ସାହୁଙ୍କ ପ୍ରଯୋଜିତ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ସୁଧାଂଶୁ ସାହୁ। ଏଥିରେ ନିଜ ଭୂମିକା ସମ୍ପର୍କରେ ଦେବାଶିଷ କହନ୍ତି, 'ଏହି ଫିଲ୍ମରେ ମୋ ଚରିତ୍ରଟି ହେଉଛି ଅଭି। ଏକ ଗାଁରୁ ନିଜର ଲକ୍ଷ୍ୟ ପୂରଣ ପାଇଁ କଟକ ଆସିଛି। ହେଲେ ଏକ ପରିସ୍ଥିତିରେ ପଡ଼ି ସେ ଗ୍ୟାଙ୍ଗଷ୍ଟର ପାଲଟି ଯାଉଛି। ତେବେ ସେହି କାରଣଟି କ'ଣ ତାହା ଦର୍ଶକ ସିନେମା ଦେଖିଲେ ହିଁ ଜାଣିପାରିବେ। ସବୁଠାରୁ ଖାସ୍ କଥା ହେଲା, ଏଥିରେ ମୋତେ ସମ୍ପୂର୍ଣ୍ଣ କଳା ଗେଟ୍‌ଅପ୍ କରାଯାଇଛି। ଏଭଳି ଏକ ଭୂମିକାଟିଏ ତୁଲାଇବାକୁ ଯଥା ସମ୍ଭବ ଚେଷ୍ଟା କରିଛି।' ଫିଲ୍ମଟି ଏଥର ଦଶହରାରେ ପରଦା ଉପରକୁ ଆସିବାର ଯୋଜନା ରହିଛି।



'କଟକ : ଆରମ୍ଭରୁ ଶେଷ' ଫିଲ୍ମରେ ଦେବାଶିଷ

---

ଅପେରା ହାଲ୍‌ଚାଲ୍

## ରଞ୍ଜନ ଯାହା ଚାହୁଁଥିଲେ...



ରଞ୍ଜନ

**ନି**ର୍ଦ୍ଦେଶକ ରଞ୍ଜନ ବିଶ୍ୱାଳ। ପ୍ରତିଟି ଯାତ୍ରା ସିଜନରେ ସେ କିଛି ନା କିଛି ନୂଆ ଗିମିକ୍ ଦର୍ଶକଙ୍କୁ ଦେଖାଇଥାଆନ୍ତି। ଏଥର ମଧ୍ୟ ସେ ପୂରାଦମ୍‌ରେ ନିର୍ଦ୍ଦେଶନାରେ ବ୍ୟସ୍ତ ଅଛନ୍ତି। ଚଳିତ ଯାତ୍ରା ସିଜନରେ ସେ ଯେଉଁଭଳି କେତୋଟି ନାଟକ ନିର୍ଦ୍ଦେଶନା ଦେବାକୁ ଚାହୁଁଥିଲେ ତାହା ତାଙ୍କୁ ମିଳିଯାଇଛି। ଏ ନେଇ ସେ କହନ୍ତି, 'କୌଣସି ନାଟକଟିଏ ନିର୍ଦ୍ଦେଶନା ଦେବା ପୂର୍ବରୁ ମୁଁ ତାହାର କାହାଣୀକୁ ତନ୍ନ ତନ୍ନ କରି ତର୍ଜମା କରିଥାଏ। କାରଣ ମୋ ମତରେ ସେଥିରେ ଏଭଳି ମସଲା ରହିବା ଦରକାର, ଯାହା ଦର୍ଶକଙ୍କୁ ନାଟକ ଶେଷ ହେବା ପର୍ଯ୍ୟନ୍ତ ଟେଣ୍ଟ ଭିତରେ ବାନ୍ଧି ରଖିପାରୁଥିବ। ଆଜିକାଲି ଯାତ୍ରାର ଭବିଷ୍ୟତକୁ ନେଇ ଅନେକ ଆଲୋଚନା ହେଉଛି। ହେଲେ ମୁଁ କହିବି, ଯାତ୍ରାର ଭବିଷ୍ୟତ ଉଜ୍ଜ୍ୱଳ। ଦର୍ଶକମାନଙ୍କର ଭଲ ପାଇବା ଏବେ ବି ରହିଛି।' ଏଥର ତାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ନାଟକ ଭିତରେ ରହିଛି ପପୁ ବ୍ରହ୍ମଙ୍କ ରଚିତ ଅପେରା ଅଶୋକ ସମ୍ରାଟର 'ପଚାରନା ମୁଁ କେମିତି ଅଛି'। ଡ. ସୁଧାଂଶୁ ନାୟକଙ୍କ ରଚିତ ନାଟକ 'ଏଇ ମନ ଝୁରୁଛି ତୋତେ' (ଓଁ ଶ୍ରୀ ବାଘାଯତୀନ ଲୋକନାଟ୍ୟ), ରାଜଧାନୀ ଅପେରାର 'ରାତି କଥା ଛାତିରେ ଥାଉ' (ପପୁ ବ୍ରହ୍ମ), ଯାତ୍ରା ମୋହିନୀର 'ସବୁ ବାଟ ମୋର ଏଇଠି ଶେଷ' ଏବଂ ଯାତ୍ରା ଆକାଶଗଙ୍ଗାର 'ପଦେ ଭାଗବତ ଦି' ପଦ ଗୀତା' (ସଚ୍ଚି ସ୍ୱାଇଁ)। ତେବେ ତାଙ୍କ ନିର୍ଦ୍ଦେଶନାରେ ନାଟକଗୁଡିକ ଏଥର କେତେ ବାଜିମାତ କରୁଛି ତାହା ଦେଖିବାକୁ ବାକି ରହିଲା।

---

## ନଟ୍‌ଆଉଟ୍ @ ୯୯

**ଓ**ଲିଉଡ୍‌ର ବରିଷ୍ଠ ତଥା ଆଗଧାଡିର ସଂଳାପକାର ଡ. ରଜନୀ ରଞ୍ଜନ। ଅଧ୍ୟାପନାରୁ ପ୍ରିନ୍ସିପାଲ ଭାବରେ କାର୍ଯ୍ୟ କରି ରିଟାୟାର୍ଡ ହେବା ପରେ ଏବେ ସିନେମା ସହ ସମ୍ପୂର୍ଣ୍ଣ ଭାବରେ ଜଡିତ। ନିଜ ସଂଳାପ ରଚନା କ୍ୟାରିୟରରେ ସେ ଏକ ଅଭୁଲା ରେକର୍ଡ ଯୋଡିବାକୁ ଯାଉଛନ୍ତି। ଖୁବ୍‌ଶୀଘ୍ର ସେ ନିଜର ୧୦୦ତମ ଫିଲ୍ମର ସଂଳାପ ରଚନା କରିବାକୁ ଯାଉଛନ୍ତି। ଏହି ଫିଲ୍ମର ପ୍ରାରମ୍ଭିକ କାମ ଆଗେଇ ଚାଲିଛି ଏବଂ ନିକଟରେ ଏହାର ଟାଇଟଲ ଘୋଷଣା ସହ ସଂଳାପ ଲେଖା ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ରଜନୀ। ଏ ନେଇ ସେ କହନ୍ତି, 'ଆଜି ମୁଁ ଯେଉଁଠି ପହଞ୍ଚିଛି ସେଥିପାଇଁ ଦର୍ଶକ ସମ୍ପୂର୍ଣ୍ଣ ଭାବରେ ଦାୟୀ। ସେମାନେ ମୋ ପରିଶ୍ରମର ମୂଲ୍ୟ ବୁଝିଛନ୍ତି। ତେଣୁ ମୁଁ ଏ ପର୍ଯ୍ୟନ୍ତ ଓଲିଉଡ୍‌ରେ ତିଷ୍ଠି ରହିଛି।' ୧୯୮୯ରେ 'ମୋ ଭାଇ ଜଗା'ରୁ ଜଣେ ଗୀତିକାର ଭାବରେ ତାଙ୍କର ବଡ ପରଦାରେ ଏଣ୍ଟ୍ରି କରିଥିଲେ। 'ମୋ ଭାଇ ଜଗା' ଫିଲ୍ମର ସଂଳାପରୁ ତାଙ୍କର ସଂଳାପକାର ଜୀବନ ଆରମ୍ଭ ହୋଇଥିଲା। ତାଙ୍କ ରଚିତ ସଂଳାପକୁ ନେଇ ନିର୍ମିତ ପ୍ରମୁଖ ତଥା ହିଟ୍ ସିନେମାଗୁଡିକ ମଧ୍ୟରେ ରହିଛି, 'ଜୟ ଜଗନ୍ନାଥ', 'ସଞ୍ଜୁ ଆଉ ସଞ୍ଜନା', 'ଲୋଫର', 'ଗୁଡ ବୟ', 'ପିଲାଟା ବିଗିଡି ଗଲା', 'ଲଭ୍ ଡଟ୍ କମ୍', 'ମତେ ବୋହୂ କରି ନେଇଯା' ଆଦି ଚଳଚ୍ଚିତ୍ର। ଏବେ ପ୍ରାୟ ୧୫ଟି ସିନେମା ରିଲିଜ ଅପେକ୍ଷାରେ ରହିଛି। ତେଣେ ରଜନୀଙ୍କର ଶହେତମ ଚଳଚ୍ଚିତ୍ରର ଟାଇଟଲ କ'ଣ ରହୁଛି ତାହା ଜାଣିବାକୁ ଦର୍ଶକ ଅପେକ୍ଷା କରିଛନ୍ତି।



ଡ. ରଜନୀ ରଞ୍ଜନ

# ଡୋପ୍ ଟେଷ୍ଟ: ଜାଡେଜା ଆଗରେ

ନୂଆଦିଲ୍ଲୀ,୯।୮(ପି.ଟି.)

ବୁଧବାର ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି(ନାଡା) ପକ୍ଷରୁ କ୍ରିକେଟରମାନଙ୍କ ଡୋପ୍ ଟେଷ୍ଟିଂକୁ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟ ଅନୁସାରେ ସମୁଦାୟ ୫୫ ଜଣ କ୍ରିକେଟରଙ୍କଠାରୁ ୫୮ ଥର ନମୁନା(ସାମ୍ପଲ) ସଂଗ୍ରହ କରାଯାଇଛି। ଭାରତୀୟ ଷ୍ଟାର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କଠାରୁ ସର୍ବାଧିକ ୩ ଥର ଏହି ନମୁନା ସଂଗ୍ରହ କରାଯାଇଛି। ଜୁନ୍ ମାସ ମଧ୍ୟରେ ୫୫ ଜଣ ପୁରୁଷ ଓ ମହିଳା କ୍ରିକେଟରଙ୍କଠାରୁ ମୂତ୍ର ଓ ରକ୍ତ ନମୁନା ସଂଗ୍ରହ କରାଯାଇଛି।


ରବୀନ୍ଦ୍ର ଜାଡେଜା

ଜାନୁୟାରୀରୁ ଜୁନ୍ ମାସ ମଧ୍ୟରେ ନମୁନା ସଂଗ୍ରହ କରାଯାଇଥିବା ବେଳେ ରବୀନ୍ଦ୍ର ଜାଡେଜା ସର୍ବାଧିକ ଥର ଦେଇଛନ୍ତି। ଜାଡେଜାଙ୍କ ୩ ସାମ୍ପଲ ଫେବୃୟାରୀ ୧୯, ମାର୍ଚ୍ଚ ୨୬ ଓ ଏପ୍ରିଲ ୨୬ରେ ନିଆଯାଇଥିଲା। ୨୦୨୧ରେ ସମୁଦାୟ ୫୪ ଓ ୨୦୨୨ରେ ସମୁଦାୟ ୬୦ କ୍ରିକେଟରଙ୍କ ନମୁନା ପରୀକ୍ଷଣ କରିଥିଲା ନାଡା। ଚଳିତ ବର୍ଷର ପ୍ରଥମ ୬ ମାସ ମଧ୍ୟରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପରି ଷ୍ଟାର ଖେଳାଳିଙ୍କଠାରୁ ଥରେ ମଧ୍ୟ ନମୁନା ସଂଗୃହୀତ ହୋଇନାହିଁ।

ଭାରତୀୟ ଟି୨୦ ଦଳର ଅଧିନାୟକ ରହିଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନିକଟରୁ ଥରେ ସାମ୍ପଲ ନିଆଯାଇଛି। ୨୦୨୧ ଓ ୨୦୨୨ରେ ରୋହିତ ଶର୍ମା ସର୍ବାଧିକ ଟେଷ୍ଟ କରାଯାଇଥିବା ଖେଳାଳି ରହିଥିଲେ। ଚଳିତ ବର୍ଷ ମହିଳା ଖେଳାଳିଙ୍କ ମଧ୍ୟରେ ହରମନ୍‌ପ୍ରୀତ୍ କୌର ଓ ସ୍ମୃତି ମାନ୍ଧନା ରହିଛନ୍ତି। ସେହିପରି ଓମେନ୍ସ ପ୍ରିମିୟର ଲିଗ୍ ସମୟରେ ପ୍ରାୟ ୨୦ ଖେଳାଳିଙ୍କ ସାମ୍ପଲ ନିଆଯାଇଥିବା ଜଣାପଡିଛି। ୫୮ ସାମ୍ପଲ ମଧ୍ୟରୁ ୭ଟି ରକ୍ତ ନମୁନା ରହିଛି। ଏପ୍ରିଲ୍ ୨୭ ତାରିଖରେ ଟି. ନଟରାଜନଙ୍କ ଉଭୟ ମୂତ୍ର ଓ ରକ୍ତ ନମୁନା ପରୀକ୍ଷଣ ପାଇଁ ଯାଇଥିଲା।

କ୍ରିକେଟରମାନଙ୍କ ବ୍ୟତୀତ ଅଲିମ୍ପିକ୍ସ ପଦକ ବିଜେତା ମୀରାବାଈ ଚାନୁ, ବକ୍ସର ଲଭଲିନା ବୋର୍ଗୋହେନ୍, ସାଇନା ନେହ୍ୱାଲ, କିଡାମ୍ବି ଶ୍ରୀକାନ୍ତ, ରେସ୍‌ଲର ବଜରଙ୍ଗ ପୁନିଆ, ଭିନେଶ ଫୋଗଟ, ହକି ଖେଳାଳି ପି. ଆର. ଶ୍ରୀଜେସ୍, ହରମନ୍‌ପ୍ରୀତ୍ ସିଂ ଓ ସବିତା ପୁନିଆଙ୍କଠାରୁ ମଧ୍ୟ ନମୁନା ନିଆଯାଇଥିଲା। ୬୦ ପୃଷ୍ଠାର ରିପୋର୍ଟରେ ସମୁଦାୟ ୧୫୦୦ ଖେଳାଳି ଡୋପ୍ ଟେଷ୍ଟ ପାଇଁ ନମୁନା ଦେଇଥିବା ଜଣାପଡିଛି। ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରୁ ସର୍ବାଧିକ ୫୦୦ ନମୁନା ପରୀକ୍ଷଣ ହୋଇଥିବା ଜଣାପଡିଛି।

# ଗିଲ୍, କିଶନଙ୍କୁ କ୍ୟାରିୟର ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍


ଶୁବମନ ଗିଲ୍ ଓ ଇଶାନ କିଶନ।

ଦୁବାଇ,୯।୮(ପି.ଟି.)

ଆଇସିସି ପକ୍ଷରୁ ଦିନିକିଆ ର୍ୟାଙ୍କିଂ ତାଲିକା ବୁଧବାର ପ୍ରକାଶ ପାଇଥିବା ବେଳେ ଭାରତୀୟ ଓପନିଙ୍ଗ ବ୍ୟାଟର ଶୁବମନ ଗିଲ୍ ଓ ଇଶାନ କିଶନଙ୍କୁ ମିଳିଛି କ୍ୟାରିୟର ଶ୍ରେଷ୍ଠ ର୍ୟାଙ୍କିଙ୍ଗ। ଗିଲ୍ ଦୁଇଟି ସ୍ଥାନ ଉପରକୁ ଉଠି ପଞ୍ଚମ ସ୍ଥାନରେ ପହଞ୍ଚିଛନ୍ତି। ଏହା ସହିତ ୭୪୩ ପଏଣ୍ଟ ହାସଲ କରି ପାକିସ୍ତାନର ବାବର ଆଜମ, ଫଖର ଜମାନ୍ ଓ ଇମାମ୍ ଉଲ ହକ୍‌ଙ୍କ ପାଖା ପାଖି ପହଞ୍ଚିଛନ୍ତି ଗିଲ୍। ବାବର ଆଜମ୍ ୧ ନମ୍ବର ସ୍ଥାନରେ ରହିଥିବା ବେଳେ ଜମାନ୍ ୭୫୫ ପଏଣ୍ଟ ସହିତ ତୃତୀୟ ଓ ଇମାମ୍ ଉଲ୍ ହକ୍ ୭୪୫ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛନ୍ତି। ଅନ୍ୟ ପକ୍ଷରେ ଇଶାନ୍ କିଶନ୍ ୯ ସ୍ଥାନ ଉପରକୁ ଉଠି ୩୬ ତମ ସ୍ଥାନରେ ପହଞ୍ଚିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ୧୦ସ୍ଥାନ ଉପରକୁ ଉଠି ବ୍ୟାଟରଙ୍କ ତାଲିକାରେ ୭୧ତମ ସ୍ଥାନରେ ପହଞ୍ଚିଛନ୍ତି।

ଦିନିକିଆରେ ବୋଲରଙ୍କ ମଧ୍ୟରେ କୁଲଦୀପ ଯାଦବ ଟପ୍-୧୦ରେ ପ୍ରବେଶ କରିଛନ୍ତି। ୭ ଉଇକେଟ ନେଇଥିବା କୁଲଦୀପ ୪ ସ୍ଥାନର ଉନ୍ନତି ସହ ୧୦ ନମ୍ବର ସ୍ଥାନରେ ରହିଛନ୍ତି। ଅନ୍ୟ ପକ୍ଷରେ ସିମର ଶାର୍ଦ୍ଦୂଳ ଠାକୁର ୩ ସ୍ଥାନ ଉପରକୁ ଉଠି ୩୦ ତମ ସ୍ଥାନରେ ପହଞ୍ଚିଛନ୍ତି। ଅଲରାଉଣ୍ଡରଙ୍କ ତାଲିକାରେ ହାର୍ଦ୍ଦିକ ପାଣ୍ଡ୍ୟା ୧୧ତମ ସ୍ଥାନରେ ପହଞ୍ଚିଛନ୍ତି। ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ପଦାର୍ପଣ କରିଥିବା ତିଳକ ବର୍ମା ଟି୨୦ ବ୍ୟାଟରଙ୍କ ମଧ୍ୟରେ ୪୬ତମ ସ୍ଥାନ ହାସଲ କରିଛନ୍ତି।

# ମନିକା ବାତ୍ରାଙ୍କ ବ୍ୟାଗ୍ ମିଳିଲା

ନୂଆଦିଲ୍ଲୀ,୯।୮(ପି.ଟି.)

ଭାରତୀୟ ଟେବଲ ଟେନିସ୍ ତାରକା ମନିକା ବାତ୍ରାଙ୍କ ଉଭାନ୍ ହୋଇଥିବା ବ୍ୟାଗ୍ ବୁଧବାର ଦିନ ମିଳିଛି। ସ୍ପୋର୍ଟିଙ୍ଗ କିଟ୍ ଥିବା ବ୍ୟାଗ୍ ବିମାନ ଯାତ୍ରା ସମୟରେ ଗାଏବ ହୋଇଥିଲା। ପେରୁରୁ କେଏଲ୍‌ଏମ୍ ଏୟାର ଲାଇନ୍ସର ବିମାନ ଜରିଆରେ ଏକ ଟୁର୍ନାମେଣ୍ଟ ପରେ ଫେରୁଥିବା ସମୟରେ ଏଭଳି ଘଟଣା ଘଟିଥିଲା। ବ୍ୟାଗ ମିଳିବା ପରେ ମନିକା ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ତ୍ୱରିତ ପଦକ୍ଷେପ ପାଇଁ ଧନ୍ୟବାଦ ଜଣାଇଛନ୍ତି। ମଙ୍ଗଳବାର ବ୍ୟାଗ୍ ଉଭାନ୍ ହୋଇଥିବା ନେଇ ମନିକା ସିନ୍ଧିଆଙ୍କୁ ଟ୍ୟାଗ୍ କରି ହସ୍ତକ୍ଷେପ ଲୋଡିଥିଲେ। ବ୍ୟାଗ୍‌ଟି ଗୁରୁବାର ସୁଦ୍ଧା ନୂଆଦିଲ୍ଲୀରେ ପହଞ୍ଚିବ ବୋଲି ବିମାନ ଚଳାଚଳ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ୟୁନାଇଟେଡ୍ ୟୁଥ୍ ସ୍ପୋର୍ଟିଂ ୪-୩ରେ ବିଜୟୀ

ଭୁବନେଶ୍ୱର 'ବି' ଡିଭିଜନ ଫୁଟ୍‌ବଲ ଲିଗ୍

ଭୁବନେଶ୍ୱର, ୯।୮ (ତପନ ସ୍ୱାଇଁ)

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟବଲ ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ ୟୁନାଇଟେଡ ୟୁଥ୍ ସ୍ପୋର୍ଟିଂ ବିଜୟୀ ହୋଇଛି। ଏକଦା ୦-୩ ଗୋଲରେ ପଛୁଆ ରହିବା ସତ୍ତ୍ୱେ ଏହି ଦଳ ୪-୩ ଗୋଲରେ ମଦର୍ସ ଫୁଟବଲ କ୍ଲବକୁ ପରାସ୍ତ କରିଛି। ମ୍ୟାଚ ଆରମ୍ଭରେ ମଦର୍ସ ଦଳ ଚମତ୍କାର ଖେଳିଥିଲା। ୧ମ, ୯ମ ଓ ୧୫ଶ ମିନିଟରେ ରୋହିତ ସଇଶ, ସୁଶାନ୍ତ ବେହେରା ଓ ଜାନୋପ ସୋନମ ଗୋଟିଏ ଲେଖାଏ ଗୋଲ ଦେଇ ମସର୍ଦକୁ ୩-୦ରେ ଅଗ୍ରଣୀ କରାଇଥିଲେ। ଚାପର ବଶବର୍ତ୍ତୀ ହୋଇଥିବା ୟୁନାଇଟେଡ ସ୍ପୋର୍ଟିଂ ପକ୍ଷରୁ ଜଗନ୍ନାଥ ବାରିକ ୩୪ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଭିନ୍ନ ଖେଳ ଦେଖାଇଥିଲା ୟୁନାଇେଟଡ ସ୍ପୋର୍ଟିଂ। ୪୮ତମ ମିନିଟ୍‌ରେ ଅଭିଷେକ ପଢ଼ିଆରୀ, ୫୪ତମ ମିନିଟରେ ଟିପୁନା ରାଉତ ଗୋଟିଏ ଲେଖାଏ ଗୋଲ ଦେବାରୁ ମ୍ୟାଚ ୩-୩ ସ୍ଥିତିକୁ ଚାଲି ଆସିଥିଲା। ୬୬ତମ ମିନିଟରେ ବାପୁନି ବିନ୍ଧାଣୀ ସ୍କୋର କରିଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା। ଗୋଲ ପରିଶୋଧ କରିବାକୁ ମଦର୍ସ ଖେଳାଳିମାନେ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଆୟୋଜକ ଆସୋସିଏଶନର ଉପସଭାପତି ରାଧାନାଥ ମହାପାତ୍ର ଉପସ୍ଥିତ ରହି ୟୁନାଇଟେଡ ସ୍ପୋର୍ଟିଂର ବାପୁନି ବିନ୍ଧାଣୀଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ ପରିଚାଳନା କରିଥିଲେ ରାଜେନ୍ଦ୍ର ବାରିକ। ସୁଶାନ୍ତ ମିଶ୍ର ଓ ଆଲୋକ ଦେହୁରୀ ତାଙ୍କୁ ସହାୟତା କରିଥିଲେ। ଶିବ ସାମନ୍ତରାୟ ୪ର୍ଥ ରେଫରି ଥିଲେ। ଗୁରୁବାର ଆର୍ଡୋର ଫୁଟବଲ ଏକାଡେମୀ ସିନିୟର ଓ ଲିଙ୍ଗରାଜ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।


ବାପୁନି ବିନ୍ଧାଣିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଡୋପ୍ ଟେଷ୍ଟ: ଜାଡେଜା ଆଗରେ

**ନୂଆଦିଲ୍ଲୀ,୯।୮(ପି.ଟି.)**

ବୁଧବାର ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି(ନାଡା) ପକ୍ଷରୁ କ୍ରିକେଟରମାନଙ୍କ ଡୋପ୍ ଟେଷ୍ଟିଂକୁ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟ ଅନୁସାରେ ସମୁଦାୟ ୫୫ ଜଣ କ୍ରିକେଟରଙ୍କଠାରୁ ୫୮ ଥର ନମୁନା(ସାମ୍ପଲ) ସଂଗ୍ରହ କରାଯାଇଛି। ଭାରତୀୟ ଷ୍ଟାର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କଠାରୁ ସର୍ବାଧିକ ୩ ଥର ଏହି ନମୁନା ସଂଗ୍ରହ କରାଯାଇଛି। ଜୁନ୍ ମାସ ମଧ୍ୟରେ ୫୫ ଜଣ ପୁରୁଷ ଓ ମହିଳା କ୍ରିକେଟରଙ୍କଠାରୁ ମୂତ୍ର ଓ ରକ୍ତ ନମୁନା ସଂଗ୍ରହ କରାଯାଇଛି। ଜାନୁୟାରୀରୁ ଜୁନ୍ ମାସ ମଧ୍ୟରେ ନମୁନା ସଂଗ୍ରହ କରାଯାଇଥିବା ବେଳେ ରବୀନ୍ଦ୍ର ଜାଡେଜା ସର୍ବାଧିକ ଥର ଦେଇଛନ୍ତି। ଜାଡେଜାଙ୍କ ୩ ସାମ୍ପଲ ଫେବୃୟାରୀ ୧୯, ମାର୍ଚ୍ଚ ୨୬ ଓ ଏପ୍ରିଲ ୨୬ରେ ନିଆଯାଇଥିଲା। ୨୦୨୧ରେ ସମୁଦାୟ ୫୪ ଓ ୨୦୨୨ରେ ସମୁଦାୟ ୬୦ କ୍ରିକେଟରଙ୍କ ନମୁନା ପରୀକ୍ଷଣ କରିଥିଲା ନାଡା। ଚଳିତ ବର୍ଷର ପ୍ରଥମ ୬ ମାସ ମଧ୍ୟରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପରି ଷ୍ଟାର ଖେଳାଳିଙ୍କଠାରୁ ଥରେ ମଧ୍ୟ ନମୁନା ସଂଗୃହୀତ ହୋଇନାହିଁ।

ଭାରତୀୟ ଟି୨୦ ଦଳର ଅଧିନାୟକ ରହିଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନିକଟରୁ ଥରେ ସାମ୍ପଲ ନିଆଯାଇଛି। ୨୦୨୧ ଓ ୨୦୨୨ରେ ରୋହିତ ଶର୍ମା ସର୍ବାଧିକ ଟେଷ୍ଟ କରାଯାଇଥିବା ଖେଳାଳି ରହିଥିଲେ। ଚଳିତ ବର୍ଷ ମହିଳା ଖେଳାଳିଙ୍କ ମଧ୍ୟରେ ହରମନ୍‌ପ୍ରୀତ୍ କୌର ଓ ସ୍ମୃତି ମାନ୍ଧନା ରହିଛନ୍ତି। ସେହିପରି ଓମେନ୍ସ ପ୍ରିମିୟର ଲିଗ୍ ସମୟରେ ପ୍ରାୟ ୨୦ ଖେଳାଳିଙ୍କ ସାମ୍ପଲ ନିଆଯାଇଥିବା ଜଣାପଡିଛି। ୫୮ ସାମ୍ପଲ ମଧ୍ୟରୁ ୭ଟି ରକ୍ତ ନମୁନା ରହିଛି। ଏପ୍ରିଲ୍ ୨୭ ତାରିଖରେ ଟି. ନଟରାଜନଙ୍କ ଉଭୟ ମୂତ୍ର ଓ ରକ୍ତ ନମୁନା ପରୀକ୍ଷଣ ପାଇଁ ଯାଇଥିଲା।

କ୍ରିକେଟରମାନଙ୍କ ବ୍ୟତୀତ ଅଲିମ୍ପିକ୍ସ ପଦକ ବିଜେତା ମୀରାବାଈ ଚାନୁ, ବକ୍ସର ଲଭଲିନା ବୋର୍ଗୋହେନ୍, ସାଇନା ନେହ୍ୱାଲ, କିଦାମ୍ବି ଶ୍ରୀକାନ୍ତ, ରେସ୍‌ଲର ବଜରଙ୍ଗ ପୁନିଆ, ଭିନେଶ ଫୋଗଟ, ହକି ଖେଳାଳି ପି. ଆର. ଶ୍ରୀଜେସ୍, ହରମନ୍‌ପ୍ରୀତ୍ ସିଂ ଓ ସବିତା ପୁନିଆଙ୍କଠାରୁ ମଧ୍ୟ ନମୁନା ନିଆଯାଇଥିଲା। ୬୦ ପୃଷ୍ଠାର ରିପୋର୍ଟରେ ସମୁଦାୟ ୧୫୦୦ ଖେଳାଳି ଡୋପ୍ ଟେଷ୍ଟ ପାଇଁ ନମୁନା ଦେଇଥିବା ଜଣାପଡିଛି। ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରୁ ସର୍ବାଧିକ ୫୦୦ ନମୁନା ପରୀକ୍ଷଣ ହୋଇଥିବା ଜଣାପଡିଛି।



ରବୀନ୍ଦ୍ର ଜାଡେଜା

# ଗିଲ୍, କିଶନଙ୍କୁ କ୍ୟାରିୟର ଶ୍ରେଷ୍ଠ ର‌୍ୟାଙ୍କିଙ୍ଗ୍



ଶୁବମନ ଗିଲ୍ ଓ ଇଶାନ କିଶନ।

**ଦୁବାଇ,୯।୮(ପି.ଟି.)**

ଆଇସିସି ପକ୍ଷରୁ ଦିନିକିଆ ର‌୍ୟାଙ୍କିଙ୍ଗ ତାଲିକା ବୁଧବାର ପ୍ରକାଶ ପାଇଥିବା ବେଳେ ଭାରତୀୟ ଓପନିଙ୍ଗ ବ୍ୟାଟର ଶୁବମନ ଗିଲ୍ ଓ ଇଶାନ କିଶନଙ୍କୁ ମିଳିଛି କ୍ୟାରିୟର ଶ୍ରେଷ୍ଠ ର‌୍ୟାଙ୍କିଙ୍ଗ। ଗିଲ୍ ଦୁଇଟି ସ୍ଥାନ ଉପରକୁ ଉଠି ପଞ୍ଚମ ସ୍ଥାନରେ ପହଞ୍ଚିଛନ୍ତି। ଏହା ସହିତ ୭୪୩ ପଏଣ୍ଟ ହାସଲ କରି ପାକିସ୍ତାନର ବାବର ଆଜମ, ଫଖର ଜମାନ୍ ଓ ଇମାମ୍ ଉଲ ହକ୍‌ଙ୍କ ପାଖା ପାଖି ପହଞ୍ଚିଛନ୍ତି ଗିଲ୍। ବାବର ଆଜମ୍ ୧ ନମ୍ବର ସ୍ଥାନରେ ରହିଥିବା ବେଳେ ଜମାନ୍ ୭୫୫ ପଏଣ୍ଟ ସହିତ ତୃତୀୟ ଓ ଇମାମ୍ ଉଲ୍ ହକ୍ ୭୪୫ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛନ୍ତି। ଅନ୍ୟ ପକ୍ଷରେ ଇଶାନ୍ କିଶନ୍ ୯ ସ୍ଥାନ ଉପରକୁ ଉଠି ୩୬ ତମ ସ୍ଥାନରେ ପହଞ୍ଚିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ୧୦ସ୍ଥାନ ଉପରକୁ ଉଠି ବ୍ୟାଟରଙ୍କ ତାଲିକାରେ ୭୧ତମ ସ୍ଥାନରେ ପହଞ୍ଚିଛନ୍ତି।

ଦିନିକିଆରେ ବୋଲରଙ୍କ ମଧ୍ୟରେ କୁଲଦୀପ ଯାଦବ ଟପ୍-୧୦ରେ ପ୍ରବେଶ କରିଛନ୍ତି। ୭ ଉଇକେଟ ନେଇଥିବା କୁଲଦୀପ ୪ ସ୍ଥାନର ଉନ୍ନତି ସହ ୧୦ ନମ୍ବର ସ୍ଥାନରେ ରହିଛନ୍ତି। ଅନ୍ୟ ପକ୍ଷରେ ସିମର ଶାର୍ଦ୍ଦୂଳ ଠାକୁର ୩ ସ୍ଥାନ ଉପରକୁ ଉଠି ୩୦ ତମ ସ୍ଥାନରେ ପହଞ୍ଚିଛନ୍ତି। ଅଲରାଉଣ୍ଡରଙ୍କ ତାଲିକାରେ ହାର୍ଦ୍ଦିକ ପାଣ୍ଡ୍ୟା ୧୧ତମ ସ୍ଥାନରେ ପହଞ୍ଚିଛନ୍ତି। ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ପଦାର୍ପଣ କରିଥିବା ତିଳକ ବର୍ମା ଟି୨୦ ବ୍ୟାଟରଙ୍କ ମଧ୍ୟରେ ୪୬ତମ ସ୍ଥାନ ହାସଲ କରିଛନ୍ତି।

# ମନିକା ବାତ୍ରାଙ୍କ ବ୍ୟାଗ୍ ମିଳିଲା

**ନୂଆଦିଲ୍ଲୀ,୯।୮(ପି.ଟି.)**

ଭାରତୀୟ ଟେବଲ ଟେନିସ୍ ତାରକା ମନିକା ବାତ୍ରାଙ୍କ ଉଭାନ୍ ହୋଇଥିବା ବ୍ୟାଗ୍ ବୁଧବାର ଦିନ ମିଳିଛି। ସ୍ପୋର୍ଟିଙ୍ଗ କିଟ୍ ଥିବା ବ୍ୟାଗ୍ ବିମାନ ଯାତ୍ରା ସମୟରେ ଗାଏବ ହୋଇଥିଲା। ପେରୁରୁ କେଏଲ୍‌ଏମ୍ ଏୟାର ଲାଇନ୍ସର ବିମାନ ଜରିଆରେ ଏକ ଟୁର୍ନାମେଣ୍ଟ ପରେ ଫେରୁଥିବା ସମୟରେ ଏଭଳି ଘଟଣା ଘଟିଥିଲା। ବ୍ୟାଗ ମିଳିବା ପରେ ମନିକା ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ତ୍ୱରିତ ପଦକ୍ଷେପ ପାଇଁ ଧନ୍ୟବାଦ ଜଣାଇଛନ୍ତି। ମଙ୍ଗଳବାର ବ୍ୟାଗ୍ ଉଭାନ୍ ହୋଇଥିବା ନେଇ ମନିକା ସିନ୍ଧିଆଙ୍କୁ ଟ୍ୟାଗ୍ କରି ହସ୍ତକ୍ଷେପ ଲୋଡିଥିଲେ। ବ୍ୟାଗ୍‌ଟି ଗୁରୁବାର ସୁଦ୍ଧା ନୂଆଦିଲ୍ଲୀରେ ପହଞ୍ଚିବ ବୋଲି ବିମାନ ଚଳାଚଳ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ୟୁନାଇଟେଡ୍ ୟୁଥ୍ ସ୍ପୋର୍ଟିଂ ୪-୩ରେ ବିଜୟୀ

## ଭୁବନେଶ୍ୱର 'ବି' ଡିଭିଜନ ଫୁଟ୍‌ବଲ ଲିଗ୍

**ଭୁବନେଶ୍ୱର, ୯।୮ (ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟବଲ ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ ୟୁନାଇଟେଡ ୟୁଥ୍ ସ୍ପୋର୍ଟିଂ ବିଜୟୀ ହୋଇଛି। ଏକଦା ୦-୩ ଗୋଲରେ ପଛୁଆ ରହିବା ସତ୍ତ୍ୱେ ଏହି ଦଳ ୪-୩ ଗୋଲରେ ମଦର୍ସ ଫୁଟବଲ କ୍ଲବକୁ ପରାସ୍ତ କରିଛି। ମ୍ୟାଚ ଆରମ୍ଭରେ ମଦର୍ସ ଦଳ ଚମତ୍କାର ଖେଳିଥିଲା। ୧ମ, ୯ମ ଓ ୧୫ଶ ମିନିଟରେ ରୋହିତ ସଇଶ, ସୁଶାନ୍ତ ବେହେରା ଓ ଜାନୋପ ସୋନମ ଗୋଟିଏ ଲେଖାଏ ଗୋଲ ଦେଇ ମସର୍ଦ୍ଦକୁ ୩-୦ରେ ଅଗ୍ରଣୀ କରାଇଥିଲେ। ଚାପର ବଶବର୍ତ୍ତୀ ହୋଇଥିବା ୟୁନାଇଟେଡ ସ୍ପୋର୍ଟିଂ ପକ୍ଷରୁ ଜଗନ୍ନାଥ ବାରିକ ୩୪ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଭିନ୍ନ ଖେଳ ଦେଖାଇଥିଲା ୟୁନାଇଟେଡ ସ୍ପୋର୍ଟିଂ। ୪୮ତମ ମିନିଟ୍‌ରେ ଅଭିଷେକ ପଡ଼ିଆରୀ, ୫୪ତମ ମିନିଟରେ ଟିପୁନା ରାଉତ ଗୋଟିଏ ଲେଖାଏ ଗୋଲ ଦେବାରୁ ମ୍ୟାଚ ୩-୩ ସ୍ଥିତିକୁ ଚାଲି ଆସିଥିଲା। ୬୬ତମ ମିନିଟରେ ବାପୁନି ବିନ୍ଧାଣୀ ସ୍କୋର କରିଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା। ଗୋଲ ପରିଶୋଧ କରିବାକୁ ମଦର୍ସ ଖେଳାଳିମାନେ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଆୟୋଜକ ଆସୋସିଏଶନର ଉପସଭାପତି ରାଧାନାଥ ମହାପାତ୍ର ଉପସ୍ଥିତ ରହି ୟୁନାଇଟେଡ ସ୍ପୋର୍ଟିଂର ବାପୁନି ବିନ୍ଧାଣୀଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ ପରିଚାଳନା କରିଥିଲେ ରାଜେନ୍ଦ୍ର ବାରିକ। ସୁଶାନ୍ତ ମିଶ୍ର ଓ ଆଲୋକ ଦେହୁରୀ ତାଙ୍କୁ ସହାୟତା କରିଥିଲେ। ଶିବ ସାମନ୍ତରାୟ ୪ର୍ଥ ରେଫରି ଥିଲେ। ଗୁରୁବାର ଆର୍ଡୋର ଫୁଟବଲ ଏକାଡେମୀ ସିନିୟର ଓ ଲିଙ୍ଗରାଜ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।



ବାପୁନି ବିନ୍ଧାଣୀଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଛି।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ